R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୧୩
ତିଥି : ଚତୁର୍ଦ୍ଦଶୀ
୧୧ ମେ’ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 213
11 May 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ଅସ୍ତ୍ର ବିରତି ନିଷ୍ପତ୍ତି ଉଲ୍ଲଙ୍ଘନ

# ପରିଣାମ ଭୋଗିବ ପାକ୍



ନୂଆଦିଲ୍ଲୀ, ୧୦।୫ : ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଓ ଆନ୍ତର୍ଜାତୀୟ ସୀମାରେ ପୁଣି ପାକିସ୍ତାନ ଅସ୍ତ୍ର ବିରତି ଚୁକ୍ତିକୁ ଉଲ୍ଲଙ୍ଘନ କରିଛି । ଏଲ୍‌ଓସି ଓ ଆନ୍ତର୍ଜାତୀୟ ସୀମା ନିକଟରେ ବହୁ ସ୍ଥାନରେ ଗୁଳି ମାଡ କରିଥିବାର ସୂଚନା ମିଳିଛି । ସୀମା ସୁରକ୍ଷାବାହିନୀ (ବିଏସ୍‌ଏଫ୍) ଏହି ଉଲ୍ଲଙ୍ଘନର ଦୃଢ଼ ଜବାବ ଦେଇଥିବା ସୂତ୍ରରୁ ଜଣାପଡିଛି ।

ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ ଉଭୟ ଦେଶ ଅସ୍ତ୍ର ବିରତି କରିବା ଲାଗି ରାଜି ହୋଇଥିଲେ । ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଏହା ହୋଇଥିଲା । ପାକିସ୍ତାନ ସରକାର ମଧ୍ୟ ଏହାକୁ ଘୋଷଣା କରିଥିଲେ । ତେବେ ପୁଣି ଆଜି ସନ୍ଧ୍ୟାରେ ପାକ୍ ସେନା ଏହାକୁ ଉଲ୍ଲଂଘନ କରିଛି । ଏଥିରୁ ସ୍ପଷ୍ଟ ବାର୍ତ୍ତା ମିଳୁଛି ଯେ ସରକାରଙ୍କ ନିୟନ୍ତ୍ରଣରେ ସେନା ନାହିଁ । ଶ୍ରୀନଗରରେ ଅନେକ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି । ବ୍ଲାକ୍‌ଆଉଟ୍ ହୋଇଥିବା ଅଞ୍ଚଳରେ ଏହା ଦେଖିବାକୁ ମିଳିଛି । ରାଜସ୍ଥାନର ପୋଖରାନ ଓ କାଶ୍ମୀରର ବାରମୁଲ୍ଲାରେ ଏକ ଡ୍ରୋନ୍‌କୁ ଗୁଳି କରି ଖସାଇ ଦିଆଯାଇଛି । ପାକିସ୍ତାନ ସେନା ପକ୍ଷରୁ ଆନ୍ତର୍ଜାତୀୟ ସୀମା ଅଖନୁର, ରାଜୋରୀ, ଆର୍‌ଏସ୍ କୁରା କ୍ଷେତ୍ରରେ ଏହି ଉଲ୍ଲଂଘନ କରାଯାଇଛି । ସେହିଭଳି ଜମ୍ମୁର ପାଲନୱାଲା କ୍ଷେତ୍ରରେ ମଧ୍ୟ ଏହାର ଉଲ୍ଲଂଘନ ହୋଇଛି । ବାରମୁଲାରେ ଏକ ଡ୍ରୋନ୍‌କୁ ଖସାଇ ଦିଆଯାଇଛି । ସନ୍ଦେହଜନକ ଭାବେ ଏକ ୟୁଏଭିକୁ ମଧ୍ୟ ଠାବ କରାଯାଇଛି । ଉଭୟ ବାରମୁଲା ଓ ଶ୍ରୀନଗରରେ ବ୍ଲାକ୍ ଆଉଟ୍ ଲାଗୁ କରାଯାଇଛି । ରାଜୋରୀରେ ଏକ ଡ୍ରୋନ୍‌କୁ ମଧ୍ୟ ଖସାଇ ଦିଆଯାଇଥିବା ସୂଚନା ମିଳିଛି । ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଟ୍ୱିଟ୍‌ରେ ଉଲ୍ଲେଖ କରିଛନ୍ତି ଯେ ଅସ୍ତ୍ର ବିରତୀ ପରେ ଏହା କ’ଣ ପାଇଁ ଘଟିଲା । (୯ ପୃଷ୍ଠାରେ)

### ବିଏସ୍‌ଏଫ୍‌ର କଡା ମୁକାବିଲା, ୮ ଯବାନ ଆହତ
### କଡା ଜବାବ ଦେବାକୁ ସେନାକୁ ନିର୍ଦ୍ଦେଶ : ମିଶ୍ରି
### ଶ୍ରୀନଗର, ଜମ୍ମୁ, ପଞ୍ଜାବରେ ଡ୍ରୋନ୍ ଆଟାକ୍
### ଏଲ୍‌ଓସି ନିକଟରେ ବ୍ୟାପକ ଗୁଳି ବିନିମୟ

## ଭାରତ-ପାକ୍ ଉତ୍ତେଜନାର ହୋଇପାରେ ଅନ୍ତ!

# ଅସ୍ତ୍ର ବିରତି ଲାଗି ଉଭୟ ଦେଶ ରାଜି



ନୂଆଦିଲ୍ଲୀ, ୧୦।୫ : ଅପରେସନ୍ ସିନ୍ଦୂର ପରେ ଭାରତ ଓ ପାକ୍ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା କ୍ରମଶଃ ଯୁଦ୍ଧ ସ୍ଥିତି ଆଡକୁ ମୁହାଁଉଥିଲା । ମାତ୍ର ଏଥିରେ ଆଜି ବିରାମ ଲାଗିଛି । ଆଜି ସନ୍ଧ୍ୟା ୫ଟା ଠାରୁ ଉଭୟ ଦେଶ ଅସ୍ତ୍ର ବିରତି ପାଇଁ ରାଜି ହୋଇଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତା ପରେ ଭାରତ-ପାକିସ୍ତାନ ଅସ୍ତ୍ର ବିରତି ଲାଗି ରାଜି ହୋଇଥିବା ସ୍ପଷ୍ଟ ହୋଇଛି ।

ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ ଆମେରିକା ମଧ୍ୟସ୍ଥତାରେ ରାତି ତମାମ ହୋଇଥିବା ଆଲୋଚନା ପରେ ବେଶ୍ ଉତ୍ସାହ (୯ ପୃଷ୍ଠାରେ)

### ଡୋନାଲ୍ଡ ଟ୍ରମ୍ପ କଲେ ମଧ୍ୟସ୍ଥତା
### ଉଭୟ ଦେଶର ଡିଜିଏମ୍‌ଓ ସ୍ତରରେ ଆଲୋଚନା
### ସନ୍ଧ୍ୟା ୫ଟାରୁ ଲାଗୁ ହେଲା ଅସ୍ତ୍ର ବିରତି
### ୧୨ରେ ଡିଜିଏମ୍‌ଓ ସ୍ତରରେ ପୁଣି ଆଲୋଚନା
### ନିଷ୍ପତ୍ତିକୁ ଜାତିସଂଘର ସ୍ୱାଗତ


## କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି

# ଆତଙ୍କୀ ଆକ୍ରମଣ ଏକପ୍ରକାର ଯୁଦ୍ଧ

ନୂଆଦିଲ୍ଲୀ, ୧୦।୫ : ଆତଙ୍କବାଦ ଓ ଆତଙ୍କୀ କାର୍ଯ୍ୟକଳାପ ସମ୍ପର୍କରେ ଭାରତ ସରକାର ବଡ ନିଷ୍ପତ୍ତି ନେଇଛନ୍ତି । ଏଭଳି କାର୍ଯ୍ୟକଳାପକୁ ଦେଶ ବିରୋଧରେ ଯୁଦ୍ଧ ଭାବେ ବିବେଚନା କରାଯିବ । ଆତଙ୍କୀ କାର୍ଯ୍ୟକଳାପ ଭାରତ ବିରୋଧରେ ଏକ ପ୍ରକାର ଯୁଦ୍ଧ ହୋଇଥିବାରୁ ଏହାର ଜବାବ ମଧ୍ୟ ତଦନୁଯାୟୀ ଦିଆଯିବ । ଏହାର ଜବାବରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି । ନିଷ୍ପତ୍ତି ଅନୁଯାୟୀ ଆତଙ୍କବାଦ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବନାହିଁ । ଏହାର ଜବାବ ସେହି ଅନୁଯାୟୀ ଦିଆଯିବ । ଭାରତରେ ବୋମା ବର୍ଷଣ, ଗୁଳିମାଡ, ବିମାନ ଅପହରଣ, ସାଇବର ଆଟାକ୍ ଓ କେମିକାଲ ଆକ୍ରମଣକୁ ଆତଙ୍କବାଦ ଯୁଦ୍ଧ ବୋଲି ଧରାଯିବ । ସରକାରୀ ପ୍ରତିଷ୍ଠାନ, ସାମରିକ ଶିବିର ଓ ଅନୁଷ୍ଠାନକୁ ଆକ୍ରମଣ ମଧ୍ୟ ଏହି ବର୍ଗରେ ଆସିବ । ଆତଙ୍କବାଦ କାର୍ଯ୍ୟକଳାପକୁ ଏଣିକି ଯୁଦ୍ଧ ଭାବେ ବିବେଚନା କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦେଶର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ସମୀକ୍ଷା କରିଛନ୍ତି । ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ, (୯ ପୃଷ୍ଠାରେ)

# ୪ ଏୟାର ଷ୍ଟେସନକୁ ପାକ୍‌ର ଟାର୍ଗେଟ



ନୂଆଦିଲ୍ଲୀ, ୧୦।୫ : ପାକିସ୍ତାନ ପକ୍ଷରୁ ଗତକାଲି ରାତିରେ ଭାରତର ୨୬ ସ୍ଥାନକୁ ଟାର୍ଗେଟ କରାଯାଇ ଆକ୍ରମଣ କରାଯାଇଥିଲା । ଯାହା ମଧ୍ୟରେ ଏୟାର ବେସ୍ ଓ ପରିବହନ ହବ୍ ଥିଲା । ହାଇସ୍ପିଡ୍ ମିଶାଇଲଗୁଡ଼ିକ ମଧ୍ୟ ପଞ୍ଜାବର ଏକ ଏୟାର ବେସ୍‌ରେ ରାତି ୧.୪୦ରେ ପକାଯାଇଥିଲା । ସେହିଭଳି ଭାରତୀୟ ବାୟୁ ସେନାର ୪ ଷ୍ଟେସନ୍ ଉଦାମପୁର, ପଠାନକୋଟ୍, ଆଦାମପୁର ଓ ଭୁଜ୍‌କୁ ମଧ୍ୟ ଟାର୍ଗେଟ କରାଯାଇଥିଲା । ପାକିସ୍ତାନ ଆକ୍ରମଣରେ ଏଠାରେ ସାମାନ୍ୟ କ୍ଷତି ହୋଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

ସରକାରଙ୍କ ପକ୍ଷରୁ ବୈଦେଶିକ ମନ୍ତ୍ରଣାଳୟ ସଚିବ ବିକ୍ରମ ମିଶ୍ରି, କର୍ଣ୍ଣେଲ ସୋଫିଆ କ୍ୟୁରେସି ଓ ବ୍ୟୋମିକା ସିଂହ ମିଳିତ ଭାବେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ସେମାନେ ଉଲ୍ଲେଖ କରିଥିଲେ ଯେ ପାକିସ୍ତାନ ଆକ୍ରମଣ ଜବାବରେ ଭାରତୀୟ ସେନା ପକ୍ଷରୁ ପାକିସ୍ତାନର ୬ ଏୟାରବେସ୍‌କୁ ଟାର୍ଗେଟ କରାଯାଇଥିଲା । ରଫିକ୍, ମୁର୍ଦ୍ଦି, ଚକାଲା, ରହିମ୍ (୯ ପୃଷ୍ଠାରେ)

## ପାକିସ୍ତାନର ଭାରତକୁ ଫୋନ୍

ନୂଆଦିଲ୍ଲୀ, ୧୦।୫ : ପାକିସ୍ତାନ ପକ୍ଷରୁ ପ୍ରଥମେ ଅସ୍ତ୍ର ବିରତି ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଉଭୟ ଦେଶର ସେନା ଅଧିକାରୀଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପରେ ଏହି ନିଷ୍ପତ୍ତି ହୋଇଛି । ଦୁଇ ଦେଶ ମଧ୍ୟରେ ବୁଝାମଣା ହେବାପରେ ଏହାକୁ ଘୋଷଣା କରାଯାଇଛି । ପାକିସ୍ତାନର ଡିଜିଏମ୍‌ଓ ଭାରତର ଡିଜିଏମ୍‌ଓଙ୍କୁ ଅପରାହ୍ନ ୩.୩୦ ମିନିଟ୍‌ରେ ଫୋନ୍ କରିଥିଲେ । ଉଭୟଙ୍କ ମଧ୍ୟରେ ଆଲୋଚନା ହେବାପରେ (୯ ପୃଷ୍ଠାରେ)

## ସର୍ତ୍ତମୂଳକ ଅସ୍ତ୍ର ବିରତି

ନୂଆଦିଲ୍ଲୀ, ୧୦।୫ : ପାକିସ୍ତାନ ସହ ଭାରତ କରିଥିବା ଅସ୍ତ୍ରଣ ବିରତୀ ସର୍ତ୍ତମୂଳକ ବୋଲି ସୂଚନା ମିଳିଛି । ଏହି ଅସ୍ତ୍ର ବିରତି ନିଷ୍ପତ୍ତି ପରେ ଭାରତର ପଡୋଶୀ ରାଷ୍ଟ୍ରସହ କୂଟନୈତିକ ପଦକ୍ଷେପ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ଏପରିକି ସିନ୍ଧୁ ଚୁକ୍ତି ସ୍ଥଗିତ ନିଷ୍ପତ୍ତି ଉପରେ ମଧ୍ୟ ଏହାର କୌଣସି ପ୍ରଭାବ ନାହିଁ ବୋଲି ଏକ ସୂତ୍ରରୁ ଜଣାପଡିଛି ।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପାକିସ୍ତାନ ପକ୍ଷରୁ ଏହା ଆରମ୍ଭ କରାଯାଇଥିଲା ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଏହା ଉପରେ ମତ ରଖିଥିଲେ । ଭାରତ ଆତଙ୍କବାଦୀ କାର୍ଯ୍ୟକଳାପ ସହ କୌଣସି ବୁଝାମଣା କରିବ ନାହିଁ । ଏହି ନୀତିରେ କୌଣସି ପରିବର୍ତ୍ତନ କରାଯାଇନାହିଁ ବୋଲି ସୂଚନା ମିଳିଛି ।

## ମିଛ ପ୍ରଚାର କରୁଛି ପାକ୍

ନୂଆଦିଲ୍ଲୀ, ୧୦।୫ : ପାକିସ୍ତାନ ପକ୍ଷରୁ ଭାରତର ଏସ୍-୪୦୦ ଓ ବ୍ରହ୍ମୋସ୍ ମିସାଇଲ୍ ବେସ୍‌କୁ ଜେ-ଏଫ୍ ୧୭ ବିମାନ ଦ୍ୱାରା ଧ୍ୱଂସ କରିଦିଆଯାଇଥିବା ଯେଉଁ ଦାବି କରାଯାଉଥିଲା ତାହାକୁ ସମ୍ପୂର୍ଣ୍ଣ ଭୁଲ୍ ବୋଲି ଭାରତ ପକ୍ଷରୁ କୁହାଯାଇଛି । ପାକିସ୍ତାନ ସବୁବେଳେ ଭୁଲ୍ ସୂଚନା ଓ ପ୍ରଚାର ଚଲାଇଛି ଏବଂ ଦୁଇ ଦେଶ ମଧ୍ୟରେ ଅପରେସନ୍ ସିନ୍ଦୂର ପରେ ବଢ଼ିଥିବା ଉତ୍ତେଜନାକୁ ଅଧିକ ଉଚ୍ଚକୁ ନେବାକୁ ଚାହୁଁଛି ।

କର୍ଣ୍ଣେଲ ସୋଫାଆ କ୍ୟୁରେସି ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରେସ୍ ବାର୍ତ୍ତାରେ ଏହା ଉଲ୍ଲେଖ କରିଛନ୍ତି । ସେ ଅସ୍ତ୍ର ବିରତୀ ସମ୍ପର୍କରେ କହିବା ସହ ପୁଣି କହିଛନ୍ତି ଯେ ପାକିସ୍ତାନ ସବୁବେଳେ (୯ ପୃଷ୍ଠାରେ)

## ରାଜ୍ୟରେ ଜିଲ୍ଲାପାଳ, ଆରଡିସିଙ୍କ ଛୁଟି ବାତିଲ

ଭୁବନେଶ୍ୱର, ୧୦।୫ (ସବ୍ୟୁ) : ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍ କରିଛନ୍ତି ରାଜ୍ୟ ସରକାର । ଭାରତ ଓ ପାକିସ୍ତାନ ଟେନସନ ମଧ୍ୟରେ ରାଜ୍ୟରେ ଆରଡିସି, ଡିଏମ ଓ ଜିଲ୍ଲାପାଳଙ୍କ ଛୁଟି ବାତିଲ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଛୁଟିରେ ଥିଲେ ତୁରନ୍ତ ମୁଖ୍ୟାଳୟକୁ ଫେରି କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନା ଯୋଗ୍ୟ, ପୂର୍ବରୁ ଭାରତ ସରକାର ଅର୍ଦ୍ଧସାମରିକ ବାହିନୀର ଛୁଟି ବାତିଲ ଘୋଷଣା କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସିଏପିଏଫ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭାରତ ଓ ପାକିସ୍ତାନ ଉତେଜନା ମଧ୍ୟରେ ଅର୍ଦ୍ଧସାମରିକ ବାହିନୀର ଛୁଟି ବାତିଲ କରିବା ସହ ଛୁଟିରେ ଥିଲେ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

# ଜୁନ୍ ପ୍ରଥମ ସପ୍ତାହରେ ଓଡ଼ିଶା ଛୁଇଁବ ମୌସୁମୀ

ଭୁବନେଶ୍ୱର, ୧୦।୫ (ସବ୍ୟୁ) : ଦକ୍ଷିଣ-ପଶ୍ଚିମ ମୌସୁମୀ ଅଗ୍ରସର ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ । ସାମୁଦ୍ରିକ ବାୟୁମଣ୍ଡଳ ଅଧିକ ଉଷ୍ମ ରହୁଥିବାରୁ ମୌସୁମୀ ସଅଳ ଆସିବ । ଆସନ୍ତା ୧୩ରେ ଆରବସାଗର, ୨୭ରେ କେରଳ ଛୁଇଁବ । ତେବେ ଏହାର ୧୦ରୁ ୧୨ ଦିନ ଅର୍ଥାତ ଜୁନ ପ୍ରଥମ ସପ୍ତାହରେ ଓଡ଼ିଶା ପହଞ୍ଚିପାରେ ମୌସୁମୀ ।

ଏଭଳି ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ ‘ଏକ୍ସ’ରେ କହିଛନ୍ତି, ଚଳିତବର୍ଷ ମୌସୁମୀ ଋତୁରେ ଜୁନରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ସହ ରାଜ୍ୟରେ ମଧ୍ୟ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶର ମୁଖ୍ୟ ଭୂଖଣ୍ଡ କେରଳ ନିକଟରେ ୨୭ ତାରିଖ (ଅର୍ଥାତ ୪ ଦିନ ଆଗ-ପଛ)ରେ ପହଞ୍ଚିବ । ଦକ୍ଷିଣ-ପଶ୍ଚିମ ମୌସୁମୀ ସାଧାରଣତଃ ୧ ଜୁନ ସୁଦ୍ଧା କେରଳ ଛୁଇଁଥାଏ । ତେବେ ୭ ଦିନ ଆଗ-ପଛ ହୋଇଥାଏ । ମୌସୁମୀ ଆକଳନର ୬ଟି ଦିଗ ହେଉଛି, ଭାରତର ଉତ୍ତର-ପଶ୍ଚିମରେ ଅଧିକ ତାପମାତ୍ରା, ଦକ୍ଷିଣ-ପେନିସୁଲାରେ ପ୍ରାକ୍ ମୌସୁମୀ ବର୍ଷା, ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ସବ୍‌ଟ୍ରପିକାଲ ଚାପ, ଦକ୍ଷିଣ ଚୀନ୍ ସମୁଦ୍ର ବାହାରେ ଲମ୍ବା ତରଙ୍ଗ, ଭାରତ ମହାସାଗରର ଦକ୍ଷିଣ ଉତ୍ତରପୂର୍ବ ସ୍ଥଳଭାଗରେ ପବନ ବୋହିବା, ଇଣ୍ଡୋନେସିଆ ଉଚ୍ଚ ବାୟୁମଣ୍ଡଳରେ ପବନ ବୋହିବା ।

୨୦୦୫ରୁ ୨୦୨୪ ମଧ୍ୟରେ ଭାରତୀୟ ପାଣିପାଗ ବିଭାଗ ଆକଳନ ୨୦୧୫ ବ୍ୟତୀତ ଠିକ୍ ସମୟରେ କେରଳ ଛୁଇଁଛି । ୨୦୨୦ରେ ୫ ଜୁନ୍ ଆକଳନ କରାଯାଇଥିବା ବେଳେ ଜୁନ୍ ୧ରେ ଛୁଇଁଥିଲା । ସେହିପରି ୨୦୨୧ରେ ୩୧ ମେ ଆକଳନ ହୋଇଥିବାବେଳେ ଜୁନ୍ ୩ରେ ୨୦୨୨ରେ ୨୭ ମେ ଆକଳନ ଓ ୨୦୨୯ ମେ’ରେ ଛୁଇଁଲା । ୨୦୨୩ରେ ଜୁନ୍ ୪ ପରିବର୍ତ୍ତେ ୮ ଓ ୨୦୨୪ରେ ୩୧ ମେ ପରିବର୍ତ୍ତେ ମେ ୩୦ ତାରିଖରେ କେରଳ ଛୁଇଁଥିଲା ମୌସୁମୀ ।

### ୨୭ରେ କେରଳ ଛୁଇଁବ ମୌସୁମୀ

ଦକ୍ଷିଣ ଆଣ୍ଡାମାନସାଗର ଓ ଦକ୍ଷିଣ ବଙ୍ଗୋପସାଗରର କିଛି ଅଞ୍ଚଳ ଏବଂ ନିକୋବର ଦ୍ୱୀପପୁଞ୍ଜ ଅଞ୍ଚଳକୁ ଆଗାମୀ ୧୩ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ହେଉଛି । ସାଧାରଣତଃ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ’୧୮ରୁ ୧୯ ତାରିଖ ମଧ୍ୟରେ ଆଣ୍ଡାମାନସାଗର ଛୁଇଁଥାଏ । ଏହା ପରେ ଭାରତର ମୁଖ୍ୟ ଭୂଖଣ୍ଡକୁ ଅର୍ଥାତ କେରଳ ନିକଟରେ ଜୁନ ୧ ତାରିଖ ପାଖାପାଖି ଛୁଇଁଥାଏ । କେରଳ ଛୁଇଁବାର ୧୦ରୁ ୧୨ ଦିନ ମଧ୍ୟରେ ଓଡିଶାକୁ ଅଗ୍ରସର ହୋଇଥାଏ ।

## ଆଜି ୪୫° ଛୁଇଁବ ପାରଦ!




ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆଗାମୀ ୧୪ ତାରିଖ ପର୍ଯ୍ୟନ୍ତ ଭୀଷଣ ତାତି ହେବା ତାପମାତ୍ରା ୪୫° ଛୁଇଁବାର ସମ୍ଭାବନା ରହିଛି । ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ । ଏହା ଅଧିକ ଘନୀଭୂତ ହୋଇ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଯଦି ମୌସୁମୀ ଅଗ୍ରସର ସମୟରେ ଲଘୁଚାପ ହୁଏ, ତାହେଲେ ମୌସୁମୀକୁ ଦୁର୍ବଳ କରିପାରେ । ଆସନ୍ତା ୧୪ (୯ ପୃଷ୍ଠାରେ)

ଭୁବନେଶ୍ୱର, ୧୦।୫ (ସବ୍ୟୁ) : ରାଜ୍ୟରେ ପାରଦ ଉପରମୁହାଁ ହୋଇଥିବାବେଳେ ୪ ସ୍ଥାନରେ ତାପମାତ୍ରା ୪୦° ଡେଇଁଛି । ତେବେ ଚଳିତବର୍ଷ ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଦିନର ତାପମାତ୍ରା ୪୦° ଛୁଇଁଛି । ଆଜି ସମ୍ବଲପୁର ସବୁଠୁ ଉତପ୍ତ ସହର ପାଲଟିବା ସହ ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୨.୭° ସେଲ୍‌ସିୟସ ।

### ରାଜଧାନୀରେ ପାରଦ ୪୦°
### ୪୦° ଉପରେ ୪ ସହର ପାରଦ
### ୧୬ରେ ବଙ୍ଗୋପସାଗରରେ ଲଘୁଚାପ



# ମା'



ମା' ଦୁନିଆର ସବୁଠୁ ମଧୁର ଶବ୍ଦ,ପୁଣି ସବୁଠାରୁ ସୁନ୍ଦର । ସ୍ନେହ, ମମତାରେ ଭରପୂର ମା'ର ପଣତ ପିଲାର ସବୁଠୁ ସୁରକ୍ଷିତ ଆଶ୍ରୟ । ମା' କୋଳ ଠାରୁ ଆରାମଦାୟକ, ନିରାପଦ ସ୍ଥାନ କେଉଁଠାରେ ମିଳିପାରିନାହିଁ । ମାଟିରୁ ଆକାଶ ଯାଏଁ ପରିବ୍ୟାପ୍ତ ଯାହାର ତ୍ୟାଗ,ସହିଷ୍ଣୁତା,ଭଲପାଇବା,ସେହି ହିଁ ମା', ଜନନୀ, ଜନ୍ମଦାତ୍ରୀ । ମା' ପିଲାଟିର ପ୍ରଥମ ଗୁରୁ, ଅନ୍ତରଙ୍ଗ ବନ୍ଧୁ, ଦାର୍ଶନିକ ତଥା ଅଭିଭାବକ । ପିଲା ପାଇଁ ମା' ହେଉଛି ସର୍ବଶ୍ରେଷ୍ଠ । ମା' ଶିଶୁକୁ ଶକ୍ତିଶାଳୀ ବନାଇ ଥାଏ । ମା' ନିଜ ଶିଶୁକୁ ସବୁ ବିପଦରୁ ରକ୍ଷା କରିଥାଏ । ମା' ଏଭଳି ଏକ ଶବ୍ଦ ଯାହାର ବିକଳ୍ପ ନାହିଁ । ମା'ର ମମତା ନିକଟରେ ସବୁକିଛି ମୂଲ୍ୟହୀନ ବୋଲି କହିଲେ ଆଦୌ ଭୁଲ ହେବ ନାହିଁ । ଏହି ମହିୟସୀ ମହିଳା ପିଲାଟିକୁ ଗର୍ଭରେ ଧାରଣ କରେ, ଜନ୍ମ ଦିଏ । ଆଉ ତାହାର ଲାଳନପାଳନ କରେ । ତେଣୁ ତା'ର ଅବଦାନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ମେ' ଦ୍ୱିତୀୟ ରବିବାରକୁ ବିଶ୍ୱ ମାତୃ ଦିବସ ଭାବରେ ପାଳନ କରାଯାଇ ଆସୁଛି । ଆଧୁନିକ ମାତୃ ଦିବସର ଜନ୍ମଦାତ୍ରୀ ଭାବରେ ଆମେରିକାର ଆନ୍ନା ଜାର୍ଭିସଙ୍କୁ ଗ୍ରହଣ କରାଯାଏ । ଆମେରିକାର ପଶ୍ଚିମ ଭର୍ଜିନିୟାସ୍ଥିତ ସେଣ୍ଟ ଆଣ୍ଡ୍ର୍ୟୁସ ମେଥୋଡିଷ୍ଟ ଚର୍ଚ୍ଚରେ ସେ ୧୯୦୮ରେ ନିଜ ମା'ଙ୍କ ସ୍ମରଣରେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏଥିରେ ଜଣକ ଜୀବନରେ ମା'ର ଭୂମିକା' ସମ୍ପର୍କରେ ସ୍ତୁତିଚାରଣ କରଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସମଗ୍ର ବିଶ୍ୱରେ ବିସ୍ତାର କରିବା ପାଇଁ ଜାର୍ଭିସଙ୍କ ଉଦ୍ୟମକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ । ୧୯୦୮ରୁ ପ୍ରତିବର୍ଷ ମେ' ଦ୍ୱିତୀୟ ରବିବାରକୁ ବିଶ୍ୱମାତୃ ଦିବସ ଭାବରେ ପାଳନ କରାଯାଇଆସୁଛି ।

**ଲେଖକ– ବିଶ୍ୱବିଜୟୀ ଦାଶ**
**ମୋ:– ୬୩୭୦୨୦୮୪୨୮**

# ହଲିଉଡରେ କଙ୍ଗନା



ଶୀଘ୍ର କଙ୍ଗନା ରାଣାଓ୍ୱତ ହଲିଉଡ ଡେବ୍ୟୁ କରିବାକୁ ଯାଉଛନ୍ତି । ଯାହାର ଖବର ଜଣା ପଡିବା ପରେ କଙ୍ଗନାଙ୍କ ଫ୍ୟାନ୍‌ଙ୍କ ଭିତରେ ଖୁସିର ଲହରି ଖେଳି ଯାଇଛି । କଙ୍ଗନାଙ୍କୁ ଆଗକୁ ହରର ଡ୍ରାମା ବ୍ଲେସ୍ଡ ବି ଦ ଏବିଲରେ ଦେଖିବାକୁ ମିଳିବ । ଏହି ଫିଲ୍ମରେ ତାଙ୍କ ସହିତ ସିଲ୍‌ବେଷ୍ଟର ଷ୍ଟେଲୋନଙ୍କ ଝିଅ ସ୍କାରଲେଟ୍ ରୋଜ ଷ୍ଟେଲୋନ ଓ ଟାୟଲର ପେସି ମଧ୍ୟ ନଜର ଆସିବେ । ସୂଚନା ଅନୁସାରେ ଏହି ଫିଲ୍ମ ପାଇଁ କଙ୍ଗନା ଲାୟଂସ ମୁଭି ସହିତ ହାତ ମିଶାଇଛନ୍ତି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ଅନୁରାଗ ରୁଦ୍ର ନେଇଛନ୍ତି । ସୂଚନା ଅନୁସାରେ ଖୁବଶୀଘ୍ର ଏହି ଫିଲ୍ମର ସୁଟିଂ ଆରମ୍ଭ ହେବ । ଫିଲ୍ମର ସୁଟିଂ ଖୁବ ଜଲଦି ନ୍ୟୁୟର୍କରେ ଆରମ୍ଭ ହେବ ବୋଲି ସୂଚନା ମିଳିଛି । ଏହି ଫିଲ୍ମକୁ ସମ୍ପୂର୍ଣ୍ଣଭାବେ ଆମେରିକାରେ ସୁଟିଂ ହେବ ବୋଲି ଜଣାପଡିଛି । ବର୍ତ୍ତମାନ ଅନେକ ବିଟାଉନ୍ ହିରୋଇନ୍‌ଙ୍କୁ ହଲିଉଡରେ ଦେଖିବାକୁ ମିଳୁଛି, ଯାହା ପୂରା ବିଶ୍ୱରେ ବର୍ତ୍ତମାନ ବଲିଉଡର ମାନ ବଢାଉଛି । ଏହା ପୂର୍ବରୁ କଙ୍ଗନାଙ୍କୁ ନିଜ ଫିଲ୍ମ ଏମର୍‌ଜେନ୍ସିରେ ଦେଖିବାକୁ ମିଳିଥିଲା । ଯାହା ଅନେକ ବାଦ ବିବାଦ ପରେ ରିଲିଜ୍ ହୋଇଥିଲା ।

## ଇତିହାସ

୧୯୧୨– ସାହିତ୍ୟିକ ସଆଦତ ହସନ ମଣ୍ଟୋଙ୍କ ଜନ୍ମ ।
୧୯୨୨– ରେଡ଼ିଓ ଷ୍ଟେସନ କେଜିୟୁର ପ୍ରସାରଣ ଆରମ୍ଭ ।
୧୯୨୫– ଭୟଙ୍କର ଘୂର୍ଣ୍ଣିବାତ୍ୟା ଯୋଗୁଁ ବାଂଲାଦେଶରେ ୧୭୦୦୦ ଲୋକଙ୍କ ମୃତ୍ୟୁ ।
୧୯୫୦– ବଲିଉଡ୍ ଅଭିନେତା ସଦାଶିବ ଓମରାପୁରକରଙ୍କ ଜନ୍ମ ।
୧୯୫୧– ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ନବନିର୍ମିତ ସୋମନାଥ ମନ୍ଦିରର ଉଦ୍‌ଘାଟନ ।
୧୯୫୫– ଇଜରାଏଲର ଗାଜା ଆକ୍ରମଣ ।
୧୯୬୦– ବଜାରକୁ ଆସିଲା ପ୍ରଥମ ଗର୍ଭନିରୋଧକ ବଟିକା ।
୧୯୯୮– ରାଜସ୍ଥାନର ପୋଖରାନରେ ୩ ପରମାଣୁ ପରୀକ୍ଷଣ ।
୧୯୯୮– ୟୁରୋପରେ ୟୁରୋ (ମୁଦ୍ରା)ର ପ୍ରଥମ ପ୍ରଚଳନ ।
୨୦୦୦– ଜନସଂଖ୍ୟା ଘଡ଼ି ଅନୁସାରେ ଭାରତ ଜନସଂଖ୍ୟା ୧ ଆରବ ପାର୍ ।

# ମହଙ୍ଗା ପଡିଲା ପରିହାସ

ଗୋଟିଏ ଛୋଟ ପିଲାକୁ ବଡ କରିବା ସବୁଠାରୁ କଷ୍ଟକାର୍ଯ୍ୟ । ଏହି ସମୟରେ ଅଭିଭାବକଙ୍କୁ ଖୁବ ସତର୍କତାର ସହିତ କାର୍ଯ୍ୟ କରିବାକୁ ପଡିଥାଏ । ଯେତେବେଳେ ଘରେ ଛୋଟ ପିଲା ଥାଆନ୍ତି ସେମାନଙ୍କ ଲାଳନ ପାଳନ କରିବାପାଇଁ ଆମକୁ ଖୁବ ଭାବିଚିନ୍ତି ନିଷ୍ପତ୍ତି ନେବାକୁ ପଡିଥାଏ । ତେବେ ବର୍ତ୍ତମାନ କିନ୍ତୁ ଅଭିଭାବକଙ୍କ ଉପରେ ସୋସିଆଲ ମିଡିଆର ପ୍ରଭାବ ଦେଖିବାକୁ ମିଳୁଛି । ସେମାନେ ସୋସିଆଲ ମିଡିଆରେ ପ୍ରଭାବିତ ହୋଇ ଛୋଟ ପିଲାଙ୍କର ଲାଳନପାଳନରେ ଅବହେଳା କରୁଥିବା ସୂଚନା ରହିଛି । ସେହିଭଳି ଏକ ଘଟଣା ଘଟିଛି ସ୍ୱେଡନ୍‌ରେ । ନିକଟରେ ସୋସିଆଲ ମିଡିଆରେ ଏକ ଟ୍ରେଣ୍ଡ ଭାଇରାଲ ହୋଇଥିଲା ଯେଉଁଥିରେ ଛୋଟ ପିଲାଙ୍କ ମୁଣ୍ଡରେ ଅଭିଭାବକ ମାନେ ଅଣ୍ଡା ଫଟାଉଛନ୍ତି, ତାହା ପୁଣି ପିଲାର ଅଜାଣତରେ । ସେହି ଟ୍ରେଣ୍ଡରେ ସ୍ୱିଡେନ୍‌ର ଜଣେ ମାଆ ସାମିଲ ହୋଇଥିଲେ । ସେ ନିଜ ଝିଅର ମୁଣ୍ଡରେ ଅଣ୍ଡା ଫଟାଇଥିଲେ । ହେଲେ ତାଙ୍କ ଝିଅ ଏଥିରେ ଖୁସି ନଥିଲା, ତାକୁ କାଟିଥିବା ଏବଂ ଭଲ ନଲାଗିଥିବା ସେ ପ୍ରକାଶ କରିଥିଲେ । ତେବେ ଏହାର ଭିଡିଓ ସମ୍ପୃକ୍ତ ମା' ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ଏହି ଭିଡିଓ ଦେଖିବାପରେ ସ୍ୱିଡେନ୍‌ର ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣା ପଡିଛି । ସେମାନେ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରିବା ସହିତ କୋର୍ଟରେ ହାଜର କରାଯାଇଥିଲା । କୋର୍ଟ ସମ୍ପୃକ୍ତ ମହିଳାଙ୍କୁ ୧.୭୭ ଲକ୍ଷ ଟଙ୍କାର ଜରିମାନା କରିବା ସହିତ ଘଟଣାର ନିନ୍ଦା କରିଥିବା ଜଣା ପଡିଛି । ଏଭଳି ମଜାକରୁ ନିବୃତ୍ତ ରହିବାକ କୋର୍ଟ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ।



## ସୋସିଆଲ କୋଟ୍ସ



"ମୁଁ ସୁକୁମାରନ୍‌ଙ୍କ ସାର୍‌ଙ୍କର ବଡ ଫ୍ୟାନ୍ । ତାଙ୍କ କାମ ସବୁଠାରୁ ବେଷ୍ଟ । ସେ ତେଲୁଗୁ ଇଣ୍ଡଷ୍ଟ୍ରୀକୁ ଗୋଟିଏ ଭିନ୍ନ ଲେବଲ୍‌କୁ ନେଇଛନ୍ତି ।

ଅଲ୍ଲୁ ଅର୍ଜୁନ୍, ଅଭିନେତା



"ଲୋକ ମୋତେ କହୁଥିଲେ ମୁଁ ବିଦେଶୀଙ୍କ ଭଳି ଦେଖାଯାଉଛି । ପ୍ରଥମ ଫିଲ୍ମ ମୁଁ ଭଙ୍ଗା ନାକ ସହିତ କରିଥିଲି । ଏହାପରେ ସର୍ଜରୀ କରିଛି, ତେବେ ଏଥିରେ ଭୁଲ କଣ ଅଛି ।

ଶ୍ରୁତି ହସନ, ଅଭିନେତ୍ରୀ



"ଯଦି ପ୍ରେମରେ ଧୋକା ମିଳୁଛି, ତେବେ ନିଜ ମନକୁ ଶାନ୍ତ କରିବା ପାଇଁ କାନ୍ଦି ପାର । ହେଲେ ପ୍ରେମିକାକୁ ଯିବାକୁ ଦିଅ, ତାକୁ ରୋକ ନାହିଁ ।

ସଲମାନ ଖାନ୍, ଅଭିନେତା

# ଗୋଟାମୁଗ ହେଙ୍ଗୁ ଖେଚୁଡି

**ସାମଗ୍ରୀ–** ଗୋଟା ମୁଗ, ଅରୁଆ ଚାଉଳ, ହେଙ୍ଗୁ, ଜିରା, ଶୁଖିଲା ଲଙ୍କା, ଗୁଡ, ଘିଅ, ନଡିଆ କୋରା, ଲୁଣ ।

**ପ୍ରଣାଳୀ–** ପ୍ରଥମେ ମୁଗକୁ ୩ ରୁ ୪ଘଣ୍ଟା ବତୁରାଇ ନିଅନ୍ତୁ । ପରେ ହାଣ୍ଡି ବସାଇ ଏଥିରେ ଘିଅ ପକାନ୍ତୁ । ଏହାପରେ ଏଥିରେ ଜିରା, ହେଙ୍ଗୁର ଫୁଟଣ ଦିଅନ୍ତୁ । ପରେ ସେଥିରେ ବତୁରା ଗୋଟା ମୁଗ ଓ ଅରୁଆ ଚାଉଳ ପକାଇ ଅଳ୍ପ ସମୟ ଭାଜନ୍ତୁ । ଚାଉଳ ଓ ମୁଗରୁ ପାଣି ଶୁଖିବାପରେ ଆଉ ଅଳ୍ପ ଭାଜି ଏଥିରେ ଆବଶ୍ୟକ ମୁତାବକ ପାଣି ଦିଅନ୍ତୁ । ଏହି ଭାତ ଗଳା ହୋଇ ନଥାଏ ତେଣୁ ଏଥିରେ ମାପିକରି ପାଣି ଦିଅନ୍ତୁ । ପାଣି ଦେବାପରେ ଏଥିରେ ଲୁଣ, ନଡିଆ କୋରା ଓ ଗୁଡ ପକାନ୍ତୁ । ଭାତ ହୋଇଯିବା ପରେ ଏଥିରେ ପୁଣିଥରେ ହେଙ୍ଗୁ ଫୁଟଣ କରି ପରଷନ୍ତୁ ହେଙ୍ଗୁ ଖେଚୁଡି ।

# ସେନାରେ କାର୍ଯ୍ୟ କରିଥିବା ଅଭିନେତା





**ପହଲଗାମ୍ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ଭିତରେ ସ୍ଥିତି ଗମ୍ଭୀର ହୋଇଛି । ଭାରତର ଅପରେଶନ ସିନ୍ଦୂର ପରେ ଉଭୟଦେଶ ଭିତରେ ଆକ୍ରମଣ ଓ ପ୍ରତିଆକ୍ରମଣ ବଢି ଚାଲିଛି । ଦେଶବାସୀଙ୍କ ସହିତ ବଲିଉଡର ଅଭିନେତାମାନେ ମଧ୍ୟ ଘଟଣାରେ ନିଜ ମତ ରଖୁଥିବାର ଦେଖିବାକୁ ମିଳୁଛି । ସମସ୍ତେ ସେନାର ମନୋବଳ ବଢାଇବା ସହିତ ପାକିସ୍ତାନ ବିରୋଧରେ ନିଜର ମତ ଦେଉଛନ୍ତି । ତେବେ ଦେଶକୁ ଏଭଳି ପରୋକ୍ଷ ସମର୍ଥନ ନୁହେଁ ବରଂ ଏଭଳି କିଛି ଅଭିନେତା ଅଛନ୍ତି ଯେଉଁମାନେ ଯୁଦ୍ଧ ଲଢି ଦେଶକୁ ପ୍ରତ୍ୟକ୍ଷ ସମର୍ଥନ ମଧ୍ୟ ଦେଇଛନ୍ତି ।**



**ନାନା ପାଟେକର–** ବଲିଉଡ ଅଭିନେତା ନାନା ପାଟେକର ନିଜର ବଳିଷ୍ଠ ଅଭିନୟ ପାଇଁ ସବୁବେଳେ ଦର୍ଶକଙ୍କର ପସନ୍ଦ ହୋଇ ରହିଥାଆନ୍ତି । ତାଙ୍କୁ ଅନେକ ସମୟରେ ପରଦାରେ ଯବାନ ଭୂମିକାରେ ଦେଖିବାକୁ ମିଳିଥାଏ । ତେବେ କେବଳ ପରଦାରେ ନୁହେଁ ସେ ସତରେ ମଧ୍ୟ ଯୁଦ୍ଧ ଲଢିଛନ୍ତି । ସୂଚନା ଅନୁସାରେ ୧୯୯୯ରେ ହୋଇଥିବା କାର୍ଗିଲ ଯୁଦ୍ଧରେ ନାନା ଅଭିନୟ ଛାଡି ସେନାରେ ଭର୍ତ୍ତି ହୋଇଥିଲେ। ସେ ପାଖାପାଖି ଦୁଇମାସ ଧରି ସେନା ସହିତ ଯଡିତ ଥିଲେ । ସେ ଏହି ସମୟରେ କୁଇକ୍ ରିଆକ୍ସନ ଟିମ୍‌ରେ ସାମିଲ ହୋଇଥିଲେ । ତେବେ ଏହାପଛରେ ଖୁବ ରୋଚକ କାହାଣୀ ରହିଛି । ୧୯୯୧ରେ ଫିଲ୍ମ ପ୍ରହାର ସେନାଙ୍କ ଉପରେ ନିର୍ମାଣ କରାଯାଇଥିଲା, ଯେଉଁଥିପାଇଁ ନାନାଙ୍କୁ ତିନି ବର୍ଷ ଧରି ଆର୍ମି ଟ୍ରେନିଂ ନେବାକୁ ପଡିଥିଲା । ଏହାପରେ ପିଲାଦିନୁ ଆର୍ମିରେ ଭର୍ତ୍ତି ହେବାକୁ ଚାହୁଁଥିବା ନାନା ନିଜର ଇଚ୍ଛା ସେନାର ଜଣେ ବଡ ଅଧିକାରୀଙ୍କ ନିକଟରେ ପ୍ରକାଶ କରିଥିଲେ । ହେଲେ ସେ ଜଣେ ସାଧାରଣ ନାଗରିକ ହୋଇଥିବାରୁ ତାଙ୍କୁ ଉକ୍ତ ଅଧିକାରୀ ମନା କରିଦେଇଥିଲେ । ଏହାପରେ ନାନା ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ଣ୍ଣାଡିସ୍‌ଙ୍କ ସହିତ ଏନେଇ କଥା ହୋଇଥିଲେ । ତେବେ ପ୍ରଥମେ ସେ ରାଜି ନଥିଲେ ହେଲେ ପରେ ନାନାଙ୍କୁ ୨ମାସ ପାଇଁ ଏହି ସୁଯୋଗ ମିଳିଥିଲା ।



**ଗୁଫି ପଟେଲ–** ମହାଭାତର ଶକୁନି ଚରିତ୍ରରେ ଅଭିନୟ କରିଥିବା ଗୁଫି ପଟେଲ୍ ଅଭିନେତା ହେବା ଆଗରୁ ସେନାରେ କାର୍ଯ୍ୟରତ ଥିଲେ । ୧୯୬୨ରେ ହୋଇଥିବା ଭାରତ ଚୀନ ଯୁଦ୍ଧରେ ସେ ଭାଗ ନେଇଥିଲେ । ଏହି ସମୟରେ କଲେଜରୁ ସିଧା ଆର୍ମିରେ ଭର୍ତ୍ତି କରାଯାଉଥିଲା,ଯେଉଁଥିରେ ସେ ସାମିଲ ହୋଇଥିଲେ । ସବୁବେଳେ ଆର୍ମିରେ ଯିବାକୁ ଚାହୁଁଥିବା ଗୁଫି ଏହି ସମୟରେ ସେନାରେ ସାମିଲ ହୋଇ ଯୁଦ୍ଧର ଅଂଶ ହୋଇଥିଲେ । ତାଙ୍କର ପୋଷ୍ଟିଂ ଚୀନ ବର୍ଡରରେ ହୋଇଥିଲା ।

**ପ୍ରବୀଣ କୁମାର–** ମହାଭାରତର ଭୀମ ଚରିତ୍ରରେ ଅଭିନୟ କରିଥିବା ପ୍ରବୀଣ କୁମାର ମଧ୍ୟ ସେନାରେ କାର୍ଯ୍ୟରତ ଥିଲେ । ସେ ମାତ୍ର ୨୦ ବର୍ଷରେ ବିଏସ୍‌ଏଫ୍‌ରେ ଯୋଗ ଦେଇଥିଲେ । ସେ ସେଠାରେ ଡେପୁଟି କମାଣ୍ଡାଣ୍ଟ୍ ଭାବେ କାର୍ଯ୍ୟ କରିସାରିଛନ୍ତି । ସେ ସେହି ସମୟରେ ଏସିଆନ ଗେମ୍ ଓ ଅଲମ୍ପିକ୍ସରେ ଦେଶକୁ ରିପ୍ରେଜେଣ୍ଟ ମଧ୍ୟ କରି ସାରିଛନ୍ତି । ତେବେ ୨୦୨୨ରେ ତାଙ୍କର ଦେହାନ୍ତ ହୋଇଥିଲା ।

# ସେନାବାହିନୀକୁ ଦୃଢ଼ ସମର୍ଥନ କରିବାପାଇଁ ରାଜ୍ୟପାଳଙ୍କ ଆହ୍ବାନ



ଭୁବନେଶ୍ବର (ସବ୍ୟୁ): ଆତଙ୍କବାଦ ର କୌଣସି ଧର୍ମ ନାହିଁ, ହିଂସା ର କୌଣସି ଶାସ୍ତ୍ର ନାହିଁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଚଳିତ ମଇ ୧୦ ତାରିଖ ଅପରାହ୍ନରେ ରାଜ ଭବନର ନ୍ୟୁ ଅଭିଷେକ ହଲ ଠାରେ ଆୟୋଜିତ ଏକ ସ୍ବତନ୍ତ୍ର ବୈଠକ ରେ ରାଜ୍ୟପାଳ ଏପରି କହିଛନ୍ତି । ପହଲଗାମ ରେ ସମ୍ପ୍ରତି ଘଟିଯାଇଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ତତ୍ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉପୁଜିଥିବା ଘଟଣା କ୍ରମ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକ ରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ର କର୍ମକର୍ତ୍ତା ଏବଂ ବିଭିନ୍ନ ଗୋଷ୍ଠୀ ର ପ୍ରତିନିଧି ମାନେ ଏହି ବୈଠକ ରେ ଅଂଶଗ୍ରହଣ କରିଥିଲେ । ୨୬ ନିରୀହ ଲୋକଙ୍କ ଜୀବନ ନେଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଗଭୀର ଦୁଃଖ ପ୍ରକାଶ କରି ଡ. କମ୍ଭମପାଟି କହିଛନ୍ତି ଯେ, ଏହା କେବଳ ନିରୀହ ନାଗରିକଙ୍କ ଉପରେ ଆକ୍ରମଣ ନୁହେଁ ବରଂ ଭାରତର ଧାରଣା, ଆମର ଏକତା, ଗଣତନ୍ତ୍ର ଏବଂ ଶାନ୍ତି ଉପରେ ଆକ୍ରମଣ । ରାଜ୍ୟପାଳ କହିଥିଲେ ଯେ ସଶସ୍ତ୍ର ବାହିନୀ ଅପରେସନ ସିନ୍ଦୂର ଆରମ୍ଭ କରିଛି, ଯେଉଁଥିରେ ସୀମାପାର ଆତଙ୍କବାଦୀ ଶିବିର ଗୁଡ଼ିକୁ ଟାର୍ଗେଟ କରି ସଠିକ୍ ଆକ୍ରମଣ କରାଯାଇଛି । ଆମର ସାହସୀ ସୈନିକମାନେ ଆମର ସାର୍ବଭୌମତ୍ୱକୁ ରକ୍ଷା କରିବା ଆଗଧାଡିରେ ଛିଡ଼ା ହୋଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମକୁ ସେମାନଙ୍କ ପଛରେ ଦୃଢ଼ ଭାବରେ ଛିଡ଼ା ହେବାକୁ ପଡ଼ିବ ବୋଲି ରାଜ୍ୟପାଳ କହିବା ସହିତ ସମସ୍ତେ ପରଲୋକଗତ ଏବଂ ଆହତଙ୍କ ପାଇଁ ପାର୍ଥନା କରିବାକୁ କହିଥିଲେ ଏବଂ ଶିକ୍ଷାନୁଷ୍ଠାନ ଗୁଡିକ ଏକତା ପ୍ରଦର୍ଶନ କରିବା ନିମନ୍ତେ ଜାତୀୟ ପତାକା ଉଡ଼ାଇବାକୁ କହିଥିଲେ । ବିଶ୍ୱାସ, ଭାଷା ଏବଂ ରୀତିରେ ବିବିଧତା ଥିଲେ ମଧ୍ୟ ଆମର ରାଷ୍ଟ୍ର ଏବଂ ଏହାର ମୂଲ୍ୟବୋଧକୁ ରକ୍ଷା କରିବା ପାଇଁ ଆମେ ଏକତାବଦ୍ଧ ବୋଲି ବାର୍ତ୍ତା ଦେବାକୁ ଆହ୍ବାନ ଜଣାଇଥିଲେ । ସାଧାରଣ ନାଗରିକ ଏବଂ ସୈନିକ ସମେତ ପୀଡ଼ିତ ପରିବାରଙ୍କୁ ଗଭୀର ସମବେଦନା ଜଣାଇବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେଛ ଭାରତ କେବେ ଆତଙ୍କବାଦ ଆଗରେ ନତ ହେବନାହିଁ । ଆମର ଶକ୍ତି, ଆମର ଏକତା ଏବଂ ଆମକୁ ସୁରକ୍ଷା ଦେଉଥିବା ଲୋକଙ୍କ ପ୍ରତି ଆମର ଅଟଳ ସମର୍ଥନ ରହିଛି ବୋଲି ସମଗ୍ର ବିଶ୍ୱକୁ ବାର୍ତ୍ତା ଦେବାକୁ ରାଜ୍ୟପାଳ ଆହ୍ବାନ ଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବୈଠକରେ ଯୋଗଦେଇ ଉଦବୋଦନ ଦେଇ କହିଥିଲେ ଯେ ଆତଙ୍କବାଦ ମାନବତା ବିରୁଦ୍ଧରେ ଏକ ଯୁଦ୍ଧ । ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଯେତେବେଳେ ଦେଶକୁ ଆବଶ୍ୟକତା ପଡ଼ିଥାଏ, ସେତେବେଳେ ସମସ୍ତ ଗୋଷ୍ଠୀ କିପରି ଏକାଠି ହୁଅନ୍ତି ବୋଲି ଅବତାରଣା କରିବା ସହିତ ଅବଦୁଲ ହମିଦଙ୍କ ସାହସିକତା ଏବଂ ବଳିଦାନର ଉଦାହରଣ ଦେଇଥିଲେ । ଭାରତୀୟ ଭାବେ ଆମର ସର୍ବୋତ୍ତମ ପରିଚୟ ରହିଛିଛ ଜାତି, ଧର୍ମ, ବର୍ଣ୍ଣନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି କହିବା ସହିତ ସମସ୍ତେ ଏକଜୁଟ ହୋଇ ଦେଶ ପାଇଁ ନିଜର କର୍ତ୍ତବ୍ୟ ନିଭାଇବାକୁ ଆହ୍ବାନ ଜଣାଇଥିଲେ । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପ୍ରତିରକ୍ଷା ବିଭାଗରେ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ବାନ : ରାଜ୍ୟପାଳ

ଭୁବନେଶ୍ବର,(ସବ୍ୟୁ): ଯେ କୌଣସି ସମାଜର ଶକ୍ତି ଏହାର ମହିଳାମାନଙ୍କ ପ୍ରତି ପ୍ରଦର୍ଶନ କରାଯାଉଥିବା ବ୍ୟବହାର ଉପରେ ନିର୍ଭର କରେ। ଏଣୁ ଏକ ସୁସ୍ଥ ସମାଜ, ଶକ୍ତିଶାଳୀ ଓ ସମୃଦ୍ଧ ଦେଶ ଗଠନ ନିମନ୍ତେ ପୃଷ୍ଠଭୂମି ଓ ଭୌଗଳିକ ପରିବେଶ ନିର୍ବିଶେଷରେ ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ବାନ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି । ଆଜି 'ମା' ଘର ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର' ଏବଂ 'ଏସ୍.ଏସ୍. ହସ୍ପିଟାଲ, ତାଳଚେର'ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ 'ବିଶ୍ୱ ମାତୃ ଦିବସ' ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ମାତୃ ଦିବସ କେବଳ ମାତୃତ୍ୱର ଏକ ଉତ୍ସବ ନୁହେଁ, ଏହା ବିଶ୍ବରେ ପ୍ରତିଦିନ ମା'ମାନଙ୍କର ପାଳନକାରୀ ଆତ୍ମା, ଅସୀମ ସ୍ନେହ ଏବଂ ତ୍ୟାଗର ସ୍ୱୀକୃତି। ଏହା ଏକ ଦିନ ଯାହା ଆମ ପ୍ରତ୍ୟେକଙ୍କ ପାଇଁ ଗଭୀର ଭାବଉଦ୍ରେକକାରୀ ମହତ୍ୱ ବହନ କରେ ବୋଲି ରାଜ୍ୟପାଳ କହିଥିଲେ ।

ମା'ଘର ଫାଉଣ୍ଡେସନ୍ ଟ୍ରଷ୍ଟ, ଭୁବନେଶ୍ବର ଏବଂ ଏସ୍.ଏସ୍. ହସ୍ପିଟାଲ, ତାଳଚେରର ମିଳିତ ପ୍ରୟାସରେ 'ବିଶ୍ୱ ମାତୃ ଦିବସ' ଅବସରରେ 'ସମୟର ଆବଶ୍ୟକତା' ଶୀର୍ଷକ ସେମିନାର ଆୟୋଜନ କରିଥିବାରୁ ରାଜ୍ୟପାଳ ସାଧୁବାଦ ଜଣାଇଥିଲେ । ଏହି ସମାରୋହରେ ସମ୍ମାନନୀୟ ଅତିଥିଭାବେ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ସମାରୋହର କୋ-ଅର୍ଗାନାଇଜର ଆଡ୍‌ଭୋକେଟ୍ ରତ୍ନପର୍ଣ୍ଣା ମହାନ୍ତି ଏବଂ ଡ. ସୁସ୍ମିତା ସାହୁ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରୋଗ୍ରାମ କୋ-ଅର୍ଡିନେଟର ଆଡଭୋକେଟ୍ ଜ୍ଞାନଦୀପ ବିଶ୍ୱପ୍ରସାଦ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶେଷରେ ଟ୍ରଷ୍ଟି ଶ୍ରୀମତୀ ସୁନିତା ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।



## ନ୍ୟାୟିକ ରେକର୍ଡ଼ ନିର୍ବାକ ହେଲେବି ସର୍ବଦା ସତ କହନ୍ତି : ମୁଖ୍ୟ ବିଚାରପତି

### ନ୍ୟାୟିକ ଅଭିଲେଖାଗାରରେ ୫,୧୭୩ଟି ରେକର୍ଡର ସଂରକ୍ଷଣ

କଟକ,(ସବ୍ୟୁ): ଯଦିଓ ଏହି ନ୍ୟାୟିକ ରେକର୍ଡ଼ ଗୁଡ଼ିକ ନିର୍ବାକ ବା ମୂକ ହୋଇପାରନ୍ତି କିନ୍ତୁ ସେମାନେ ସବୁବେଳେ ସତ ହିଁ କହିଥାନ୍ତି । ଯାହା ରିସର୍ଚ୍ଚରେ ସାହାଯ୍ୟ କରିବା ସହ ଇତିହାସକୁ ଏକ ନୂଆ ରୂପ ଦେଇଥାଏ ବୋଲି ନ୍ୟାୟିକ ଅଭିଲେଖାଗାରର ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା – ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ କହିଛନ୍ତି । ଏଭଳି ରିସର୍ଚ୍ଚ ଆଇନଜୀବୀ, ବିଚାର ବିଭାଗୀୟ ଅଧିକାରୀ, ଶିକ୍ଷାବିତ୍‌ଙ୍କ ପାଇଁ ଆର୍ଶିବାଦ ଭଳି କାର୍ଯ୍ୟ କରେ । ହାଇକୋର୍ଟଙ୍କ ଦ୍ୱାରା ନିଆଯାଇଥିବା ଏଭଳି ଏକ ପଦକ୍ଷେପ ଓଡ଼ିଶା ରାଜ୍ୟବାସୀଙ୍କ ପାଇଁ ଏକ ନୂତନ ପଦକ୍ଷେପ । ଏହି ଅବସରରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ଟଣ୍ଡନ ନ୍ୟାୟିକ ରେକର୍ଡ ସଂରକ୍ଷଣରେ ଆରଆରଡିସି କମିଟିର ପଦକ୍ଷେପକୁ ପ୍ରଶଂସା କରିଥିଲେ ।

ଏଥିରେ ମୁଖ୍ୟବକ୍ତା ଭାବେ କୋଲକତା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଅରୁଣ ବନ୍ଦୋପାଧ୍ୟାୟ ଉପନିବେଶ ସମୟରେ ଓଡ଼ିଶାର ଇତିହାସ ସଂକ୍ରାନ୍ତରେ ବକ୍ତବ୍ୟ ରଖିଥିଲେ । ଏହି ରେକର୍ଡ଼ କିପରି ରିସର୍ଚ୍ଚରେ ମାନବୃଦ୍ଧି କରିବ ତା' ଉପରେ ମଧ୍ୟ ଶ୍ରୀ ବନ୍ଦୋପାଧ୍ୟାୟ ବକ୍ତବ୍ୟ ରଖିଥିଲେ । ହାଇକୋର୍ଟର ବିଚାରପତି ତଥା ଆରଆରଡିସି, ନ୍ୟାୟିକ ଅଭିଲେଖାଗାର, ନ୍ୟାୟିକ ସଂଗ୍ରହାଳୟ ସଭ୍ୟ ଜଷ୍ଟିସ ଶଶିକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ ଏହି ସଂଗ୍ରାହଲୟରେ ବର୍ତ୍ତମାନ ସୁଦ୍ଧା ଏହି କେନ୍ଦ୍ରର ୭୧ହଜାର କ ୫୦୩ଟି ପୁରୁଣା ରେକର୍ଡ଼ ଆସିଛି । ଏଥିରୁ ୫ ହଜାର ୧୭୩ଟି ରେକର୍ଡ଼ର ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ କରାଯାଇ ପାରିଛି । ବର୍ତ୍ତମାନ ସୁଦ୍ଧା ୧ ହଜାର ୧୫୧ଟି ଫାଇଲର ଡିଜିଟାଇଜେସନ୍ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ । ଏହି ଅବସରରେ 'ଜୁଡିସିଆଲ ଇତିହାସ'- ଭଲିୟୁମ୍ -୨ ପୁସ୍ତକର ଉନ୍ମୋଚନ କରାଯାଇଥିଲାବେଳେ ନ୍ୟାୟିକ ଅଭିଲେଖାଗାରର ଏକ ହଲ୍ 'ଉତ୍କଳ ଗୌରବ ମଧୁସୂଦନ ଦାସ'ଙ୍କ ନାମରେ ଉତ୍ସର୍ଗୀକୃତ କରାଯାଇଥିଲା । ଆଇଆଇଡିସିର ଅନ୍ୟତମ ସଦସ୍ୟ ତଥା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ, ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ, ଆଇଆରଡିସି ଅଧ୍ୟକ୍ଷ ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ, ଆଉଆଡିସିର ସଦସ୍ୟ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ୍ ଶଶିକାନ୍ତ ମିଶ୍ର, ଜଷ୍ଟିସ୍ ଶିବ ଶଙ୍କର ମିଶ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଅଶାନ୍ତ କୁମାର ଦାସ, ରେଜିଷ୍ଟ୍ରାର ରେକର୍ଡ ହର ପ୍ରସାଦ ପାଢ଼ୀଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ ।

## ସୁନାଚେନ ଟାଣି ନେଲେ ଲୁଟେରା

ବାଲିପାଟଣା ,(ସବ୍ୟୁ) :ବାଲିପାଟଣା ଥାନା ଅଂଚଳ ଏବେ ଅପରାଧୀଙ୍କ ଚରା ଭୂଇଁ ପଲଟିଛି। ଏଠି ଦିନ ରାତି ପିସିଆର୍ ପଇଁତରା ମାରୁଛି, କିନ୍ତୁ ଚୋରୀ , ରାହାଜାନୀ ତା ବାଟରେ ଚାଲୁଛି। ଏପର୍ଯ୍ୟନ୍ତ ପୋଲିସ କାହାରିକୁ ବି ଧରିବାରେ ସକ୍ଷମ ହୋଇନାହିଁ ଏହାର ସୁଯୋଗ ନେଇ ଆଜି ସକାଳୁ ପୁଣି ବାଲିପାଟଣା ଥାନା ଅନ୍ତର୍ଗତ ବାରିଲୋ ଗ୍ରାମର ଜଣେ ମହିଳାଙ୍କ ବେକରୁ ଦୁଇଜଣ ଲୁଟେରା ସୁନା ଚେନ ଛିଣ୍ଡାଇ ନେଇ ଚମ୍ପଟ ମାରିଥିଲେ । ସେ ହେଲେ ଜଳ ସମ୍ପଦ ବିଭାଗ ଅବସରପ୍ରାପ୍ତ ଅଧିକାରୀ ପ୍ରଫୁଲ୍ଲ ମିଶ୍ରଙ୍କ ପତ୍ନୀ ତିଳୋତ୍ତମା ମିଶ୍ରା ଖବର ପାଇ ବାଲିପାଟଣା ପୋଲିସ ତଦନ୍ତ ଜାରୀ ରଖିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ,ଶ୍ରୀମତୀ ମିଶ୍ର ଆଜି ସକାଳୁ ଉଠି ଶିଶୁ ଅନନ୍ତ ପୀଠ ଅଭିମୁଖେ ଚାଲି ଚାଲି ଯାଇ ଫୁଲ ସଂଗ୍ରହ କରୁଥିବା ବେଳେ ଦୁଇଜଣ ଯୁବକ ଏକ ମଟର ସାଇକେଲ ଯୋଗେ ଆସି ତାଙ୍କ ବେକରୁ ସୁନା ଚେନ ଟାଣି ନେଇଥିଲେ । ଯାହାର ଓଜନ ୧୫ ଗ୍ରାମ ଓ ଯାହାର ଆନୁମାନିକ ମୂଲ୍ୟ ୧,୪୫,୦୦୦ହେବ ବୋଲି ଶ୍ରୀମତୀ ମିଶ୍ର ପ୍ରକାଶ କରିଛନ୍ତି। ଅପରାହ୍ନରେ ପରିବାର ପକ୍ଷରୁ ଅଭିଯୋଗ କରିବା ପରେ ପୋଲିସ କେସ ନମ୍ବର ୨୦୧/୨୫ ରେ ଏକ ମାମଲା ରୁଜୁ କରିବା ସହିତ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରୀ ରଖିଛି ।

## ବାର ଉପରକୁ ବୋମାମାଡ, ବାଉନ୍ସରଙ୍କୁ ଗୁଳି

ଭୁବନେଶ୍ବର, (ସବ୍ୟୁ) : ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରାତି ତମାମ୍ ଚାଲୁଥିବା ଏକ ବାର ଉପରକୁ ଦୁର୍ବୃତ୍ତ ବୋମାମାଡ କରିବା ସହ ବାଉନ୍ସରଙ୍କୁ ଗୁଳି କରିଛନ୍ତି। କେବଳ ଏତିକି ନୁହେଁ ଢେଲା ପଥର ମାଡ କରି ବାରର କାଚ ଓ ଅନ୍ୟାନ୍ୟ ଜିନିଷକୁ ଭାଙ୍ଗି ଚୁରମାର କରିଦେଇଛନ୍ତି। ପୋଲିସ ପହଞ୍ଚି ଘଟଣା ସ୍ଥଳରୁ ଖୋକା ଓ ବୋମାର ନମୁନା ପ୍ରଭୃତି ସଂଗ୍ରହ କରିଛି। ବାଉନ୍ସର ସୁରିଆ ମେଡିକାଲ୍ ଚିକିତ୍ସା ହେବା ସହ ପୋଲିସ ତାଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଛି।

ଡମଣା ଛକ ନିକଟରେ କସ୍‌ମୋସ୍ ବାର । ଏହି ବାର ସକାଳ ପର୍ଯ୍ୟନ୍ତ ଖୋଲା ରୁହେ। ଶୁକ୍ରବାର ବିଳମ୍ବିତ ରାତିରେ ସତ୍ୟନାରାୟଣ ପାତ୍ର ଓ ବାଦଲ ସ୍ୱାଇଁ ଏକ ବାଇକ୍‌ରେ ଆସି ସୁରିଆଙ୍କୁ ଗୁଳି ମାଡ କରିବା ସହ ବୋମା ମାଡ କରି ଘଟଣା ସ୍ଥଳରୁ କିଛି ସମୟ ପାଇଁ ଖସି ଗଲେ। ପୁଣି ସେଠାକୁ ଆସି ବାର ଉପରକୁ ଢେଲା ପଥର ମାଡ କଲେ। କଣ ପାଇଁ ସେମାନେ ଏପରି କଲେ, ବାର କର୍ମଚାରୀ କିମ୍ବା ସିକ୍ୟୁରିଟି ଗାର୍ଡ କହି ପାରୁନାହାଁନ୍ତି। ବାର ଭାଙ୍ଗିରୁଜି ଛାରଖାର ହୋଇଯାଇଛି। ୨ ଅଭିଯୁକ୍ତଙ୍କ ନାରେ ଭୁବନେଶ୍ୱର ବଡ ବଡ ଥାନା ସମେତ ମାମଲା ଅଛି। ୨ ଅଭିଯୁକ୍ତ ଏପରି କରୁଥିବା ବେଳେ ସେଠାରେ ଥିବା କର୍ମଚାରୀ, ସିକ୍ୟୁରିଟି ତାଙ୍କୁ ମୁକାବିଲା କରିପାରିନଥିଲେ। ସେ ଦୁହେଁ ଘଟଣା ସ୍ଥଳରୁ ଖସିଯିବା ପରେ କର୍ମଚାରୀମାନେ ମାଲିକଙ୍କୁ ଖବର କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୋଲିସ ଘଟଣା ସ୍ଥଳରୁ ନମୁନା ସଂଗ୍ରହ କରିଛି। ଆହତ ବାଉନ୍ସରଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ୍ ନିଆଯିବା ସହ ଘଟଣାର ତଦନ୍ତ ଜାରି ରହିଛି।

ବାର ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ସମୟ ଧାର୍ଯ୍ୟ ହୋଇଥିବା ବେଳେ ତାହାକୁ କେହି ମାନୁନାହାଁନ୍ତି। ଏହି କସ୍‌ମୋସ୍ ବାର ରାତି ତମାମ୍ ଖୋଲା ରୁହେ। କର୍ମଚାରୀମାନେ ଏହାକୁ ନାଇଟ୍ କ୍ଲବ୍ କହୁଛନ୍ତି। ସେଥିପାଇଁ ସରକାରଙ୍କ ପକ୍ଷରୁ ଅନୁମତି ଅଛି ନା ମନକୁ ମନ ସେମାନେ ଯାହା କହୁଛନ୍ତି ଓ କରୁଛନ୍ତି ତାହା ସହରବାସୀ ମାନି ନେବେ ? ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଥିବା ବାରଗୁଡିକରେ ପୋଲିସ ଓ ଅବକାରୀ ବାରମ୍ବାର ଚଢାଉ କରୁଥିଲେ ମଧ୍ୟ କିଛି ଲାଭ ହେଉନାହିଁ, ଯେଉଁ କଥାକୁ ସେହି କଥା। କସ୍‌ମୋସ୍ ବାର ସକାଳ ପର୍ଯ୍ୟନ୍ତ ଖୋଲା ରହିବା ସମ୍ପର୍କରେ କର୍ମଚାରୀଙ୍କୁ ପଚାରିବାରୁ ମାଲିକ ଚାହୁଁଥିବାରୁ ସମ୍ଭବ ହେଉଛି। ପୋଲିସ କୌଣସି ପଦକ୍ଷେପ ନେଉନାହିଁ, କଣ ପାଇଁ ତାହା ମାଲିକ ଓ ପୋଲିସ ଜାଣିଥିବେ। ପାଖ ଦୋକାନୀଙ୍କ କହିବା ଅନୁଯାୟୀ ପୋଲିସେ ଚଢାଉ କଲେ ସକାଳ ପର୍ଯ୍ୟନ୍ତ ବାର କଦାପି ଖୋଲା ରହିବ ନାହିଁ। ମାଲିକଙ୍କ ସହ ପୋଲିସର କି ପ୍ରକାର ବୁଝାବଣା ରହୁଛି ତାହା ସେମାନେ ଜାଣିଥିବେ। ବିଳମ୍ବିତ ରାତିରେ ଗୁଳି ମାଡ ଓ ବୋମାମାଡକୁ ନେଇ ପାଖ ଲୋକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦୁଇ ଅଭିଯୁକ୍ତ ଗିରଫ ହେବା ପରେ ଏହି ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି ପୋଲିସ କହିଛି।

## ନିମାପଡା-ବଳଙ୍ଗା ପୂର୍ତ୍ତ ରାସ୍ତା ଶୋଚନୀୟ

### ପ୍ରତିବର୍ଷ ଖାଲଖମା ମରାମତି ଆଳରେ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା

ନିମାପଡା, (ସବ୍ୟୁ) : ନିମାପଡା-ବଳଙ୍ଗା ୧୪ କିମି.ପୂର୍ତ୍ତ ପିଚୁ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବାରୁ ବିଭିନ୍ନ ଯାନବାହାନ ଚଳାଚଳ କରିବାରେ ବାଧା ସୃଷ୍ଟି ହେଉଛି । ରାସ୍ତା ସାରା ଛୋଟବଡ ଖାଲ ସୃଷ୍ଟି ହୋଇଥିବାରୁ ଉକ୍ତ ରାସ୍ତାଟି ମରଣଯନ୍ତା ପାଲଟିଛି । ଏହି ରାସ୍ତା ଉପରେ ଦୈନିକ ଶହ ଶହ ସଂଖ୍ୟାରେ ଭାରିଯାନ ଠାରୁ ଛୋଟ ବଡ ଯାନ ଚଳାଚଳ କରିଥାନ୍ତି । ତେବେ ନିମାପଡା ଠାରୁ ବଳଙ୍ଗା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଉକ୍ତ ପିଚୁ ରାସ୍ତାଟି ଗତ ୫ବର୍ଷରୁ ଉର୍ଦ୍ଧ୍ୱ ହେବ ସଂପୂର୍ଣ୍ଣ ଖାଲଖମାରେ ପରିପୂର୍ଣ୍ଣ ହୋଇ ପଡିଛି । ଯାନବାହାନରେ ଗଲେ ୧୪ କି.ମି ରାସ୍ତାକୁ ୨ଘଣ୍ଟା ସମୟ ଲାଗୁଛି । ବର୍ଷା ଜଳ ବଡ ବଡ ଖାଲରେ ଜମି ରହିବା ଯୋଗୁଁ ବାଇକ ଓ ଅଟୋଚାଳକ ଖାଲରେ ପଡି ଆହତ ହେଉଛନ୍ତି । ରାସ୍ତା ଖରାପ ଯୋଗୁଁ ଅକାରଣରେ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ଘଟୁଛି । ନିମାପଡା- ବଳଙ୍ଗା ରାସ୍ତାଟି ପୂର୍ତ୍ତ ବିଭାଗର ଲେଉଟିଆ ଶାଗ କିଆରୀ ପାଲଟିଥିବା ନେଇ ଆଲୋଚନା ହେଉଛି । ପ୍ରତି ବର୍ଷେ,ଦୁଇ ବର୍ଷକ ଥରେ ଖାଲଖମା ମରାମତି ପାଇଁ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରାରେ ନାମକୁ ମାତ୍ର ଖାଲରେ ପିଚୁ ଗୋଡି ପକାଇ ନିଜ ପକେଟ ଗରମ କରୁଥିବା ଏବଂ ମରାମତି ହେବାର ଦିନ କେଇଟା ପରେ ରାସ୍ତା ପୂର୍ବାବସ୍ଥା ହୋଇପଡୁଛି ବୋଲି ଅଭିଯୋଗ ହେଉଛି । ବର୍ତ୍ତମାନ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ କରିବା ଅନୁପଯୋଗୀ ହୋଇପଡିଛି । ତୁରନ୍ତ ଉକ୍ତ ରାସ୍ତାକୁ ଉଇଁତା କରିକ୍ରଂକ୍ରିଟ ରାସ୍ତାରେ ପରିଣତ କରିବାକୁ ଦାବୀ ହେଉଛି । ଏସଂପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଶକ୍ତିବ୍ରତ ଜେନାଙ୍କୁ ପଚାରିବାରେ ଟେଣ୍ଡର ପ୍ରକ୍ରିୟା କାମ ଚାଲିଛି, ଖୁବଶୀଘ୍ର ଉକ୍ତ ରାସ୍ତା କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ଦୁଇ ପେଷାଦାର ଲୁଟେରା ଗିରଫ, ୫୦ ଗ୍ରାମ୍ ଗହଣା ଜବତ

ଭୁବନେଶ୍ବର, (ସବ୍ୟୁ) : ଦୁଇ ପେଷାଦାର ଲୁଟେରାଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ପ୍ରାୟ ୫୦ ଗ୍ରାମ୍ ଗହଣା ଜବତ କରିଥିବା କହିଛି। ଦୁଇ ଲୁଟେରା ହେଲେ ଲିଙ୍ଗରାଜ ଦଳାଇ ଓରଫ ଟିଙ୍ଗିଡି (୩୦) ଓ ରାକେଶ କୁମାର ପଣ୍ଡା (୩୩) । ଦୁଇଜଣଙ୍କ ନାରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ପ୍ରାୟ ୨୬ରୁ ଉର୍ଦ୍ଧ୍ୱ ମାମଲା ଥିବା ପୋଲିସ କହିଛି।

ମମତା ପଣ୍ଡା ଏରୋଡ୍ରମ୍ ଏରିଆ ଲେନ୍ -୨ ରେ ରୁହନ୍ତି। ଏପ୍ରିଲ୍ ୨୨ ତାରିଖ ଦିନ ମଧ୍ୟାହ୍ନ ୧୨.୩୦ ବେଳେ ସେ ଏତଲା କରିଥିଲେ ଯେ, ସେହି ଦିନ ସକାଳେ ସେ ଫୁଲ ତୋଳି ଘରକୁ ଫେରୁଥିବା ବେଳେ ଲେନ୍ -୨ ନିକଟରେ ଦୁଇଜଣ ପଲସର୍‌ରେ ଆସି ତାଙ୍କ ବେକରୁ ସୁନାହାର ଲୁଟି ନେଇଥିଲେ। ଏତଲା ଆଧାରରେ ତଦନ୍ତ କରାଯିବା ସହ ତାଙ୍କ ବେକରୁ ଲୁଟ ହୋଇଥିବା ସୁନାହାର, ଅନ୍ୟ ୫ଟି ସୁନାଚେନ୍ ଓ ଲୁଟ୍‌ରେ ବ୍ୟବହାର ହୋଇଥିବା ବାଇକ୍ ଗିରଫ ଦୁଇ ଲୁଟେରାଙ୍କ ପାଖରୁ ପୋଲିସ ଜବତ କରିଥିବା କହିଛି। ଦୁଇ ଲୁଟେରାଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇଦିଆଯାଇଛି।

## ସଞ୍ଜୟ ସିଂହ ପୂର୍ତ୍ତ ବିଭାଗ ସଚିବ ଯାମିନୀ ଷଡ଼ଙ୍ଗୀଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ଦାୟିତ୍ୱ



ଭୁବନେଶ୍ବର(ସବ୍ୟୁ): ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ସ୍ତରରେ ଅଦଳବଦଳ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବ ତଥା ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହଙ୍କୁ ବଦଳି କରାଯାଇଛି । ଶୁକ୍ରବାର ସଞ୍ଜୟଙ୍କୁ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଦାୟିତ୍ୱ ସହିତ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହା ସହିତ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ବୀରବିକ୍ରମକୁ ରିଲିଭ କରାଯାଇଛି । ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ସେହିପରି ୨୦୦୮ ବ୍ୟାଚର ବରିଷ୍ଠ ଆଇଏଏସ୍ ତଥା ବାଣିଜ୍ୟ କର କମିଶନର ଓ ଅର୍ଥବିଭାଗ ସ୍ୱତନ୍ତ୍ର ସଚିବ ଯାମିନୀ ଷଡ଼ଙ୍ଗୀଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ କମିଶନର ତଥା ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିଭଳି ନିର୍ମାଣ ବିଭାଗର ବର୍ତ୍ତମାନର ପ୍ରମୁଖ ସଚିବ ବୀରବିକ୍ରମ ଯାଦବଙ୍କୁ ଭାରତ ସରକାରଙ୍କ କାର୍ମିକ ମନ୍ତ୍ରାଳୟର ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ରିଲିଭ କରାଯାଇଛି । ବୀରବିକ୍ରମ ଆଜିଠାରୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ପାଣିପାଗ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ ନିର୍ବାହ କରିବେ ।

## ରାଷ୍ଟ୍ରୀୟ ଲୋକ ଅଦାଲତ

## ୧ଲକ୍ଷ ୯୨ ହଜାର ମାମଲାର ସମାଧାନ ୧୩୦ କୋଟି ୮୦ ଲକ୍ଷ ଆଦାୟ ନିର୍ଦ୍ଦେଶ



କଟକ,(ସବ୍ୟୁ): ରାଜ୍ୟର ଆଜି ବିଭିନ୍ନ ଅଦାଲତରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ୍ ୧ଲକ୍ଷ ୯୨ ହଜାର ୩ଟି ମାମଲାର ସମାଧାନ ହୋଇଛି । ଏ ବାବଦରେ ବିଭିନ୍ନ ପକ୍ଷଙ୍କୁ ୧୩୦ କୋଟି ୮୦ ଲକ୍ଷ ୨୮ ହଜାର ୧୨୬ ଟଙ୍କା କ୍ଷତିପୂରଣ ପ୍ରଦାନ ଲାଗି ନିର୍ଦ୍ଦେଶ ଦିଆଯାଇଛିଛ ଏଥିରେ ୬ ହଜାର ୬୩୪ଟି ପ୍ରାକ୍ ବିବାଦୀୟ ଏବଂ ୧ଲକ୍ଷ ୮୫ ହଜାର ୩୬୯ଟି ଅନ୍ୟାନ୍ୟ ମାମଲାର ସମାଧାନ ହୋଇପାରିଛି ।

ରାଜ୍ୟ ଆଇନସେବା ପ୍ରାଧିକରଣର ପାର୍ଟନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ସଙ୍ଗମ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରାଜ୍ୟର ୩୦ଟି ଜିଲ୍ଲା ଅଦାଲତ ସମେତ ଡେବିଟ୍ ରିକଭରି ଟ୍ରିବ୍ୟୁନାଲ, ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ କମିସନ, ଶିଳ୍ପ ଟ୍ରିବ୍ୟୁନାଲ ଆଦିରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୬୬ଟି କ୍ରିମିନାଲ କମ୍ପାଉଁଡେବୁଲ ମାମଲା ଥିଲାବେଳେ ୯୮୧ଟି ଏନ.ଆଇ ମାମଲା, ୪୫୨ଟି ଅର୍ଥ ଆଦାୟ ମାମଲା, ୫୯୭ଟି ମୋଟର ଦୁର୍ଘଟଣା ମାମଲା, ୨୦ଟି ଶ୍ରମ ବିବାଦ ମାମଲା, ପାଣି ଏବଂ ବିଦ୍ୟୁତ୍ ବିଲ୍ ସଂକ୍ରାନ୍ତ ୧୧ଟି ମାମଲା, ୪୭୫ଟି ପାରିବାରିକ ବିବାଦ ମାମଲା, ୮ଟି ଜମି ଅଧିଗ୍ରହଣ ମାମଲା, ୧ଲକ୍ଷ ୬୯ ହଜାର ୩୮୨ଟି ରାଜସ୍ୱ ସଂକ୍ରାନ୍ତ ମାମଲା, ୧୬ଟି ଉପଭୋକ୍ତା ସମସ୍ୟା ସମାଧାନ ମାମଲା, ୧୫୧୮ଟି ଦେଓ୍ୱାନୀ ମାମଲା, ୧୧ ହଜାର ୬୩୨ଟି ଫୌଜଦାରୀ ମାମଲା, ୬ଟି ଡେବ୍ଟ ରିକଭରି ଟ୍ରିବ୍ୟୁନାଲ ମାମଲା, ୫ଟି ଉପଭୋକ୍ତ ମାମଲାର ସମାଧାନ ହୋଇପାରିଛି ।

## ମହାବୀର ହନୁମାନ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ବ୍ଲକ ଅରାବଳ ପଂଚାୟତ ନିକଟସ୍ଥ ଜନକ ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ମହାବୀର ହନୁମାନ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ବିଜେପି ଯୁବନେତା ଅରବିନ୍ଦ ଜେନା ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବୀର ହନୁମାନ ମନ୍ଦିରରେ ପୁଷ୍ପାଞ୍ଜଳି ଅର୍ପଣ କରି ବିଭୁକୃପା ଲାଭ କରିଥିଲେ। ଆଜି ସକାଳେ କଳସ ଶୋଭାଯାତ୍ରା ସହ ସୂର୍ଯ୍ୟପୂଜା କରାଯାଇଥିଲା। ରିତିନୀତି ଅନୁଯାୟୀ ମହାବୀର ହନୁମାନ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସହ ବିଗ୍ରହ ସ୍ଥାପନ କରାଯାଇଥିଲା।ଏହି ଉତ୍ସବରେ ବହୁ ସାଧୁସନ୍ଥ ଯୋଗଦେଇଥିଲେ। ସମାଜସେବୀସତ୍ୟବ୍ରତ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଉତ୍ସବର ବିଭିନ୍ନ ବିଭିନ୍ନ ପଂଚାୟତରୁ ହଜାର ହଜାର ଶ୍ରଦ୍ଧାଳୁ ମାନେ ଆସି ହନୁମାନ ଦେବଙ୍କ ଦର୍ଶନ କରିବା ସହ କୃପାଲାଭ କରିଥିଲେ। ସଂଧ୍ୟାରେ ମନ୍ଦିର ପରିଶରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସଂଧ୍ୟା ଅନୁଷ୍ଠିତ ହୋଇଥିଲା।


केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान
CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT
Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in

ADMISSIONS - 2025

CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2025-26.

| PROGRAMME | QUALIFICATION | DURATION |
| --- | --- | --- |
| B.Tech. (Plastics Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 4 Years |
| B.Tech. (Manufacturing Engineering & Technology) (Equivalent to Production Engg.) | | |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 5 Years |
| Lateral Entry for B. Tech (Plastics Engineering) | Passed Diploma with minimum 45% mark (40% mark for SC/ST category) from any branch. or Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | 3 Years |
| Lateral Entry for B. Tech. (Manufacturing Engineering & Technology) | | |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |
| M.Tech. (Polymer Nanotechnology) | | |

Excellent Placement Track Record

Candidates may apply through the link : https://forms.gle/nUbAXmQFSfpeqe9e8
Last date for filling online application : 26.05.2025
Date of CIPET-Joint Entrance Examination : 30.05.2025
Please visit our website : www.cipet.gov.in for detailed information for Admission
Contact: 8144919800/ 8170044113/ 9348795434
Scan Me

# ଚୌଦ୍ୱାର କଟକ ବିଜେପି ପକ୍ଷରୁ ସକ୍ରିୟ ସଦସ୍ୟ ସମ୍ମିଳନୀ

କଟକ, (ସ୍ୱପ୍ର): ସ୍ଥାନୀୟ ଶିଖରପୁର ପୂଜା ମଣ୍ଡପରେ ଚୌଦ୍ୱାର କଟକ ବିଜେପି ପକ୍ଷରୁ ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମିଶ୍ର ସକ୍ରିୟ ସଦସ୍ୟତା ଉପରେ ତାଙ୍କ ବକ୍ତବ୍ୟ ରଖିଥିଲେ। ପରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି ଦଳର ସାଙ୍ଗଠନିକ ସ୍ଥିତି ଉପରେ ଦୃଷ୍ଟି ଜିଲ୍ଲା ସାଧାରଣ ସମ୍ପାଦକ ଭାଗିରଥି ଦଳାଇ ମଞ୍ଚ ପରିଚାଳନା କରିଥିଲେ । ମୁନୀନ୍ଦ୍ର ଭୋଳ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କର୍ପୋରେଟର



ଗୋପାଳ ବେହେରା, ଦୀପକ ଦାସ, ସୁଜାତା ସାହୁ, ବରିଷ୍ଠ ବିଜେପି ନେତା ବୈରାଗୀ ପ୍ରଧାନ, ମହେନ୍ଦ୍ର ମହାନ୍ତି, ବୈଦେଶ୍ୱର ପଣ୍ଡା, ମଣ୍ଡଳ ସଭାପତି ସୁରଥ ରାଉତ, ଅନୀଲ ଦଳାଇ, ଧିର ପ୍ରସାଦ ମହାନ୍ତି, ଜ୍ୟୋତି ରଞ୍ଜନ ରାୟ, ନିକୁଞ୍ଜ ବିହାରୀ କାନୁନଗୋ, ମିତାଲି ଦାସ, ହରିପ୍ରିୟା ଧଳ, ଗୌରାଙ୍ଗ ଭୂୟାଁ, ବିଶ୍ୱରାଜ ବିଶ୍ୱାଳ, ବିଶ୍ୱଜିତ ଦାସ, ତନୁଶ୍ରୀ ମହାନ୍ତି, ପୃଥ୍ୱୀରାଜ ସ୍ୱାଇଁ, ସ୍ୱର୍ଣ୍ଣଲତା ବେହେରା, ଅଜୟ ବେହେରା ପ୍ରମୁଖ ଶତାଧିକ ସକ୍ରିୟ ସଦସ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ବାଲାକୋଟରେ ମୃତାହତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଚୌଦ୍ୱାର କଟକର ପର୍ଯ୍ୟବେକ୍ଷକ କଟକ ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱରଂଜନ ଆକର୍ଷଣ କରିଥିଲେ। ଦଳକୁ ମଜବୁତ କରିବା ପାଇଁ ସାତଟା ମଣ୍ଡଳ ସଭାପତିଙ୍କୁ ନିବେଦନ କରିଥିଲେ। ସକ୍ରିୟ ସଦସ୍ୟ ମାନଙ୍କୁ ମଧ ସକ୍ରିୟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

# ରାଜ୍ୟରେ ଖୁବଶୀଘ୍ର ଆରମ୍ଭ ହେବ ମହିଳା ଫାଷ୍ଟଟ୍ରାକ୍ କୋର୍ଟ : ଆଇନମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମହିଳାଙ୍କ ଉପରେ ନିର୍ଯାତନା, ଅପରାଧ ଏବଂ ଘରୋଇ ହିଂସା ଜନିତ ମାମଲାଗୁଡ଼ିକର ତଦନ୍ତ କରି ତ୍ୱରିତ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟରେ ଖୁବ୍ ଶୀଘ୍ର ୫ଟି ମହିଳା ଫାଷ୍ଟଟ୍ରାକ୍ କୋର୍ଟ ଆରମ୍ଭ କରାଯିବ ବୋଲି ରାଜ୍ୟ ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଏହି ଫାଷ୍ଟଟ୍ରାକ୍ କୋର୍ଟଗୁଡ଼ିକ ଏକ ମାସ ମଧ୍ୟରେ ମାମଲାର ଶୁଣାଣି କରି ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗ ଏବଂ ଇଣ୍ଡିଆନ୍ ଏକାଡେମି ଅଫ୍ ଫରେନ୍‌ସିକ୍ ମେଡିସିନ୍ (ଆଇଏଏଫଏମ୍)ର ରାଜ୍ୟ ଶାଖା ପକ୍ଷରୁ ମିଳିତ ଭାବେ ଆୟୋଜିତ ମେଡିକୋ-ଲିଗାଲ ସୋସାଇଟି ଅଫ୍ ଓଡ଼ିଶା (ଏମ୍‌ଏଲଏସ୍‌ଓ)ର ୪୩ତମ ବାର୍ଷିକ ସମ୍ମିଳନୀ 'ଏମ୍‌ଇଏଲ୍‌ଇଏସ ଓସିଓଏନ୍ ୨୦୨୫' କାର୍ଯ୍ୟକ୍ରମରେ ମୁଖ୍ୟ



ଅତିଥି ଭାବେ ଯୋଗ ଦେଇ ଶ୍ରୀ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି । ଶ୍ରୀ ହରିଚନ୍ଦନ କହିଥିଲେ ଯେ ଅପରାଧର ତଦନ୍ତ, ଅପରାଧୀଙ୍କୁ ଦଣ୍ଡ ଏବଂ ନ୍ୟାୟ ପ୍ରଦାନ କରିବାରେ ଫରେନ୍‌ସିକ୍ ସାଇନ୍ସର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ଥାନାଗୁଡ଼ିକରେ କର୍ତବ୍ୟରତ ତଦନ୍ତକାରୀ ଅଫିସରମାନେ ମେଡିକୋ-ଲିଗାଲ ପାଠ୍ୟ ସମ୍ପର୍କିତ ଜ୍ଞାନ ଆହରଣ କରିବା ଉଚିତ୍ । ସେମାନେ ତଦନ୍ତ ନିମନ୍ତେ ଫରେନ୍‌ସିକ୍ ସାଇନ୍ସ ସମ୍ପର୍କିତ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଏହି ପରିପ୍ରେକ୍ଷୀରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ଭଳି ଏକ ଅଗ୍ରଣୀ ଡାକ୍ତରୀ ଶିକ୍ଷାନୁଷ୍ଠାନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ପ୍ରଶଂସନୀୟ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ହସ୍ପିଟାଲ୍‌ରେ ଫରେନ୍‌ସିକ୍ ସାଇନ୍ସର ଗୁରୁତ୍ୱ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଏହି ସମ୍ମିଳନୀର ଥିମ୍ 'ଫରେନ୍‌ସିକ୍ ଫ୍ରନ୍‌ଟିୟର୍ସ: ଏନସିୟୁଅରିଂ ମ୍ୟାଟରନାଲ, ଚାଇଲ୍ଡ ଆଣ୍ଡ ଟ୍ରାନ୍ସଜେଣ୍ଡର ହେଲ୍‌ଥ ଫର ସୋସିଆଲ୍ ଜଷ୍ଟିସ୍' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶାର ଆଡିସନାଲ୍ ଡିଏମ୍‌ଇଟି ତଥା ଏମ୍‌ଏଲଏସ୍‌ଓର ସଭାପତି ପ୍ରଫେସର ବ୍ରଜ କିଶୋର ଦାସ ବକ୍ତବ୍ୟ ରଖିଥିବା ବେଳେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ ଭୁବନେଶ୍ୱରର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) କୁନାଲ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ, ଫୁଲନଖରାର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗର ମୁଖ୍ୟ ଡାକ୍ତର ଅଙ୍କିତା ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀମନ୍ଦିର ସମେତ ପୁରୀରେ ସୁରକ୍ଷା ବ୍ୟବସ୍ଥା କଡାକଡି : ଏସ୍‌ପି

ପୁରୀ (ସବ୍ୟୁ): ଭାରତ ପାକିସ୍ଥାନ ମଧ୍ୟରେ ଦେଖା ଦେଇ ଥିବା ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ନେଇ ପୁରୀରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରା ଯାଇଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିର ଭିତର ଓ ବାହାର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ପ୍ରାଧାନ୍ୟତା ଓ କଡ଼ା କଡ଼ି କରା ଯାଇଛି । ଶ୍ରୀମନ୍ଦିର ଚାରି ଦ୍ୱାର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ା କଡ଼ି କରା ଯାଇଛି । ଚାରି ଦ୍ୱାରରେ ସୁରକ୍ଷା ପାଇଁ ଅଧିକ ପୋଲିସ ମୃତୟନ୍ କରା ଯାଇଛିଛ କ୍ୟୁଆରଟି ଟିମ୍‌କୁ ସଜାଗ ରଖା ଯାଇଛି । ସହର ର ବିଭିନ୍ନ ସମ୍ବେଦଶୀଳ ସ୍ଥାନ ଆଦି ମାନଙ୍କରେ ଚେକିଙ୍ଗକୁ କଡ଼ା କଡ଼ି କରା ଯାଇଛି । ପୁରୀ ବସଷ୍ଟାଣ୍ଡ, ରେଳଷ୍ଟେସନ ଆଦି ସ୍ଥାନ ମାନଙ୍କରେ ସୁରକ୍ଷା ବ୍ୟବସ୍ଥା ଓ ଚେକିଙ୍ଗକୁ କଡ଼ା କଡ଼ି କରା ଯାଇଛି । ସେହିପରି ପୁରୀର ପ୍ରବେଶ ପଥ, ହରେକୃଷ୍ଣପୁର, ମଙ୍ଗଳାଘାଟ ବ୍ରିଜ ଛକ, ପୁରୀ କୋଣାର୍କ ଭୂଦାନ ଛକ ଆଦି ସ୍ଥାନ ମାନଙ୍କରେ ନାକା, ରାତ୍ରୀ ବ୍ଲକିଂ ଓ ବାହାରୁ ଆସୁଥିବା ଯାନ ବାହନ ଗୁଡିକ ପୋଲିସ ପକ୍ଷରୁ ଚେକିଂ କରା ଯାଉଛି । ସେହିପରି ପୋଲିସ ପକ୍ଷରୁ ସହରର ବିଭିନ୍ନ ହୋଟେଲ, ଲଜିଂ ଆଦି ଗୁଡିକରେ ଥିବା ପର୍ଯ୍ୟଟକ ମାନଙ୍କ ପରିଚୟ ପତ୍ର ଆଦି କଡ଼ା କଡ଼ି ଯାଞ୍ଚ କରାଯାଇଛି ।

## ଶାରୀରିକ ସମ୍ପର୍କ ରଖି ବିବାହ ନକରିବାରୁ ବଏଫ୍ରେଣ୍ଡ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଶାରୀରିକ ସମ୍ପର୍କ ରଖି ବିବାହ କରିବାକୁ ମନା କରିଦେବାରୁ ଅଭିଯୋଗକାରିଣୀଙ୍କ ବଏଫ୍ରେଣ୍ଡକୁ ମହିଳା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

୨୦୧୮ ମହିହାରେ ଅଭିଯୋଗକାରିଣୀ ଭୁବନେଶ୍ୱର ଏକ ସଂସ୍ଥାରେ ଚାକିରି କରୁଥିବା ବେଳେ ସେହି ସଂସ୍ଥାରେ ଚାକିରି କରୁଥିବା ଦେବବ୍ରତ ମିଶ୍ର(୩୬) ଙ୍କ ସହ ଚିହ୍ନା ହୋଇଥିଲା। ସେହି ବର୍ଷ ନଭେମ୍ବର ୧୪ ତାରିଖ ଦିନ ଉଭୟେ ପୁରୀ ବୁଲିବାକୁ ଯାଇଥିଲେ। ପୁରୀରେ ଅଭିଯୁକ୍ତ ଅଭିଯୋଗକାରିଣୀଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲା। ଯାହାକୁ ଅଭିଯୋଗକାରିଣୀ ପ୍ରତ୍ୟାଖାନ କରିଦେଇଥିବା ପୋଲିସ କହିଛି। ଏହାପରେ ଅଭିଯୋଗକାରିଣୀ ଅଭିଯୁକ୍ତଠାରୁ ଦୁରେଇ ଯାଇଥିଲା। ଏହା ଦେଖି ଅଭିଯୁକ୍ତ ଅଭିଯୋଗକାରିଣୀଙ୍କୁ କ୍ଷମା ମାଗିବା ସହ ଦୁହିଁଙ୍କ ମଧ୍ୟରେ ବୁଝାବଣା ହୋଇଥିଲା। ଏହି ସୁଯୋଗରେ ୨୦୧୯ ମସିହା ମାର୍ଚ୍ଚ ୧୯ ତାରିଖରେ ରାତ୍ରି ଭୋଜନ ପାଇଁ ଅଭିଯୋଗକାରିଣୀଙ୍କୁ ପଟିଆଠାରେ ଥିବା ଏକ ହୋଟେଲକୁ ଡାକି ଥିଲା। ଅଭିଯୁକ୍ତ। ସେଠାରେ ଉଭୟେ ବିବାହ ପାଇଁ କଥାବାର୍ତ୍ତା ହେବା ପରେ ଶାରିରୀକ ସମ୍ପର୍କ ପାଇଁ ଅଭିଯୋଗକାରିଣୀ ରାଜି ହୋଇଥିଲେ। ଏହାପରେ ଅଭିଯୁକ୍ତଙ୍କୁ ଅଭିଯୋଗକାରିଣୀ ବିବାହ କରିବା ପାଇଁ ପଚାରିବାରୁ ସେ ରୋକ୍‌ଠୋକ୍ ମନା କରିଥିଲା। କେବଳ ମନା କରିନଥିଲା ଗାଳି ଗୁଲଜ କରି ବିଭିନ୍ନ ପ୍ରକାର ଧମକ ଚମକ ଦେଇଥିବା ଅଭିଯୋଗକାରିଣୀ ତାଙ୍କ ଅଭିଯୋଗରେ ଲେଖିଥିବା ମହିଳା ଥାନା କହିଛି। ଏତଲାକୁ ଭିତ୍ତି କରି ମହିଳା ଥାନା ପୋଲିସ ଦେବବ୍ରତକୁ ଗିରଫ କରି ଘଟଣା ସମ୍ପର୍କରେ ପଚରାଉଚରା କରିବାପରେ ତାକୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇଦିଆଯାଇଛି। ଦେବବ୍ରତ ଘର କେନ୍ଦ୍ରାପଡା ଜିଲ୍ଲା ଆମ୍ବୁରା ଗ୍ରାମରେ ହୋଇଥିବାବେଳେ ସେ ନିଆଳି ପୁବ୍‌ଖଣ୍ଡାରେ ରୁହେ ବୋଲି ପୋଲିସ କହିଛି।

## ୭୨ ଗ୍ରାମ୍ ବ୍ରାଉନସୁଗର୍ ଜବତ : ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ ଗୁରୁଜଙ୍ଗ ଅଞ୍ଚଳରୁ ଅବକାରୀ ଟିମ୍ ୭୨ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ଏହି ଘଟଣାରେ ଅବକାରୀ ଟିମ୍ ଜଣଙ୍କୁ ଗିରଫ କରିବା ସହ ତାଙ୍କ ର ଏକ ପଲସର୍ ଗାଡି କୁ ଜବତ କରିଛି । ଗିରଫଜଣକ ହେଲେ ଗୁରୁଜଙ୍ଗ ର ସୁମନ୍ତ କୁମାର ବାରିକ ଓରଫ୍ ଗୋଧି (୩୩) । ଜବତ ବ୍ରାଉନସୁଗାର ମୂଲ୍ୟ ୭ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି । ସୁମନ୍ତ ଉକ୍ତ ଅଂଚଳରେ ବ୍ରାଉନସୁଗର କାରବାର କରୁଥିବା ଖବର ପାଇ



ଅବକାରୀ ସୁପରିଟେଣ୍ଡ ସୁମତୀ ତ୍ରୀପାଠୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ସେଠାରେ ଚଢାଉ କରିଥିଲେ । ଚଢାଉ ବେଳେ ସୁମନ୍ତ ଖସିବାକୁ ଉଦ୍ୟମ କଲାବେଳେ ତାକୁ କାବୁ କରିନେଇଥିଲେ ଟିମ୍ ।

# ଜମି ଦେବାକୁ କହି ୧୨ ଲକ୍ଷ ଠକେଇ

## ଶାରଳା ରିଅଲ୍‌କନ୍ ମାଲିକ ଗିରଫ



ଭୁବନେଶ୍ୱର, (ସବ୍ୟୁ) : ଜମି ଦେବାକୁ କହି ୧୨ ଲକ୍ଷ ଟଙ୍କା ନେବା ପରେ ଜମି ନଦେବାରୁ ଗୌରାଙ୍ଗ ସେନାପତିଙ୍କ ଏତଲା ଆଧାରରେ ସହୀଦନଗର ଥାନା ପୋଲିସ ଶାରଳା ରିଅଲ୍‌କନ୍ ମାଲିକ ଗୟାଧର ଜେନା (୫୪)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏତଲାକାରୀଙ୍କୁ ଏକ ଜମି ଦେଖାଇବା ପରେ ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ ବୋଲି ରିଅଲ୍‌କନ୍ ମାଲିକ କହିଥିଲା। ୩୦ ହଜାର ନଗଦ ଟଙ୍କା ଦେବା ପରେ ଅବଶିଷ୍ଟ ୧୧ ଲକ୍ଷ ୭୦ ହଜାର ଟଙ୍କା ପର୍ଯ୍ୟାୟକ୍ରମେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଟ୍ରାନ୍ସପର୍ କରିଥିବା ଏତଲାରେ ଲେଖିବା ସହ ପ୍ରମାଣ ମଧ୍ୟ ଦେଇଥିଲେ। ସମସ୍ତ ଟଙ୍କା ନେଇ ସାରିବା ପରେ ଅଭିଯୁକ୍ତ ଗୟାଧର ଅଭିଯୋଗକାରୀଙ୍କ ସହ ଏକ ଚୁକ୍ତି କରିଥିଲା।

ଟଙ୍କା ନେବାର ଅନେକ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଅଭିଯୋଗକାରୀଙ୍କ ନାମରେ କୌଣସି ଜମି ପଞ୍ଜିକରଣ କରାଇନଥିଲେ। ଉଭୟଙ୍କ ମଧ୍ୟରେ କଳିଝଗଡା ହେବାରୁ ଗୟାଧର ଏତଲାକାରୀ ଗୌରାଙ୍ଗଙ୍କୁ ଧମକଚମକ ଦେଇଥିବା ସେ କହିଛନ୍ତି। ଉପାୟଶୂନ୍ୟ ହୋଇ ଗୌରାଙ୍ଗ ସହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ଗୟାଧରକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

## ୱଣ୍ଡରଲା ପକ୍ଷରୁ ମାତୃତ୍ୱ ଦିବସ , ମା'ମାନଙ୍କୁ ମାଗଣା ପ୍ରବେଶ ସୁବିଧା

ଭୁବନେଶ୍ୱର, (ସବ୍ୟୁ) : ୱଣ୍ଡରଲା ହଲିଡେଜ୍ ଲିମିଟେଡ୍ ଚଳିତ ମାତୃତ୍ୱ ଦିବସରେ ଏହାର ସମସ୍ତ ଆମ୍ୟୁଜମେଣ୍ଟ ପାର୍କରେ ମା'ମାନଙ୍କ ପାଇଁ ମାଗଣା ପ୍ରବେଶ ପ୍ରଦାନ କରୁଛି ଏବଂ ମିଳିତ ଅନୁଭୂତି ପାଇଁ ପାରମ୍ପରିକ ଉପହାର ବାଣ୍ଟିବାକୁ ପରିବାରଗୁଡ଼ିକୁ ଆମନ୍ତ୍ରଣ କରୁଛି । ୨୦୨୫ ମଇ ୧୦ ଓ ୧୧ ତାରିଖରେ ମା' ମାନେ ସେମାନଙ୍କ ପିଲାମାନଙ୍କ ସହ କୋଚି, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଭୁବନେଶ୍ୱରର ୱଣ୍ଡରଲା ପାର୍କରେ ଏକ ସୀମିତ ଅଫର ଅଧୀନରେ ମାଗଣା ସୁବିଧା ପାଇବେ । ଏକ ସଂସ୍କୃତି, ଯେଉଁଠାରେ ଉତ୍ସବର ଅର୍ଥ ପ୍ରାୟତଃ କାହାକୁ କିଛି ଦେବା କୁ ହୋଇଥାଏ । ଏହି ପଦକ୍ଷେପ ଲୋକମାନଙ୍କୁ ସେମାନଙ୍କ ସହିତ କିଛି ଉପହାର ଦେବାକୁ ଅନୁରୋଧ କରୁଛି । ତାହା ହେଉଛି ସମୟ । ଏହି ଅଫର ଅନଲାଇନରେ ଅତି କମରେ ଗୋଟିଏ ପିଲା ସମେତ ସର୍ବନିମ୍ନ ତିନୋଟି ଟିକେଟ ବୁକିଂ କରୁଥିବା ପରିବାର ପାଇଁ ଲାଗୁ ହେବ, ଯେଉଁଥିରେ ମା'ଙ୍କୁ ମାଗଣା ପ୍ରବେଶ ସୁବିଧା ପ୍ରଦାନ କରାଯିବ । ଏହା ଟିକେଟ ଏବଂ ଭୋଜନ କମ୍ବୋରେ ମଧ୍ୟ ବୈଧ ଅଟେ ଯାହା ଏହାକୁ ପୂରା ଦିନର ଭ୍ରମଣ ପାଇଁ ଏକ ସୁବିଧାଜନକ ବିକଳ୍ପରେ ପରିଣତ କରିଛି । ଏହି ଅଫର କେବଳ ଅନଲାଇନ୍ ବୁକିଂ ଉପରେ ଉପଲବ୍ଧ ।

ମାଗଣା ପ୍ରବେଶ ଅଭିଯାନକୁ ସମର୍ଥନ କରିବା ପାଇଁ, ୱଣ୍ଡରଲା ଏହାର ସମସ୍ତ ପାର୍କରେ ସମ୍ପର୍କ, ଉଲ୍ଲାସ ଏବଂ ଆନନ୍ଦର ସ୍ପର୍ଶରେ ପରିପୂର୍ଣ୍ଣ ମାତୃତ୍ୱ ଦିବସକୁ ଏକ ଆନନ୍ଦଦାୟକ ଉତ୍ସବରେ ପରିଣତ କରୁଛି । ଉତ୍ସାହଜନକ 'ମମ୍ ଆଣ୍ଡ ମିଓ ଗେମ୍ ଏବଂ ଜୁମ୍ବା ଅଧିବେଶନଠାରୁ ଆରମ୍ଭ କରି କେକ୍ ସଜ୍ଜା କାର୍ଯ୍ୟକଳାପ ଏବଂ ଲାଇଭ ମନୋରଂଜନ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ, ପ୍ରତ୍ୟେକ ପାର୍କ ପରିବାରକୁ ଏକାଠି ଉତ୍ସବ ପାଳନ କରିବାର ଅନନ୍ୟ ଉପାୟ ପ୍ରଦାନ କରୁଛି । ବଛାବଛା ପାର୍କରେ ଅଂଶଗ୍ରହଣକାରୀ ମା'ମାନଙ୍କ ପାଇଁ ମସାଜ୍ ଚେୟାର ଏବଂ ମାଛ ସ୍ପା ଅନୁଭୂତି ସହିତ ଲାଉଞ୍ଜ ଜୋନ୍ ମଧ୍ୟ ରହିବ ଏବଂ ଥିମ୍ ପ୍ରତିଯୋଗିତାର ବିଜେତାମାନେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ବୁଫେ ଉପଭୋଗ କରିବାର ସୁଯୋଗ ପାଇବେ । ପିଲାମାନେ ନିଜ ମା'ଙ୍କ ପାଇଁ କେକ୍ ତିଆରି ହେଉ କିମ୍ବା ବନ୍ଧୁତ୍ୱପୂର୍ଣ୍ଣ ଆହ୍ୱାନ ସମୟରେ ହସ ବାଣ୍ଟିବା ସହ, ଏହି ମୁହୂର୍ତ୍ତଗୁଡ଼ିକ ମାତୃତ୍ୱର ମମତାକୁ ଦୈନନ୍ଦିନ ଯାହାକି ସମ୍ମାନ ଦେବା ପାଇଁ ପ୍ରସ୍ତୁତ କରାଯାଇଛି ଯାହା ପରିବାରକୁ ମନେ ପକାଇଦିଏ ଯେ ଶ୍ରେଷ୍ଠ ସ୍ମୃତି ତିଆରି ହୋଇଥାଏ, ଉପହାରରେ ମିଳି ନଥାଏ ।

# ଜମ୍ମୁରୁ ଓଡ଼ିଶା ଫେରିଲେ ଓଡ଼ିଆ ଛାତ୍ରଛାତ୍ରୀ



ଭୁବନେଶ୍ୱର(ସବ୍ୟୁ): ଓଡ଼ିଆ ଛାତ୍ରଛାତ୍ରୀମାନେ ଜମ୍ମୁରୁ ଆସି ଆଜି(ଶନିବାର) ଭୁବନେଶ୍ୱର ରେଳଷ୍ଟେସନ୍‌ରେ ପହଞ୍ଚିଛନ୍ତି । ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଏବଂ ବାଣିଜ୍ୟ ଓ ପରିବହନ ବିଭାଗରେ କାର୍ଯ୍ୟରତ ଅଧିକାରୀମାନେ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ । ଛାତ୍ରଛାତ୍ରୀଙ୍କୁ ଖାଦ୍ୟ, ପାନୀୟ ଜଳ ଆଦି ଯୋଗାଇ ଦିଆଯିବା ସହିତ ସେମାନେ ଯେପରି ନିଜନିଜ ଘରେ ସୁରକ୍ଷିତ ଭାବରେ ପହଞ୍ଚିପାରିବେ ତାହାର ବନ୍ଦୋବସ୍ତ ମଧ୍ୟ କରାଯାଇଛି ।

ସୂଚନାଯୋଗ୍ୟ ଯେ, ଜମ୍ମୁରୁ ଫେରି ଆସୁଥିବା ଛାତ୍ରଛାତ୍ରୀମାନଙ୍କର ସୁରକ୍ଷିତ ପ୍ରତ୍ୟାବର୍ତ୍ତନକୁ ସୁନିଶ୍ଚିତ କରିବା ସହିତ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି । ଓଡ଼ିଶା ସରକାରଙ୍କ ଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱରସ୍ଥିତ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନ୍ତର୍ଗତ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ଏଥିସହିତ ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି । ଛାତ୍ରଛାତ୍ରୀ ଏବଂ ତାଙ୍କ ପରିବାରବର୍ଗ ଦିଲ୍ଲୀସ୍ଥିତ କଣ୍ଟ୍ରୋଲ ରୁମ୍ (ଯୋଗାଯୋଗ- ୭୪୨୮୧୩୫୦୪୪, ୦୧୧-୨୪୬୭୯୨୦୧) ଓ ଭୁବନେଶ୍ୱରର ସଂସ୍କୃତି ଭବନ ଠାରେ କାର୍ଯ୍ୟକାରୀ କରାଯାଇଥିବା କଣ୍ଟ୍ରୋଲ ରୁମ୍ (ଯୋଗାଯୋଗ-୦୬୭୪-୨୪୩୧୯୪୫, ୯୫୮୩୩୨୧୯୭୪) ସହ ଯୋଗାଯୋଗ କରିପାରିବେ ।

## କ୍ରୀଡ଼ାର ବିକାଶ ନେଇ ବୁଝାମଣା

# କିଟ୍-କିସ୍ ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ

ଭୁବନେଶ୍ୱର, (ସବ୍ୟୁ): କିଟ୍ ଓ କିସ୍ ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଆକାଡେମୀ । ଏନେଇ ଶୁକ୍ରବାର କିଟ୍-କିସ୍ ଓ ଲିଆଣ୍ଡର ପେସ୍‌ଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ କିଟ୍ ଓ କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାକ୍ଷର କରିଥିବା ବେଳେ ଅନ୍ୟ ପକ୍ଷରେ ଲିଆଣ୍ଡର୍ ପେସ୍ ଏହି ବୁଝାମଣାରେ ସ୍ୱାକ୍ଷର କରିଛନ୍ତି । ବୁଝାମଣାପତ୍ର ଅନୁଯାୟୀ ଲିଆଣ୍ଡର ପେସ୍-ସାମନ୍ତ ଆକାଡେମୀ ଟେନିସ୍ ସମେତ ୧୬ଟି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବେ । କ୍ରୀଡ଼ା କ୍ଷେତ୍ରରେ ଏକ ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଭାବେ କିଟ୍ ଓ କିସ୍ ଭାରତରେ ମାଇଲଖୁଣ୍ଟ ସ୍ଥାପନ କରିଥିବାରୁ ଲିଆଣ୍ଡର କିଟ୍ ଓ କିସ୍ ସହ ସହବନ୍ଧିତ ହୋଇ ଏହାକୁ ଆହୁରି ଆଗକୁ ନେବା ପାଇଁ ଆଗେଇ ଆସିଛନ୍ତି । ଏଥି ନିମନ୍ତେ କିଟ୍-କିସ୍ ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇ ଦେବ ଏବଂ ଲିଆଣ୍ଡର ବୈଷୟିକ ଜ୍ଞାନ ସହ କ୍ରୀଡ଼ା କ୍ଷେତ୍ରରେ ଥିବା ତାଙ୍କର ବିଶେଷ ଜ୍ଞାନ ଯୋଗାଇ ଦେବେ। ଅଲମ୍ପିଆନ୍, ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା ପଦ୍ମ ଭୂଷଣ ଲିଆଣ୍ଡର ପେସ୍ ହେଉଛନ୍ତି ଭାରତୀୟ ପୂର୍ବତନ ଟେନିସ୍ ଖେଳାଳି, ପ୍ରଥମ



ଏସୀୟ ପୁରୁଷ ଯିଏକି ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମରେ ସ୍ଥାନ ପାଇଛନ୍ତି । ସେ ଆଠଟି ପୁରୁଷ ଡବଲ୍ସ ଏବଂ ଦଶଟି ମିଶ୍ରିତ ଡବଲ୍ସ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତି ରେକର୍ଡ କରିଛନ୍ତି ।

ଏହି ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଲିଆଣ୍ଡର ଖୁସି ବ୍ୟକ୍ତ କରିବା ସହ କ୍ରୀଡ଼ା କ୍ଷେତ୍ରରେ କିଟ୍ ଓ କିସ୍‌କୁ ବିଶ୍ୱରେ ପ୍ରତିଷ୍ଠିତ କରାଇବା ପାଇଁ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କିଟ୍ ଓ କିସ୍ରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ରହିଛି ବୋଲି ସେ କହିଛନ୍ତି । ଆଗାମୀ ୧୫ବର୍ଷ ମଧ୍ୟରେ ୨ଲକ୍ଷ ୫୦ ହଜାର କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ନେଇ ଲିଆଣ୍ଡର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି । କ୍ରୀଡ଼ା କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଥିବା ବିଶ୍ୱର ପ୍ରତିଭାମାନଙ୍କୁ ଆଣି ଏହି ଆକାଡେମୀ ମାଧ୍ୟମରେ ନୂତନ କ୍ରୀଡ଼ା ପ୍ରତିଭାଙ୍କ ଭାବାତ୍ମକ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ବିକାଶ ସହ ସେମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ବିଶେଷ ତାଲିମ ଓ ସୁଯୋଗ ଦିଆଯିବ । କିଟ୍ ଓ କିସ୍‌ରେ ମୁଁ ପ୍ରଥମ ଆକାଡେମୀ କରିବାକୁ ଯାଉଥିଓବାରୁ ବହୁତ ଆନନ୍ଦିତ ବୋଲି ଲିଆଣ୍ଡର କହିଛନ୍ତି । ଅନ୍ୟ ପକ୍ଷରେ ଶ୍ରୀ ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଗତ ୨୦ ବର୍ଷ ଧରି କ୍ରୀଡ଼ା ଓ କ୍ରୀଡ଼ାବିଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛି । ପଦ୍ମଭୂଷଣ ଲିଆଣ୍ଡର ପେସ୍‌ଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କ୍ରୀଡ଼ାର ପ୍ରସାର ନେଇ ଆମ ସହ ଯୋଡ଼ି ହୋଇଥିବାରୁ କିଟ୍ ଓ କିସ୍ ତାଙ୍କୁ କୃତଜ୍ଞତା ଜଣାଉଛି । ଏହା ନିଶ୍ଚିତ ଭାବେ ଆମ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି । ଏହି କ୍ରୀଡ଼ା ଆକାଡେମୀ ପ୍ରତିଷ୍ଠା ହେବା ଦ୍ୱାରା କ୍ରୀଡ଼ାବିତ ବିଶେଷକରି ଓଡ଼ିଶାର କ୍ରୀଡ଼ାବିତମାନେ ଉପକୃତ ହେବେ ବୋଲି ଶ୍ରୀ ସାମନ୍ତ କହିଛନ୍ତି ।

# ସହରରେ କଂଗ୍ରେସ ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

କଟକ (ସବ୍ୟୁ): ଶନିବାର ଅପରାହ୍ନରେ ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ଆହ୍ୱାନ କ୍ରମେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିଦୋଷଙ୍କ ନେତୃତ୍ୱରେ ଆମ ବୀର ଯବାନ ମାନଙ୍କ ଉଦ୍ଦେଶ୍ୟରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବକ୍ସି ବଜାର ସ୍ଥିତ ଗୋପବନ୍ଧୁ ବାଗ ଛକ ଠାରୁ ଆରମ୍ଭ କରି ଗୌରୀ ଶଙ୍କର ପାର୍କ ଠାରେ ସମାପ୍ତ କରାଯାଇଥିଲା । ଏଥିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ଓଡିଶା ପ୍ରଭାରି ଅଜୟ କୁମାର ଲଲ୍ଲୁ ଯୋଗଦେଇ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାକୁ ସମ୍ବୋଧିତ କରିଥିଲେ । ଏଥିରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ ଓ ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ, ଶରତ ରାଉତ ଯୋଗ ଦେଇଥିଲେ । ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ କଟକ ସହର ମୁରବି, ଶାନ୍ତି କମିଟି, ଏନସିସି, ଟାଇକୋଣ୍ଡ, କଟକ ସହରର ବିଭିନ୍ନ ଅନୁଷ୍ଠାନ ସମେତ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ । ଶେଷରେ କଂଗ୍ରେସ ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ଶେଠୀ, ଡ ଦେବାଶିଷ ପଟ୍ଟନାୟକ, ଚିନ୍ମୟ ବେଉରା, ଡ ବିଶ୍ୱ ମହାନ୍ତି, ଗିରିବାଳା ବେହେରା, ଶୈଳବାଳା ଜେନା, ଛାତ୍ର କଂଗ୍ରେସ ସଭାପତି ଉଦିତ ସୂର୍ଯ୍ୟକାନ୍ତ ରାଉତ, ଶରତ ଚନ୍ଦ୍ର ଶେଠୀ, ସତ୍ୟାନନ୍ଦ ରାଉତ, ଅମ୍ରିତା ଦାସ, ଆର୍ଯ୍ୟବୀର ଲେଙ୍କା, ସ୍ମରତି ରଞ୍ଜନ ଲେଙ୍କା, ସ୍ମରତି ରାଉତ, କୃଷ୍ଣ ମହାନ୍ତି, କିଶୋର ଜେନା, ଇର୍ସାଦ ଖାନ, ସେକ



ପ୍ରଧାନ, ନିକୁଞ୍ଜ ପସାୟତ, ବିଶ୍‌ଜିତ ଦାସ, କର୍ପୋରେଟର ସନ୍ତୋଷ ଭୋଳ, ଶୁବାଶିଷ ପଟ୍ଟନାୟକ, ଜେ କାମେଶ୍ୱର ରାଓ, ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପସାୟତ, ବଟକୃଷ୍ଣ ସାହୁ, ଜନାର୍ଦ୍ଦନ ପରିଡା ଓ ଭାନୁ ସେନାପତି, ସେକ ଲିଆକତ ଉଦ୍ଦିନ, ଗୁଲାମମୋଇଦ୍ଦିନ, ଶୟଦ ରମଜାନ ଅଲ୍ଲୀ, ସୁରଜିତ ସାହୁ, ଅଜୟ ଗୋଛାୟାତ, ପ୍ରତାପ ପରିଡା, ଦିଲ୍ଲୀପ ମହାନ୍ତି, ଅନିଲ ବେଉରା, ସନ୍ତାୟନ ମିଶ୍ର, ନରେଶ ମହାନ୍ତି, ମୁଜୀବୀର ଖାନ, ସେକ ଜାକିର ପ୍ରମୁଖ ଯୋଗ ଦେଇଥିଲେ ।

# ଜଳଛତ୍ର ନାଁରେ ଦୁର୍ନୀତି, କେବେ ସୁଧୁରିବ ମହାନଗର ନିଗମ

ବ୍ରହ୍ମପୁର, (ସବ୍ୟୁ) : ଗୋଟିଏ ପରେ ଗୋଟିଏ ଦୁର୍ନୀତି ଅନିୟମିୟତା ଓ କେଳେଙ୍କାରୀରେ ଛନ୍ଦି ହୋଇ ପଡ଼ିଥିବା ମହାନଗର ନିଗମ ସୁଧୁରିବାରେ ନାଁ ଧରୁନାହିଁ । ଯେକୌଣସି ବିଭାଗର ଯେ କୌଣସି କାମକୁ ଲକ୍ଷ୍ୟକଲେ କୋଟି କୋଟି ଟଙ୍କାର ଅନିୟମିୟତା ଓ ଦୁର୍ନୀତି ସ୍ପଷ୍ଟ ବାରି ହୋଇପଡୁଛି । ରୋଡ, ଡ୍ରେନ ଠାରୁ ଆରମ୍ଭ କରି ମଶା ମରା, ବନ୍ଧ ଖୋଳା, ଗଛ ଲଗା,କାନ୍ଥରେ ଚିତ୍ର ଆଙ୍କିବା, ପାର୍କ ନବୀକରଣ, ବାଉଁଶ ବ୍ୟାରିକେଟ, ସ୍ୱାୟତ୍ତ ଶାସନ ଦିବସ ପାଳନରେ କୋଟି କୋଟି ଟଙ୍କାର ଦୁର୍ନୀତି ଓ ଅନିୟମିୟତା ନଜରକୁ ଆସୁଛି । ନିକଟରେ ବ୍ରହ୍ମପୁରର ଜଣାଶୁଣା ଆଇନଜୀବୀ ତଥା ବିଜେପି ନେତା, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ଖରାଦିନେ ଲୋକଙ୍କୁ ପିଇବା ପାଇଁ ମହାନଗର ନିଗମ ତରଫରୁ ଯେଉଁ ଜଳଛତ୍ର ଖୋଲାଯାଉଛି ସେଥିପାଇଁ ମହାନଗର ନିଗମ କେତେ ଟଙ୍କା ଖର୍ଚ୍ଚ କରିଛି ବୋଲି ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ଚାହିଁଥିଲେ ।

ମହାନଗର ନିଗମ ଗତ ପାଞ୍ଚ ବର୍ଷର ଦେଇଥିବା ତଥ୍ୟ ଅନୁଯାୟୀ ୨୦୨୧ ଓ ୨୦୨୨ ମସିହାରେ ସହରରେ କୌଣସି ଜଳଛତ୍ର ଖୋଲାଯାଇ ନଥିବା ପ୍ରକାଶ କରିଛି । ୨୦୨୩ ମସିହାରେ ସହରରେ ମାତ୍ର ଚାରୋଟି ଜଳଛତ୍ର ଖୋଲା ଯାଇଥିଲା । ତେବେ ୨୦୨୪ ମସିହାରେ ହଠାତ୍ ମହାନଗର ନିଗମ ସହରରେ ୫୩ ଗୋଟି ଜଳଛତ୍ର ଖୋଲିଥିଲା ଓ ସେଥିପାଇଁ ୨୩ ଲକ୍ଷ ୮୭ ହଜାର ୫୦୫ ଟଙ୍କା ଖର୍ଚ୍ଚ କରିଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଛି । ଏହି ଘଟଣାକୁ ନେଇ ଆଇନଜୀବୀ ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି ଯେ ୨୦୨୩ ମସିହାରେ ମାତ୍ର ଚାରୋଟି ଜଳଛତ୍ର ଖୋଲିଥିବା ବେଳେ ୨୦୨୪ ମସିହାରେ ୫୩ ଗୋଟି ଜଳ ଛତ୍ର ଖୋଲିବାର ଲୁକ୍କାୟିତ ଉଦ୍ଦେଶ୍ୟ କଣ ଥିଲା ? ଖୋଲା ବଜାରରେ ପାଣିକୁ ଶୁଦ୍ଧ କରୁଥିବା ୪୦ ଲିଟର୍ ମେସିନ୍ ର ଦାମ୍ ୪୦ ହଜାର ଟଙ୍କା ମାତ୍ର। ଏହାକୁ ଯଦି ସହରର ବିଭିନ୍ନ ଛକ ମାନଙ୍କରେ ସ୍ଥାୟୀ ଭାବରେ ପ୍ରତିଷ୍ଠା କରାଯାଇ ପାରିଥାନ୍ତା ତେବେ ଏହି ବିପୁଳ ଧନ ରାଶିରେ ପ୍ରାୟ ୪୭ ଗୋଟି ପାଣି ଶୁଦ୍ଧ କରୁଥିବା ମେସିନ୍ ସ୍ଥାୟୀ ଭାବରେ ସହରରେ ବସା ଯାଇପାରିଥାନ୍ତା। ଜନ ସାଧାରଣ ବର୍ଷ ତମାମ ଶୁଦ୍ଧ ପିଇବା ପାଣି ଏଥିରୁ ପାଇ ପାରିଥାନ୍ତେ । ବ୍ରହ୍ମପୁର ମହାନଗର ନିଗମ ଝିଣ୍ଟିକା ମାରି ବଣି ପୋଷିବା ନାଁରେ ଏହି ବିପୁଳ ଧନ ରାଶି ସ୍ୱଂୟ ସହାୟକ ଗୋଷ୍ଠୀ ର ମହିଳା ମାନଙ୍କ ଦ୍ୱାରା ଖର୍ଚ୍ଚ କରିଥିବା ପ୍ରକାଶ କରିଛନ୍ତି । ଲୋକଙ୍କ ଟଙ୍କାକୁ ହରି ଲୁଟ କରିବା ବନ୍ଦ କରିବା ସହ ଏହି ଘଟଣାର ତଦନ୍ତ କରାଯାଉ ବୋଲି ଆଇନଜୀବୀ ପୀତବାସ ପଣ୍ଡା ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

# ବାରିପଦାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ




ବାରିପଦା, (ସବ୍ୟୁ) : ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ମୋଟ ୯୩୫୪ଟି ମାମଲା ମଧ୍ୟରୁ ୨୪୯୧ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୨କୋଟି ୧୩ଲକ୍ଷ ୮୭ହଜାର ୨୦ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅରବିନ୍ଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ସମ୍ପର୍କିତ ୪୭୨୪ଗୋଟି ମାମଲା ମଧ୍ୟରୁ ୨୩୬ଟି ଅଦାଲତରେ ଅପୋଷ ବିଚାର ହୋଇ ୯୯ଲକ୍ଷ ୨୪ହଜାର ୭୨ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି । ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୪୬୩୦ଗୋଟି ମାମଲା ମଧ୍ୟରୁ ଏନ.ଆଇ.ଆକ୍ଟ ଧାରା ୧୩୮ଅନ୍ତର୍ଗତ ୧୪୭ଟି ମାମଲା ମଧ୍ୟରୁ ୧୮ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୮୪ଟି ରୁ ୧୩ଟି, ମୋଟର ଯାନ ଦୁର୍ଘଟଣା ମାମଲା ୨୨୪ଟି ରୁ ୫ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୪୩ଟି ମାମଲା ମଧ୍ୟରୁ ୨୧ଟି, ରାଜସ୍ୱ ମାମଲା ୨୯୮୨ଟି ମଧ୍ୟରୁ ୧୭୩୯ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୨୧୪ଟି ମଧ୍ୟରୁ ୫୬ଟି, ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୪୦୩ଟି ମିଶାଇ ମୋଟ ୨୨୫୫ଟି ମାମଲାର ଫଇସଲା କରାଯାଇ ମୋଟ ୧କୋଟି ୧୪ଲକ୍ଷ ୬୨ହଜାର ୯ଶହ ୪୮ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ପ୍ରଜ୍ୟୋତି ରାଉତ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସତ୍ୟନାରାୟଣ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ସୁମନ କୁମାର ମିଶ୍ର, ସିନିୟର ସିଭିଲ ଜଜ୍ (ଏଲ୍ଆର ଓ ଏଲ୍ଡିଭି ) ସୁଦାମ ଚରଣ ଦାଶ, ସିନିୟର ସିଭିଲ୍ ଜଜ ଡାଃ ନିଶାକର ସାହୁ, ଅତିରିକ୍ତ ସିନିୟର ସିଭିଲ ଜଜ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ ଜଜ୍ କୈଳାଶ ସାହୁ, ରେଜିଷ୍ଟ୍ରାର ନୀହାର ରଞ୍ଜନ ସାହୁ, ଏସ.ଡି.ଜେ.ଏମ. କୁଓ୍ୱେଲ ପଟ୍ଟନାୟକ, ଜେଏମଏଫସି–୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମଏଫସି ଦୀପାଳୀ ଦାସ ଜେଏମଏସସି କୁମାରୀ ମଧୁଶ୍ରବା ମହାନ୍ତି, କୁମାରୀ ସୀମା ଅଗରୱାଲା, ଶୁଭ୍ରାଂଶୁ ଠାକୁର ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବୀ ତାପସ କୁମାର ଦତ୍ତ, ପ୍ରଦୀପ କୁମାର ଜେନା, ପ୍ରଣତୀ ମୁର୍ମୁ ଓ ଜୟଶ୍ରୀ ଦାସ ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ବିଭିନ୍ନ ରାଷ୍ଟ୍ରାୟତ/ଘରୋଇ ବ୍ୟାଙ୍କ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଖଣ୍ଡା ଦେଖାଇ ଦାଦାବଟି ଆଦାୟ ଅଭିଯୋଗ: ଜଣେ ଗିରଫ



ଭଞ୍ଜନଗର, (ସବ୍ୟୁ): ଖଣ୍ଡା ଦେଖାଇ ଦାଦାବଟି ମାଗିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ। ଗାଙ୍ଗପୁର ଥାନା ଅନ୍ତର୍ଗତ ବୋରି – ବିଞ୍ଜଗିରି ରାସ୍ତା ନିର୍ମାଣ ଚାଲିଥିବା ବେଳେ, ରାସ୍ତା କାର୍ଯ୍ୟ ବୁଝାସୁଝା କରୁଥିବା ସଂପୃକ୍ତ ବ୍ୟକ୍ତି ଶୁଶାନ୍ତ କୁମାର ସାହୁ, ଏନେଇ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଠାରୁ ନଗଦ ୫ ହଜାର ଟଙ୍କା ଝାମ୍ପି ନେଇଥିଲେ ବାଇକ୍‌ରେ ଆସିଥିବା ଦୁଇ ଜଣ ଦୁର୍ବୃତ୍ତ । ସେମାନେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ବାରଟା ଗ୍ରାମର କାହ୍ନା ସ୍ୱାଇଁ ଓରଫ୍ ଆତଙ୍କ ଏବଂ ପାଲକଷଣ୍ଡା ଗ୍ରାମର ରାଜା ଜେନା।। ଅଭିଯୋଗ ଆଧାରରେ ଗାଙ୍ଗପୁର ଥାନା ପୋଲିସ ୩୦୭/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ ତଦନ୍ତକାରୀ ଅଧିକାରୀ ତଥା ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ । ଏହି ଘଟଣାରେ ଅଭିଯୁକ୍ତ କାହ୍ନାକୁ ଗିରଫ କରିବା ସହ ତାଠାରୁ ନଗଦ ୪୨୦୦ ଟଙ୍କା ଏବଂ ଗୋଟିଏ ଖଣ୍ଡା ଜବତ କରାଯାଇଥିବା ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୧୪୫ ମାମଲାର ଫଇସଲା

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ସିଭିଲ କୋର୍ଟ ପରିସରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ତାଲୁକ ଆଇନ ସେବା କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଞ୍ଜନଗର ଅତିରିକ୍ତ ଜିଲା ଦୌରା ଜଜ୍ ତଥା ତାଲୁକ ଆଇନ ସେବା କମିଟି ଅଧକ୍ଷ ଶେଖ ମହମ୍ମଦ କଏସ, ବରିଷ୍ଠ ଦେୱାନି ବିଚାରପତି ଦେବାଶିଷ ବିଷୋୟୀ, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌମ୍ୟ ରଞ୍ଜନ ପୃଷ୍ଟି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଭିଏନା ନାୟକ ଏହି ଲୋକ ଅଦାଲତରେ ଯୋଗଦେଇ ମାମଲା ଗୁଡିକର ଫଇସଲା କରିଥିଲେ। ସର୍ବମୋଟ ୨୧୪୫ ମାମଲା ଲୋକ ଅଦାଲତରେ ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ମୋଟର ଦୁର୍ଘଟଣା ଜନିତ ୨ ଟି ମାମଲା ଫଇସଲା କରାଯାଇ ୧୬ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ବାବଦକୁ ହିତାଧିକାରୀଙ୍କୁ ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଥିଲେ। ଦୁଇଟି ଚେକ ବାଉନ୍ସ ମାମଲା ଫଇସଲା କରାଯାଇ ୯ ଲକ୍ଷ ୨୦ ହଜାର ଟଙ୍କା ହିତାଧିକାରୀଙ୍କୁ ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୨୦୯୬ ଟି ରାଜସ୍ୱ ମାମଲାର ଫଇସଲା କରାଯାଇଛି । ବ୍ୟାଙ୍କ ସଂପର୍କିତ ୨ ଟି ମାମଲା ଫଇସଲା କରାଯାଇ ୪ ଲକ୍ଷ ୯୧ ହଜାର ୮୬୬ ଟଙ୍କା ଆଦାୟ କରାଯାଇଛି । ଏଥିସହ ବୈବାହିକ ମାମଲା ୩ ଟି ମଧ୍ୟ ଫଇସଲା କରାଯାଇଛି । ଏହିଭଳି ସର୍ବମୋଟ ୨୧୪୫ ଟି ମାମଲା ଫଇସଲା କରାଯାଇଛି। ଲୋକ ଅଦାଲତ ବେଞ୍ଚ ସଦସ୍ୟ କୃତିବାସ ବିଶାଳ, ଓକିଲ ରମେଶ ଚନ୍ଦ୍ର ପଣ୍ଡା, ତାଲୁକ ଆଇନ ସେବା କମିଟି ସଦସ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ବାର୍ ଆସୋସିଏସନ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର, ଆଇନଜୀବୀ ବଂଶୀଧର ପ୍ରଧାନ, ସନ୍ତୋଷ କୁମାର ତିଆଡି, ସୁଧିର ରଞ୍ଜନ ମହାପାତ୍ର, ଡଃ. ସୁଶାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ମାମଲା ଗୁଡିକର ଫଇସଲା କରିବାରେ ସହଯୋଗ କରିଥିଲେ। କୋର୍ଟ କର୍ମଚାରୀ ଆଦିତ୍ୟ ନାରାୟଣ ରଥ, ସୁନୀଲ ମୁଦୁଲି, ପବିତ୍ର ପ୍ରଧାନ, ପ୍ରଦୀପ କୁମାର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଯୁବକଙ୍କୁ ଆକ୍ରମଣ ଅଭିଯୋଗ: ଜଣେ ଅଟକ

ବ୍ରହ୍ମପୁର, (ସବ୍ୟୁ): ଜଣକୁ ମାରିବାକୁ ଯାଇ ଅନ୍ୟଜଣେ ଯୁବକଙ୍କୁ ହାଣିଦେଲେ। ଏନେଇ ଅଟକ ଅଭିଯୁକ୍ତଙ୍କୁ ଜେରା ବେଳେ ପୋଲିସ ଜାଣିବାକୁ ପାଇଛି। ନିମଖଣ୍ଡି ପୋଲିସ ଏଥିରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ କାବୁ କରିଛି। ସେହେଲେ ସଲମାନ ଓରଫ ଫେରାଦ ଅଲି ବେଗ। ଅନ୍ୟତମ ଅଭିଯୁକ୍ତ ଫେରାର ରହିଥିବା ପୋଲିସ କହିଛି। ସ୍ଥାନୀୟ ବାପୁଜି ନଗର ପଞ୍ଚମ ଲାଇନରେ ରହୁଥିବା ଶମ୍ଭୁ ଗୌଡ଼ ଗୁରୁତର ହୋଇ ଏମକେସିଜିରେ ଚିକିତ୍ସାଧୀନ ଅଛନ୍ତି। ବାପୁଜି ନଗର ପଞ୍ଚମ ଲାଇନରେ ଶମ୍ଭୁ ଗୌଡ଼ ରୁହନ୍ତି। ଶୁକ୍ରବାର ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତମାନେ ଉକ୍ତ ଘରେ ରହିଥିବା ଯୁବକଙ୍କୁ ମାରିବାକୁ ଯାଇଥିଲେ। ଉକ୍ତ ଘର କବାଟ ବାଡେଇବାରୁ ଶମ୍ଭୁ ଖୋଲିଥିଲେ। ହେଲେ ଅପରାଧୀ ମାନେ ତାଙ୍କୁ ସେଠାରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ଶମ୍ଭୁ ଆହତ ହୋଇଥିବା ବେଳେ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ଘଟଣାକୁ ନେଇ ଶମ୍ଭୁଙ୍କ ମାଆ ସୁଶମା ଗୌଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ୧୪୪/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ସଲେମାନଙ୍କୁ କାବୁ କରି ଜେରା କରୁଛି ।

# ବିଶ୍ୱ ମାତୃ ଦିବସ ଅବସରରେ ବାଲୁକା ଶିଳ୍ପୀ ସତ୍ୟଙ୍କ କଳା କୃତି

ବ୍ରହ୍ମପୁର, (ସବ୍ୟୁ): ବିଶ୍ୱ ମାତୃ ଦିବସ ପାଳନ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ୫ଟି କ୍ଷୁଦ୍ର କଳା କୃତି କାଠ ଓ ଆଇସକ୍ରିମ କାଠିରେ ମା ଓ ଶିଶୁଙ୍କ ପ୍ରତିକୃତି କରିଛନ୍ତି। ମା' ଶବ୍ଦ ଟି ଅତି ମଧୁର ଓ ନିଆରା। ମା' ର ପଣତକାନିରେ ପିଲାବେଳେ ଆମେ ଲୁଚି ଦୁନିଆ ଦେଖୁଥିଲେ । ତା କୋଳରେ ଶୋଇଯାଉଥିଲେ ତା ର ସ୍ନେହ ଆଦର ଆମକୁ ଶାନ୍ତି ଦେଉଥିଲା । ଆଜି କିନ୍ତୁ ଅଲଗା । ଏହି କଳାକୃତି କରିବାର ଉଦ୍ଦେଶ୍ୟ ହେଉଛି ଆଜି କାଲିର ଯୁବପିଢୀ ପଇସାରେ ମା ଓ ବାପାଙ୍କୁ ତୁଳନା କରି ନିଜ ପିତା ମାତାଙ୍କୁ ବୃଦ୍ଧ ଆଶ୍ରମକୁ ଛାଡ଼ି ଦିଅନ୍ତି। ଏହା ଦୁଃଖଦାୟକ । ଥରେ ଭାବନ୍ତୁ ଯେତେବେଳେ ଆମେମାନେ ଛୋଟ ଥିଲେ ଆମ କଥା କିଏ ବି ବୁଝିପାରୁ ନଥିଲେ, କେବଳ ମା ହିଁ ବୁଝି ପାରୁଥିଲା । ସେ ନିଜେ ନଖାଇ ଆମକୁ ଖୁଆଇ ଦେଉଥିଲା। କିନ୍ତୁ ଆଜି ଆମେ କିଛି ବୁଝିପାରୁ ନାହିଁ। ଖାଇବାକୁ ବି ମୁଠିଏ ଦେଇ ପାରୁନେ । ବାହାରକୁ ଛାଡ଼ିଦେଉଛେ । ଆସନ୍ତୁ ଆଜି ଶପଥ ନେବା ପିତାମାତାଙ୍କୁ ସେବା କରିବା ଓ ଭଲ ପାଇବା । ଆଜି ମୁଁ ଯାହା ବି ହୋଇଛି ଆଜି ମୋ ମା ଙ୍କ ପାଇଁ ବୋଲି ସେ କହିଛନ୍ତି।

# ଅଭିନବ ମାନବ ସମ୍ବଳ ପଦକ୍ଷେପ ପାଇଁ ଟିପିଏସ୍‌ଓଡିଏଲକୁ ଓଡ଼ିଶା ଲିଡରସିପ୍ ଆୱାର୍ଡ଼




ବ୍ରହ୍ମପୁର, (ସବ୍ୟୁ): ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଅଭିନବ ପଦକ୍ଷେପ ଓ ପରିଚାଳନା ପାଇଁ ଓଡ଼ିଶା ଲିଡରସିପ୍ ଆୱାର୍ଡ଼ ୨୦୨୫ରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପୁରସ୍କୃତ ହୋଇଛି । ଏହି ପୁରସ୍କାର ନୂତନ ମାନବ ସମ୍ବଳ ପଦକ୍ଷେପ ମାଧ୍ୟମରେ ଏକ ପ୍ରଗତିଶୀଳ ଏବଂ ଲୋକ କୈନ୍ଦ୍ରିକ କର୍ମକ୍ଷେତ୍ର ନିର୍ମାଣ ଦିଗରେ ଟିପିଏସ୍‌ଓଡିଏଲର ପ୍ରୟାସକୁ ଦର୍ଶାଉଛି। କମ୍ପାନୀର ବିଭିନ୍ନ ପଦକ୍ଷେପ, ସଫଳତା, ଗଣମାଧ୍ୟମରେ କଭରେଜ୍ ଏବଂ ସହାୟକ ଡକ୍ୟୁମେଣ୍ଟ ଇତ୍ୟାଦିର ବିଶଦ ମୂଲ୍ୟାୟନକୁ ଆଧାର କରି ପୁରସ୍କାର ପାଇଁ ଚୟନ କରାଯାଇଥିଲା । କର୍ମଚାରୀ ନିୟୋଜନ ଓ ସେମାନଙ୍କ କଲ୍ୟାଣ, ବିବିଧତା, ନିରନ୍ତର ଶିକ୍ଷଣ, ଡିଜିଟାଲ ଜ୍ଞାନକୌଶଳର ପ୍ରୟୋଗ ତଥା ଏକ ସମାବେଶୀ କର୍ମ ସଂସ୍କୃତି ଗଠନ ଉପରେ ଟିପିଏସ୍‌ଓଡିଏଲ୍ ଗୁରୁତ୍ୱ ଦେଇଆସିଛି। ଏସବୁ ପଦକ୍ଷେପ କର୍ମଚାରୀମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ବ୍ୟାବସାୟିକ ଲକ୍ଷ୍ୟ ସହ ଯୋଡ଼ିଥାଏ। ବିଭିନ୍ନ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ଉପସ୍ଥିତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ମାନବ ସମ୍ବଳ ବିଭାଗ ମୁଖ୍ୟ ସଞ୍ଜୀବ କୌଶିକ ଏବଂ ମାନବ ସମ୍ବଳର ଡେପୁଟି ଜେନେରାଲ ମ୍ୟାନେଜର ସୁନିଲ କୁମାର ରଥ ପୁରସ୍କାର ଗ୍ରହଣ କରିଥିଲେ ।

ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଏହି ସମ୍ମାନଜନକ ପୁରସ୍କାର ପାଇଥିବାରୁ ଆମେ ସମସ୍ତେ ଗର୍ବିତ, ଯାହା ଏକ ପ୍ରେରଣାଦାୟୀ ଓ ସମାବେଶୀ କର୍ମକ୍ଷେତ୍ର ନିର୍ମାଣ ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଏ। ଆମେ କାର୍ଯ୍ୟକ୍ଷେତ୍ରରେ ଏଭଳି ପରିବେଶ ତିଆରି କରିଛୁ, ଯେଉଁଠାରେ କର୍ମଚାରୀମାନେ ଉତ୍କର୍ଷ ହାସଲ କରିବା ଦିଗରେ ଅଗ୍ରସର ହୁଅନ୍ତି। ଏଥିପାଇଁ ମୁଁ ଆମର ମାନବ ସମ୍ବଳ ବିଭାଗ ଏବଂ ଟିପିଏସ୍‌ଓଡିଏଲର ପ୍ରତ୍ୟେକ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ସମ୍ମାନଜନକ ସ୍ୱୀକୃତି ସହ ଟିପିଏସ୍‌ଓଡିଏଲ୍ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ହୋଇପାରିଛି। ଯାହା ଫଳରେ ଉଭୟ କର୍ମଚାରୀ ଓ ଅନୁଷ୍ଠାନର ଅଭିବୃଦ୍ଧି ହେଉଅଛି।

# ଶେଷ ହେଲା ଶନିଦେବଙ୍କ ବାର୍ଷିକ ଉତ୍ସବ

ବାରିପଦା, (ସବ୍ୟୁ) : ଶନି ଦେବଙ୍କ ବଡ଼ ଉଷାର ଉଦ୍‌ଯାପନି ଉତ୍ସବ । ମୟୂରଭଞ୍ଜର ଏକମାତ୍ର ଶନିଦେବ ପୀଠ ରହିଅଛି । ଗ୍ରହରାଜ ଶନିଦେବ ୧୯୮୨ ମସିହାରେ ଠାରୁ ବାରିପଦାର ୱାଲିଗଞ୍ଜ, ୱାଡ ନଂ.–୩ ଠାରେ ପୂଜା ପାଇଆସୁଛନ୍ତି । ଏହି ପୀଠକୁ ପ୍ରତ୍ୟେକ ଶନିବାର ମୟୂରଭଞ୍ଜ ଏବଂ ତାର ଆଖପାଖ ଜିଲ୍ଲା ଓ ରାଜ୍ୟରୁ ହଜାର ହଜାର ଭକ୍ତ ଶନିଦେବଙ୍କ ଦର୍ଶନ କରିବାକୁ ଆସିଥାନ୍ତି । ବର୍ଷକୁ ଗୋଟିଏ ମାସ ଏହି ମହାଗ୍ରହ ପୀଠରେ ଶନିଦେବଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଥାଏ । ଏହି ବର୍ଷ ଶନିଦେବଙ୍କ ବଡ଼ ଉଷା ଏପ୍ରିଲ୍ ୧୯ତାରିଖରୁ ଆରମ୍ଭ ହୋଇ ମଇ ୧୦ତାରିଖ ଉଦ୍‌ଯାପନି ଉତ୍ସବ ପାଳିତ ହୋଇଯାଇଛି । ଆଜି ହେଉଛି ବୈଶାଖ ମାସ ଶେଷ ଶନିବାର, ଏହି ଦିନ ଶନି ଦେବଙ୍କ ବାର୍ଷିକ ଉତ୍ସବର ଚତୁର୍ଥ ପାଳି ଅନୁଷ୍ଠିତ ହଇଯାଇଅଛି । ଏହି ମହାଗ୍ରହ ପୀଠରେ ଶନିଦେବଙ୍କ ଦର୍ଶନ ପାଇଁ ଆଜି ଲକ୍ଷ ଲକ୍ଷ ଭକ୍ତ ଆସି ଏହି ପୀଠରେ ପହଞ୍ଚି ଥିଲେ । ଆଜି ସକାଳୁ ଶନି ଦେବଙ୍କୁ ପବିତ୍ର ସ୍ନାନ କରାଗଲା, ତାପରେ ଶନି ଦେବଙ୍କ ନୂତନ ବସ୍ତ୍ର ପରିଧାନ କରିବା ପରେ ବାବାଙ୍କ ବାଲ୍ୟ ପ୍ରସାଦ ଲାଗିଲା ପରେ ଭକ୍ତଙ୍କୁ ତାହା ବଣ୍ଟନ କରାଯାଇଥିଲା । ମନ୍ଦିରରେ ଭକ୍ତ ମାନେ ମାସ ସାରା ଉପାସ ରହି ଶନିଦେବଙ୍କର ପୂଜା ଅର୍ଚ୍ଚନା କରିଥାନ୍ତି । ଏହି ପୀଠରେ ଏକ ନିଆରା ପରମ୍ପର ଅନୁଯାୟୀ ଉଦ୍‌ଯାପାନୀ ଉତ୍ସବ ଦିନ ନୂତନ ବସ୍ତ୍ର ପରିଧାନ କରି, ପବିତ୍ର ଯୋଡ଼ା ଆମ୍ବ ଗଛ ମୂଳରେ ପାଣି ଢାଳି ଭକ୍ତ ମାନେ ନିଜ ବ୍ରତକୁ ଭଙ୍ଗ କରି ପୀଠ ପରିସରରେ ପ୍ରସାଦ ବଣ୍ଟନ କରାଯାଇଥିଲା । ଏହି ଉତ୍ସବକୁ ସୁଚାରୁ ରୂପରେ ପରିଚାଳନା କରିବାପାଇଁ ଶନି ପୀଠର ପରିଚାଳନା କମିଟି ବୃନ୍ଦ ସହ ୩ ନମ୍ବର ୱାର୍ଡ କାଉନ୍‌ସିଲର ରାଜ୍ ଗୁପ୍ତା ଏବଂ ଭକ୍ତ ମାନେ ସହଯୋଗ କରିଥିଲେ ।

# ପାକିସ୍ତାନ ଆତଙ୍କବାଦ ବିରୁଦ୍ଧରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ 'ଜୟ ହିନ୍ଦ ତ୍ରିରଙ୍ଗା ଯାତ୍ରା'



ବାରିପଦା, (ସବ୍ୟୁ) : ପାକିସ୍ତାନର ଆତଙ୍କବାଦ ବିରୁଦ୍ଧରେ ଜିଲ୍ଲା କଂଗ୍ରେସ କମିଟି ତରଫରୁ ବାରିପଦାରେ 'ଜୟ ହିନ୍ଦ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଥିଲା। କୃଷ୍ଣଚନ୍ଦ୍ର ଗୋଲେଇ ଠାରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଗୋଲେଇ ପର୍ଯ୍ୟନ୍ତ ଯାଇଥିଲା। ଆତଙ୍କବାଦ ବିରୁଦ୍ଧରେ ଆମେ ସମସ୍ତେ ଭାରତୀୟ ଆମର ବୀର ଜବାନ ମାନଙ୍କ ସହ ରହିଛୁ ଏବଂ ରହିବୁ, ଆମର ସେନା ଆମର ଗର୍ବ। ଆତଙ୍କବାଦ ବିରୁଦ୍ଧରେ ଭାରତୀୟ ବୀର ଜବାନ ମାନଙ୍କ ସମ୍ମାନାର୍ଥେ ଏହି ଲଢେଇରେ ଆମେ ସମସ୍ତେ ଦଳମତ ନିର୍ବିଶେଷରେ ଏକ ହୋଇ ଲଢିବୁ ଏହି ବାର୍ତ୍ତା ଏ ଶୋଭାଯାତ୍ରାର ମୂଳମନ୍ତ୍ର। ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ, ଅଶୋକ ଅଧିକାରୀ, ପ୍ରଦୀପ ମିଶ୍ର, ସ୍ୱରୁପ ମିଶ୍ର, ଶାନ୍ତନୁ ପାଲ, ଅରବିନ୍ଦ ଦାସ, ଶିବାନନ୍ଦ ଦାସ, ସୁଦୀପ ମନ୍ତୀ, ସୁସ୍ମିତା ଘୋଷାଲ, ସୁଭସ୍ମିତା ଦାସ, ରଶ୍ମିତା ମିଶ୍ର, ୱାହିଦା ଅହମ୍ମଦ, ପିଙ୍କି ମହାପାତ୍ର, ସୁମିତା ନାୟକ, ନାରାୟଣ ପଟ୍ଟନାୟକ, ପୂର୍ଣ୍ଣ ବିଶ୍ୱାଳ, ନିର୍ମଳ ପ୍ରଧାନ, ଦିଲ୍ଲୀପ ନାୟକ, ଦୀପକ ଦାଶ, ନିହାର ମନ୍ତୀ, ସୁଭମ ମହାନ୍ତି, କାର୍ତ୍ତିକ ମହାନ୍ତ ଓ ତାରାକାନ୍ତ ବେହେରା ପ୍ରମୁଖ ଶତାଧିକ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଖଣ୍ଡାରେ ଆକ୍ରମଣ ମାମଲା, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜ୍ୟୋତିନଗର ଅଞ୍ଚଳରେ ବିଚ୍ ରାସ୍ତାରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଘଟଣାରେ ନିମଖଣ୍ଡି ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କରାପଲ୍ଲୀର ସାଗର କୁମାର ସାହୁ ଓରଫ ପିଣ୍ଟୁ(୩୫)। ସୂଚନାପ୍ରକାରେ, ଗତ ୭ ତାରିଖରେ ଜ୍ୟୋତିନଗର ଛକ ଠାରେ ବ୍ୟାଙ୍କ କଲୋନୀର ରାକେଶ କୁମାର ପାଢୀଙ୍କୁ ଏକାଧିକ ଯୁବକ ଖଣ୍ଡାରେ ଆକ୍ରମଣ କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥିଲା। ଏପରିକି ଅଭିଯୁକ୍ତମାନେ ଦିନ ଦ୍ୱିପ୍ରହରରେ ଛକ ଉପରେ ଖଣ୍ଡାରେ ଆକ୍ରମଣ କରିଥିବାରୁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ଆକ୍ରମଣ ବେଳର ଭିଡିଓ ଭାଇରାଲ ହୋଇଥିଲା । ଏହି ଭିଡିଓ ପୁଲିସ ନିକଟରେ ପହଞ୍ଚିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା । ତେବେ ଘଟଣାକୁ ନେଇ ରାକେଶ ଥାନାରେ ଅଭିଯୋଗ କରିନଥିଲେ। ଫଳର ଆକ୍ରମଣ ଓ ଭାଇରାଲ ଭିଡିକୁ ଆଧାର କରି ପୁଲିସ ନିଜ ତରଫରୁ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତ ପିଣ୍ଟୁ ଖଣ୍ଡାରେ ଆକ୍ରମଣ କରୁଥିବା ସ୍ପଷ୍ଟ ହେବା ପରେ ତାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି।

# ବ୍ୟବସାୟୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ଶାର୍ଗୁଣା ସାହିରେ ରହୁଥିବା ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରି ତାଙ୍କ ଠାରୁ ଟଙ୍କା ଲୁଟ୍ ହୋଇଛି । ଏନେଇ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଘଟଣାରୁ ପ୍ରକାଶ ଯେ, ବଡ଼ବଜାର ନାରାୟଣ ନଗର ଦ୍ୱିତୀୟ ଲାଇନ ନିବାସୀ ସୁନିତ କୁମାର ପାଢୀ(୪୫) ଉପରୋକ୍ତ ସାହିରେ ଏକ ଦୋକାନ କରିଛନ୍ତି । ଗତ ୮ ତାରିଖରେ ସୁନିତ ଦୋକାନ ବନ୍ଦ କରିବା ସମୟରେ ଜଣେ ବ୍ୟକ୍ତି ତାଙ୍କ ଦୋକାନ ନିକଟକୁ ଯାଇ ଗାଳି ଗୁଲଜ କରିବା ସହ ମୋ ଶତ୍ରୁମାନଙ୍କୁ ଦୋକାନରେ କାହିଁକି ବସାଉଛୁ ବୋଲି ପଚାରିଥିଲେ । ଏପରି କି ଏକ ଠେଙ୍ଗା ସାହାଯ୍ୟରେ ଦୋକାନୀ ସୁନିତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ସେ ଘୁଞ୍ଚିଯିବା ଫଳରେ ଠେଙ୍ଗା ସୁନିତଙ୍କ ନାକ ଓ ମୁହଁ ରେ ବାଜି ରକ୍ତ ବାହାରିଥିଲା । ଅଭିଯୁକ୍ତ ପ୍ରଶାନ୍ତ ପାଢ଼ୀ ଉକ୍ତ ଦୋକାନକୁ ଭଙ୍ଗା ରୁଜା କରିବା ସହ ଦୋକାନରେ ରହିଥିବା ୬ହଜାର ଟଙ୍କା ଲୁଟ୍ କରିନେଇ ଯାଇଥିଲେ । ସୁନିତାଙ୍କ ପୁଅ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ ।

# ଜିଲ୍ଲା କୋଷାଗାର ଅବସରପ୍ରାପ୍ତ ମୁଖ୍ୟ ହିସାବ ରକ୍ଷକଙ୍କ ପରଲୋକ

ବାରିପଦା, (ସବ୍ୟୁ) : ବାରିପଦା ଜିଲ୍ଲା କୋଷାଗାର ଅବସରପ୍ରାପ୍ତ ମୁଖ୍ୟ ହିସାବ ରକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କର ଶନିବାର ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଦେହାନ୍ତ ହୋଇଯାଇଛି । ୮୦ବର୍ଷରେ ପରଲୋକ ଗମନ କରିଥିବା ସ୍ୱର୍ଗତ ନାୟକ ୨୦୦୪ ମସିହାରେ ବାରିପଦା ଜିଲ୍ଲା କୋଷାଗାରରୁ ଅବସର ଗ୍ରହଣ କରିଥିଲେ । ୧୯୪୬ ମସିହାରେ ପଟିସାରୀପରି ଏକ ପଲ୍ଲୀରେ ଜନ୍ମଗ୍ରହଣ କରି ବେସରକାରୀ ଉଦ୍ୟମରେ ଉଚ୍ଚ ଶିକ୍ଷିତ ହୋଇ ମୟୂରଭଞ୍ଜର ଜଣେ ଜଣାଶୁଣା ଲୋକ ଭାବରେ ପରିଚୟଲାଭ କରିଥିଲେ । ଅନେକ କବିତାର ସ୍ରଷ୍ଟା ଭାବରେ ସେ ମଧ୍ୟ ପରିଚିତ ଥିଲେ । ତାଙ୍କର ବାରିପଦାସ୍ଥ ତୁଳସୀଚଉରା ବାସଭବନରେ ବାରିପଦା ମ୍ୟୁନିସିପାଲଟି ଚେୟାରମ୍ୟାନ କୃଷ୍ଣାନନ୍ଦ ମହାନ୍ତି ସମେତ ବହୁ ରାଜନୀତିକ ନେତା ତଥା ବରଷ୍ଠନାଗରିକ ତାଙ୍କର ମର ଶରୀରରେ ଶେଷ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଅନ୍ତିମ ଶଯ୍ୟାରେ ନିଜର ଚାରିକନ୍ୟା ପ୍ରଭାତୀ, ସୁପ୍ରିତୀ, ମାନସୀ, ରୀତା ଓ ଚାରି ଯୋଇଁ ବିଚିତ୍ର, ପୁରୁଷୋତ୍ତମ, ଗଙ୍ଗାଧର ଓ ରାଜୁ ସହିତ ପତ୍ନୀ ଶାନ୍ତିଲତା ଓ ପୁତ୍ର ବିବେକାନ୍ଦ, ପୁତ୍ରବଧୂ ଭାଗ୍ୟଲକ୍ଷ୍ମୀ, ନାତିନାତୁଣୀ ତଥା ଭାଇ ବନ୍ଧୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବାରୁଣୀଘାଟର ଶେଷ କୃତ୍ୟରେ ସ୍ୱର୍ଗତ ନାୟକଙ୍କର ପୁତ୍ର ୧୪ନମ୍ବର ୱାର୍ଡ କାଉନ୍ସିଲର ବିବେକାନନ୍ଦ ନାୟକ ମୁଖାଗ୍ନି ପ୍ରଦାନ କରିଥିଲେ । ସ୍ୱର୍ଗତ ନାୟକଙ୍କର ବିୟୋଗରେ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ସାଧାରଣ ଜନତା ଦୁଃଖ ପ୍ରକାଶ କରିଛନ୍ତି ।

# ଗଞ୍ଜାମରେ ଦ୍ୱିତ୍ୱୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



ବ୍ରହ୍ମପୁର, (ସବ୍ୟୁ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚଳିତବର୍ଷର ଦ୍ୱିତ୍ୱୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷା ଡ. ଭାଗ୍ୟଲକ୍ଷ୍ମୀ ରଥଙ୍କ ଅଧକ୍ଷତାରେ ମୋଟ ୧୦,୬୩୩ ଗୋଟି ବିଭିନ୍ନପ୍ରକାର ମାମଲା ସମାଧାନ କରାଯାଇ ୭ କୋଟି ୭୨ ଲକ୍ଷ ୬୨ ହଜାର ୪୧୪ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମପୁର ସ୍ଥିତ ଜିଲା ଅଦାଲତ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ୩୩ ଗୋଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ବୁଝବଣା ମାଧ୍ୟମରେ ସମାଧାନ କରାଯାଇ କ୍ଷତିପୂରଣ ବବାଦକୁ ୨ କୋଟି ୧ ଲକ୍ଷ ୯୪ ହାଜର ଟଙ୍କା ପ୍ରଦାନ ପାଇଁ ବିଭିନ୍ନ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ୬୩ଟି ବିବାହ ସମ୍ପର୍କିତ ମାମଲାର ଆପୋସ ବୁଝାବଣା କରାଯାଇଥିଲା । ଏହି ଦମ୍ପତିମାନେ ପୁଣି ଥରେ ନିଜର ବୈବାହିକ ଜୀବନ ସୁଚାରରୂପେ ନିର୍ବାହ ପାଇଁ ରାଜି ହୋଇଥିଲେ। ୨୬୦ଗୋଟି ବ୍ୟାଙ୍କ ଲିଟିଗେସନ କେସର ସମାଧାନ ହୋଇ ୨ କୋଟି ୧୩ ଲକ୍ଷ ୮ହଜାର ୧୯୮ଟଙ୍କା ଆଦାୟ କରାଯାଇଛି। ସେହିପରି ଅନ୍ୟାନ୍ୟ ୬୯ ଗୋଟି ଦେୱାନୀ ମାମଲାର ସମାଧାନ ହୋଇ ୧କୋଟି ୪୮ଲକ୍ଷ ୯୮ ହଜାର ଟଙ୍କା ଆଦାୟ କରାଯାଇଛି। ସେହିପରି ୩୯ ଗୋଟି କ୍ରିମିନାଲ କମ୍ପାଉଣ୍ଡବେଲ କେସର ସମାଧାନ କରାଯାଇଛି। ସେହିପରି ୯୪୮୩ ରେଭିନ୍ୟୁ କେସର ସମାଧାନ କରାଯାଇ ୪ ଲକ୍ଷ ୯୩ ହଜାର ୨୬୮ ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତରେ ଜିଲା ଜଜ ଡ. ଭାଗ୍ୟଲକ୍ଷ୍ମୀ ରଥ, ଦ୍ୱିତୀୟ ଏମଏସିଟି ରାମଶଙ୍କର ହୋତା, ଅତିରିକ୍ତ ଜିଲା ଦୌରା ଜଜ(ଏଡିଜେ)– ୧ ଡ. ଇନ୍ଦୁ ଶର୍ମା, ଏଡିଜେ–୨ ଅୟୁସ୍ମାନ ମହନ୍ତ, ଏଡିଜେ– ୩ ବିବସ୍ୱତ ଗୌତମ, ସିଭିଲ ରେଜିଷ୍ଟର ସୌଦାମିନୀ ସିଂ ବିଭିନ୍ନ ବେଞ୍ଚ ଦାୟିତ୍ୱରେ ରହିଥିଲେ। ଡ଼ିଏଲଏସଏ ସଚିବ ଦେବେନ୍ଦ୍ର ସାହୁ ଏହାକୁ ପରିଚାଳନା କରିଥିଲେ।

# ଲିଡ୍ସ ସ୍ପୋର୍ଟିଙ୍ଗ କ୍ଲବ୍ ପକ୍ଷରୁ ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର, (ସବ୍ୟୁ): ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ପରିସରରେ ଲିଡ୍ସ ସ୍ପୋର୍ଟିଙ୍ଗ କ୍ଲବ୍ ତରଫରୁ ଗ୍ରୀଷ୍ମ କାଳୀନ କ୍ରିକେଟ ତାଲିମ ଶିବିର ଅନୁଷ୍ଠିତ ହେଉଅଛି। ଏହି ଅବସରରେ ଶନିବାର ତାଲିମ୍ ନେଉଥିବା ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। କ୍ଲବ୍ ସାଧାରଣ ସମ୍ପାଦକ ଇ. ମନୋଜ ଦଣ୍ଡପାଟ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅର୍ବାନ ବ୍ୟାଙ୍କ୍ ସଭାପତି ଆର୍ .ମୁରଲୀ ମୋହନ ଯୋଗଦେଇ ସଭିଙ୍କୁ ଉତ୍ସାହିତ କରିବା ସହ କ୍ରିକେଟ ଖେଳର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସୁଦିପ କୁମାର୍ ସାହୁଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ୮ବର୍ଷ ରୁ ୧୯ବର୍ଷ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ତାଲିମ ନେଉଛନ୍ତି । ୧୪୮ ବାଳକ ଓ ବାଳିକାଙ୍କୁ ନେଇ ଆୟୋଜିତ ଦ୍ୱାଦଶ ଗ୍ରୀଷ୍ମକାଳୀନ କ୍ରିକେଟ ଶିବିର ମେ ୪ ତାରିଖରୁ ଆରମ୍ଭ ହୋଇଥିବାବେଳେ ୧୪ ତାରିଖରେ ଶେଷ ହେବ । ଛତ୍ରପୁର କ୍ରିକେଟ କ୍ଲବ୍‌ର ସମ୍ପାଦକ ସଂଜିତ୍ ରାଉଳ ଓ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସଂପାଦକ ତଥା ଲିଡ୍ସ ସ୍ପର୍ଟିଂ କ୍ଲବ୍‌ର ଉପସଭାପତି ଜେ.କାମେଶ୍ୱର୍ ରାଓ ପ୍ରଥମ ଦିବସରେ ଅତିଥିରୂପେ ଯୋଗଦାନ୍ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ କୋଲକତାର କୋଚ୍ ସାହିଲ ସର୍ଦ୍ଦାର, କୋଚ୍ ସୁବାସ ପାତ୍ର, ଓଡିଶା କୋଚ୍ ଲଳିତ ମହାନ୍ତି ଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ୍ ପ୍ରଦାନ କରାଯାଉଛି । ଏହି ଶିବିରକୁ ଭିଭିନେଶ୍ ପାତ୍ର, ସତ୍ୟବ୍ରତ ସାହୁ, ଭବାନୀ ମହାନ୍ତି, ସୂର୍ଯ୍ୟ ନାରାୟଣ ଗୌଡ଼, ତପନ ପଟ୍ଟନାୟକ, ସିଦ୍ଧାନ୍ତ ଗଙ୍ଗଦେବ, ସୁଲଭ ପଣ୍ଡା ଏବଂ ଲିଡ୍ କ୍ଲବ୍‌ର କୋଚ୍ ବିଶ୍ୱବନ୍ଧୁ ପାଢ଼ୀ ସହାୟତା କରୁଛନ୍ତି ।

# ୧୨ରୁ ୧୮ ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବାରିପଦା, (ସବ୍ୟୁ) : ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ମହେଶ ଦାଶ ଫୁଟବଲ ଏକାଡେମୀ ଆନୁକୂଲ୍ୟରେ ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୨ ରୁ ୧୮ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ଟୁର୍ଣ୍ଣାମେଣ୍ଟରେ ଯୁବ ଟିମର ୮ଟି ଓ ଭେଟେରାନ ଟିମର ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି ବୋଲି ମୁଖ୍ୟ ଆୟୋଜକ ଲୋହିତ ଦାଶ ଜଣାଇଛନ୍ତି । ପ୍ରତ୍ୟେକ ଦିନ ଅପରାହ୍ନ ୩ଟା ରୁ ୬ଟା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ । ଯୁବ ଖେଳାଳି ଟୁର୍ଣ୍ଣାମେଣ୍ଟର ଚାମ୍ପିୟାନ ଦଳକୁ ୩୦ହଜାର, ରନର୍ସ ଆପ ଦଳକୁ ୨୫ହଜାର ଏବଂ ଭେଟେରାନ ଟୁର୍ଣ୍ଣାମେଣ୍ଟର ଚାମ୍ପିୟାନ ଦଳକୁ ୧୦ହଜାର ଓ ୮ହଜାର ପୁରସ୍କାର ରାଶି ରହିଛି ଓ ଟୁର୍ଣ୍ଣାମେଣ୍ଟର ଶେଷ ପ୍ରସ୍ତୁତି ବୈଠକରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଫାଓର ଉପସଭାପତି ଅସିତ ପତି, ଜୀବନ ସାହୁ, ପ୍ରଦୀପ କିଶୋର ମହାନ୍ତି, କଳିଙ୍ଗ କେଶରୀ ଜେନା, ଅମର କୁମାର ସେଠି, ପ୍ରଦୀପ କୁମାର ବେହେରା, ଯଦୁନାଥ ମାଝୀ, ସୁଦିପ ଦାସ, ଦିଲ୍ଲୀପ ଦାସ, କୈଳାଶ ବେହେରା, ଅଶୋକ ମିସ୍ତ୍ରୀ, ଲଲାଟେନ୍ଦୁ ବେହେରା, ବିନୋଦ ରାମ, ବିଜୟ କୁମାର ଦାସ (ମଣ୍ଟୁ ଦା), ସୁଶାନ୍ତ କରଣ, ଜୀତେନ୍ଦ୍ର ବେହେରା, ତପନ କୁମାର ସିହ୍ନା, ଉମେଶ ସାହୁ ଓ ରବୀନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇ ଟୁର୍ଣ୍ଣାମେଣ୍ଟର ସଫଳତା କାମନା କରିଥିଲେ ।

# କେନ୍ଦ୍ରାପଡାରେ ରାଷ୍ଟ୍ରୀୟ ଲୋକ ଅଦାଲତ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଭାରପ୍ରାପ୍ତ ଜିଲ୍ଲା ଜଜ ପ୍ରଜ୍ଞା ପରମିତା ରାଉଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୂଷ୍ଠତ ଏହି ଲୋକ ଅଦାଲତରେ ଏନଆଇ ଆକ୍ଟରେ ୨୩୮ଟି କେସ ଗ୍ରହଣ କରାଯାଇ ୩୫ଟି ଫଇସଲା କରାଯାଇ ଥିଲା । ଏଥିରେ ୨ଲକ୍ଷ ୪୬ହଜାର ୧୨ ଟଙ୍କା ଜରିମାନା ଆଦାୟ କରାଯାଇଛି । ଟଙ୍କା ଆଦାୟ ମାମଲା ୧୧୩ଟି ଗ୍ରହଣ କରାଯାଇ ୧୭ଟି ଫଏସଲା କରାଯାଇ ୪୭ ଲକ୍ଷ ୩୦୨ଟଙ୍କା ଆଦାୟ କରାଯାଇଛି । ମଟର ଯାନ ଦୁର୍ଘଟଣା ଜନିତ ମାମଲା ୧୨ଟି ଗ୍ରହଣ କରାଯାଇ ୫ଟି କେସର ସମାଧାନ କରାଯାଇ ୨୫ ଲକ୍ଷ ୧୦ ହଜାର ଟଙ୍କା ଜରିମନା ଆଦାୟ କରାଯାଇଛି । ଏଥି ସହିତ ବିବାହ ସମ୍ବନ୍ଧୀୟ ୪୫ଟି କେସ ଗ୍ରହଣ କରାଯାଇ ୧୦ଟି କେସ ସମାଧାନ କରାଯାଇ ଥିଲା । ଭୂ-ଅର୍ଜନ କେସ ୩୦ ଟି ଗ୍ରହଣ କରାଯାଇ ୭ଟି ସମାଧାନ କରାଯାଇ ୫ ଲକ୍ଷ ୭୬ ହଜାର ୭୨୪ ଟଙ୍କା ଜରିମାନା ଆଦାୟ କରାଯାଇଛି । ରାଜସ୍ୱ କେସ ଓ ଦେୱାନୀ କେସ ୬୮ଟି ଫଏସଲା କରାଯାଇଛି । ମୋଟ୍ ୩୬୨୨ ଟି କେସ ଗ୍ରହଣ କରାଯାଇ ୨୧୪୩ଟି କେସ ସମାଧାନ କରାଯାଇ ୮୧ ଲକ୍ଷ ୮୬ ହଜାର ୬୨୫ ଟଙ୍କା ଆଦାୟ କରାଯାଇଛି । ବିଦ୍ୟୁତ୍ ଟିପିସିଓଡିଏଲ ର ୭୭ଟି ମାମଲା ସମାଧାନ କରାଯାଇ ୧ ଲକ୍ଷ ୪୨ ହଜାର ଟଙ୍କା ଆଦୟ କରାଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ପରିଚାଳନା କରିଥିବା ବେଳେ ସମସ୍ତ ବିଚାରପତି ଉପସ୍ଥିତ ଥିଲେ ।

# ଅଧୁରା ରହିଲା କଉଡି ଖେଳ : ବିଧବା ହେଲେ ନବବଧୂ



କୁଆଁପାଳ, (ସବ୍ୟୁ) : ସରିଥିଲା ବିବାହ ଘର । ଖୁସିରେ ବର କନ୍ୟା ଘରକୁ ଫେରିଥିଲେ । ହେଲେ ବିଧିର ବିଧାନ ଚଉଠି ରାତି ପୂର୍ବରୁ ବିଦ୍ୟୁତ୍ ସଂସ୍ପର୍ଶରେ ଚାଲିଗଲା ବରର ଜୀବନ । ବିଧବା ହେଲେ ନବ ବଧୂ । ଏଭଳି ଘଟଣା ଘଟିଛି ମାହାଙ୍ଗା ଥାନା ଅଧିନ ନୁର୍ତ୍ତାଙ୍ଗ ଗ୍ରାମରେ । ଗତ ୭ ତାରିଖ ବୁଧବାର ଦିନ ନୁର୍ତାଙ୍ଗ ଗ୍ରାମର ସନ୍ତୋଷ କୁମାର ସାହୁଙ୍କ ଏକମାତ୍ର ପୁତ୍ର ସତ୍ୟ ମନ୍ୟୁ ସାହୁ (ଲିଟୁ ) ଯାଜପୁର ଜିଲ୍ଲା ବୈରୀ ଥାନା ଅଂଚଳର ଜୈନିକ ଯୁବତୀଙ୍କ ସହ ବୈଦିକ ରୀତି ଅନୁଯାୟୀ ବିବାହ ହୋଇଥିଲା । ଶୁକ୍ରବାର ଦିନ ବିଧି ଅନୁଯାୟୀ ସନ୍ଧ୍ୟା ସମୟରେ ବେଦୀ ଉପରେ ବର କନ୍ୟାଙ୍କ କଉଡି ଖେଳ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା । ପ୍ରଥମେ ସତ୍ୟମନ୍ୟୁ ବେଦୀରେ କଉଡି ମସିଣା ଉପରେ ବସିଥିଲେ । ଏହା ପରେ କନ୍ୟାକୁ ବେଦୀକୁ ପରିବାର ଲୋକେ ଆଣିବାକୁ ଯାଇଥିବା ସମୟରେ ବେଦୀ ନିକଟରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଲିଟୁ ଆସି ଥିଲେ । ସେଠାରେ ସେ ସଞ୍ଜ୍ଞାହୀନ ହୋଇ ପଡିଥିଲେ । ପରିବାର ଲୋକେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲଙ୍କୁ ପଠା ଯାଇଥିଲେ । ଚିକିତ୍ସାଧିନ ଅବସ୍ଥାରେ ଗତାକାଲି ତାଙ୍କର ମୃତ୍ୟୁ ହୋଇଥିଲା । ଏହି ଖବର ଜାଣିବା ପରେ କନ୍ୟା ଘର ପକ୍ଷରୁ ନୁର୍ତାଙ୍ଗରେ ପହଂଚି ଘଟଣା ସଂପର୍କରେ ଜାଣିବା ପରେ ଗତକାଲି ରାତିରେ କନ୍ୟାକୁ ବାପ ଘରକୁ ନେଇଯାଇଥିଲେ । ପରେ ଆଜି ସତ୍ୟମନ୍ୟୁଙ୍କ ବ୍ୟବଚ୍ଛେଦ ହେବା ପରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା ।

# ଦିବ୍ୟାଙ୍ଗ ଶିକ୍ଷକଙ୍କ ପ୍ରତି ସରକାରୀ ଉଦାସୀନତା

କୁଆଖିଆ ,(ସବ୍ୟୁ) : ଦୀର୍ଘ ୧୪ ବର୍ଷ ଧରି କାର୍ଯ୍ୟରତ ଗୋଷ୍ଠି ସମ୍ବଳ ଶିକ୍ଷକ ଓ ଶିକ୍ଷିକା ବ୍ଲକ ସ୍ତରରେ ଦିବ୍ୟାଙ୍ଗ ସି. ଡବ୍ଲୁ.ଏସ.ଏନ. ପିଲାମାନଙ୍କୁ ୟୁ.ଡି.ଆଁଇଡି ସାର୍ଟିଫିକେଟ ସହ ସେମାନଙ୍କର ବିଭିନ୍ନ ୨୧ ପ୍ରକାର ପୃଥକ ପୃଥକ ଭତା ଯଥା-ସହାୟକ ଭତା, ଯାତାୟତ ଭତା, ବାଳିକା ବୃତି, ପଢିବା ପାଇଁ ସହାୟତା, ବାଣିଶ୍ରୀ ବୃତି ଏବଂ ସରକାରୀ ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଭିନ୍ନ ମଡେଲ ଯଥା ସ୍ପର୍ଶ, ଶ୍ରବଣ, ସଂକେତ, ସହଜ, ଉଦ୍ୟମ, ଚେତନା ଆଦି ପ୍ରଶିକ୍ଷଣ ଦେବା ସହ ଦିବ୍ୟାଙ୍ଗ ପିଲାମାନଙ୍କୁ ଚିହ୍ନଟ କରି ମେଡିକାଲ ଚିକିତ୍ସା କରି ସେମାନଙ୍କୁ ଆବଶ୍ୟକ ଉପକରଣ ଯୋଗାଇବା, ସୁନେତ୍ର କାର୍ଯ୍ୟକ୍ରମରେ ଚଷମା ଓ ମାଗଣାରେ ହ୍ୱିଲ ଚେୟାର, ଟ୍ରାଏ ସାଇକେଲ ଯୋଗାଇ ଦେବା କାର୍ଯ୍ୟରେ ରତ ଥିବାବେଳେ ସେମାନଙ୍କୁ ଜାତୀୟ ଶିକ୍ଷାନିତି ୨୦୨୦ରେ ମୁଖ୍ୟସ୍ରୋତରେ ସାମିଲ ପାଇଁ ସରକାର ନିୟମାବଳୀ କାର୍ଯ୍ୟକରି ଆସୁଛି । ମାତ୍ର ସରକାର ଏହି ଶିକ୍ଷକ ମାନଙ୍କ ପ୍ରତି ଅଣଦେଖା ପ୍ରଦର୍ଶନ କରୁଛନ୍ତି । ବି.ଆର.ପି. , ବି.ଆର.ଟି, ମାନେ ୩୧୪ ବ୍ଲକରେ ଦୁଃଖ କଷ୍ଟରେ ବିଭିନ୍ନ ଜିଲ୍ଲାରୁ ଆସି ଦିବ୍ୟାଙ୍ଗ ପିଲାଙ୍କ ପାଇଁ ବିଭିନ୍ନ ପ୍ରଶିକ୍ଷଣ ଓ ଚିହ୍ନଟ ଆଦି କାର୍ଯ୍ୟରେ ନିୟୋଜିତ ଥିବାବେଳେ ନୁତନ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ଦୀର୍ଘ ବର୍ଷ ଅଳ୍ପ ପାରିଶ୍ରମିକ ଅର୍ଥ ପାଇଁ କାମ କରୁଥିବାରୁ ସେମାନଙ୍କ ପରିବାର ଦୁର୍ଦିନରେ ରହିଛି । ଇଜିଏସ ଆଶା ଅଙ୍ଗନବାଡି କର୍ମୀ ଙ୍କ ଦରମା ବୃଦ୍ଧି ହୋଇଥିବା ବେଳେ ବିଆରପି ମାନଙ୍କ ଦୁର୍ଦଶା ବଢିବାରେ ଲାଗିଛି ରାଜ୍ୟର ୩୧୪ ବ୍ଲକ ବିଆରପି ମାନେ ଅଭାବ ଦୁଃଖରେ ରହିଥିବା ଏହି ଗୋଷ୍ଠି ସମ୍ବଳ ଶିକ୍ଷକ ଶିକ୍ଷିକା ମାନଙ୍କପ୍ରତି ସଦୟ ହେବାକୁ ରସୁଲପୁର ବି.ଆର.ପି. ରାମକୃଷ୍ଣ ମହାକୁଡ଼ା ଓ ବିଭିନ୍ନ ବ୍ଲକର କର୍ମକର୍ତ୍ତା ଅକ୍ଷୟ କୁମାର ଜେନା , ତପନ ଜେନା , ମମତା ରାଉତ , ସବିତା ଦାଶ, ତାଙ୍କ ପ୍ରତି ସରକାର ସଦୟ ହୋଇ ଦରମା ବୃଦ୍ଧି କରିବାକୁ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଫୋନ୍ ଟ୍ରାକିଂରୁ ଠାବ ହେଲା ଯୁବକଙ୍କ ମୃତଦେହ



ନିଶ୍ଚିନ୍ତକୋଇଲି/ସାଲେପୁର , (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ସରପଡ଼ା ପଞ୍ଚାୟତ ବୋଧଙ୍ଗ ଗ୍ରାମର ବିଶିଷ୍ଟ ଠିକାଦାର ଦିବାକର ସ୍ୱାଇଁଙ୍କ ଜ୍ୟେଷ୍ଠ ପୁତ୍ର ଇଂ.ଜ୍ୟୋତିଶଙ୍କର ସ୍ୱାଇଁ(୨୪)ଙ୍କ ମୃତଦେହ ଆଜି ସକାଳୁ ମହାନଦୀ କୂଳରୁ ଉଦ୍ଧାର କରାଯାଇଛି । ସମ୍ପୃକ୍ତ ଯୁବକଙ୍କୁ କେହି ହତ୍ୟା କରି କିଶୋରନଗର ଥାନା ଅଧିନସ୍ଥ ଗୁହାଳି ମଠ ସାହି ମହାନଦୀ କୂଳରେ ପକାଇ ଦେଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇ କିଶୋରନଗର ଥାନାରେ ମାମଲା ଦାଏର କରାଯାଇଛି । ଖବର ପାଇ ଘଟଣା ସ୍ଥଳରେ କିଶୋରନଗର ଓ ନିଶ୍ଚିନ୍ତକୋଇଲି ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ କରିବା ନିମନ୍ତେ କଟକ ବଡ଼ମେଡ଼ିକାଲ ପଠାଇଥିଲେ । ବ୍ୟବଚ୍ଛେଦ ପରେ ଶୋକାକୂଳ ପରିବେଶରେ ଗ୍ରାମ ଶ୍ମଶାନରେ ଶବ ଦାହ କରାଯାଇଛି । ଫୋନ୍ ଟ୍ରାକିଂରୁ ଯୁବକଙ୍କ ମୃତଦେହର ସନ୍ଧାନ ମିଳିଥିବା ଜଣାଯାଇଛି । ଗତ କିଛିବର୍ଷ ହେବ ସାଲେପୁରର ମାଛୁଆଡି ଅଞ୍ଚଳରେ ଦିବାକରଙ୍କ ପରିବାର ରହୁଥିଲେ । ବଡ଼ପୁଅ ଜ୍ୟୋତିଶଙ୍କର କମ୍ପ୍ୟୁଟର ସାଇନସ୍ ଇଂଜିନିୟରିଂରେ ବିଟେକ୍ କରିବା ପରେ ମାଛୁଆଡି ଘରେ ରହୁଥିଲେ । ପ୍ରତ୍ୟେକ ଦିନ ସାଲେପୁରରୁ ଗୁହାଳି ମଠ ସାହିର ମହାନଦୀ କୂଳକୁ ଯୋଗ ବ୍ୟାୟାମ କରିବା ପାଇଁ ଯାଇ ସନ୍ଧ୍ୟାରେ ଘରକୁ ଫେରନ୍ତି । ଗତ ଶୁକ୍ରବାର ଦିନ ମଧ ପ୍ରତ୍ୟେକ ଦିନ ପରି ତାଙ୍କର ବାଇକ ଯୋଗେ ସେଠାକୁ ବ୍ୟାୟାମ କରିବାକୁ ଯାଇଥିଲେ ମଧ ରାତି ପର୍ଯ୍ୟନ୍ତ ଘରକୁ ନଫେରିବାରୁ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲା । ତାଙ୍କର ମୋବାଇଲ ରିଙ୍ଗ୍ ହେଉଥିବାରୁ ଶନିବାର ସକାଳେ ଟ୍ରାକିଂ କରାଯାଇ ମୋବାଇଲଟି କେଉଁଠି ରହିଛି ଖୋଜାଖୋଜି କରିବାରୁ ମହାନଦୀରେ ତାଙ୍କ ଶବ ଭାସୁଥିବା ଦେଖିବାକୁ ମିଳିଥିଲା । ଶବ ଭାସିବା ସ୍ଥାନ ଠାରୁ ୫ଶହ ମିଟର ଦୂରରେ ତାଙ୍କର ବାଇକ, ଚପଲ ଓ ଡ୍ରେସ ରହିଥିବାର ଦେଖାଯାଇଥିଲା । ମୃତଦେହ ଉଦ୍ଧାର କରାଯିବା ପରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସ୍ଥାନ ରହିଥିବା ଦେଖାଯାଇଥିଲା । ଏସବୁ ଦୃଷ୍ଟିକୋଣରୁ ଜ୍ୟୋତିଶଙ୍କରଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ନେଇ ଥାନାରେ ଅଭିଯୋଗ କରାଯାଇଥିଲା । ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି । ଏଭଳି ଦୁଃଖଦ ଖବର ପାଇ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ,ବ୍ଲକ ଉପାଧକ୍ଷ ନୃସିଂହ ମିଶ୍ର, ପ୍ରାକ୍ତନ ଉପାଧକ୍ଷ ଅଶୋକ କୁମାର ଓଝା, ସରପଡ଼ା ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟ,ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଗଭୀର ଶୋକବ୍ୟକ୍ତ କରି ପରିବାର ବର୍ଗଙ୍କୁ ସାନ୍ତନା ଦେଇଛନ୍ତି ।

# ଶଙ୍କରେଶ୍ୱର ପୀଠରେ ଶାରଳା ମହୋତ୍ସବ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ବରାଦୋ ପଞ୍ଚାୟତ ସ୍ଥିତ ପାଟପୁରର ଆରାଧ୍ୟ ଶ୍ରୀ ଶ୍ରୀ ଶଙ୍କରେଶ୍ୱର ଙ୍କ ଯଜ୍ଞ ପଡ଼ିଆରେ ମା' ଶାରଳା ପୂଜା କମିଟି ପକ୍ଷରୁ ବାର୍ଷିକ ମେଳା ମହୋତ୍ସବ ଅନୁଷ୍ଠିତ ହୋଇଛି । ପ୍ରତ୍ୟୁଷରୁ ଆଖପାଖରେ ଥିବା ଗ୍ରାମଦେବତୀ ମାନଙ୍କର ମାର୍ଜନା ଓ ପୂଜାର୍ଚ୍ଚନା ଯଥାରୀତି କରାଯାଇଥିଲା । ମଳୟ ଦିକ୍ଷିତ୍ ଏବଂ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା ସୁଦୂର ଝଙ୍କଡ଼ ମା' ଶାରଳାଙ୍କ ପୀଠରୁ ଆଜ୍ଞାମାଳ ଆସି ମେଳା ମଣ୍ଡପରେ ଅଧିଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଜିଗ୍ନୀପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଚନ୍ଦନ ପୁଷ୍କରିଣୀରୁ ଜଳ ଉତ୍ତୋଳନ କରାଯାଇ କଳସ ଶୋଭାଯାତ୍ରାରେ ଆସି ମେଳା ମଣ୍ଡପରେ ପହଞ୍ଚିଥିଲା । ପଣ୍ଡିତ ମହେଶ୍ୱର ଶତପଥୀ ସହଯୋଗୀ ସଞ୍ଜୟ ଦାଶ, ବିକାଶ ଦାଶ,ସାଗର ଶତପଥୀ ଙ୍କ ଦ୍ୱାରା ଶାରଳା ମେଳାର ବିଭିନ୍ନ କାର୍ଯ୍ୟକ୍ରମ ଯଥାରୀତି ସମ୍ପନ୍ନ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା । ପୂଜା କମିଟିର ସଭାପତି ଲକ୍ଷ୍ମୀଧର ଦିକ୍ଷିତ୍ ଓ ସମ୍ପାଦକ ଜୟରାମ ସେଠୀଙ୍କ ସଂଯୋଜନାରେ ଶାରଳା ପରିବାରର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କେନ୍ଦ୍ରାପଡା କଲେଜ ସମସ୍ୟା ଅନୁଧାନ କଲେ ବିଧାୟକ



କେନ୍ଦ୍ରାପଡା,(ସବ୍ୟୁ) : ରାଜ୍ୟର ସର୍ବ ପୁରାତନ ବେସରକାରୀ କଲେଜ ବାବେ ମାନ୍ୟତା ପାଇଥିବା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ଅନେକ ସମସ୍ୟା ସମ୍ବନ୍ଧରେ ବିଧାୟକ ଗଣେଶ୍ୱର ବେହେରା ଅନୁଧାନ କରିବା ସହ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ବିଧାୟକ ଶ୍ରୀ ବେହେରା ଆଜି ମଧ୍ୟାହ୍ନରେ କେନ୍ଦ୍ରାପଡା କଲେଜକୁ ଯାଇ ଅଧକ୍ଷ ଡ଼ଃ ସଂଜିବ କୁମାର ମର୍ହୀ, ପ୍ରଫେସର ରଂଜିତ କୁମାର ଦାସ, ପ୍ରଫେସର ଅଶୋକ କୁମାର ମିଶ୍ର, ଅବସର ପ୍ରାପ୍ତ ଅଧ୍ୟାପକ ପ୍ରଭାକର ମଳିକ, ଡ଼ଃ ପ୍ରଦୀପ୍ତ କୁମାର ଦାସ ପ୍ରମୁଖଙ୍କ ସହ କଲେଜର ବିଭିନ୍ନ ବିଭାଗ ପରିଦର୍ଶନ କରି ଏହାର ସମସ୍ୟା ଓ ଅଭାବ ଅସୁବିଧା ସଂପର୍କରେ ଆଲୋଚନା କରିଛନ୍ତି । କଲେଜର ଭୂସମ୍ପତି ଦିନକୁ ଦିନ ଜବରଦଖଲ ରେ ଯାଉଥିବା ଓ ଗ୍ରୀଷ୍ମ ଛୁଟିରେ ଏହି ଜବରଦଖଲ ଜମି ଉପରେ ବେଆଇନ ନିର୍ମାଣ କରାଯାଉ ଥିବା ସଂପର୍କରେ ପଚାରି ବୁଝିଥିଲେ । ନାକ ଏ ଗ୍ରେଡ ପାଇଥିବା ଏହି କଲେଜରେ ୧୦୯ ଜଣ ଅନୁମୋଦିତ ଅଧାପକ, ଅଧାପିକା ପଦବୀ ଥିବାବେଳେ ବର୍ତମାନ ୭୬ ଜଣ କାର୍ଯ୍ୟ କରୁଛନ୍ତି । ଅବଶିଷ୍ଟ ୩୩ ପଦବୀ ଖାଲି ରହିଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢା ରେ ବ୍ୟାଘାତ ସୃଷ୍ଟି ହେଉଛି । ସେହିଭଳି ସୁରକ୍ଷା ପାଚେରୀ ନଥିବାରୁ ଓ ପର୍ଯ୍ୟାପ୍ତ ପରିମାଣ ର ରାତ୍ରୀ ଜଗୁଆଳି ନଥିବାରୁ ରାତିରେ ଅସାମାଜିକ ଯୁବକ ମାନେ କଲେଜ ପରିସର ରେ ଆଡ୍ଡା ଜମାଇ ବିଭିନ୍ନ ପ୍ରାର ଅପରାଧ ମୂଳକ କାର୍ଯ୍ୟରେ ଲିପ୍ତ ରହିବା ଓ ବିଭିନ୍ନ ସମୟରେ ଗଣ୍ଡଗୋଳ କରିବା ଘଟଣା ଜଣାପଡିଛି । ଏହା ସହ କଲେଜ ଲାଇବ୍ରେରୀ ରେ ୬୦ ହଜାର ପୁସ୍ତକ ଥିବାବେଳେ ୫୫ ହଜାର ପୁସ୍ତକ ଡିଜିଟାଲ କରାଯାଇ ଥିବାବେଳେ ଅବଶିଷ୍ଟ ୫ ହଜାର ପୁସ୍ତକ ଡିଜିଟାଲ କରାଯାଇ ପାରିନାହିଁ । ଛାତ୍ରଛାତ୍ରୀ ଓ ଅଧାପକ, ଅଧାପିକା ମାନଙ୍କ ପାଇଁ କଲେଜ ପରିସର ରେ ଗୋଟିଏ ଏଟିଏମ ଖୋଲିବା ପାଇଁ ନିଷ୍ପତି ନିଆଯାଇଛି । ସେହିଭଳି ପୂର୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇ ଥିବା କୋଠାବାଡି ଗେଟ୍ ଓ ଅନ୍ୟାନ୍ୟ ଭିତିଭୂମି ଗୁଡିକର କାମ ସରିଥିବା ବେଳେ ଏହା କଲେଜକୁ ହସ୍ତାନ୍ତର କରାଯାଇ ନଥିବା ଜଣା ପଡିଥିଲା । ଓ ଅନ୍ୟ କେତେକ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ଥିଲେ ମଧ ତାହା ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ନହୋଇ ଅବହେଳା ରେ ଅଧା ପରିଆ ଭାବେ ପଡି ରହିଥିବା ଜଣାପଡିଥିଲା । କଲେଜରେ ଏକ ରିସର୍ଚ୍ଚ ଲ୍ୟାବ ଛାତ୍ରଛାତ୍ରୀ ଓ ଅଧାପକ, ଅଧାପିକା ମାନଙ୍କ ପାଇଁ ଖୋଲା ଯିବାକୁ ବିଧାୟକ ଶ୍ରୀ ବେହେରା ପ୍ରତିଶୃତି ଦେଇଛନ୍ତି । ଏହା ସହ ଖାଲି ପଡିଥିବା ପଦବୀ ପୁରଣ, ସୁରକ୍ଷା ପାଚେରୀ ନିର୍ମାଣ, ଜବର ଦଖଲ ଉଚ୍ଛେଦ ସହ ଭିତିଭୂମି ର ବିକାଶ ପାଇଁ ବିଧାୟକ ଶ୍ରୀ ବେହେରା ସକ୍ରୀୟ ସହଯୋଗ କରିବେ ବୋଲି ଆଲୋଚନା ରେ ନିଷ୍ପତି ନିଆଯାଇଛି ।

# ରାଷ୍ଟ୍ରୀୟ ଲୋକ ଅଦାଲତ
# ୮୭ ବିଚାରାଧୀନ ମାମଲାର ଫଇସଲା

ରାଜନଗର ,(ସବ୍ୟୁ) :ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ତାଲୁକ ଆଇନି ସେବା ସମିତି ଆନୁକୂଲ୍ୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତହୋଇଯାଇଛି । ତାଲୁକ ଆଇନ ସେବା ସମିତି ଅଧକ୍ଷା ତଥା ସିନିଅର ସିଭିଲ ଜଜ ଶ୍ରୀମତୀ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଅଦାଲତରେ ପ୍ରି ଲିଟିଗେସନ କେସ ୮ଟି ମାମଲା ଡିସ୍ପୋଜଡ଼ ହୋଇ ଏକ ଲକ୍ଷ ଅଠାବନ ହଜାର ପାଞ୍ଚ ସହ ସହିତ ୮୭ ଟି ବିଚାରଧୀନ ମାମଲା ଫଇସଲା ହୋଇଯାଇଛି । ଏଥିରୁ ସାତ ଲକ୍ଷ ଚବିଶ ହଜାର ପାଞ୍ଚ ଶହ ଛସଠି ଟଙ୍କା ଆଦାୟ ହୋଇଛି । ଏହା ସହିତ ମୋଟର ଆକ୍ସିଡେଣ୍ଟ ମାମଲାରେ ପଚିଶ ଲକ୍ଷ ଦଶ ହଜାର ଆଦାୟ ହୋଇଅଛି । ଏହି ମାମଲା ଗୁଡିକ ମଧ୍ୟରୁ ଫୌଜଦାରୀ, ଚେକ ବାଉନ୍ସ, ଦେୱାନୀ, ଜମିଅଧିକରଣ ଓ ଅନ୍ୟାନ୍ୟ ମାମଲା ଅନ୍ତର୍ଭୁକ ଅଛି । ଏହି ଅଦାଲତ ରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ର ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି ଙ୍କ ସହିତ ଜେ. ଏମ. ଏଫ. ସି ବିଦ୍ୟୁତଲତା ପ୍ରଧାନ, ଜେ. ଏମ. ଏଫ ସି. ଡ଼ି.କେ. ବାଲକ୍ରୀଷନଙ୍କ ସହିତ ଆଇନଜୀବୀ ମାନେ ସହଯୋଗ କରିଥିଲେ।

# କରଦା ପାଲା ଉଦ୍‌ଯାପିତ

ପାଣିକୋଇଲ,(ସବ୍ୟୁ) : କୋରେଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତର କରଦା ଶନିମନ୍ଦିର ପ୍ରାଂଗଣ ହାଟ ପଡିଆରେ ଅନୁଷ୍ଠିତ ପାଲା ଉଦଯାପିତ ହୋଇଛି । କରଦା ଆଂଚଳିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଶ୍ରୀ ଶନିଶ୍ଚରଙ୍କ ବାର୍ଷିକ ପୂଜା ଉପଲକ୍ଷେ ଏହି ପାଲା କରାଯାଉଥିଲା । ୩ଦିନ ବ୍ୟାପି ଏହି ପାଲା ଉତ୍ସବକୁ ପାଣିକୋଇଲି ଥାନାଧିକାରୀ ରଂଜିତ କୁମାର ମହାନ୍ତି ଉଦ୍ଘାଟନ କରିଥିବା ବେଳେ ବରିଷ୍ଠ ସମ୍ବାଦିକ ସୁବାସ ଧଳ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗଦାନ କରିଥିଲେ । ପାଲାକୁ ଶାସ୍ତ୍ରୀୟ ମନ୍ୟତା ମିଳିବା ଉଚିତ ଓ ପାଲାରୁ ମିଳୁଥିବା ନିତୀଶିକ୍ଷା ଜୀବନର ପରିବର୍ତନ ଆଣିଥାଏ । ଏଥି ସହିତ କଳାକାର ଭତା ବୃଦ୍ଧି ପାଇଁ ମଧ୍ୟ ଗାୟକ ଜ୍ୟୋତି ଓ ଗାୟକ ରଂଜନ ରଶ୍ମିରଂଜନ ମହାନ୍ତି ଦାବି କରିଥିଲେ । ବିଭିନ୍ନ ଅନୁଷ୍ଠାନ କ୍ଷେତ୍ରରେ ଯୁବକ ମାନଙ୍କ କାର୍ଯ୍ୟଧାରାର ପ୍ରଶଂସା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ନାରାୟଣ ନାୟକ, ସୁଶିଲ କୁମାର ବେହେରା, ଦେବଦତ ବେହେରା, ଶ୍ୟାମ ସୁନ୍ଦର ସାହୁ, ଗିରିଧାରୀ ବେହେରା, ଗଣେଷ ଚନ୍ଦ୍ର ଦାସ, ଫକିର ଚରଣ ବାରିକ, ସଂଜୟ କୁମାର ବେହେରା, ସୁନିଲ ବେହେରା, ଅଭୟ ବେହେରା, ବୃନ୍ଦାବନ ବେହେରା, ସୁନାକର ମଲ୍ଲିକ, ନାରାୟଣ ମଲିକ, ସତ୍ୟଜିତ ବେହେରା, ବିଶେଶ୍ୱର ଚୌଧୁରୀଙ୍କ ସମେତ କମିଟି ସମସ୍ତ ସଦସ୍ୟ ଓ ଗ୍ରାମାବସିଙ୍କ ସହଯୋଗରେ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆହୁରି ଉନ୍ନତ କରିବା ପାଇଁ ମତ ପ୍ରକାଶ ପାଇଥିଲା ।

# ୯% ଅଧିକ ବିକ୍ରି ରେକର୍ଡ଼ କଲା ଜିନ୍ଦଲ ଷ୍ଟେନ୍‌ଲେସ୍

ବ୍ୟାସନଗର,(ଜିପ୍ର): କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅବସ୍ଥିତ ଅନ୍ୟତମ ବହତ ଶିଳ୍ପ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ତ୍ରୈମାସିକ ଓ ଆର୍ଥିକ ବର୍ଷର ଆର୍ଥିକ ଫଳାଫଳ ଘୋଷଣା କରିଛନ୍ତି । କମ୍ପାନୀ୨୩,୭୩,୦୭୦ଟନ୍ ବିକ୍ରି ରେକର୍ଡ କରିଛି । ଯାହା ଆର୍ଥିକ ବର୍ଷ-୨୪ ତୁଳନାରେ୯% ଅଧିକ। ଏକକ ଭିତିରେ ମୋଟ ରାଜସ୍ୱ ବାର୍ଷିକ ୫% ବୃଦ୍ଧି ପାଇ ୪୦,୧୮୨ କୋଟି ଟଙ୍କାରେ ପହଁଚିଛି ବୋଲି ଘୋଷଣାରେ କୁହାଯାଇଛି ।୨୦୨୫ ଆର୍ଥିକ ବର୍ଷରେ ୩% ହ୍ରାସ ସହ ଇବିଆଇଟିଡିଏ ୩,୯୦୫ କୋଟି ଟଙ୍କା ଏବଂ ଟିକସ ପରବର୍ତୀ ଲାଭ ୨,୭୧୧ କୋଟି ଟଙ୍କା ରେକର୍ଡ କରିଥିବା ବେଳେ ସେଥିରେ ବାର୍ଷିକ ଅଭିବୃଦ୍ଧି ୭% ରହିଥିଲା। ଘରୋଇ ଚାହିଦା ନିରନ୍ତର ଅଧିକ ରହିଥିବା ଯୋଗୁଁ ଆର୍ଥିକ ବର୍ଷ ୨୫ର ଚତୁର୍ଥ ତ୍ରୈମାସିକ ବିକ୍ରି ୧୩% ବାର୍ଷିକ ହାରରେ ବୃଦ୍ଧି ପାଇ ସର୍ବୋଚ୍ଚ ୬,୪୨,୬୪୧ ଟନ୍ ରହିଛି। ମୋଟ ରାଜସ୍ୱ ୧୩% ବୃଦ୍ଧି ପାଇ ୧୦,୭୮୬ କୋଟି ଟଙ୍କା ରହିଛି ଏବଂ ଇବିଆଇଟିଡିଏ ମଧ ଗତବର୍ଷର ଚତୁର୍ଥ ତ୍ରୟମାସିକ ତୁଳନାରେ ୮% ବୃଦ୍ଧି ପାଇଛି। ଗତବର୍ଷ ତୁଳନାରେ ଟିକସ ପରବର୍ତୀ ଲାଭରେ ପ୍ରଭାବଶାଳୀ ୯୪% ବୃଦ୍ଧି ଘଟିଛି। ଆର୍ଥିକ ବର୍ଷ ୨୫ରେ ଷ୍ଟେନଲେସ୍ ଷ୍ଟିଲର ଘରୋଇ ଚାହିଦା ବୃଦ୍ଧି ପାଇଥିଲା। ଭାରତର ୭,୫୦୦ କିଲୋମିଟର ଦୀର୍ଘ ସମୁଦ୍ର ତଟ ଅଞ୍ଚଳରେ ଷ୍ଟେନଲେସ୍ ଷ୍ଟିଲ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ବଜାର ସଚେତନତା ବୃଦ୍ଧି କରିଛି ଏବଂ ସାମଗ୍ରୀ ବଦଳକୁ ପ୍ରୋତ୍ସାହିତ କରିଛି। ଇଲେକ୍ଟ୍ରିକ୍ ଯାନ, ଟ୍ରେଲର ଏବଂ କଣ୍ଟେନରରେ ବଢୁଥିବା ପ୍ରୟୋଗ ସହିତ ଷ୍ଟେନଲେସ୍ ଷ୍ଟିଲ ଲଜିଷ୍ଟିକ୍ସ କ୍ଷେତ୍ରରେ ଲୋକପ୍ରିୟତା ହାସଲ କରିବାରେ ଲାଗିଛି । ଅଟୋମୋଟିଭ୍, ରେଳ କୋଚ୍, ମେଟ୍ରୋ, ଘରୋଇ ଉପକରଣ ଏବଂ ପାଇପ୍ ଓ ଟ୍ୟୁବ୍ କ୍ଷେତ୍ରରେ ଡବଲ ଡିଜିଟ୍ ଅଭିବୃଦ୍ଧି ଘଟିଥିବା ବେଳେ ସ୍ପେସାଲିଟି ଗ୍ରେଡ୍ ସେଗମେଣ୍ଟରେ ମଧ କ୍ୱାର୍ଟର ଭିତିରେ ସ୍ଥିର ଅଭିବୃଦ୍ଧି ରେକର୍ଡ କରାଯାଇଛି । ଏହାବ୍ୟତୀତ ପ୍ରକ୍ରିୟା, ହାଇଡ୍ରୋଜେନ ଏବଂ ପରମାଣୁ ଶିଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆର୍ଥିକ ବର୍ଷ ୨୫ରେ ଉଲ୍ଲେଖନୀୟ ଅଭିବୃଦ୍ଧି ସମ୍ଭାବନା ଦେଖିବାକୁ ମିଳିଛି । ଆମେରିକା ଏବଂ ୟୁରୋପୀୟ ସଂଘ ଭଳି ଗୁଣବା ସଚେତନ ବଜାରରେ ସ୍ୱଳ୍ପ ଏବଂ ମଧ-ଅବଧିରେ ଉନ୍ନତି ଜାରି ରହିବ ବୋଲି ଘୋଷଣାରେ ଆକଳନ କରାଯାଇଛି।

# ବିବାହ ଭୋଜି ଖାଇ ଫେରୁଥିଲେ ଲଙ୍କାଗୁଣ୍ଡ ପକାଇ ଲୁଟିନେଲେ ସୁନାଚେନ

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ମଳିପଡାରେ ଶୁକ୍ରବାର ରାତିରେ ଜଣେ ବ୍ୟକ୍ତି ବିବାହ ଭୋଜି ଖାଇ ଘରକୁ ଫେରୁଥିବାବେଳେ ତାଙ୍କୁ ଦୁଇ ଜଣ ଯୁବକ ଅଟକାଇ ୨୫ ଗ୍ରାମର ଏକ ସୁନା ଚେନ ଛିଡାଇ ନେଇଥିବା ଜଂକିଆ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛିଛ ସୂଚନାଯୋଗ୍ୟ କି ମଳିପଡା ଗ୍ରାମର ସୁବାସ ଚନ୍ଦ୍ର ରାଉତରାୟ ମଳିପଡା ହାଟ ନିକଟସ୍ଥ ମେଲଣ ପଡିଆ ପାଖରେ ହେଉଥିବା ଏକ ବିବାହ ଭୋଜି ଖାଇବାକୁ ସାଢ଼େ ଦଶ ଟା ରାତିରେ ଯାଇ ସେଠାରୁ ଜଣେ ସମ୍ପର୍କୀୟ ମହିଳାଙ୍କୁ ମଝି ସାହିରେ ଛାଡ଼ି ନିଜ ଘରକୁ ଫେରୁ ଥିବାବେଳେ ମଳିପଡା ହନୁମାନ ମନ୍ଦିର ନିକଟରେ ଜଣେ ଡେଙ୍ଗା ଓ ଜଣେ ଗେଡା ଯୁବକ ମୁହଁରେ ମାସ୍କ ପିନ୍ଧି ତାଙ୍କୁ ଅଟକାଇ ଥିଲେ। ସେ ତାଙ୍କ ବାଇକ ରଖିବା କ୍ଷଣି ସେମାନେ ତାଙ୍କ ଆଖିକୁ ଲଙ୍କା ଗୁଣ୍ଡ ପକାଇ ତାଙ୍କ ବେକରୁ ସୁନା ଚେନ ଟି ଛିଡାଇ ନେଇ ଭାଗବତ ଟୁଙ୍ଗି ପାଚେରୀ ଡେଇଁ ପଳାଇଥିଲେଛ ପରେ ସେ ରାତିରେ ଜଂକିଆ ଥାନା ପୁଲିସ ନିକଟରେ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳକୁ ଯାଇ ଅନୁସନ୍ଧାନ କରିବା ସହିତ ଆଜି ମଧ ଯାଇ ତଦନ୍ତ ଜାରି ରଖିଥିଲେ ବି କେହି ଏହି ଘଟଣାରେ ଧରା ପଡ଼ି ନ ଥିବା ଜଣାପଡିଛି।

# ମାଟି ମାଫିଆଙ୍କ ଅନ୍ତ ପାଉନି ପ୍ରଶାସନ




ପାରାଦୀପ, ( ଜିପ୍ର) : ଆଗରୁ ରାତି ଅଧିଆ ମାଟି ଚୋରି ହେଉଥିଲା ,ଏବେ ଖୁଲମ ଖୁଲା ଦିନରେ ଲୁଟ ହେଉଛି ମାଟି । ପାରାଦୀପ ରାଜରାସ୍ତାରେ ସମସ୍ତଙ୍କ ଆଖି ସାମ୍ନାରେ ଟ୍ରାକ୍ଟର ଓ ହାଇୱା ସାହାଯ୍ୟରେ ହଜାର ହଜାର ଟ୍ରିପ ମାଟି ଲୁଟ କରି ବୀକ୍ରି କରୁଛନ୍ତି ମାଫିଆ । କୁଜଙ୍ଗ ତହସିଲ ଅଧୀନ ସିଜୁ ବିଶ୍ୱାଳି,ବଉଳାଙ୍ଗ,ଗୋପିଆକୁଦ, ଗଣ୍ଡକିପୁର,ଫତେପୁର, ପ୍ରତାପପୁର, ତଥା ପୋଲେଇ କଙ୍କରଦିଆ ଗହିର ମଝିରେ ପ୍ରତିଦିନ ମାଟି ମାଫିଆମାନେ ମାଟି ଲୁଟ କରି ଚାଲିଛନ୍ତି ।ରାତୀ ଓ ଦିନ ମାଟି ମାଫିଆଙ୍କ ଆତଙ୍କ ଦେଖିବାକୁ ମିଳିଛି ।ଏହି ସବୁ ଅଂଚଳରେ ଯେଶିବି ସାହଯ୍ୟରେ ହଜାର ହଜାର ଟ୍ରିପ ମାଟି ଲୁଟ କରି ଟ୍ରାକ୍ଟର ଓ ହାଇୱା ଦ୍ୱାରା ମାଟି ମାଫିଆମାନେ ରାତି ଦିନ ବିକ୍ରି କରୁଛନ୍ତି । ଏଠି ପ୍ରଶାସନ ଚୁପ୍, ପ୍ରଶାସନ ଜାଣି ନଜାଣିଲା ପରି ହେଉଥିବା ଆଲୋଚନା ହେଲାଣି । ଏଠି ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ହେଉଛି କିନ୍ତୁ କାହାର ପରବାୟ ନାହିଁ ।ଗତ କିଛିଦିନ ତଳେ କଳଦୀପ ମହାନଦୀ ପଠାରୁ ମାଟି ଚୋରାଚାଲାଣ ହେଉଥିବା ବେଳେ ବିଲକୋଲର ଗ୍ରାମର ଜଣେ ଯୁବକ ମାଟି ଅତଡାରେ ମାଡ ହୋଇ ମୃତ୍ୟୁବରଣ କଲେ । ସେଠାକୁ ତହସିଲଦାର ଗଲେ ।ସମସ୍ତେ ଭାବିଲେ ଏଥର କାର୍ଯ୍ୟାନୁଷ୍ଠାନ ହେବ , ତଥାପି ପ୍ରଶାସନ ଚୁପ ।ସେପଟେ ପାରାଦୀପ ଲକ ଥାନାରେ ରାତି ଅଧରେ ଅନେକ ସମୟରେ ମାଟି ଗାଡି ଧାରା ହେଉଥିବା ବେଳେ ମାଟି ଚୋରି ହେଉଥିବା ସ୍ପଷ୍ଟ ପ୍ରମାଣ ମିଳିଛି ।କିଛି ମାଫିଆ ତହସିଲ କର୍ମଚାରୀଙ୍କୁ ହାତ କରି ମାତ୍ର ତିରିଶ ଚାଳିଶ ଟ୍ରିପ ମାଟି ପାଇଁ ରୟଲିଟି କାଟି ଦିନରାତି ହଜାର ହଜାର ଟ୍ରିପ ମାଟି ଉଠାଇ ବିକ୍ରି କରୁଛନ୍ତି ।ଆଉ କିଛି ମାଫିଆ ରାସ୍ତା ଉପରେ ଲୋକ ଜଗାଇ ଗହୀର ବିଲରୁ ମାଟି ଉଠାଇ ବିକ୍ରି କରି ଲାଲେ ଲାଲ । ଅଧିକାରୀଙ୍କ ପକେଟ ଗରମ କରି ରାତିରାତି ମାଟି ଲୁଟି ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଥିବା ଏହି ମାଟି ଚୋର ମାନଙ୍କୁ କେବେ ପ୍ରଶାସନ ପକ୍ଷରୁ ଚେକ ଦିଆଯିବ ତାହା ଏବେ ସାଧାରଣରେ ପ୍ରଶ୍ନ । ନିୟମ ଅନୁସାରେ ନିଜେ ଜମି ମାଲିକ ନିଜ ଜମିରୁ ଚାଷ ଉପଯୋଗୀ ନିମନ୍ତେ ୮ଇଂଚର ମାଟି ଖୋଳିବା ପାଇଁ ଅନୁମତି ତହସିଲ କାର୍ଯ୍ୟାଳୟରେ ମାଗିବା କଥା । ଏହି ଦରଖାସ୍ତ କୁ ଭିତିକରି ତାଙ୍କ ରାଜସ୍ୱ ନିରୀକ୍ଷକ ଏହାର ସରଜମିନ ତଦନ୍ତ କଲାପରେ ଧାର୍ଯ୍ୟ ମୂଲ୍ୟର ରୟାଲଟି କଟାଯାଇ ନିର୍ଦ୍ଦିଷ୍ଟ ହିସାବରେ ଧାର୍ଯ୍ୟ ଟ୍ରିପର ମାଟି ଖୋଳା ପାଇଁ ଅନୁମତି ମିଳେ । କିନ୍ତୁ ଏ ସବୁର ଅନ୍ତ ଘଟାଇ ଜୈନିକ ମାଫିଆ ଏବେ ନେତାଙ୍କ ଲୋକ କହି କିଛି ଟ୍ରିପର ରୟାଲ୍ଟି କାଟି ଆଣି ଦିନରାତି ମାଟି ଲୁଟ କରୁଥିବା ବେଳେ ତାଙ୍କ ଅନ୍ତ ପାଉନି ପ୍ରଶାସନ । ଅତି ଚତୁରତାର ସହ ପ୍ରତିବର୍ଷ ଏହି ମାଫିଆ ତହସିଲରେ କେତବଳେ ଟଙ୍କା ,କେତବଳେ ଭୋଜି ତ କେତବଳେ କମ୍ପୁଟର ଦେଇ କର୍ମଚାରୀ ମାନଙ୍କୁ ହାତ କରି ମାଟି ଲୁଟ କରୁଛନ୍ତି ।ତୁରନ୍ତ ଏହି ମାଫିଆ ଙ୍କ ସନ୍ଧାନ କରି ରାଜସ୍ୱ ବିଭାଗ ଓ ପୋଲିସ ପ୍ରଶାସନ ତାର ତିନି ବର୍ଷର ମାଟି ବ୍ୟବସାୟର ଅନ୍ତ ପର୍ଯ୍ୟନ୍ତ ଯିବାକୁ ସାଧାରଣରେ ଦାବି ହେଉଛି ।

# ସ୍କାଉଟ ଓ ଗାଇଡ଼ସରେ ଶିକ୍ଷୟିତ୍ରୀ ସସ୍ମିତା ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ




ଜଗତସିଂହପୁର, (ସବ୍ୟୁ) : ସ୍କାଉଟ ଓ ଗାଇଡ଼ସରେ ଉଲ୍ଲେଖନୀୟ ଅବଦାନପାଇଁ ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ଶତପଥିଙ୍କ 'ରାଣୀ ଲକ୍ଷ୍ମୀବାଇ ଗାଇଡ଼ କମ୍ପାନୀ' ଜାତୀୟ ପୁରସ୍କାର 'ଲକ୍ଷ୍ମୀ ମଜୁମଦାର ପୁରସ୍କାର ୨୦୨୩-୨୪' ପାଇଁ ମନୋନୀତ ହୋଇଥିଲା । ଏହି ଅବସରରେ ଭାରତ ସ୍କାଉଟ ଓ ଗାଇଡ଼ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ତରଫରୁ ରାଜଭବନ ପରିସରରେ ଆୟୋଜନ କରାଯାଇଥିବା ରାଜ୍ୟ ପୁରସ୍କାର ଉତ୍ସବରେ ରାଜ୍ୟପାଳ ତଥା ଚିଫ ପାଟ୍ରୋନ ଡ଼ ହରିବାବୁ କମ୍ଭମପତିଙ୍କ ଦ୍ୱାରା ଶ୍ରୀମତୀ ଶତପଥୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଅଛି । ଏହି ଉତ୍ସବରେ ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ଫାଷ୍ଟ ଗାଇଡ଼ ଜୟଶ୍ରୀ କମ୍ଭମପତି,ସ୍କୁଲ ଓ ଗଣ ଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,କ୍ରୀଡା ମନ୍ତ୍ରୀ ସୂର୍ଯ୍ୟାବଂଶୀ ସୂରଜ,ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ଼ କାଳିପ୍ରସାଦ ମିଶ୍ର,ଗାଇଡ଼ସର ରାଜ୍ୟ ଅର୍ଗାନାଇଜିଙ୍ଗ କମିଶନର ତଥା ପ୍ରଶାସନିକ ଅଧିକାରୀ ଅନାମିକା ଦାସ, ରାଜ୍ୟ ସ୍କାଉଟ ଓ ଗାଇଡ଼ସର ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଓ ଅନ୍ୟାନ୍ୟ ବହୁ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ । ପ୍ରାକୃତିକ ଦୁର୍ବିପାକ ସମୟରେ ରିଲିଫ ବଣ୍ଟନ, ବୃକ୍ଷ ରୋପଣ, ଅଂଶୁଘାତ ସଚେତନତା ତଥା ଦହିପାଣି ବଣ୍ଟନ, ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା, ସ୍ୱଚ୍ଛତା ଅଭିଯାନ, ନିଶା ନିବାରଣ, ପ୍ଲାଷ୍ଟିକମୁକ୍ତ ଅଭିଯାନ ପ୍ରଭୃତି କାର୍ଯ୍ୟକ୍ରମରେ ଶ୍ରୀମତୀ ଶତପଥୀ ସକ୍ରିୟ ଭାବେ ସାମିଲ ହୋଇ ଜନ ସଚେତନତା ସୃଷ୍ଟି କରିଥିବାରୁ ଶ୍ରୀମତୀ ଶତପଥିଙ୍କ ଗାଇଡ଼ କମ୍ପାନୀକୁ ଏହି ମର୍ଯ୍ୟାଦାଜନକ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି ।ଏହି ପୁରସ୍କାର ହାସଲ କରି ଜିଲ୍ଲାର ମର୍ଯ୍ୟାଦା ବୃଦ୍ଧି କରିଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଓ ରାଜ୍ୟଶ୍ରୀ ସାହୁ, ସୁଶାନ୍ତ କୁମାର ମହାନ୍ତି, ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଦାସ,ବାଳିକା ଉଚ୍ଚ ବିଦ୍ୟାଳୟ ଜଗତସିଂହପୁରର ପ୍ରଧାନ ଶିକ୍ଷକ ମିହିର କୁମାର ପାଲ, ଜଗତସିଂହପୁର ସ୍କାଉଟ ଓ ଗାଇଡ଼ସର ଉପଦେଷ୍ଟା ସୁଭାଷ ଚନ୍ଦ୍ର ରାଉତ, ବିଜୟ କୁମାର ରଥ, ଶରତ ଚନ୍ଦ୍ର ବାରିକ, ସମ୍ପାଦକ ଜୟନ୍ତ କୁମାର ରାୟ, କମିଶନର ଅତୁଲ ବିକ୍ରମ ପ୍ରଧାନ, ଅର୍ଗାନାଇଜିଙ୍ଗ କମିଶନର ପ୍ରତାପ ଚନ୍ଦ୍ର ରାଉତରାୟ, ଟ୍ରେନିଂ କମିଶନର ହରେକୃଷ୍ଣ ଲେଙ୍କା ଓ ଗାଇଡ଼ର ଜିଲ୍ଲା କମିଶନର ଗୀତାରାଣୀ ଭୋଇ, ଅର୍ଗନାଇଜିଙ୍ଗ କମିଶନର ଲତାଦେଈ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଚିସ୍ମିତା ସ୍ୱାଇଁ ପ୍ରଭୃତି ଜିଲ୍ଲାର ଅନେକ ଅଧିକାରୀ, ପ୍ରଧାନଶିକ୍ଷକ, ଶିକ୍ଷକ / ଶିକ୍ଷୟିତ୍ରୀ, ସ୍କାଉଟ ମାଷ୍ଟର, ଗାଇଡ଼ କ୍ୟାପେଟେନ ଓ ରୋଭର ରେଞ୍ଜର ଶ୍ରୀମତୀ ଶତପଥୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଭବିଷ୍ୟତରେ ଏହି କାର୍ଯ୍ୟଧାରାକୁ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି ।

# ବାଲ୍ୟ ବିବାହ : ପରିବାର ଲୋକେ ଫେରାର

## ନାବାଳିକା ଚାଇଲ୍ଡ ଲାଇନକୁ ହସ୍ତାନ୍ତର




ବାଲିପାଟଣା ,(ସବ୍ୟୁ) : ବାଲିପାଟଣା ଥାନା ଅନ୍ତର୍ଗତ ଭାପୁର ପଞ୍ଚାୟତ ବନମାଳୀପୁର ନିକଟ ନାଥପୁର ଗ୍ରାମର ସ୍ୱର୍ଗତ ନରେନ୍ଦ୍ର ନାଥଙ୍କ ପୁଅ ବିଭୁତି ନାଥଙ୍କର ବୁଧବାର ନିଜ ଘରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଛି । ବିଭୁତି ଜଣେ ନାବାଳିକାଙ୍କୁ ବିବାହ କରିଥିବା ଜଣା ପଡିଛି । ସକାଳେ ରୀତିନୀତିରେ ନାଥପୁରରେ ଧୁମଧାମରେ ବାହାଘର ସମ୍ପନ୍ନ ହେଲା । ରାତିରେ ବାହାଘର ଭୋଜି ଆୟୋଜନ ହୋଇଥିଲା । ବନ୍ଧୁ ବାନ୍ଧବ , ନିମନ୍ତ୍ରିତ ଅତିଥି ଭୋଜିରେ ଯୋଗ ଦେଇଥିଲେ । ଏହାରି ଭିତରେ ବଡ଼ ଆଶ୍ଚର୍ଯ୍ୟ ଘଟଣା କିଛି ଲୋକଙ୍କ ନଜରକୁ ଆସିଥିଲା । ଜନୈକ ନାବାଳିକା ସହିତ ପୁଅ ବାହା ହୋଇଥିବା ପ୍ରଘଟ ହେବା ପରେ ଭୋଜି ଚାଲିଥିବା ବେଳେ ପୁଲିସ ପହଁଞ୍ଚିଥିଲା । ପୁଲିସକୁ ଆସିବା ଖବର ବିଜୁଳି ବେଗରେ ବ୍ୟାପି ଯାଇଥିଲା । ଗୁରୁବାର ବାଲିପାଟଣା ସିଡିପିଓ ଓ ଟିମ ଏବଂ ପୁଲିସ ନାଥ ସାହି ଗାଁକୁ ଯାଇଥିଲେ । ହେଲେ ସେତେବେଳକୁ ପୁଅ, ଝିଅ ଫେରାର ହୋଇ ଯାଇଥିଲେ । ନିରାଶ ହେବା ପରେ ସିଡିପିଓ ରୁନୁବାଳା ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ମାମାଲା ରୁଜୁ କରିବା ସହ ନାବାଳିକାଙ୍କୁ ସ୍ଥାନୀୟ ଅଞ୍ଚଳରୁ ଉଦ୍ଧାର କରି ଚାଇଲଡ ଲାଇନକୁ ହସ୍ତାନ୍ତର କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି । ବର ଏବଂ ପରିବାର ଲୋକ ଏବେ ବି ଫେରାର ଥିବା ଜଣା ପଡିଛି । ସୂଚନା ଅନୁସାରେ ନାବାଳିକାଙ୍କ ଘର ନୟାଗଡ ଜିଲ୍ଲାରେ ବୋଲି ସୂଚନା ମିଳିଛି । ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜନୈକ ମଧ୍ୟସ୍ତି ବିଭୁତିଙ୍କ ବାହାଘର ନାବାଳିକାଙ୍କ ସହ ଠିକ କରିଥିଲେ । ଝିଅକୁ ଆଣି ପୁଅ ଘରେ ବାହାଘର ହୋଇଥିଲା । ତେବେ ବାହା ହୋଉଥିବା ଝିଅ ନାବାଳିକା ବୋଲି କଥା ଧିରେ ଧିରେ ବାହାରକୁ ବାହାରିଥିଲା । ତନାଘନା ପରେ ଝିଅର ବୟସ ୧୫ ବର୍ଷ ୬ମାସ ବୋଲି ପୁଲିସ ସୂଚନା ଦେଇଛି । ସିଡିପିଓ ଶ୍ରୀମତୀ ସାହୁ ଏ ସମ୍ପର୍କରେ ବାଲିପାଟଣା ଥାନାରେ ବିଭୁତି ନାଥ ଓ ତାଙ୍କ ମାଆଙ୍କ ନାମରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି । ପୋଲିସ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିବାରେ ସଫଳ ହୋଇନାହିଁ ।

# ନୂତନ ଶୌଚାଳୟ କାର୍ଯ୍ୟକ୍ଷମ ହେବ କେବେ



ଖଣ୍ଡପଡା,(ସବ୍ୟୁ) :ଖଣ୍ଡପଡା ସହରାଚଂଳ ୧ ନଂ ୱାର୍ଡ ଅଧିନ ପଠାଣି ସାମ' କଲ୍ୟାଣମଣ୍ଡପ ପରିସରରେ ନିର୍ମିତ ନୂତନ ଶୌଚାଳୟ ଓ ସ୍ନାନାଗାର କାର୍ଯ୍ୟକ୍ଷମ ନହୋଇ ତାଲା ଝୁଲୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଆଜକୁ ପ୍ରାୟ ବର୍ଷକ ତଳେ ସହରବାସୀଙ୍କ ଆବଶ୍ୟକତା ଓ ଯାତ୍ରୀବାହୀ ବସ ରହଣିସ୍ଥଳୀକୁ ଯାତାୟତ କରୁଥିବା ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏନଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ନୂତନ ଶୌଚାଳୟଟି ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା । ୨ ମାସ ତଳେ ଶୁଲଭ ଶୌଚାଳୟର ନିର୍ମାଣ କାର୍ଯ୍ୟ ସଂପନ୍ନ ହୋଇଥିଲେ ହେଁ ଅଦ୍ୟାବଧି ତାହା ପ୍ରଶାସନିକ ସ୍ଥାଣୁତା ଯୋଗୁଁ କାର୍ଯ୍ୟକ୍ଷମ ନହୋଇ ପଡିରହିଛି । ଫଳରେ ଦୈନନ୍ଦିନ କାର୍ଯ୍ୟରେ ଖଣ୍ଡପଡା ସହରାଚଂଳବାସୀଙ୍କ ଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ ରହଣିସ୍ଥଳକୁ ଆସୁଥିବା ଜନସାଧାରଣ ବିଶେଷ ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡିଛି । ଏନଏସି କର୍ତ୍ତୃପକ୍ଷ ତୁର' ନୂତନ ଶୌଚାଳୟଟିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି । ଖଣ୍ଡପଡା ଏନଏସି ଅଧକ୍ଷା ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକୁ ନେଇ ଦାନା ବାନ୍ଧୁଛି ଆନ୍ଦୋଳନ

ଖଣ୍ଡପଡା, (ସବ୍ୟୁ) : ନୟାଗଡ଼ ଜିଲ୍ଲାଖଣ୍ଡପଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡା ସହରାଚଂଳର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଖର୍ଣ୍ଡପଡା ଏନଏସି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରୁଥିବା ଅନୁଦାନ ଅର୍ଥ ଠିକଣା ବାଟରେ ବିନିଯୋଗ ନହୋଇ ବାଟମାରଣା ହେଉଥିବା ସହରବାସୀ ଅଭିଯୋଗ କରିଛନ୍ତି । ରାଜ୍ୟ ନଗର ଉନ୍ନୟନ ବିଭାଗ ବିଭିନ୍ନ କାର୍ଯ୍ୟ ବାବଦରେ ଅନୁଦାନ ଅର୍ଥ ମଂଜୁର କରିଥିଲେ ହେଁ ଅନୁଦାନ ଅର୍ଥ ସେହି ସବୁ କାର୍ଯ୍ୟରେ ବିନିଯୋଗ ନହୋଇ ଅନ୍ୟ ବାଟରେ ବିନିଯୋଗ ହେଉଥିବା ଜଣାପଡିଛି । ଫଳରେ କୌଣସି ଗୋଟିଏ ହେଲେ ଉନ୍ନୟନମୂଳକ କାର୍ଯ୍ୟ ଶୃଙ୍ଖଳିତ ଭାବେ ସଂପାଦନ ହୋଇ ପାରୁନଥିବାରୁ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସହରାଞ୍ଚଳର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେପ୍ରତିମାସରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଛି । ମାତ୍ର ସଫେଇ କାର୍ଯ୍ୟରେ ନିୟୋଜିତ ଘରୋଇ ସଂସ୍ଥାକୁ ବକେୟା ପ୍ରାପ୍ୟ ପ୍ରଦାନରେ ବିଳମ୍ୱ ଯୋଗୁଁ ଗତ ୫ଦିନ ଧରି ସହରାଚଂଳର ଗଳିକନ୍ଦିରୁ ଅଳିଆ ନଉଠି ପଡି ରହିଛି । ଅପରପକ୍ଷେ ସହରାଚଂଳର ପରିମଳ ବ୍ୟବସ୍ଥାରେ ସଚେତନତା ସୃଷ୍ଟି ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ମାଳ ମାଳ ହୋଡିଂ ଲଗାଯିବା ସହ କାନ୍ଥବାଡରେ ଚିତ୍ର ଅଙ୍କା ଯାଇଛି । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରକାରୀ ଅନୁଦାନ ଅର୍ଥକୁ ନିଜ ମର୍ଜିରେ କରୁଥିବା ଅଭିଯୋଗ ହେଉଛି । ଫଳରେ ସହରାଚଂଳର ପରିମଳ ବ୍ୟବସ୍ଥା ଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ଅଧାରେ ଅଟକିଥିବା ଜଣାପଡିଛି । ସେହିପରି ଆବଶ୍ୟକତା ନଥାଇ ମଧ୍ୟ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ସମ୍ମୁଖରେ ଆମ୍ବ ଆକୃତିର ଭେଣ୍ଡିଂ ଜୋନ ଓ ଜାତୀୟ ପତାକା ଉତୋଳନ ନିମନ୍ତେ ପିଣ୍ଡି ସ୍ଥାପନ ବାବଦରେ ବ୍ୟୟ ହୋଇଥିବା ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଅର୍ଥ ପାଣିରେ ପଡିବା ସାର ହୋଇଛି । ସହରାଚଂଳର ଡ୍ରେନେଜ ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ସେଥିପ୍ରତି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଦୌ ଧ୍ୟାନ ନଦେଇ ଆଖିବୁଜି ଦେଇଥିବା ବେଳେ ସହରାଚଂଳର ୨ ନଂ ୱାର୍ଡ ଅଧିନ ନୂଆପୋଖରୀ ହୁଡାରେ ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣଧିନ ସ୍ମାର୍ଟ ପାର୍କର ଆବଶ୍ୟକତାକୁ ନେଇ ମଧ୍ୟ ସହରାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନଏସି କାର୍ଯ୍ୟାଳୟରୁ ଅବସର ଗ୍ରହଣ କରୁଥିବା କର୍ମଚାରୀମାନଙ୍କୁ ସେମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରିବାରେ ମଧ କାର୍ଯ୍ୟନିର୍ବାହୀ ଅଧିକାରୀ ଟାଳ ଟୁଳି ନୀତି ଅବଲମ୍ୱନ କରୁଥିବା ଅଭିଯୋଗ ହେଉଛି । ଖଣ୍ଡପଡା ଏନଏସି କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ କାର୍ଯ୍ୟ ଓ ଆହାର କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶିଳାନ୍ୟାସ ଉତ୍ସବରେ ସୀମିତ ଥିବା ବେଳେ ଏ ବାବଦ ଅନୁଦାନ ଅର୍ଥ ଅନ୍ୟ ବାଟରେ ବିନିଯୋଗ ହୋଇଥିବା ବିଶେଷ ସୁତ୍ରରୁ ଜଣାପଡିଛି । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକଳାପ ପ୍ରତି ନୟାଗଡ ଜିଲ୍ଲାପାଳ, ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି । ଅଭିଯୋଗ ସଂପର୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଜଂନ କୁମାର ଧଳଙ୍କୁ ପଚରା ଯାଇଥିଲେ ହେଁ ସେ କୌଣସି ମତାମତ ଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ମୋଟାମୋଟି ଭାବେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ସହରବାସୀ ଅସନ୍ତୋଷପ୍ରକାଶ କରିବା ସହ ଆନ୍ଦୋଳନ ଦାନା ବାନ୍ଧୁଥିବା ଜଣାପଡିଛି ।

# ବ୍ରଜବନ୍ଧୁ ବସ୍ତିଆଙ୍କ ସ୍ମୃତିଚାରଣ ସଭା

ଫୁଲନଖରା, (ସବ୍ୟୁ) : ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ବ୍ରଜବନ୍ଧୁ ବସ୍ତିଆଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବରିଷ୍ଠ ପାଲାଗାୟକ ଯୁଧିଷ୍ଠିର ପରିଜାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରି ସ୍ୱର୍ଗତ ବ୍ରଜବନ୍ଧୁ ଙ୍କ ଉଦେଶ୍ୟରେ ସୂଚନା ପ୍ରଦାନ କରିଥିଲେ । ଗାୟକ ଆଲ୍‌ହଦ ସୁରେନ୍ଦ୍ର ଛୋଟରାୟ, ପୂର୍ବତନ ସରପଞ୍ଚ ବଂଶୀଧର ଭୋଳ, ସରପଞ୍ଚ ବିଶ୍ୱଜିତ ଭୋଇ, ନୂଆଗଡ ଗ୍ରାମର ସଭାପତି ବିକ୍ରମ ଶତପଥୀ, ସାମ୍ବାଦିକ ଭବାନୀ ଶଙ୍କର ପାତ୍ର, ଜଗନ୍ନାଥ ପୁର ଗ୍ରାମର ମୁରବୀ ସନାତନ ପରିଜା, ବୁଲୁ ପାତ୍ର, ଧୀରେନ୍ଦ୍ର ସାହୁ, ତ୍ରିଲୋଚନ ବସ୍ତିଆ,ପାହାଳ ଏସ ଆଇ ଅମୀୟ ମଲ୍ଲିକଙ୍କ ସହ ଅଞ୍ଚଳର ବହୁ ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ବସ୍ତିଆ ଜଣେ ସ୍ନେହୀ, ମେଳାପୀ, ପରୋପକାରୀ ସେ ଦୀର୍ଘ ତିରିଶି ବର୍ଷଧରି ଫରେଷ୍ଟ ବିଭାଗରେ ଦକ୍ଷତାର ସହ କାର୍ଯ୍ୟ ତୁଲାଇ ଅଞ୍ଚଳର ସୁନାମ ଆଣିଥିଲେ ବୋଲି ମତପୋଷଣ କରିଥିଲେ । ଏହି ସ୍ମୃତିଚାରଣ ସଭାକୁ ତାଙ୍କ ଜ୍ୱାଇଁ ସାମ୍ବାଦିକ ଗଣେଶ ବରାଳଙ୍କ ସହ ତାଙ୍କର ଝିଅଜ୍ୱାଇଁ, ନାତିନାତୁଣୀ, ପୁଅବୋହୁ ଆତ୍ମୀୟସ୍ୱଜନ ଉପସ୍ଥିତ ରହି ୨ମିନିଟ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାଥନା କରିବାସହ ସ୍ୱର୍ଗତ ବସ୍ତିଆଙ୍କ ଫଟଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ବିଶ୍ୱ ଶାନ୍ତି ମହାଯଜ୍ଞ : କଳସ ଶୋଭାଯାତ୍ରା

ଫୁଲନଖରା, (ସବ୍ୟୁ) : କଟକ ସଦର ଥାନା ଅନ୍ତର୍ଗତ ଶାସୋଳ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଈଶାନେଶ୍ୱରଙ୍କ ପୀଠରେ ବିଶ୍ୱରେ ଶାନ୍ତି ସ୍ଥାପନ ଉଦ୍ଦେଶ୍ୟରେ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ ୯ ତାରିଖ ଠାରୁ ଆରମ୍ଭ ହୋଇ ୧୨ ତାରିଖରେ ପୂର୍ଣ୍ଣାହୁତି ପର୍ବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଉପଲକ୍ଷେ ଆଜି ଶାସୋଳ ଗ୍ରାମର ମହିଳା ଓ ପୁରୁଷମାନେ ଏକ ଶୋଭାଯାତ୍ରାରେ ବାହାରି ଶାସୋଳସ୍ଥିତ ପବିତ୍ର ପୁଷ୍କରିଣୀରୁ ଜଳ ଉତ୍ତୋଳନ କରି ଶୋଭାଯାତ୍ରାରେ ଆସି ଈଶାନେଶ୍ୱରଙ୍କ ପୀଠରେ ପହଞ୍ଚି ଥିଲେ । ବିଶ୍ୱ ଶାନ୍ତି ମହାଯଜ୍ଞକୁ ଶାସୋଳ ଗ୍ରାମବାସୀମାନେ ପରିଚାଳନା କରିଥିଲେ ।

# ଜମିଜବରଦଖଲ, ଗୁଳି ଓ ବୋମାମାଡ ଘଟଣାରେ ଦୁଇ ଗିରଫ

ବାରଙ୍ଗ, (ସବ୍ୟୁ) : ଭୁବନେଶ୍ୱର ଉପକଣ୍ଠ ମଳିପଡ଼ା ପଣ୍ଡାକୁଦି ମୌଜାରେ ଥିବା ଏକ ସରକାରୀ ଜମି ଜବରଦଖଲ ଘଟଣାକୁନେଇ ହୋଇଥିବା ବୋମା ମାଡ ଓ ଗୁଳିକାଣ୍ଡ ଘଟଣାର ଷାଠିଏ ଦିନ ପରେ ଶନିବାର ଚନ୍ଦକା ପୋଲିସ ଦୁଇ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି ।ସେମାନେ ହେଲେ ଅନ୍ଧାରୁଆ ଗ୍ରାମର ଆଶିଷ ରାୟ ଓରଫ ଆଶୁ (୩୦) ଓ ଆଇଗିଣିଆର ପୁପୁନ ମାଝୀ ଓରଫ ପପୁ (୩୦)। ପୋଲିସ ସୂଚନା ମୁତାବକ ଗତ ମାର୍ଚ୍ଚ ମାସ ୯ ତାରିଖରେ ପଣ୍ଡାକୁଦିଆ ସରକାରୀ ଜମି କିଣାବିକାକୁ ନେଇ ଦୁଇଗୋଷ୍ଠୀ ମୁହାଁ ମୁହିଁ ହୋଇଥିଲେ । ଗୁଳିଚାଳନା ସହ ବୋମାମାଡ ବି ହୋଇଥିଲା । ଗୁଳିମାଡରେ ଭରତପୁର ଅଂଚଳର ସୋମନାଥ ସାହୁଙ୍କ ଜଙ୍ଘରେ ଗୁଳି ବାଜିଥିଲା । ଏଥିନେଇ ପୋଲିସ ବୁଲେଟ୍ ରାଜା ଓରଫ ବିକାଶ ବାରିକଙ୍କୁ ଗିରଫ କରିଥିଲା । ପୋଲିସ୍ ସେହି ଘଟଣାରେ ଶନିବାର ଆଉ୨ଜଣଙ୍କୁ ଗିରଫକରି ୬୩/୨୫କେସ ନମ୍ୱରରେ ଏକ ମାମଲା ରୁଜୁକରି କୋର୍ଟଚାଲାଣ କରିଛି । ଏହି ମାମଲାରେ ଆଉ ତିନିଜଣ ଫେରାର ଅଛନ୍ତି ।ରାଜଧାନୀ ଉପକଣ୍ଠରେ ଏବେ ସରକାରୀ ଜମି ଜବରଦଖଲ ବଢ଼ି ଚାଲିଛି । ପ୍ରଶାସନ ଏଥିନେଇ କୌଣସି ପଦକ୍ଷେପ ନେଉନଥିବାରୁ ମାଫିଆମାନେ ଏହି ଜମିକୁ ବିକି ଓ ଦଖଲ ଦେଇ ମାଲା ମାଲ ହେବା ସହ ଅଂଚଳରେ ଦାଦାଗିରି କରି ସାଧାରଣ ଲୋକଙ୍କୁ ହଇରାଣ ହରକତ କରୁଥିବାର ଦେଖିବାକୁ ମିଳିଛି

# ଗୋରୁ ଛାଡ଼ି ମାଫିଆ ଫେରାର

## ଦୁଇ ଗାଡ଼ି ଜବତ

ଆଠଗଡ଼ (ସବ୍ୟୁ) : ତିଗିରିଆ ପରେ ଆଠଗଡ଼ ରେ ଗୋରୁ ମାଫିଆ ଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି । ଯେତେ ଚଢାଉ ହେଲେ ମଧ ଗୋମାତାଙ୍କ ସହିତ ଗୋ ମାଂସ କମିବାର ନାଁ ନେଉନାହିଁ । ବାରମ୍ବାର ଠିକଣା ବଦଳାଉଛନ୍ତି ଗୋରୁ ମାଫିଆ । ତିଗିରିଆ ବାରମାଣ ସଂରକ୍ଷିତ ଜଙ୍ଗଲ ପରେ ଆଠଗଡ଼ ଥାନା ଅନ୍ତର୍ଗତ ରେଗେଡାପଡା ପଟାସ ଜଙ୍ଗଲ । ସେଠାରୁ ପୁଣି ସ୍ଥାନୀୟ ଲୋକ ଙ୍କ ଦ୍ୱାରା ତଡା ଖାଇବା ପରେ ଏବେ ଆଠଗଡ଼ ଥାନା ଅନ୍ତର୍ଗତ ତଳଗଡ ଠାରେ ଗୋରୁ ଆଣି କାଟିବାକୁ ଉଦ୍ୟମ କଲାବେଳେ ସ୍ଥାନୀୟ ଲୋକ ଜାଣିବାକୁ ପାଇଥିଲେ । ସ୍ଥାନୀୟ ଯୁବକ ମାନେ ଏହାକୁ ବିରୋଧ କରିବାରୁ ମାଫିଆ ମାନେ ଗୋରୁ ସହିତ ଦୁଇ ଟି ଗାଡ଼ି ଛାଡି ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ଜଣାପଡିଛି । ଆଠଗଡ଼ ପୋଲିସକୁ ଖବର ଦେବାପରେ ପୋଲିସ ଘଟଣା ସ୍ଥଳରୁ ଗୋଟିଏ ଅଟୋ ନଂ ଓଡି –୦୪–କେ–୩୩୯୦ ଏବଂ ଗୋଟିଏ ମୋଟରସାଇକେଲ ନଂ ଓଡି –୦୪–ୱାଇ–୨୨୭୧ କୁ ଜବତ କରିବା ସହିତ ତିନୋଟି ଗୋରୁ ଉଦ୍ଧାର କରଥିବା ଜଣାପଡିଛି ।

# ବ୍ରହ୍ମପୁରାରେ ଦୁଇ ବଖରା ଜଳି ପାଉଁଶ



ବାଙ୍କୀ ,(ସବ୍ୟୁ) : କଟକ ଜିଲ୍ଲା ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୂରା ଗ୍ରାମରେ ମଧ୍ୟାହ୍ନ ସାଢ଼େ ଦୁଇ ଘଣ୍ଟା ସମୟ ରେ ନିଆଁ ଲାଗି ଘରେ ରହୁ ଥିବା ପ୍ରାଣକୃଷ୍ଣ ସାହୁଙ୍କ ପରିବାର ଲୋକେ ଭୟରେ ବାହାରକୁ ପଳାଇ ଆସି ବାଙ୍କୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବାଙ୍କୀ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଲିଭାଇଥିଲେ । ସେତେବେଳକୁ ସମ୍ପୂର୍ଣ୍ଣ ଦୁଇ ବଖରା ପୋଡ଼ି ଯାଇଥିଲା । ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବା ବେଳେ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଥିବାର ସନ୍ଦେହ କରାଯାଉଛି । ରାଜସ୍ ନିରୀକ୍ଷକ ପହଞ୍ଚି ତଦନ୍ତ କରି ଅଗ୍ନି ବିପନ୍ନକୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ସ୍ଥାନୀୟ ଲୋକମାନେ ।

# ଖଣ୍ଡାଗର ଗ୍ରାମରେ ଭଗବତ ମେଳଣ

ଫୁଲନଖରା : କଟକ ସଦର ଥାନା ଅନ୍ତର୍ଗତ ମହୀଧରପଡା ମେଡିକାଲ ଛକ ବଜାର ଖଣ୍ଡାଗର ଗାମର ୫ ତାରିଖ ରାତ୍ରରେ ଭଗବତ ମେଳଣ ଅନୁଷିତ ହୋଇଯାଇଛି । ସନ୍ଧ୍ୟା ସମୟରେ ଭଗବତ ପୀଠ ବାସୁଦେବ ଗାଦିରୁ ଭଗବତ ବିମାନ ବାହାରି ବାଜା ବାଣ ସଂକୀର୍ତ୍ତନ ସହ ଖଣ୍ଡାଗର, ମହୀଧରପଡା, ନଗରୀ ରଙ୍ଗଣୀ ସାହି ଗାମମାନଙ୍କର ବିଭିନ୍ନ ସ୍ଥାନରେ ୨୧ ଘର ଠାକୁର ଭୋଗ ଖାଇ ୬ ତାରିଖ ବଡ଼ିଭୋରରୁ ଭଗବତ ଗାଦି ପୀଠରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ବସିରହିଥିଲେ। ସନ୍ଧ୍ୟା ସମୟରେ ନଖରା, କୋହଳ, ଚାରିଘରିଆ,ଜଗନାଥପୁର ଓ ନଗରୀରଙ୍ଗଣୀ ସାହିର ୬ ମଣ୍ଡଳ ପରିବେଷଣ ରାତ୍ର ୧୨ ଟା ଯାଏଁ ଲାଗି ରହିଥଲା। ନଖରା ସଂକୀର୍ତ୍ତନ ମଣ୍ଡଳୀର ଜଣେ ୧୦ ବର୍ଷର କୁନି ଝିଅଟିଏ ସଂକୀର୍ତ୍ତନର ଗାୟକ ହିସାବରେ ଗୀତ ବୋଲୁଥବା ବେଳେ ସମସ୍ତେ ରୁଣ୍ଡ ହୋଇ ତା' ଗୀତ ଶୁଣି ତାକୁ ଉତ୍ସାହିତ କରୁଥିଲେ। ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ମୁଦୁଲି, ପ୍ରଦ୍ୟୁମ୍ନ ପଟ୍ଟନାୟକ, ଗୋପୀନାଥ ଯାଦବ, ବାନାମ୍ବର ମୁଦୁଲି, ଲଳିତ କୁମାର ରଥ, ପ୍ରଣବ ପନାୟକ ପମୁଖ ପରିଚାଳନା କରିଥେଲ ।



ଏହି ଭଗବତ ମେଲଣକୁ ସ୍ୱଗତଃ ଶରତ କୁମାର ଦାଶ ନେତୃତ୍ୱରେ ଆରମ୍ଭ କରାଯାଇ ଏହା ୧୮ ବର୍ଷରେ ପଦାର୍ପଣ କରିଛି । ଶହ ଶହ ଭକ୍ତ ପସାଦ ସେବନ କରି ଘରକୁ ଯାଇଥିଲେ। କୁନିଗାୟିକା ଝିଅକୁ ସାମ୍ବାଦିକ ଲଳିତ କୁମାର ଦାଶ ଓ ଖଣ୍ଡାଗର ଗ୍ରାମ ମୁରବି ଗୋପୀନାଥ ଯାଦବ ଉତ୍ତରୀୟ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

କଣ୍ଟାପଡ଼ା, (ସବ୍ୟୁ):କଣ୍ଟାପଡ଼ା ବ୍ଲକ ଅଡ଼ଶପୁର ପଞ୍ଚାୟତ ଅ'ର୍ଗତ ବରାହୀପୁରଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୦ତମ ବାର୍ଷିକ ସାଂସ୍କୃତିକ କାର୍ଯକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଶିକ୍ଷାନୁଷ୍ଠାନର ପରିସରରେ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ପ୍ରଣୟକୁମାର ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯକ୍ରମରେ ଡଃ.ଶ୍ୱେତପଦ୍ମା ମହାନ୍ତି ମୁଖ୍ୟ ଅତିଥି ଓ ଡଃ.ବିଜୟକୁମାର ପାତ୍ର ମୁଖବକ୍ତା।ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଶିକ୍ଷାନୁଷ୍ଠାନ ସଭାନେତ୍ରୀ ରମାମଣୀ ହରିଚନ୍ଦନ ଓ ସମ୍ପାଦକ ହୃଷିକେଶ ରାଉତରାୟ ଉପସ୍ଥିତ ରହି ଶିକ୍ଷାନୁଷ୍ଠାନଦ୍ୱାରା ପ୍ରଦାନ କରାଯାଉଥିବା ଶୈକ୍ଷିକ ପ୍ରଣାଳୀ, ଶୃଙ୍ଖଳା ଓ ସମୟାନୁର୍ବିତା ବାବଦରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିଙ୍କଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାଶୀନାଥ ବେହେରା କାର୍ଯକ୍ରମ ସଞ୍ଚାଳନ କରିଥିଲାବେଳେ ଅଜିତ କୁମାର ସ୍ୱାଇଁ ଧନବାଦ ଅର୍ପଣ କରିଥିଲେ।

# ବାଲିପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ

ବାଲିପାଟଣା, (ସବ୍ୟୁ) : ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛିଛସର୍ବ ସଂମ୍ମତି କ୍ରମେ ସଂଘ ର ନୂତନ ସଭାପତି ଭାବରେ ଶିକ୍ଷକ ପ୍ରଭାକର ମଲ୍ଲିକ, ଉପ ସଭାପତି ଭାବରେ ରୋଜାଳିନ ସାହୁ ଓ ନରେନ୍ଦ୍ର କୁମାର ଦାସ, ସାଧାରଣ ସଂପାଦକ ଭାବରେ ଦୀନକୃଷ୍ଣ ସାହୁ,ଯୁଗ୍ମ ସମ୍ପାଦକ ଭାବରେ ପ୍ରଭାକର ଦାଶ, ଅଭୟ କୁମାର ବେହେରା, ଜ୍ୟୋତି ରଞ୍ଜନ ଭୋଇ ଓ ତପନ କୁମାର ସେଠୀଛକୋଷାଦ୍ଧକ୍ଷ ଭାବରେ ଅମରେଶ ବେହେରା, କୋଡ଼ିନେଟର ଭାବରେ ସନ୍ତୋଷ କୁମାର ମଲ୍ଲିକ ମନୋନୀତ ହୋଇଥିଲେ। ସେହିପରି ଉପଦେଷ୍ଟା ଭାବରେ ଆଲୋକ ରଞ୍ଜନ ସାହୁ, ଜମ୍ନେଶ୍ୱର ମଲ୍ଲିକ, ରଶ୍ମିରଞ୍ଜନ ପଣ୍ଡା, ମିର ଆରିଫ ଅଲ୍ଲୀ ଓ ରମା ରଞ୍ଜନ ଦାସଙ୍କୁ ମନୋନୀତ କରାଯାଇଥିଲାଛସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହେବା ପରେ ନିକଟସ୍ଥ ମା ଗିରିଙ୍ଗେଶ୍ୱରୀ ପୀଠରେ ସପଥପାଠ ଉତ୍ସବ ମଧ ଅନୁଷ୍ଠିତ ହୋଇଥିଲା। ଶପଥ ପାଠ ଉତ୍ସବରେ ଅବସର ପ୍ରାପ୍ତ ପୂର୍ବତନ ଶିକ୍ଷକ ନେତା ମାନେ ନୂତନ କର୍ମକାର୍ତ୍ତାଙ୍କୁ ସଂଘର ନୀତି ନିୟମ ଅବଗତ କରାଇବା ସହ ଶପଥ ପାଠ କରାଇଥିଲେ। ଆୟୋଜିତ ସପଥପାଠ ଉତ୍ସବରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ କୋଷାଧକ୍ଷ ଆଲୋକ ରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ସଂଘର ଜିଲ୍ଲା ସଭାପତି ଜମ୍ନେଶ୍ୱର ମଲ୍ଲିକ ସଂଘର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ଆଗାମୀ ଦିନରେ ସଙ୍ଘ କେଉଁ କେଉଁ ସମସ୍ୟା ନେଇ ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟିଗୋଚର କରିବ ସେ ସମ୍ପର୍କରେ ଅବଗତ କରାଇଥିଲେ। ଏଥି ସହିତ ପୁର୍ବତନ ସଭାପତି ଶ୍ରୀଯୁକ୍ତ ସାହୁ ଓ ସମ୍ପାଦକ ରଶ୍ମିରଞ୍ଜନ ପଣ୍ଡା କିଭଳି ଭାବରେ ସଂଘକୁ ଏକଜୁଟ କରି ରଖିଥିଲେ ସେ ସମ୍ପର୍କରେ ଅବଗତ କରାଇବା ସହ ସେମାନଙ୍କର ପଦାଙ୍କ ଅନୁସରଣ କରିବାକୁ କହିଥିଲେ। ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ରସାନନ୍ଦ ପାତ୍ର, ଶିବଚରଣ ଦାଶ, ନିରଞ୍ଜନ ବେହେରା, ଉପେନ୍ଦ୍ର ମହାରଣା, ସୁରେନ୍ଦ୍ର ପଣ୍ଡା, ଗୋପ ନନ୍ଦନ ଦାସ ଓ ଅବସର ପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପରିଡା, ପ୍ରତାପ କିଶୋର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଲୋକ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ କର୍ମଶାଳା

ସାକ୍ଷୀଗୋପାଳ, (ସବ୍ୟୁ) : ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଶିକ୍ଷକ ସଙ୍ଘ ପକ୍ଷରୁ ଏକ ଦିବସିୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଓଡ଼ିଶା ପ୍ରାନ୍ତ ସଂଗଠନ ମନ୍ତ୍ରୀ ଡକ୍ଟର ନିରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ । ଅତିଥି ଭାବେ ଉପସଭାପତି ଅନାଦି ଶ୍ରୀଚନ୍ଦନ, ଅତିରିକ୍ତ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଖୁଣ୍ଟିଆ, କୋଷାଧକ୍ଷ ବାଞ୍ଛାନିଧି ସାହୁ, ମହାସଚିବ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଙ୍ଘ ବିକ୍ରମ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଉପସ୍ଥିତ ଅତିଥି ଓ ସଦସ୍ୟଙ୍କ ଉପସ୍ଥିତରେ ଜିଲ୍ଲା ସ୍ତରରେ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ୭ ଜଣିଆ କମିଟି ଗଠନ କରାଯାଇଛି । ରାଷ୍ଟ୍ରର ହିତ ପାଇଁ ଶିକ୍ଷାଦାନ କରିବା ନିମନ୍ତେ ଏହି କର୍ମଶାଳାର ମୁଖ୍ୟ ଆଭିମୁଖ୍ୟ ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ମନେ ପ୍ରକାଶ କରିଥିଲେ। ସଭା ପରି ଚାଳନା କରିଥିଲେ ଶିକ୍ଷକ ଅନାଦି ଶ୍ରୀଚନ୍ଦନ ଅତିଥି ପରିଚୟ କରିଥିଲେ ଶିକ୍ଷକ ମୃତ୍ୟୁଞ୍ଜୟ ମହାପାତ୍ର ।ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ପବିତ୍ର ମୋହନ ଜେନା, ସୁଶ୍ରୀସ୍ମିତା ମହାନ୍ତି, ବିଶ୍ମଚରଣ ମହାନ୍ତି, ବସନ୍ତ କୁମାର ସ୍ୱାଇଁ, ରବି ବାରିକଙ୍କ ସମେତ ୪୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ଅରାଙ୍ଗରେ ବେଧଡକ ଖଣ୍ଡେଲାଇଟ୍ ପଥର ଖୋଳା, ପ୍ରଶାସନ ନିଘୋଡ଼ ନିଦରେ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାରୁ ବେଆଇନ ମାଙ୍କଡା ପଥର, ଖଣ୍ଡେ ଲାଇଟ ପଥର,ମୋରମ ଆଦିର ଚୋରା ଚାଲାଣକୁ ରୋକିବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ଏବେ ଅଣ୍ଟା ଭିଡିଛି । ଜିଲ୍ଲା ପୁଲିସର ନିର୍ଦ୍ଦେଶରେ ବହୁ ସଂଖ୍ୟାରେ ଖଣି ଓ ଗାଡି ଜବତ ହେଉଥିବାବେଳେ କିନ୍ତୁ ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଅରାଙ୍ଗରେ ଚାଲିଛି ବେଧଡକ ଖଣ୍ଡେଲାଇଟ ପଥର ଖୋଳା। ପୋଲିସର ଚଢାଉ ଯୋଗୁ ଓ ଜେସିବି ମେସିନ ରାଜି ନ ହେବା କାରଣରୁ ମଜୁରିଆ ଲଗାଇ ସକାଳ ୬ ଠାରୁ ଦିନ ୧୧ ଟା ପର୍ଯ୍ୟନ୍ତ ଏହି ପଥର ଖନନ କରାଯାଇ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। କିନ୍ତୁ ଏ ବିଷୟରେ ପ୍ରଶାସନ ପାଖରେ କୌଣସି ଖବର ନାହିଁ । ଏ ସମ୍ବନ୍ଧରେ ଜଂକିଆ ଥାନା ଅଧିକାରୀଙ୍କୁ ପଚାରିବାରୁ ଖୋଳା ସମୟରେ ତାଙ୍କୁ ଖବର ପାଇଲେ ନିଶ୍ଚିତ ଚଢ଼ାଉ କରିବେ ବୋଲି କହିଛନ୍ତି। କିନ୍ତୁ ଏହି ଖଣ୍ଡେ ଲାଇଟ ପଥର ମାଫିଆ ମାନେ ପୋଲିସ ଓ ଖଣି ବିଭାଗର ଗତିବିଧି ଲକ୍ଷ୍ୟ କରିବା ପାଇଁ ଥାନା ଠାରୁ ଆରମ୍ଭ କରି ଖଣି ପର୍ଯ୍ୟନ୍ତ ଜାଲ ବିଛାଇ ରଖିଥିବା ଲୋକେ ଆଲୋଚନା କରୁଛନ୍ତି। ସୂଚନାଯୋଗ୍ୟ କି ଜିଲ୍ଲାରେ ନରଣଗଡ଼ ପଞ୍ଚାୟତ ଅଞ୍ଚଳଟି ଖଣ୍ଡେ ଲାଇଟ (ବଉଳ ମାଳିଆ)ପଥର ପାଇଁ ବେଶ ଗୁରୁତ୍ୱ ବହନ କରେ।ଏହା ବ୍ୟତୀତ ଛଣଗିରି ପଞ୍ଚାୟତ ଅଧିନସ୍ଥ ଦେଉଳି –ଅରାଙ୍ଗ ମୌଜାରେ ଏହି ପଥରମାନ ରହିଛି ।ଏହା ଦୁର୍ମୁଲ୍ୟ ଖଣିଜ ଦ୍ରବ୍ୟ ହୋଇଥିବାରୁ ଏହା ମାଫିଆଙ୍କ ଲୋଲୁପ ଦୃଷ୍ଟି ଏହି ଅଞ୍ଚଳରେ ପଡ଼ିଯାଇଛି। ପରିବେଶ ନଷ୍ଟ କରି ମାଫିଆମାନେ ମାଲେମାଲ ହେଉଥିବାବେଳେ ଦୈନିକ ହଜାର ହଜାର ଟଙ୍କା ରାଜସ୍ୱ ହାନୀ ଘଟିବାରେ ଲାଗିଛି।କେବଳ ସେତିକି ନୁହେଁ ସ୍ଥାନୀୟ କାଜୁ ଜଙ୍ଗଲ ଓ ଗୋଚର ଜଙ୍ଗଲକୁ ପୁରୁଷ ପୁରୁଷ ଉଚ୍ଚରେ ଗାତ ଖୋଳି ଏହି ପଥର ଚୋରା ଚାଲାଣ କରୁଥିବାରୁ ବର୍ଷା ଜଳ ଆଉ ଚାଷ ଜମିକୁ ଆସି ପାରୁ ନାହାନ୍ତି । ଫଳରେ ଆଗାମୀ ଦିନରେ ଚାଷ କାର୍ଯ୍ୟ ମଧ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ସେହିପରି ଉକ୍ତ ଅଞ୍ଚଳରେ ଆଉ କେତୋଟି ସ୍ଥାନକୁ ଠିକଣା କରାଯାଇ ପୁରାତନ କାଜୁ, ଆକାଶିଆ, ପଟାସ ଆଦି ଗଛକୁ କଟାଯାଇ ରାତିଅଧିଆ ବାହାର ଜିଲ୍ଲାକୁ ଶହ ଶହ ଟ୍ରିପ ଏହି ଖଣ୍ଡେ ଲାଇଟ ପଥର ଚୋରା ଚାଲାଣ ପାଇଁ ମଧ ମସୁଧା ଚାଲିଥିବା ଅଭିଯୋଗ ହେଉଛି । ତେବେ ଉକ୍ତ ଖଣି ଅଞ୍ଚଳରେ ରାତି ଅଧରେ ବିଭିନ୍ନ ଯନ୍ତ୍ରଂଶକୁ ବ୍ୟବହାର କରାଯାଉ ଥିବାରୁ ଏହାର କର୍କଶ ଶବ୍ଦରେ ବିଭିନ୍ନ ଜଙ୍ଗଲୀ ଜୀବଜନ୍ତୁ ଏବେ ଗାଁ ଭିତରେ ପଶି ବିଭିନ୍ନ ଫସଲ ନଷ୍ଟ କରିବା ଏବେ ନୀତି ଦିନିଆ ହୋଇଗଲାଣି। ଅନୁରୂପଭାବେ ରାତିଦିନ ଏହି ପଥର କଟା ଯାଉଥିବାରୁ ବ୍ୟବହୃତ ଟ୍ରକ, ଟ୍ରାକ୍ଟର, ହାଇୱା ଆଦି ଭାରୀଯାନର ବେଧଡ଼କ ଚଳାଚଳ ଯୋଗୁଁ ଗ୍ରାମ୍ୟ ରାସ୍ତା ନଷ୍ଟ ହେବା ସହ ପରିବେଶ ନଷ୍ଟ ହେଉଛି । ତେଣୁ ସବୁ ଅଞ୍ଚଳରେ ବେଆଇନ ପଥର ଖଣି ଉପରେ ରୋକ ଲାଗିଥିବାବେଳେ କାହା ସ୍ୱାର୍ଥରେ ଓ କାହା ସାହସ ରେ ଏହି ଖଣି ଖୋଳା ଯାଉଛି ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଛି।

# ଭୂତଳ ଜଳସ୍ତର ହ୍ରାସ, ଶୁଖିଲା ପଡିଛି ମହାନଦୀ, ଶାଖାନଦୀ

## ଜଳକଷ୍ଟ ଭୋଗୁଛନ୍ତି ଖଣ୍ଡପଡା ଅଞ୍ଚଳବାସୀ





ଖଣ୍ଡପଡା,(ସବ୍ୟୁ) : ଖଣ୍ଡପଡା ବ୍ଲକ ଅଂଚଳବାସୀ ସାମ୍ପ୍ରତିକ ପରିସ୍ଥିତିରେ ପାନୀୟ ଜଳ ମୁନ୍ଦେ ସଂଗ୍ରହ ନିମନ୍ତେ ସମସ୍ୟାର ସମ୍ମୁଖିନ ହେଉଥିବା ଜଣାପଡିଛି। ଗାଁ ଗାଁରେ ପାନୀୟ ଜଳ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ଖଣ୍ଡପଡା ଅଂଚଳ ଦେଇ ପ୍ରବାହିତ ଚିରସ୍ରୋତା ମହାନଦୀ କ୍ରମଶଃ ଶୁଖିବାକୁ ଲାଗିଲାଣି । ମହାନଦୀର ୮୦ ପ୍ରତିଶତ ଅଂଶ ଏବେ ଶୁଖିଲା ପଡିଥିବା ବେଳେ କୁଆଁରିଆ, କୁସୁମୀ, ଆମ୍ବନାଳ, ସୁନାମୁହିଁ, ଲୁଣିଝରା, ଡାହୁକା ପ୍ରଭୃତି ଶାଖାନଦୀ ଗୁଡିକର ଅବସ୍ଥା ନକହିବା ଭଲ। ବେଳକୁବେଳ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଏଭଳି ପରିସ୍ଥିତିରେ ଅଂଚଳବାସୀ ଜଳଯନ୍ତ୍ରଣାର ସମ୍ମୁଖିନ ହୋଇଛନ୍ତି । ଭୂତଳ ଜଳସ୍ତର ଆଶାତୀତ ଭାବେ ନିମ୍ନଗାମୀ ହେବାରେ ଲାଗିଛି । ବିଭିନ୍ନ ପଂଚାୟତରେ ଥିବା କୂପରେ ପ୍ରାୟ ୨୫ରୁ ୩୦ ଫୁଟ ତଳେ ପାଣି ଥିବାରୁ ସ୍ଥାନୀୟ ବାସିନ୍ଦାମାନେ ଅକ୍ଲା' ପରିଶ୍ରମ କରି କୂପ ସମେତ ଅନ୍ୟାନ୍ୟ ଜଳଉତ୍ସରୁ ପାଣି ସଂଗ୍ରହ କରୁଥିବା ଜଣାପଡିଛି । ଗାଁ ଗାଁରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁବସୁଧା ଯୋଜନାରେ ଓଭରହେଡ ପାଣି ଟାଙ୍କି ନିର୍ମାଣ ସହ ପ୍ରତ୍ୟେକ ଗ୍ରାମକୁ ପାଇପ ଲାଇନ ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି । ମାତ୍ର ପାଇପ ଲାଇନ ଯୋଗେ ପ୍ରତ୍ୟେକ ଗ୍ରାମବାସୀଙ୍କୁ ଆବଶ୍ୟକୀୟ ପାନୀୟ ଜଳ ଯୋଗାଣରେ ପ୍ରଶାସନ ବିଫଳ ହୋଇଥିବା ଜଣାପଡିଛି । ବାରମ୍ବାର ଦାବି ପରେ ଖଣ୍ଡପଡା ବ୍ଲକ ଅଧିନ ଖଳିସାହି, ବେଣାଗାଡିଆ ପଂଚାୟତ ଅଧିନ କାଦୁଆ, ସିଧାମୂଳା ପଂଚାୟତ ଅଧିନ ଘୋଡାମାରୀଦ୍ୱାର ଗ୍ରାମ ସମେତ ଆଉ କେତେକ ଗ୍ରାମକୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ଆରମ୍ଭ ହୋଇଥିବା ପ୍ରଶାସନ ସୁତ୍ରରୁ ଜଣାପଡିଛି । ମହାନଦୀ ଓ ତାର ଶାଖାନଦୀ ପାର୍ଶ୍ୱବର୍ତୀ ଗ୍ରାମ ଗୁଡିକରେ ଜନସାଧାରଣ ମଧ୍ୟ ଜଳକଷ୍ଟ ଭୋଗୁଥିବା ଜଣାପଡିଛି । ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ଖଣ୍ଡପଡା ଅଂଚଳବାସୀ ଆଉ କେବେ ପାଣି ପାଇବେ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଂଚଳବାସୀଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ ମେଗା ପାନୀୟ ଜଳ ପ୍ରକଳ୍ପ ତୁର' କାର୍ଯ୍ୟକ୍ଷମ କରିବା ଦିଗରେ ଜିଲ୍ଲା ପ୍ରଶାସନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଦୁର୍ଗର ପରିଖା ତଳେ ଏକା ଏକା କବି



ଡ. ମନୋରମା ବିଶ୍ୱାଳ ମହାପାତ୍ର

ଦକ୍ଷିଣ ୟୁରୋପରେ ଥିବା ଗ୍ରୀସ୍‌ର ମାସିଡୋନିଆ ସାମ୍ରାଜ୍ୟ ବିଶ୍ୱବିଦିତ । ପ୍ରାଚୀନ ମାସିଡୋନିଆ ସାମ୍ରାଜ୍ୟ ଆଜି ଗ୍ରୀସ୍ ନାମରେ ପରିଚିତ । ମାସିଡେନିଆ ସାମ୍ରାଜ୍ୟର ରାଜଧାନୀ ଥେସାଲୋନିକୀ । 'ଆଲେକ୍‌ଜାଣ୍ଡାର ଦି ଗ୍ରେଟ୍'ଙ୍କର ଏହା ଜନ୍ମସ୍ଥାନ । ମୋହର, ଆରିଷ୍ଟଟଲ୍ ପ୍ରଭୃତି ମନୀଷୀମାନଙ୍କର ଦେଶ ଗ୍ରୀସ । ବିଂଶ ଶତାବ୍ଦୀର ଗ୍ରୀକ୍ କବି ସେଫେରିସ୍ (୧୯୦୦-୭୧) ନୋବେଲ୍ ପୁରସ୍କାର ବିଜୟୀ ସାହିତ୍ୟ ସଂସ୍କୃତି ଏବଂ ପ୍ରାଚୀନ ଐତିହ୍ୟ ଭିତରେ ଶୋଇ ରହି ଗ୍ରୀସ୍ ଆଜି ସ୍ୱପ୍ନ ଦେଖୁଛି । ଇତିହାସ ଏଠି କଥା କହେ ।

ଗ୍ରୀସ୍‌ରେ ଆଜି ବସନ୍ତ ଋତୁ । ବଙ୍ଗୀୟ କବିଙ୍କର ସେହି କବିତାର ଧାଡ଼ି ମନେ ପଡୁଥିଲା- 'ଫୁଲ ଫୁଟୁ କି ନ ଫୁଟୁ ଆଜି ବସନ୍ତ ।' ବସନ୍ତର ଫୁଲଫୁଟିବା ପାଇଁ କାହାକୁ ଅପେକ୍ଷା କରେ ନାହିଁ । ଅଥଚ ଶରତର ନଈକୂଳରେ ଆଜି କାଶତଣ୍ଡୀ ଫୁଲ ଖୋଜିବାକୁ ଗଲାବେଳେ ନିରାଶ ହେବାକୁ ପଡୁଛି । ଓଡ଼ିଶାର ଅନେକ ନଈ ଆଜି ଶୁଖିଗଲାଣି । ଯେପରି ମୋର ପ୍ରିୟ ନଦୀ ସାଳନ୍ଦୀ ଆଜି କ୍ଷୀଣ ହୋଇଯାଉଛି ଦିନକୁ ଦିନ । ଗ୍ରୀସ୍ ଆଜି ଉଚ୍ଛଳ, ଉଦ୍‌ବେଳିତ । ଲାଇଲାକ୍, ଡାଫୋଡ଼ିଲ୍ ଫୁଲର ଉତ୍ସବ ଚାରିଆଡ଼େ । ଗ୍ରୀସ୍ ଆଜି କବିତାର ସ୍ୱପ୍ନରେ ବିଭୋର । କାରଣ ପୃଥିବୀର ପ୍ରାୟ ଅଠରଟି ଦେଶର କବି ଆଜି ତା ପାଖକୁ ଆସିଛନ୍ତି । ଅଲିଭ ଗଛ ପତ୍ରରେ ଏବଂ ହଜାର ହଜାର ବର୍ଷର ଜରାଜୀର୍ଣ୍ଣ ଦୁର୍ଗର ଗଡ଼ଖାଇ ଭିତରେ ଇତିହାସର ଗନ୍ଧ ସ୍ପଷ୍ଟ ବାରି ହୋଇଯାଉଛି । ବିଶ୍ୱକବି ସମ୍ମିଳନୀକୁ ଆସିଥିବା କବିମାନେ ଗ୍ରୀସ୍ ସହିତ ଅନେକ ବେଳୁ ଗପ ଜମାଇ ସାରିଲେଣି । ମାସିଡୋନିଆ ବା ଗ୍ରୀସ୍‌ର ସମୁଦ୍ର, ଆକାଶ, ନଈ ଆଜି କବିତାମୁଖର । ସଙ୍ଗୀତରେ ମସଗୁଲ । ଶାନ୍ତି ନିକେତନରେ ଛାଡ଼ି ଆସିଥିବା ମୋର ସେହି ଛାତ୍ରଜୀବନର ସ୍ମୃତି ଯେମିତି ମୂର୍ତ୍ତିମନ୍ତ ହୋଇ ମୋତେ କହୁଥିଲା- 'ମେଘ୍ ବଲେଛେ ଯାବ ଯାବ, ରାତ୍ ବଲେଛେ ଯାଇ, ସାଗର ବଲେ କୂଲ୍ ମିଲେଛେ ଆମି ତୋ ଆର୍ ନାଇ' (ମେଘ କହୁଛି ମୁଁ ଯିବି, ରାତ୍ରି ମଧ୍ୟ ଯିବ ବୋଲି ଚାହୁଁଛି, କିନ୍ତୁ ସମୁଦ୍ର ଏବଂ ବେଳାଭୂମି ଆଜି ଏକାକାର ହୋଇଯାଇଛି )।



ଅଗଷ୍ଟ ମାସରେ ଖରାବର୍ଷାର ଲୁଚକାଳି ଭିତରେ ଶରତ ହଠାତ୍ ଆସି ପହଞ୍ଚିଯାଏ ଆମ ଭୁବନେଶ୍ୱରରେ । ଗ୍ରୀସ୍‌ରେ ଆଜି କିନ୍ତୁ ବସନ୍ତ । ସେଦିନ ଆରିଷ୍ଟଟଲ୍ ସ୍କୋୟାର୍‌ଠାରେ ବିଶ୍ୱକବିତା ସମାରୋହ ଅନୁଷ୍ଠିତ ହୋଇଗଲା । ଚୀନ, ଜାପାନ, ଜର୍ମାନୀ, ଅଷ୍ଟ୍ରେଲିଆ ଠାରୁ ଆରମ୍ଭ କରି ଆମେରିକା ପର୍ଯ୍ୟନ୍ତ ପ୍ରାୟ ଅଠରଟି ରାଜ୍ୟର କବିମାନେ କବିତା ପାଇଁ ଗ୍ରୀସ୍‌କୁ ନିମନ୍ତ୍ରିତ ହୋଇଥିଲେ । ଲସ୍‌ଏଞ୍ଜେଲସ୍‌ରୁ ଆସିଥିବା କବି ରୋଜ୍‌ମେରୀ ତାଙ୍କ ଅଭିଭାଷଣରେ ସେଦିନ କହିଲେ – 'କବିମାନେ କେବଳ ଅଶୁଭଦ୍ରବ୍ୟକୁ ଶୁଭରେ ବଦଳାଇ ପାରିବେ । ହସ୍‌ପିଟାଲ୍‌ଠାରୁ ଆରମ୍ଭ କରି ପାଗଳ ଗାରଦ ପର୍ଯ୍ୟନ୍ତ ଯଦି କବିମାନଙ୍କୁ ନିଯୁକ୍ତି ଦିଆଯାଏ, ତା'ହେଲେ ସେ ସ୍ଥାନର ମାହାତ୍ମ୍ୟ ନିଶ୍ଚିତ ଭାବରେ ବଢ଼ିଯିବ । 'ଇଲେକ୍‌ଟ୍ରାପ୍ୟାଲେସ୍' ହୋଟେଲ୍ ଗ୍ରୀସ୍‌ର ଏକ ଅଭିଜାତପୂର୍ଣ୍ଣ ହୋଟେଲ୍ । ଏହି ସ୍ଥାନରେ କବିତା ଉତ୍ସବ, ସେମିନାର ଆଦି ଅନୁଷ୍ଠିତ ହୋଇଥିଲା । କେବଳ ଉଦ୍ଘାଟନ ଉତ୍ସବ ସମୁଦ୍ର ଭିତରେ ଏକ ଷ୍ଟିମର୍‌ରେ ହେଲା । ଉଦ୍ଘାଟନ ଉତ୍ସବ ସରିଲାପରେ ସେଠାରେ ମଧ୍ୟ ରାତ୍ରିଭୋଜନର ବ୍ୟବସ୍ଥା ହୋଇଥିଲା- ତାହା ଗ୍ରୀସ୍‌ର ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ହେଉଥିଲା ।

କବିତା ଉତ୍ସବର ଦ୍ୱିତୀୟ ଦିନରେ ଗ୍ରୀକ୍ ସଙ୍ଗୀତର ଅର୍କେଷ୍ଟ୍ରା ଶୁଣିବା ପାଇଁ ହଜାର ହଜାର ବର୍ଷ ତଳର ଏକ ପୁରୁଣା ଦୁର୍ଗ ଭିତରକୁ ସବୁ କବି ସେଦିନ ଯାଇଥିଲେ । ଇତିହାସର ମୂକସାକ୍ଷୀ ଭାବରେ ଦୁର୍ଗଟି ଯେମିତି ଅବିଚଳିତ ଥିଲା ପରି ମନେହେଲା ।

ଆକାଶରେ ସେଦିନ ଏକାଦଶୀର ଜହ୍ନ ଭୀଷଣ ମ୍ଳାନ ଲାଗୁଥିଲା । ପାହାଡ଼ ଉପରେ ଥିବା ଏହି କ୍ୟାସେଲ୍ ସେଦିନ ଜନାରଣ୍ୟ ହୋଇ ଉଠିଥିଲା । ସାନ ସାନ ପିଲାମାନଙ୍କୁ ଧରି ବାପାମାଆମାନେ ସେଦିନ ଗ୍ରୀକ୍ ସଙ୍ଗୀତରେ ବିଭୋର ଥିଲେ । ପଥର ଚଟାଣ ଉପରେ କେତେଜଣ ବସିଥିଲା ବେଳେ ଅନ୍ୟ କେତେଜଣ ଛିଡ଼ା ହୋଇ ସଙ୍ଗୀତ ଉପଭୋଗ କରୁଥିଲେ । ଗ୍ରୀକ୍ ଲୋକସଙ୍ଗୀତର ଏକ ଅଦ୍ଭୁତ ପ୍ରକାର ଆକର୍ଷଣୀୟ ଶକ୍ତି ରହିଥିବାର ଅନୁଭବ କଲି । ରାତି କ୍ରମଶଃ ଦୀର୍ଘ ହେବାରେ ଲାଗିଥିଲା । ଦୁର୍ଗର ଭିତର ପ୍ରାଙ୍ଗଣ ବିରାଟ ଆୟତନ ବିଶିଷ୍ଟ । ଉପରେ କୌଣସି ଚନ୍ଦ୍ରାତପ ନଥିଲା । ଖୋଲା ଆକାଶ ତଳେ ଏପରି ସଙ୍ଗୀତ ସମାରୋହ ଭୁବନେଶ୍ୱରରେ କ୍ୱଚିତ୍ ଦେଖାଯାଏ । ରାଜାରାଣୀ ମନ୍ଦିର କିମ୍ବା ଖଣ୍ଡଗିରି ଗୁମ୍ଫା ଭିତରେ ଆମ ସଂସ୍କୃତି ବିଭାଗ ବେଳେବେଳେ ଏପରି ଆସରର ଆୟୋଜନ କରିଥାଆନ୍ତି । ତାହା ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲେ ନାହିଁ ।

'ଥେସାଲୋନିକୀ' ସହରର ଦୃଶ୍ୟ ଏହି ଦୁର୍ଗ ଉପରୁ ଅତି ଚମତ୍କାର ଲାଗୁଥିଲା । ଆଲୋକମାଳାରେ ସୁସଜ୍ଜିତ ହୋଇ ଅପୂର୍ବ ରାଗ ସୃଷ୍ଟି କରୁଥିଲା । ଗ୍ରୀକ୍ ପୁଅଝିଅମାନେ ଖୁବ୍ ଉନ୍ମୁକ୍ତ । ଠିକ୍ ଗିରିନଦୀ ପରି । କିଛି ବନ୍ଧବାଡ଼ ଯେମିତି ନାହିଁ ସେମାନଙ୍କର । ସବୁ ଦେଶର କବିମାନଙ୍କୁ ଧରି ଦୁଇଟା ବସ୍ ପାହାଡ଼ ଉପରକୁ ଉଠିଥିଲା ଏବଂ ଦୁର୍ଗ ନିକଟରେ ଅପେକ୍ଷା କରିଥିଲା । ଗ୍ରୀକ୍ ସଙ୍ଗୀତରେ ମୁଁ ଏତେ ମଗ୍ନ ଥିଲି ଯେ ଶିଳ୍ପୀ 'ଇରିନା', କବି 'ମେରିନା' ଏବଂ ଲସ୍‌ଏଲସ୍ କବି ଲୁସି କ୍ୟାବିଲସ୍ ପ୍ରଭୃତି ମୋତେ କେତେବେଳେ ଡାକିଛନ୍ତି ମୁଁ ଶୁଣିପାରି ନାହିଁ ହୁଏତ । କିଛି ସମୟ ପରେ ଦେଖିଲି କେହି କବି ସେଠାରେ ନ ଥିଲେ । ଭରପୂର ସଙ୍ଗୀତ ଆସର ଭିତରେ ମୁଁ ସଂପୂର୍ଣ୍ଣ ଏକାକୀ ହୋଇଯାଇଥିଲି । ଏପରି ଅଜଣା, ଅଚିହ୍ନା ପରିବେଶରେ ମୁଁ କିପରି ଫେରିବି ତାହା ହିଁ ମୋତେ ବିବ୍ରତ କରୁଥିଲା । ଶାଢ଼ି ପିନ୍ଧିଥିବା ଓଡ଼ିଆଣୀ ପ୍ରତି ସମସ୍ତଙ୍କ ଦୃଷ୍ଟି ଆପେ ଆପେ ଆକର୍ଷିତ ହେଉଥିଲା । ମୋର ଇତସ୍ତତଃ ଭାବ ଲକ୍ଷ୍ୟକରି ଆରିଷ୍ଟଟଲ୍ ବିଶ୍ୱବିଦ୍ୟାଳୟର ଏମ୍.ଏ. ଛାତ୍ରୀ ଭାସୋ ଭାଇକୋଗ୍ଳି ମୋ ପାଖକୁ ଆସି ବିବ୍ରତର କାରଣ ପଚାରିଲେ । ଇଂରାଜୀ ଭାଷା ବୁଝିପାରୁ ନଥିବା 'ଭାସୋ'ର ବାପାମା'ଙ୍କ ସହିତ ପରିଚୟ ହେଲା । ବହୁ ପରିଚିତ ବନ୍ଧୁ ପରି ସେମାନେ ମୋତେ ଆଣି ହୋଟେଲ୍‌ରେ ଛାଡ଼ିଲେ ଏବଂ ନିମନ୍ତ୍ରଣ ଜଣାଇଲେ ତାଙ୍କ ଘରକୁ ଯିବା ପାଇଁ । ବିଦେଶରେ ଏପରି ଆନ୍ତରିକତାର ସ୍ପର୍ଶ ମୋତେ ଅଭିଭୂତ କରି ଦେଇଥିଲା । ଓଡ଼ିଶାକୁ ଫେରିବା ଦିନ ତରତର ହୋଇ ମାସିଡୋନିଆ ଏୟାରପୋର୍ଟ ଭିତରକୁ ପଶୁଛି, ଦେଖିଲି ଝିଅଟିଏ ହାତରେ ଛୋଟ ଏକ ପ୍ୟାକେଟ୍ ଧରି ମୋ ଆଡ଼କୁ ଆଗେଇ ଆସୁଛି ।

ପ୍ୟାକେଟ୍‌ଟି ମୋ ହାତକୁ ବଢ଼ାଇଦେଇ ଏତିକି କହିଲା –'ଯେଉଁ ଗ୍ରୀକ୍ ସଂଗୀତରେ 'ସିଡ଼ି' ଉପହାର ସ୍ୱରୂପ ଦେଉଛି ଆଜି। ଚିଠି ଦେବେ କେମିତି ଲାଗିଲା ଜଣାଇ ।'' ବିହ୍ୱଳ ହୋଇଗଲି ଝିଅଟିର କଥାରେ । ମୋ ଝିଅ ବୟସର ହେବ । ତା ସହିତ ପରିଚୟ ମାତ୍ର କେତୋଟି ମୁହୂର୍ତ୍ତର । ଅଥଚ ମୋ ପ୍ରତି ତା'ର ଏହି ଅହେତୁକ ଶ୍ରଦ୍ଧା ଓ ସମ୍ମାନରେ ବିସ୍ମିତ ନ ହୋଇ ରହିପାରିଲିନି । କିଏ କହେ, ପୃଥିବୀରୁ ଭଲ ପାଇବା ଶୁଖିଯାଇଛି ବୋଲି? ଚାରିଆଡ଼େ ଭଲପାଇବା ଭରପୂର ହୋଇରହିଛି । ଶିଳ୍ପୀ ଇରିନା, ମାସିଡୋନିଆ, କେତେ ପଛରେ ରହିଯାଇଛି ଆଜି । ତଥାପି ପ୍ରାଚୀନ ଜରାଜୀର୍ଣ୍ଣ ଗ୍ରୀକ୍ ଦୁର୍ଗ ଭିତରେ ଅବିସ୍ମରଣୀୟ ଗ୍ରୀକ୍ ସଙ୍ଗୀତ ଏବଂ ଏକୁଟିଆ କବିଟିର କଥା ସବୁଦିନ ମନେ ରହିବ ।


**୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର-୭୫୧୦୧୩,**
**ଫୋନ୍-୦୯୪୩୭୦୧୧୦୦୩**

# ନିଜ ଭୟ ସହ ଲଢ଼ିବା

**ଏ ସପ୍ତାହର କବି ଓ ତାଙ୍କ କବିତା**

ଭୟକୁ ସାମ୍ନାସାମ୍ନି କରିବାର ତାକତ
ପ୍ରେମିକ ପାଖରେ ନଥାଏ, ପରିବାରର
ପିତାଙ୍କ ପାଖରେ ନଥାଏ, ଦେଶ ପାଇଁ
ଶହୀଦ ହବାର ଭାଗ୍ୟ ନଥିବାର
ରାଜନୈତିକ
ଚରିତ୍ର ପାଖରେ ନଥାଏ ଓ ଅନ୍ୟକୁ
ଛୁରୀବନ୍ଧୁକ ଦେଖାଇ ଡରାଉଥିବା
ଆତତାୟୀ ପାଖରେ ବି ନଥାଏ ।।
ଏମିତି ଜନ୍ମରୁ ଆଜି ପର୍ଯ୍ୟନ୍ତ ଏକାଠି
କରିଥିବା
ସବୁ ମାନସିକ, ଆର୍ଥିକ, ଦାର୍ଶନିକ ଓ
କିଛି ଜୈବିକ ମାନପତ୍ରରେ କିଛି ଉଲ୍ଲେଖ
ନଥାଏ ନିଜ ଭିତରର ଆଶଙ୍କା ଓ
ଅପେକ୍ଷାର
ଇତିହାସ ଉପରେ । ଏଇ ଇତିହାସ ଭିତରର
ସବୁ
ଖଣ୍ଡଯୁଦ୍ଧ
ଭୟର,
ଛତ୍ରଭଙ୍ଗ
ଦେଇ
ଗଂଠିଲୀ ଉଠାଇ ପୁଣି ମା ପାଖକୁ
ଫେରିଯିବାର
ଭରସା ଇ ନ ମାସ ଭୟର ।।
ତରୁଜୁରେ ଓଜନ କରିହେବନି
ଆଶାର ଓ ସ୍ୱପ୍ନର ।
ବଞ୍ଚିହେବନି ଏମିତିସେମିତି
କଟକଣାର ରାଜରାସ୍ତା
ସେପାଖର ଅବହେଳାର କୁଡିଆରେ !
ଏଣୁ କେବେ କେମିତି ଦେହର
ଆଜି ପର୍ଯ୍ୟନ୍ତକୁ
ରଣବେଶ ପିନ୍ଧାଏ ନିଜର ସାମାନ୍ୟ
ଅହଂକାର,
ପେଟ ଭିତରର କିଛି ଲୋଭ ଓ ନିଜ ପାଇଁ
ଏକାଠି କରିଥିବା କିଛି ପରିଚିତି ଓ ଠିକଣା ।
ଭୟକୁ ହୁଂକାର ଦବା ପାଇଁ ଏମିତି, ଭୟର
ସଂଜ୍ଞା ଜଣା ନଥାଇ ଜମା !

**ଏନ୍-୧୯୪, ଗ୍ରେଟର କୈଳାଶ-୧**
**ନୂଆଦିଲ୍ଲୀ-୧୧୦୦୪୮**



ଅମରେନ୍ଦ୍ର ଖଟୁଆ

*(କବି ଯାଜପୁର ଜିଲ୍ଲାର ବଡଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅରଖପୁର (ଧାନମଣ୍ଡଳ) ଠାରେ ୧୯୫୭ ଜୁନ୍ ୪ ତାରିଖରେ ଜନ୍ମଗ୍ରହଣ କରିଥିଲେ ।*

*ସେ ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ କବି ଭାବେ ସୁପରିଚିତ । ଇଂରାଜୀ, ସ୍ପାନସ୍, ହିନ୍ଦୀ ଓ ଓଡ଼ିଆ ଭାଷାରେ ଏଯାବତ୍ ତାଙ୍କର ୩୦ ଗୋଟି ପୁସ୍ତକ ପ୍ରକାଶ ପାଇଛି । ଦୀର୍ଘ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଧରି ସେ ସାହିତ୍ୟ ସାଧନାରେ ମନୋନିବେଶ କରି ଆସିଥିଲେ ମଧ୍ୟ ଜ୍ଞାନପୀଠ, କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ବା ଓଡ଼ିଶା ସାହିତ୍ୟ ଏକାଡେମୀ ଏପରି ଜଣେ ପ୍ରତିଭାଶାଳୀ କବିଙ୍କ ପ୍ରତି ପୁରସ୍କାର ପାଇଁ ଦୃଷ୍ଟି ଦେଇ ନଥିବା ଦୁର୍ଭାଗ୍ୟର ବିଷୟ ।*

*ଅପରପକ୍ଷରେ ସେ ଭାରତୀୟ ପ୍ରଶାସନିକ (ବୈଦେଶିକ) ସେବାର ବରିଷ୍ଠ ଅଧିକାରୀ ଭାବେ ଆର୍ଜେଂଟିନା ଭାରତୀୟ ଦୂତାବାସର ହାଇ କମିଶନର ଭାବେ ଆଇଭୋରୀ କୋଷ୍ଟରେ ଅବସ୍ଥାପିତ ଥିଲେ । ଭାରତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଶାସନ ସଚିବ ସ୍ୱତନ୍ତ୍ର ନିଯୁକ୍ତି ପାଇ କାର୍ଯ୍ୟ କରିଥିଲେ । ଭାରତୀୟ ସାଂସ୍କୃତିକ ସମ୍ବନ୍ଧୀୟ ପରିଷଦରେ ସେ ମହାସଚିବ ଭାବେ ମଧ୍ୟ କାର୍ଯ୍ୟ କରି ବେଶ୍ ଆଦୃତ ହୋଇ ପାରିଥିଲେ । ଏବେ ସେ ନୂଆଦିଲ୍ଲୀରେ ଅବସ୍ଥାନ କରୁଛନ୍ତି । )*

# ରୀତିଯୁଗର ସର୍ବଶ୍ରେଷ୍ଠ ବିନ୍ଧାଣି ଉପେନ୍ଦ୍ରଭଞ୍ଜ

ହିମାଂଶୁ ଶେଖର ଆଚାର୍ଯ୍ୟ

ଓଡ଼ିଆ ସାହିତ୍ୟ ସାମ୍ରାଜ୍ୟରେ ଆଦିକବି ସାରଳା ଦାସଙ୍କ ଯୁଗ ଓ ପଞ୍ଚସଖା ଯୁଗ ପରେ ଆରମ୍ଭ ହୁଏ ରୀତିଯୁଗ । ଏହା ସାଧାରଣତଃ ଦରବାରୀ ସାହତ୍ୟ ରୂପେ ପ୍ରତିଷ୍ଠା ଲାଭ କରିଅଛି । ସପ୍ତଦଶ ଶତାବ୍ଦୀରୁ ଅର୍ଜୁନ ଦାସଙ୍କ ଲିଖିତ 'ରାମବିଭା' ଠାରୁ ଆରମ୍ଭ ହୁଏ ଓଡ଼ିଆ ସାହିତ୍ୟର ସର୍ବଶ୍ରେଷ୍ଠ ଯୁଗ ରୀତିଯୁଗ, ଯାହାକୁ କି ପରବର୍ତ୍ତୀ ସମୟରେ ସାହିତ୍ୟ ସମାଲୋଚକମାନେ 'ଭଞ୍ଜଯୁଗ' ନାମରେ ନାମିତ କରିଥାନ୍ତି । ରୀତିଧାରାର ପରମ୍ପରା ଅନୁସାରେ ଅର୍ଜୁନ ଦାସଙ୍କ ଠାରୁ ଆରମ୍ଭ କରି ଗୋପାଳକୃଷ୍ଣ ପଟ୍ଟନାୟକ, ପୁଣି କବିସୂର୍ଯ୍ୟ, ଦୀନବନ୍ଧୁ, ଧନଞ୍ଜୟ ଭଞ୍ଜ, ଅଭିମନ୍ୟୁ ଓ ସର୍ବୋପରି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ରୀତିଯୁଗର ସର୍ବଶ୍ରେଷ୍ଠ କବି ।

ଓଡଗାଁ ରଘୁନାଥ ଜିଉଙ୍କ ପାଖରେ ଅଧିଆ ପଡି ଓ ପ୍ରଭୁ ରାମଚନ୍ଦ୍ରଙ୍କ ଆଶୀର୍ବାଦ ଲାଭକରି ଏତେବଡ କବି ପ୍ରତିଭାର ଅଧିକାରୀ ହୋଇପାରିଥିଲେ ଉପେନ୍ଦ୍ର ଭଞ୍ଜ । ତାଙ୍କ ଭାଷାରେ –*'ରାମ ତାରକ ମନ୍ତ୍ର ପରସାଦେ*
*ମୋହର କବିପଣ ଉଦେ ।'*

ଅର୍ଥାଳଙ୍କାର ଓ ଶବ୍ଦାଳଙ୍କାରରେ ତାଙ୍କ ସାହିତ୍ୟ ହୋଇଉଠେ ଅତୀବ ରସାଳ ଓ ନବରସଯୁକ୍ତ । ସଂସ୍କୃତ ସାହିତ୍ୟରେ ମହାକବି କାଳିଦାସ ଯେପରି ଉପମା ପ୍ରୟୋଗରେ ସର୍ବଶ୍ରେଷ୍ଠ ଥିଲେ ସେହିପରି ଓଡିଆ ସାହିତ୍ୟରେ ବିଭିନ୍ନ ପ୍ରକାର ଅଳଙ୍କାର ପ୍ରୟୋଗରେ ଉପେନ୍ଦ୍ର ଭଞ୍ଜ ଅତ୍ୟନ୍ତ ଧୂରୀଣ ଓ ସିଦ୍ଧହସ୍ତ ଥିଲେ ଯାହାକି ତାଙ୍କ କାଳଜୟୀ କାବ୍ୟଗ୍ରନ୍ଥରେ ବେଶ୍ ପ୍ରତୀୟମାନ ହୋଇଥାଏ । ସେଥିପାଇଁ ପଣ୍ଡିତ ମୃତ୍ୟୁଞ୍ଜୟ ରଥ କହିଛନ୍ତି –

*'ଉପମା ଭଞ୍ଜ ବୀରସ୍ୟ*
*ତସୈବଚାର୍ଥ*
*ଗୌରବମ୍*
*କଲ୍ଲୋଳେ ପଦ ଲାଳିତ୍ୟମ୍*
*ସନ୍ତି ଚିନ୍ତାମଣୌତ୍ରୟ ।*

ଉପେନ୍ଦ୍ର ଭଞ୍ଜଙ୍କ କାଳଜୟୀ ଲେଖନୀରେ ଓଡ଼ିଆ ସାହିତ୍ୟ ହୋଇଛି ପରିପୁଷ୍ଟ ଓ ଋଦ୍ଧିମନ୍ତ । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ବୈଦେହିଶ ବିଳାସ, ଲାବଣ୍ୟବତୀ, କଳାକଉତୁକ, ଅବନାରସ ତରଙ୍ଗ, ରସପଞ୍ଚକ, ସୁଭଦ୍ରା ପରିଣୟ ପ୍ରଭୃତି ୭୦ ଖଣ୍ଡରୁ ଉର୍ଦ୍ଧ୍ୱ କାବ୍ୟ ରଚନା କରିଯାଇଛନ୍ତି । ଏଥି ସହିତ ଚଉପଦୀ, ଭଜନ, ଜଣାଣ ଓ ଓଡ଼ିଶୀ ପ୍ରଭୃତି ଲେଖି ସେ ସାରସ୍ୱତ ଜଗତରେ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ଯାହାକି ଏବେବି ଅନତିକ୍ରମଣୀୟ । ଲାବଣ୍ୟବତୀ ହେଉଛି ଏକ ଶ୍ରେଷ୍ଠ କାଳ୍ପନିକ କାବ୍ୟ । ଏହାର ନାୟକ ହେଉଛନ୍ତି ଚନ୍ଦ୍ରଭାନୁ ଓ ନାୟିକା ହେଉଛି ଲାବଣ୍ୟବତୀ । ଲାବଣ୍ୟବତୀରେ ବିଭିନ୍ନ ପ୍ରକାର ଅଳଙ୍କାର ସହିତ ଶବ୍ଦଚାତୁରୀ ଏବଂ ଅର୍ଥଗୌରବର ବଳିଷ୍ଠ ନମୁନା ଦେଖାଛନ୍ତି କବିସମ୍ରାଟ । ଯଥା –

*'ଦେଖି ନବକାଳିକା ବକାଳୀକା ମାଳିକା,*
*ଆଳି କାଳିକା କାନ୍ତସ୍ମରି*
*ରକ୍ଷା କେମନ୍ତେ କରି କରିବ ମଉକରୀ*
*ଗତିକି ଏମନ୍ତ ବିଚାରୀରେ ସହଚରୀ ...* 'ବା

ବସନ୍ତ ବର୍ଣ୍ଣନା –

*'ମଳୟ ଶିଖରୀ ଶିରୀ ଚୋରିକରି*
*ବହିଲାଣି ମନ୍ଦସମୀର*
*ସୁମନାଙ୍କ ବାସ ଚୋରାଇ ନେବଟି*
*ବୋଲି କହିଲାଣି ଭ୍ରମର ।'*

ଭଳି କବିତାଂଶଗୁଡିକରେ ଭୀୟ ଶୈଳୀର ଛିଟା ବାରି ହୋଇପଡେ ।

ବାଲ୍ୟକାଳରୁ ରାମଭକ୍ତ ଥିଲେ ବି ଉତ୍କଳର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କର ସେ ପରମ ଉପାସକ ଥିଲେ । ତାଙ୍କ ରଚିତ
'ମାନ ଉଦ୍ଧାରଣ କର ହେ କାରଣ, ଶରଣ ମୁଁ ତବ ପାଦତଳେ',
ଓଡ଼ିଶାର ଘରେ ଘରେ ଲୋକମୁଖରେ ବ୍ୟବହାର କରାଯାଉଛି । ସେହପରି 'ବୈଦେହିଶ ବିଳାସ' ତାଙ୍କ କାବ୍ୟ ଜୀବନର ଏକ ମାଇଲ୍‌ଖୁଣ୍ଟ ହୋଇରହିଛି କହିଲେ ଅତ୍ୟୁକ୍ତି ହେବନାହିଁ । ମୂଳ ଅକ୍ଷର 'ବ'ରେ ଆରମ୍ଭ ହୋଇ ସମଗ୍ର ରାମାୟଣର ବିଷୟବସ୍ତୁକୁ ଆଧାର କରି ଏହା ରଚିତ ହୋଇଅଛି । ତାଙ୍କ ଜେଜେଙ୍କ ରଚିତ 'ରଘୁନାଥ ବିଳାସ'ର ଅନୁକରଣରେ ଏହା ରଚିତ ହୋଇଥିଲେ ହେଁ ବର୍ଣ୍ଣନା ବିଳାସ, ସାଙ୍କେତିକତା, ଅଳଙ୍କାର ପ୍ରୟୋଗ ଓ ଚିତ୍ର ଏଥିରେ ଅପୂର୍ବଭାବେ ବର୍ଣ୍ଣିତ ହୋଇଅଛି ।

***ଉପେନ୍ଦ୍ର ଭଞ୍ଜଙ୍କ କାଳଜୟୀ ଲେଖନୀରେ ଓଡ଼ିଆ ସାହିତ୍ୟ ହୋଇଛି ପରିପୁଷ୍ଟ ଓ ଋଦ୍ଧିମନ୍ତ । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ବୈଦେହିଶ ବିଳାସ, ଲାବଣ୍ୟବତୀ, କଳାକଉତୁକ, ଅବନାରସ ତରଙ୍ଗ, ରସପଞ୍ଚକ, ସୁଭଦ୍ରା ପରିଣୟ ପ୍ରଭୃତି ୭୦ ଖଣ୍ଡରୁ ଉର୍ଦ୍ଧ୍ୱ କାବ୍ୟ ରଚନା କରିଯାଇଛନ୍ତି । ଏଥି ସହିତ ଚଉପଦୀ, ଭଜନ, ଜଣାଣ ଓ ଓଡ଼ିଶୀ ପ୍ରଭୃତି ଲେଖି ସେ ସାରସ୍ୱତ ଜଗତରେ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ଯାହାକି ଏବେବି ଅନତିକ୍ରମଣୀୟ । ଲାବଣ୍ୟବତୀ ହେଉଛି ଏକ ଶ୍ରେଷ୍ଠ କାଳ୍ପନିକ କାବ୍ୟ । ଏହାର ନାୟକ ହେଉଛନ୍ତି ଚନ୍ଦ୍ରଭାନୁ ଓ ନାୟିକା ହେଉଛି ଲାବଣ୍ୟବତୀ । ଲାବଣ୍ୟବତୀରେ ବିଭିନ୍ନ ପ୍ରକାର ଅଳଙ୍କାର ସହିତ ଶବ୍ଦଚାତୁରୀ ଏବଂ ଅର୍ଥଗୌରବର ବଳିଷ୍ଠ ନମୁନା ଦେଖାଛନ୍ତି କବିସମ୍ରାଟ ।***

ବିଭିନ୍ନ କ୍ଲିଷ୍ଟ ଅଳଙ୍କାର ଲୋମ-ବିଲୋମ, ଦତ୍ତବ୍ୟୁତାକ୍ଷର, ସିଂହାବଲୋକନ, ବ୍ୟାଘ୍ରାବଲୋକନ ଓ ସର୍ବୋପରି ଅର୍ଥାଳଙ୍କାର ଓ ଶବ୍ଦାଳଙ୍କାରରେ ତାଙ୍କ ସାହିତ୍ୟ ହୋଇଉଠେ ଅତୀବ ରସାଳ ଓ ନବରସଯୁକ୍ତ । ଶବ୍ଦ ପାଣ୍ଡିତ୍ୟରେ ସର୍ବୋପରି ଶବ୍ଦାଡମ୍ବରରେ ଏହା ହେଉଛି ରୀତିଯୁଗର ସର୍ବଶ୍ରେଷ୍ଠ କାବ୍ୟ । ବିଭିନ୍ନ ଋତୁ ବର୍ଣ୍ଣନା ସହିତ ରାଗରାଗିଣୀର ନିପୁଣ ପ୍ରୟୋଗ ସାଙ୍ଗକୁ ଶବ୍ଦପାଣ୍ଡିତ୍ୟର ମିଶ୍ରଣ ଏହାକୁ କରିଛି କାଳଜୟୀ । ଖାଲି ସେତିକି ନୁହେଁ ଭଞ୍ଜ ସାହିତ୍ୟରେ ବୃଦ୍ଧ-ବୃଦ୍ଧାଙ୍କର ବର୍ଣ୍ଣନା ନାହିଁ । କେବଳ ଯୁବକ, ଯୁବତୀ, ପ୍ରେମ-ମିଳନ-ବିରହ ଏବଂ ବିଭିନ୍ନ ଋତୁ ସମ୍ଭାରର ତାଙ୍କର ଅଗାଧ ପାଣ୍ଡିତ୍ୟକୁ ଲକ୍ଷ୍ୟରଖି ବିଶିଷ୍ଟ ସମାଲୋଚକ ବିଜୟଚନ୍ଦ୍ର ମଜୁମ୍ଦାର କହନ୍ତି – 'ଭଞ୍ଜ ହେଉଛନ୍ତି ଶବ୍ଦର ଯାଦୁଗର' । ଆଉ ଏକ ବିଶେଷତ୍ୱ ହେଲା ଭଞ୍ଜ ସାହିତ୍ୟ ଏପରି ଏକ ସାହିତ୍ୟ ଯାହାକୁ ପଣ୍ଡିତଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକ ପର୍ଯ୍ୟନ୍ତ ଏଥିରୁ ରସ ଆସ୍ୱାଦନ କରିପାରନ୍ତି । ସେଥିପାଇଁ ଉତ୍କଳମଣି ଗାଇ ଉଠିଥିଲେ –

*'ଗାଏ ତୁମ ଗୀତ ସଭାରେ ପଣ୍ଡିତ*
*ପଥେ ପାନ୍ଥ ହୃଷ୍ଟମନା*
*ବିଲେ ବୋଲେ ଚଷା*
*ଅନ୍ତଃପୁରେ ଯୋଷା*
*ନୃତ୍ୟ ରତେ ବାରାଙ୍ଗନା ।'*

ଏହି ଯଶସ୍ୱୀ ସାରସ୍ୱତ ସ୍ରଷ୍ଟା ଆଜି ଆମ ଗହଣରେ ନାହାଁନ୍ତି । କିନ୍ତୁ ତାଙ୍କ ସାରସ୍ୱତ କୃତି ଓ କୀର୍ତ୍ତି ପାଇଁ ସେ ସବୁଦିନେ ସ୍ମରଣୀୟ ହୋଇରହିବେ । ଏସବୁ ସତ୍ତ୍ୱେ ଏବେବି ଅବହେଳିତ ହୋଇରହିଛି ଭଞ୍ଜଙ୍କ ଜନ୍ମସ୍ଥାନ । ତାର ପୁନରୁଦ୍ଧାର କରାଯିବା ସହ ଭଞ୍ଜ ସାହିତ୍ୟର ପ୍ରସାର ଓ ପ୍ରଚାର ପାଇଁ ସବୁ ସ୍ତରରେ ଉଦ୍ୟମ କରାଗଲେ ଆଗାମୀ ଦିନରେ ଏହା ଉତ୍ତରପିଢ଼ିର ସାହିତ୍ୟିକ, ଗବେଷକ ଓ ସମାଲୋଚକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।

**ସଭାପତି**
**ସାରସ୍ୱତ ପରିଷଦ, ଜଗତସିଂହପୁର**
**ମୋ – ୯୯୩୭୧୫୧୦୫୨**

# ମୋ ଗାଁ ... ମୋ ମାଆ

**ଗଳ୍ପ**

ରାମଚନ୍ଦ୍ର ସାହୁ

ବୈଶାଖ-ଜ୍ୟେଷ୍ଠର ମୁଣ୍ଡଫଟା ଖରାବେଳ । ସକଳ ସଂସାର ନିଦାଘ ଦହନରେ ଦଗ୍ଧୀଭୂତ । ପ୍ରଚଣ୍ଡ ରୌଦ୍ରତାପ ଲାଗି-ଶୂନଶାନ, ପଥପ୍ରାନ୍ତ ଛକ ବଜାର କାନନ କେଦାର । ନବପଲ୍ଲଭରେ କଅଁଳ ସବୁଜିମା ପୁରିତ ବୃକ୍ଷ ଓ ନିଜ ମନରେ ମଧ୍ୟ ନବ ଆଶାର ସଂଚାର ସମୟ । ସୁଦୂର ସହରରୁ କାରଟି ବାହାରି ଦ୍ରୁତ ଗତିରେ ଦୌଡୁଥାଏ ଗାଁ ମୁହାଁ ହୋଇ ଅନେକ ସହର ଛକ ବଜାର ପାରହୋଇ । ଶେଷରେ ନିଜ ଗାଁ ପାଖେ ରେଳ ଲାଇନ୍ ପାହାଡ କଡରେ ସରୁ ପିଚୁ ରାସ୍ତା ଧରିଲେ । ରୌଦ୍ରତାପର କ୍ଳିଷ୍ଟତା ସର୍ବତ ବୀବର୍ଣ୍ଣ ପାଣ୍ଡୁର ବର୍ଣ୍ଣ । ହଠାତ୍ ଆକାଶରେ ଉଠି ଆସିଲା ଭୀଷଣ କଳାହାଣ୍ଡିଆ ମେଘମାଳ ସହ ପ୍ରବଳ ପବନ । ଧୂଳିରେ ପୋତି ହୋଇଗଲା ଧରଣୀ । ତା' ସାଙ୍ଗକୁ କୁଆ ପଥର ବୃଷ୍ଟି ସହ ବର୍ଷା । କାରଟି ଅଟକି ଯାଇଥିଲା । ଏକ ଖୋଲା ଜାଗା ଦେଖି । ତତଲା ତାଓ୍ୱାର ଜଳନ୍ତା ବୁକୁରେ ଏବେ ହୀମ ଶୀତଳ ବର୍ଷାର ପରଶ ପରଷି ଦେଉଥିଲା ପ୍ରକୃତି ।

ବିଶାଳବାବୁଙ୍କ ବିମର୍ଷ ଚେହେରାରେ ଏବେ ପ୍ରସ୍ଫୁଟିତ ପୁଲକର ଆଭା। ଜୀବନ ଜଞ୍ଜାଳର ବଳୟରୁ ବାହାରି ଯେବେ ଯେବେ ସେ ଗାଁ ମୁଁହା ହୁଅନ୍ତି ନିଶ୍ଚିତ ଏମିତି ଏଇବର୍ଷା ତାଙ୍କୁ ସ୍ୱାଗତ କରେ । ଗାଁ ସୀମା ଛୁଉଁ ଛୁଉଁ ଭେଟିଦିଏ ଗାଁ ଓ ମାଆର ମମତା, ମାଟିମଗ୍ନା କରେ ମନକୁ ଆକୁଳ ଆବେଦନ ଓ ନିବିଡ ବଳୟରେ ବାନ୍ଧିରଖେ ଚିତ୍ତକୁ । ସତରେ ଯେବେ ବ୍ୟକ୍ତି ବିଦେଶରୁ ଘର, ଗାଁ ମୁଁହା ହୁଏ ମନରେ ବଢ଼ିଯାଏ ବଳ ଆଗ୍ରହ ଆତ୍ମୀୟତା ଆପଣା ପଣର ବାସ୍ନା । କେତେ ଆନନ୍ଦଦାୟୀ ସତେ ଏ ଗାଁ ମାଟି।

ଗାଁ ଛାଡି ଅନେକ ବର୍ଷ ହେଲାଣି ସୁଦୂର ସହରରେ ରୁହନ୍ତି ବିଶାଳ ଭଡାଘର ନେଇ ଏକ ବ୍ୟବସାୟ ଆରମ୍ଭ କରି ନିଜର ଏକମାତ୍ର ପୁଅ ଓ ସ୍ତ୍ରୀ ସହ । ଗାଁରେ ଥାଏ ପକ୍କାଘର ସହ ଧାନ ଜମି, ବାଡି ବଗିଚା ଇତ୍ୟାଦି । ଚାରି ଭାଇଙ୍କ ସମ୍ପତ୍ତି ପିତୃ ଅର୍ଜିତ । ଗାଁରେ ଥାନ୍ତି ମାଆ, ବାପା ଆରପାରିରେ ଅନେକ ବର୍ଷ ଆଗରୁ । ଏବେ ବିଶାଳଙ୍କ ପୁଅ ତାଙ୍କ ଠାରୁ ସୁଦୂର ସହରେ ରୁହନ୍ତି ନିଜ ନୂଆ ନୂଆ ଚାକିରିରେ । ଏଠି ମାଆଠାରୁ ପୁଅ ଦୂରରେ ଥିବାବେଳେ ତାଙ୍କ ପୁଅ ତାଙ୍କରି ଠାରୁ ଦୂରରେ ।

ଏଇତ ଆଜିର ପରିବର୍ତ୍ତିତ ସମୟରେ ଆମମାନଙ୍କ ସ୍ଥିତି ପ୍ରଗତି ପଥରେ ସମୟ ଗତି କରୁଥିଲେ ମଧ୍ୟ ଏସବୁ କିନ୍ତୁ ଦୁର୍ଗତିର ବିଲକ୍ଷଣ ବାଧେ ବାଧକ ସାଜେ ସାମାଜିକ ସମ୍ପର୍କରେ ।

ଗୋଟେ ମାଆ ଖୋଜୁଛି ତା' ପୁଅକୁ ଆଉ ସେଇ ପୁଅ ଖୋଜୁଛି ତା' ପୁଅକୁ । କାହିଁ ଆଜି ସେଦିନର ଯୌଥ ସ୍ୱର୍ଗୀୟ ପରିବାର ଆଜି ତ ସବୁ ଅଣୁ ପରିବାର ସବୁଠି । ବିଶାଳ ଭାବନ୍ତି ତାଙ୍କ ମାଆକୁ କଷ୍ଟ ହେଉଥିବ ମନରେ ଯଦିଚ ବିଶାଳ ଠିକ୍ ସମୟରେ ଗାଁକୁ ଯାଇ ମାଆଙ୍କର ସବୁ କଥା ଭଲରେ ବୁଝି ଆସନ୍ତି । ସବୁ ଦେଇନେଇ ଖାଇବା ଠାରୁ ଲୁଗାପଟା ଔଷଧ ଯାବତୀୟ କଥା ।

ଗାଁରେ ଥିବା ଯାଏଁ ବିଶାଳ ଗାଁ ପାଇଁ ଅନେକ ସେବା କରିଥିଲେ ଠାକୁରାଣୀ ମନ୍ଦିର, ବିଷ୍ଣୁ ମନ୍ଦିର ନିର୍ମାଣ, ବାଟ ଘାଟ ମନ୍ଦିର ସଫେଇ, ନାରାୟଣ ସେବା, ଚକ୍ଷୁ ଅସ୍ତ୍ରୋପଚାର ଶିବିର, ବୃକ୍ଷରୋପଣ, ବାଲବିକାଶ, ଶିକ୍ଷାଦାନ, ଆଖପାଖ ଗାଁର ମନ୍ଦିର ସଫେଇ, ଭଜନ ପରିକ୍ରମା ଇତ୍ୟାଦି କେତେ କ'ଣ । ସେ ଥିଲେ ଗାଁର ଯୁବ ସଭାପତି ମଧ୍ୟ । ସେ ବେଳର ଗାଁ ଥିଲା ସ୍ନେହ, ପ୍ରେମ, ବିଶ୍ୱାସର ସ୍ୱର୍ଗପଥ । ଧର୍ମଧାରାର ସେତୁବନ୍ଧ ।

ଭାଇଚାରାର ଭବ୍ୟ ମନ୍ଦିର । ଆଜି କିନ୍ତୁ ଓଲଟା, ରାଜନୀତିର ରଙ୍ଗରେ ବୀବର୍ଣ୍ଣ ଆଜି ଗାଁର ମୌଳିକ ମହତ୍ତ୍ୱ । ନାହିଁ ଆଉ ସେଇ ଡେଙ୍ଗା ତାଳ ଗଛ ଓ ବାଇ ଚଢେଇର ବସା । ଘର ଚଟିଆର କିଚିରି ମିଚିରି ଶବ୍ଦ ମାଟି ମାଘା ଆଟୁ, ଚାଳଘର, ଶାଗୁଣା, ଶଙ୍ଖଚିଲ, ବାଦୁଡି ଅବା ମିତ ସହି ସଙ୍ଗାତ, ମକର, ବଉଳର ଆତ୍ମୀୟତା । ନାହିଁ ସେ ପର୍ବ ପର୍ବାଣୀର ମହକ ମାଣ, ମାଗୁଶୀର ଦାଣ୍ଡେ ଚାଲିଯିବା ବେଳରେ ସେଇ ଗୋବର ଲିପା ଝୋଟି ଚିତା ମୁରୁଜ ଓ ପିଠାର ବାସ୍ନା । ଏବେ ଖାଲି ସ୍ୱାର୍ଥ ଓ ଅର୍ଥ ପଛରେ ପାଗଳ ଅଧିକାଂଶ । ପକ୍କା କଂକ୍ରିଟ ଘର, ନାହିଁ ସେ ଧୂଳିକାଦୁଅ ଦାଣ୍ଡ । କାଗଜ ଡଙ୍ଗାର ବେଳ ଡାକବାଲାର ଘଣ୍ଟି ।

ବିଶାଳ ଆଜି ଚଉଷଠୀ ବର୍ଷରେ ଉପନୀତ । ତଥାପି ତାଙ୍କ ମନରେ ଗାଁ ଓ ମା'ପ୍ରତି ଅବ୍ୟକ୍ତ ଭଲପାଇବା ସାଇତା ରହିଚି ପୂର୍ବ ପରି ଅକ୍ଷତ ଭାବେ । ପ୍ରତିଦିନ ମା'କଥା ଗାଁ କଥା, ମନେ ପଡିଲେ ଆଖି ତାଙ୍କର ଆର୍ଦ୍ର ହୋଇଯାଏ ଅଲକ୍ଷ୍ୟରେ ନିରବରେ । କାତର କରୁଣ ଭାବ ନେଇ ହୃଦୟକୁ ଯଦି ମେଲେଇ ଦେଖେଇ ହୁଅନ୍ତା ତେବେ ସେ ଦେଖାଇ ଦିଅନ୍ତେ । ପ୍ରଭୁ ଶ୍ରୀରାମ ଚନ୍ଦ୍ର କହିଥିଲେ – ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି । ସତରେ ଏଇ ଆକର୍ଷଣ କେତେ ମଧୁର ବିଭୋର ।

ଶେଷରେ କାର'ଟି ଯାଇ ଲାଗିଥିଲା ବିଶାଳଙ୍କ ଘର ଦୁଆର ଆଗରେ । ଜରାଯୁକ୍ତା ମାଆର କମ୍ପିତ ହାତ ଦୁଇଟି ଉଠି ଆସିଥିଲା ବିଶାଳଙ୍କ ମୁଣ୍ଡ ଉପରକୁ । ନିଷ୍ପ୍ରଭ ନୟନରେ ସେ ନିଜ ପୁଅକୁ ଅନାଇ ରହିଥିଲେ ଅପାର ଆକୁଳ ବ୍ୟାକୁଳତା ବାରି ହୋଇ ପଡୁଥିଲା ହୃଦୟ ଅନ୍ତରରୁ । ସତରେ କ'ଣ ସମୟଟା ପୁଣି ପଛକୁ ଫେରି ଆସିବ ? ପୃଥିବୀଟା ଏଠି ଗୋଲ ଗୋଟିଏ ବିନ୍ଦୁରୁ ଯାତ୍ରା ଆରମ୍ଭିଲେ ଶେଷରେ ସେଇ ବିନ୍ଦୁକୁ ପୁଣି ଛୁଇଁବାକୁ ହୁଏ । ପକ୍ଷୀ ଯେତେ ଉଚ୍ଚରେ ଉଡିଲେ ମଧ୍ୟ ଦିନେ ତ ଗଛ ଡାଳକୁ ଆଶ୍ରୟ କରେ । ଗୁମ୍ଫାରେ ଶବ୍ଦ ଉଚ୍ଚାରଣ କଲେ ତାହା ପୁଣି ତୁମ ପାଖକୁ ଫେରେ । ବିଶାଳ ଭାବୁଥିଲେ ଦେଖାଯାଉ କେବେ ସେ ପୂର୍ବ ସମୟ ଫେରୁଚି ।

ଆଜିକାଲିର ଯୁବପିଢି ଆଉ ଗାଁକୁ ଯିବାକୁ ପସନ୍ଦ କରୁନଥିବା ବେଳେ ଗ୍ରାମାଞ୍ଚଳରୁ ଉତ୍ପାଦିତ ଖାଦ୍ୟାନ୍ନ ସହରକୁ ବଞ୍ଚାଏ । ସହରୀ ପଇସା ଟାଣି ଆଣେ ଗାଁ ପୋଖରୀର ମାଛ, କଦଳୀ, ପନିପରିବା, ଡାଲି, ଚାଉଳ ଇତ୍ୟାଦି । ଆଜିକା ଗ୍ରାମାଞ୍ଚଳ କିନ୍ତୁ ଆଉ ଗାଁ ପରି ଲାଗୁନି ସେଠାରେ ମଧ୍ୟ ସନ୍ଧ୍ୟା ହେଲେ, ଛକରେ ପଥ ପ୍ରାନ୍ତରେ ପିଜା, ବର୍ଗର, ଚାଉମିନ, ପକଡା, ରୋଲ ଆଦି ଗାଁରେ ବି ମିଳୁଛି । ଅନେକ ଗାଁରେ ମଧ୍ୟ ସହର ଭ୍ରମ ଆଜି ଦେଖା ଗଲାଣି । ପ୍ରାୟ ଗାଁ ଆଉ ଗାଁ ଲାଗୁନି । ଏଣୁ ଗାଁର ମୌଳିକତା-ନିଚ୍ଛକତା ମନରୁ କ୍ରମେ କମିଆସି ସ୍ମୃତି ହେବାକୁ ବସିଲାଣି ଅତୀତଟୁ ପାଥେୟ କରି । ତଥାପି ଗାଁ-ଗାଁ ହୋଇ ରହିଥିବ ଯାହାବି ଯେତେ ପରିବର୍ତ୍ତନ ହେଲେ ମଧ୍ୟ କାରଣ ଆମ ଭାରତ ଏକ ଗ୍ରାମ ବହୁଳ ଦେଶ । ଏଠି ଗାଁ ଓ ମାଆ, ମାତୃଭାଷା ସର୍ବେ ପୂଜନୀୟା ବନ୍ଦନୀୟା ।

**ଦ୍ୱାରଶୁଣୀ – ଗଞ୍ଜାମ**
**ମୋ- ୭୮୯୪୪୯୯୩୪୪**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )*
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପରିଣାମ...

ଶ୍ରୀନଗର ସାରା ବିସ୍ଫୋରଣର ଶବ୍ଦ ଶୁଭୁଛି । କୌଣସି ଅସ୍ତ୍ର ବିରତି ହୋଇନାହିଁ । ବାୟୁସେନା ସୁରକ୍ଷା ୟୁନିଟ୍ ଶ୍ରୀନଗରରେ ଏବେ ଖୋଲା ରହିଛି । ପାକିସ୍ତାନ ପକ୍ଷରୁ ଜମ୍ମୁର ଅନ୍ତର୍ଜାତୀୟ ସୀମା ନିକଟରେ ଗୁଳି ବିନିମୟ ଯୋଗୁ ୮ ବିଏସ୍ଏଫ୍ ଯବାନ ଆହତ ହୋଇଥିବା ସୂଚନା ମିଳିଛି । ଆର୍ଏସ୍ ପୁରା କ୍ଷେତ୍ରରେ ଏହି ଘଟଣା ଘଟିଥିବା ଜମ୍ମୁ-କାଶ୍ମୀର ପକ୍ଷରୁ ସୂଚନା ଦିଆଯାଇଛି । ଆହତମାନଙ୍କୁ ତୁରନ୍ତ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବିଏସ୍ଏଫ୍‌କୁ ୨୦୦୦ କିମି ସୀମାରେ ପଇଁତରା ମାରିବାକୁ କୁହାଯାଇଛି । ପାକ୍‌ର ଅସ୍ତ୍ର ବିରତି ଉଲ୍ଲଙ୍ଘନ ପରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି ଯେ ସେନାବାହିନୀକୁ ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦିଆଯିବା ସହ ଏହି ଉଲ୍ଲଙ୍ଘନର କଡା ଜବାବ ଦେବାକୁ କୁହାଯାଇଛି । ଏଲ୍ଓସି ଓ ଆନ୍ତର୍ଜାତୀୟ ସୀମା ଉପରେ ନଜର ରଖିବାକୁ କୁହାଯାଇଛି । ଉଭୟ ଦେଶର ଡିଜିଏମ୍ଓ ସ୍ତରରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ ପାଇଁ ସହମତି ହୋଇଥିଲା । ମାତ୍ର ଏହାର କିଛି ଘଣ୍ଟା ପରେ ପାକ୍ ଏହାକୁ ଉଲ୍ଲଙ୍ଘନ କରିଛି । ଭାରତୀୟ ସେନା ସୀମାରେ କଡା ଦୃଷ୍ଟି ରଖିଛି । ପାକିସ୍ତାନର ଏହି କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ ଓ ପାକିସ୍ତାନ ଏଥିପାଇଁ ଦାୟୀ । ଆମେ ବିଶ୍ୱାସ ରଖିଛୁ ଯେ ପାକିସ୍ତାନ ସ୍ଥିତିକୁ ସଠିକ୍ ଭାବେ ଅନୁଧ୍ୟାନ କରିବ ଓ ତୁରନ୍ତ ସଠିକ୍ ପଦକ୍ଷେପ ନେବ ।

## ଅସ୍ତ୍ର ବିରତି...

ଓ ଖୁସିର ସହ ଘୋଷଣା କରୁଛି ଯେ ଭାରତ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ର ବିରତୀ ପାଇଁ ରାଜି ହୋଇଛନ୍ତି । ଦୁଇ ଦେଶ ନିଜର ସାଧାରଣ ଜ୍ଞାନ ବ୍ୟବହାର କରିଥିବାରୁ ଉଭୟଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ପ୍ରସଙ୍ଗରେ ଆପଣମାନେ ଧ୍ୟାନ ଦେଇଥିବାରୁ ଧନ୍ୟବାଦ ଏବଂ ତୁରନ୍ତ ଭାରତ ଓ ପାକିସ୍ତାନ ସମ୍ପୂର୍ଣ୍ଣ ଅସ୍ତ୍ର ବିରତୀ ଲାଗି ଘୋଷଣା କରିଛନ୍ତି । ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଇସାକ୍ ଦାର୍ କହିଛନ୍ତି ଯେ ପାକିସ୍ତାନ ଓ ଭାରତ ତୁରନ୍ତ ଅସ୍ତ୍ର ବିରତି ନିଷ୍ପତ୍ତିରେ ରାଜି ହୋଇଛନ୍ତି । ପାକିସ୍ତାନ ସବୁବେଳେ ଶାନ୍ତି ଓ ସୁରକ୍ଷା ତା' ଅଞ୍ଚଳରେ ଚାହୁଁଛି । ତେବେ ପାକିସ୍ତାନର ଭୌଗୋଳିକ ସୀମା ଓ ସର୍ବଭୌମତ୍ୱ ଏବଂ ଅଖଣ୍ଡତା ସହ କୌଣସି ବୁଝାମଣା କରିନାହିଁ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଆଜି ସନ୍ଧ୍ୟା ୬ଟାରେ ସ୍ପଷ୍ଟ କରାଯାଇଛି । ବୈଦେଶିକ ସଚିବ ବିକ୍ରମ ମିଶ୍ରି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଅସ୍ତ୍ର ବିରତୀ ଆଜି ସନ୍ଧ୍ୟା ୫ଟାରୁ ଲାଗୁ ହୋଇଛି । ଭାରତ-ପାକିସ୍ତାନ ଏ ନେଇ ସହମତି ହୋଇଛନ୍ତି । ଜଳ, ସ୍ଥଳ ଓ ଆକାଶ ପଥରେ ଆକ୍ରମଣ ନ କରିବାକୁ ଉଭୟ ଦେଶ ରାଜି ହୋଇଛନ୍ତି । ଦୁଇ ଦେଶର ଡିଜିଏମ୍ଓ ସ୍ତରୀୟ କଥାବାର୍ତ୍ତା ହୋଇଥିଲା । ଆଜି ଅପରାହ୍ନ ୩.୩୦ରେ ଏହି ଆଲୋଚନା କରାଯାଇଥିଲା । ଏହାପରେ ଅସ୍ତ୍ର ବିରତି ପାଇଁ ସହମତି ପ୍ରକାଶ ପାଇଛି । ଅସ୍ତ୍ର ବିରତି ସମ୍ପର୍କରେ ୩ ବାହିନୀକୁ ଉଭୟ ଦେଶ ପକ୍ଷରୁ ଜଣାଇ ଦିଆଯାଇଛି । ଆସନ୍ତା ୧୨ ତାରିଖ ଦିନ ୧୨ଟାରେ ଦୁଇ ଦେଶ ମଧ୍ୟରେ ଡିଜିଏମ୍ ସ୍ତରୀୟ ଆଲୋଚନା ହେବ ।

ଅସ୍ତ୍ର ବିରତୀ ପୂର୍ବରୁ କାଶ୍ମୀର ଉପତ୍ୟକାର ଡାଲ ହ୍ରଦରେ କେତେକ ଅପରିଚିତ ବସ୍ତୁ ଭାସିବାର ଦେଖାଦେଇଥିଲା । ପାକିସ୍ତାନ ପକ୍ଷରୁ ବ୍ୟାପକ ଗୁଳି ବିନିମୟ ଓ ଡ୍ରୋନ୍ ଆକ୍ରମଣ ସମୟରେ ଏହା ଦେଖିବାକୁ ମିଳିଥିଲା । ଶୁକ୍ରବାର ରାତି ଓ ଶନିବାର ସକାଳୁ ମଧ୍ୟ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ଲାଗୁ ରହିଥିଲା । ଜମ୍ମୁ-କାଶ୍ମୀରରେ ଅଧିକ ମୃତାହତ ହୋଇଥିବା ଖବର ଆସିଛି । ରାଜୋରୀରେ ଅତିରିକ୍ତ ଜିଲ୍ଲା କମିଶନର ରାଜ କୁମାର ଥାପ୍ପାଙ୍କ ସମେତ ୫ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଭାରତ ମଧ୍ୟ ପାକିସ୍ତାନ ବିରୋଧରେ ଜବାବୀ ହମ୍‌ଲା ବାୟୁସେନା ମାଧ୍ୟମରେ କରିଛି । ପାକିସ୍ତାନ ବାୟୁସେନାର ଜେଟ୍ ବିମାନକୁ ଶନିବାର ସକାଳେ ଶ୍ରୀନଗରରେ ଖସାଇ ଦିଆଯାଇଛି । ଭାରତୀୟ ସେନା ସଠିକ୍ ଭାବେ ଏହି ଚଢ଼ାଉ କରିଥିଲେ । ଭାରତ ସୀମାରେ ପାକିସ୍ତାନ ପକ୍ଷରୁ ଅନେକ ଡ୍ରୋନ୍‌ରେ ଆକ୍ରମଣ କରାଯାଇଛି । ତେବେ ଭାରତର ଏୟାର ଡିଫେନ୍ସ ସିଷ୍ଟମ୍ ଏଥିରେ ହସ୍ତକ୍ଷେପ କରିଥିଲା । ଜମ୍ମୁ-କାଶ୍ମୀର, ପଠାନକୋଟ, ଫିରୋଜପୁର, ପଞ୍ଜାବ, ବ୍ରାମର ଆଦି ସୀମା ଅଞ୍ଚଳରେ ଶୁକ୍ରବାର ବ୍ଲାକ୍ ଆଉଟ୍ କରାଯାଇଥିଲା । ତେବେ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ବିରତି ଘୋଷଣା ପରେ ଆମେରିକା ଉପରାଷ୍ଟ୍ରପତି ଭାରତ ଓ ପାକ୍‌କୁ କୃତଜ୍ଞତା ଜଣାଇଛନ୍ତି । ଜେଡି ଭାନ୍ସ କହିଛନ୍ତି ଯେ କଠିନ ପରିଶ୍ରମ ଓ ଇଚ୍ଛା ପ୍ରକାଶ ଯୋଗୁ ଏହା ସମ୍ଭବ ହୋଇଛି । ରାଷ୍ଟ୍ରପତି ଟ୍ରମ୍ପଙ୍କ ଟିମ୍‌ର ଏହା ଏକ ବଡ କାର୍ଯ୍ୟ ବୋଲି ସେ ଉଲ୍ଲେଖ କରିଛନ୍ତି । ବିଶେଷକରି ସଚିବ ରୁବିୟୋଙ୍କର ଏଥିରେ ବଡ ଭୂମିକା ରହିଛି । ଜାତିସଂଘର ମହାସଚିବ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ବିବାଦ ଦୂରେଇବା ପାଇଁ ସବୁ ପ୍ରଚେଷ୍ଟା କରାଯିବାର ଆବଶ୍ୟକତା ଥିଲା । ଶେଷରେ ଭାରତ ଓ ପାକିସ୍ତାନ ଏଥିରେ ରାଜି ହୋଇଛନ୍ତି ।

## ଆତଙ୍କୀ...

୩ ସେନାର ମୁଖ୍ୟ ଉପସ୍ଥିତ ଥିଲେ । ଏହି ବୈଠକରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଯୁଦ୍ଧ କାର୍ଯ୍ୟ ବୋଲି ବିବେଚନା କରିବାକୁ ନିଷ୍ପତ୍ତି ହୋଇଥିବା କୁହାଯାଉଛି । ଗୋଟିଏ ଦେଶ ଉପରେ ଯଦି ଅନ୍ୟ କୌଣସି ଦେଶ ପକ୍ଷରୁ ଏଭଳି କାର୍ଯ୍ୟ କରାଯାଏ ତାହାକୁ ଯୁଦ୍ଧ କାର୍ଯ୍ୟ ବୋଲି ବିବେଚନା କରାଯିବ ।

## ୪ ଏୟାର...

ଏୟାରଫାମ୍, ସୁକ୍କୁର ଓ ଛୁନିଆ ଏୟାର ବେସ୍‌କୁ ଟାର୍ଗେଟ କରାଯାଇଥିଲା । ଏକ ମାପଚୁପ ଭାବେ ଏଠାରେ ଆକ୍ରମଣ କରାଯାଇଥିଲା । କେବଳ ସେନାର ଭିତ୍ତିଭୂମିକୁ ଟାର୍ଗେଟ କରାଯାଇଥିଲା ଓ ସେଠାରେ ଯଥା ସମ୍ଭବ କ୍ଷତିକୁ କମ୍ କରିବାକୁ ଚେଷ୍ଟା କରାଯାଇଥିଲା । କର୍ଣ୍ଣେଲ ସୋଫିଆ କୁ୍ୟରେସି କହିଥିଲେ ଯେ ପାକିସ୍ତାନ ୨୬ ସ୍ଥାନକୁ ଟାର୍ଗେଟ କରିଥିଲା । ସେ ବିଭିନ୍ନ ସାଧାରଣ ଲୋକଙ୍କ ଭିତ୍ତିଭୂମି ବା ଆବାସ ସ୍ଥଳକୁ ଟାର୍ଗେଟ କରିବା ସହ ମେଡିକାଲ, ସ୍କୁଲ ଆଦି ଶ୍ରୀନଗରରେ ଟାର୍ଗେଟ କରିଥିଲା । ଅବନ୍ତିପଡା ଓ ଉଦାମପୁର ଏୟାରବେସ୍‌କୁ ମଧ୍ୟ ଟାର୍ଗେଟ କରାଯାଇଥିଲା । ଭାରତୀୟ ସେନା ଅତ୍ୟନ୍ତ ଧୈର୍ଯ୍ୟର ସହ ଏହାର ଜବାବ ଦେଇଥିଲା । ଏମାନେ କେବଳ ସେନାର ଭିତ୍ତିଭୂମିକୁ ଟାର୍ଗେଟ କରିଥିଲେ । ବ୍ୟୋମିକା ସିଂହ କହିଥିଲେ ଯେ ଭାରତୀୟ ସେନା ଅପରେସନ୍ ପାଇଁ ଉଚ୍ଚସ୍ତରରେ ପ୍ରସ୍ତୁତି କରିଛି । ଯେଉଁ ଆକ୍ରମଣ କରାଯିବ ତା'ର ଯଥାସାଧ୍ୟ ଜବାବ ଦିଆଯିବ । ବୈଦେଶିକ ସଚିବ ବିକ୍ରମ ମିଶ୍ରି ଉଲ୍ଲେଖ କରିଥିଲେ ଯେ ପାକିସ୍ତାନର କାର୍ଯ୍ୟାନୁଷ୍ଠାନ ଉସ୍‌କାଇବା ସହ ପରିସ୍ଥିତିକୁ ଅଧିକ ଉତ୍ତେଜନାପ୍ରବଣ କରୁଛି । ରାଜୋରୀରେ ଯେଉଁ ଆକ୍ରମଣ କରାଯାଇଥିଲା ତାହାକୁ ସେ ନିନ୍ଦା କରିଥିଲେ । ଏଠାରେ ଅତିରିକ୍ତ ଜିଲ୍ଲା ଉନ୍ନୟନ କମିଶନର ରାଜ କୁମାର ଥାପ୍ପାଙ୍କ ସହ ଅନ୍ୟ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା । ତେବେ ପାକିସ୍ତାନୀ ସେନା ତା'ର ସୈନ୍ୟ ବଳକୁ ଆଗକୁ ଅଗ୍ରସର କରିବାକୁ ସ୍ଥଳ ପଥରେ ଯୋଜନା କରୁଛି । ଏହାର ସ୍ପଷ୍ଟ ସୂଚନା ଦେଉଛି ଯେ ସେମାନେ ଏଲ୍ଓସିରେ ଥିବା ଅଞ୍ଚଳକୁ ଉଲ୍ଲଙ୍ଘନ କରୁଛନ୍ତି । କୁପୁୱାରା, ବାରମୁଲା, ପୁଞ୍ଚ, ରାଜୋରୀ, ଅଙ୍ଖୁର ଆଦି ସ୍ଥାନରେ ସେନା ବଳ ବଢ଼ାଇଛି । ଏଲ୍ଓସିରେ ବାରମ୍ବାର ସ୍ଥିତିକୁ ସେମାନେ ଉଲ୍ଲଙ୍ଘନ କରୁଛନ୍ତି । ଭାରତୀୟ ସେନା ପକ୍ଷରୁ ରାଷ୍ଟ୍ରପତି ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ଉତ୍ତେଜନାକୁ ହ୍ରାସ କରିବା ଲାଗି ଉଦ୍ୟମ କରାଯାଉଛି ।

## ପାକିସ୍ତାନର...

ଏହି ନିଷ୍ପତ୍ତି ନିଆଯାଇଛି । ସରକାରୀ ସୂତ୍ରରୁ ସୂଚନା ଅନୁଯାୟୀ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ କିଛିଦିନ ଧରି ଆମେରିକା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଥିଲେ । ଆଲୋଚନା ସମୟରେ ଅସ୍ତ୍ର ବିରତି ପ୍ରସଙ୍ଗ ଉଠିଥିଲା । ଏ ସମ୍ପର୍କରେ ସେମାନେ ନିୟମିତ ଭାବେ ପ୍ରଧାନମନ୍ତ୍ରୀଙ୍କୁ ପ୍ରତ୍ୟେକଟି ଅଗ୍ରଗତିର ସୂଚନା ଦେଉଥିଲେ । ଭାରତ ନିଜ ସର୍ତ୍ତ ଅନୁଯାୟୀ ଅସ୍ତ୍ର ବିରତିକୁ ଲାଗୁ କରିବା ପାଇଁ ରାଜି ହୋଇଥିଲା ।

## ଆଜି...

ତାରିଖ ଯାଏ ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗୀର, ବୌଦ୍ଧ ଓ ସୁନ୍ଦରଗଡ଼ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ହେବ । ଏହିସବୁ ସ୍ଥାନରେ ତାପମାତ୍ରା ୪୫° ଛୁଇଁପାରେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଆଦି ଜିଲ୍ଲାଗୁଡ଼ିକରେ ସ୍ଥାନେସ୍ଥାନେ ଉଷ୍ମ ଓ ଆର୍ଦ୍ରତା ରହିବାର ସମ୍ଭାବନା ଅଛି । ତେବେ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ, ଗଜପତି, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, କଳାହାଣ୍ଡି, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ଲାଗି ଚେତାବନୀ ଦିଆଯାଇଛି । ଏହିସବୁ ଜିଲ୍ଲାଗୁଡ଼ିକରେ ଝଡ଼ତୋଫାନ ବର୍ଷା ସହ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୫୦ କିମି ରହିପାରେ ।

ଶନିବାର ସମ୍ବଲପୁରରେ ସର୍ବାଧିକ ତାପମାତ୍ରା ୪୨.୭ ଡିଗ୍ରୀ ଥିବାବେଳେ ହୀରାକୁଦରେ ୪୧.୭°, ଝାରସୁଗୁଡ଼ାରେ ୪୧.୬°, ଭୁବନେଶ୍ୱରରେ ୪୦.୨°, ବାଲେଶ୍ୱରରେ ୩୯.୭°, ରାଉରକେଲାରେ ୩୯.୬°, ଚାନ୍ଦବାଲିରେ ୩୯.୪° ତାପମାତ୍ରା ରେକର୍ଡ଼ କରାଯାଇଛି । ରାଜଧାନୀ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ଗତବର୍ଷ ଏପ୍ରିଲ ୫ରେ ୪୦° ଅତିକ୍ରମ କରିଥିବାବେଳେ ଚଳିତବର୍ଷ ଏପ୍ରିଲ ୧୦ରେ ୪୦° ଡେଇଁଛି । ଏଥର କାଳବୈଶାଖୀ ପ୍ରଭାବ ହେତୁ ତାପମାତ୍ରା କମ ରହିଥିଲା ।

## ମିଛ...

ଭୁଲ୍ ସୂଚନା ପ୍ରଚାର କରୁଛି । ଶୀର୍ଷା, ଜମ୍ମୁ, ପଠାନକୋଟ୍, ଭାଟିଣ୍ଡା, ନାଲିଆ ଓ ଭୂଜ୍‌ର ଏୟାରଫିଲ୍ଡକୁ ଧ୍ୱଂସ କରିଛି ବୋଲି ଯାହା କହୁଛି ତାହା ସମ୍ପୂର୍ଣ୍ଣ ଭୁଲ୍ । ତୃତୀୟରେ ଚଣ୍ଡିଗଡ ଓ ବ୍ୟାସ୍‌ରେ ଯେଉଁ କ୍ଷତି କରିଛି ବୋଲି କହୁଛି ତାହା ସମ୍ପୂର୍ଣ୍ଣ ଭୁଲ୍ । ପାକିସ୍ତାନ ମଧ୍ୟ ଭାରତୀୟ ସେନା ବିରୋଧରେ ମସ୍‌ଜିଦକୁ ଧ୍ୱଂସ କରୁଥିବା ନେଇ ଯେଉଁ ଅଭିଯୋ କରିଛି ତାହା ଭୁଲ୍ । ଭାରତ ଏକ ଧର୍ମ ନୀରପେକ୍ଷ ରାଷ୍ଟ୍ର । ଆମ ସେନା ସବୁବେଳେ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରତିଫଳିତ କରିଥାଏ ।

# ୧୩ ଓ ୧୪ରେ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର

ସମ୍ବଲପୁର,(ସବ୍ୟୁ): କୃତ୍ରିମ ଗୋଡ କିମ୍ବା ହାତ ଦ୍ୱାରା ବ୍ୟକ୍ତି କୌଣସି ସମର୍ଥନ ବିନା ଚାଲିପାରିବ । ଗାଡି ଚଳାଇବା ସହ ଖେଳାବୁଲା ମଧ୍ୟ କରିପାରିବ । ସେ କାହା ପାଇଁ ବୋଝ ପାଲଟିବ ନାହିଁ । ଦିବ୍ୟାଙ୍ଗ ମାନଙ୍କୁ ଗତିଶୀଳ ଓ ସମାଜରେ ଫେରି ପାଇବାରେ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ବେଶ ସାହାର୍ଯ୍ୟ କରିବ । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୩ ଓ ୧୪ରେ ମାରଓ୍ୱାଡି ଯୁବ ମଞ୍ଚ କ୍ଷେତରାଜପୁର, ନବଚେତନା, ଉଦୟ ଷ୍ଟାର ସମ୍ବଲପୁର ଓ ବିଜୁ ମହାବୀର ଜୟପୁର ଫୁଟ ସେଣ୍ଟରର ତତ୍ୱାବଧାନରେ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଆୟୋଜିତ ହେବ । ଶନିବାର ସାମ୍ବାଦିକ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶିବ ଅଗ୍ରୱାଲ କହିଥିଲେ । ସେ ଆହୁରି କହିଥିଲେ ଯେ, ଏହି ଶିବିର ମାରଓ୍ୱାଡି ସେବା ସଦନ ମୁଙ୍ଗାପଡା ଠାରେ ୨ଦିନ ଧରି ଚାଲିବ । ପ୍ରଥମ ଦିନ ପଞ୍ଜିକରଣ ସହ ବିଶେଷଜ୍ଞ ଡାକ୍ତର ମାନେ ଆକାର ମାପ ନେଇ ସେହି ଅନୁଯାୟୀ ଅଙ୍ଗ ପ୍ରସ୍ତୁତ କରିବେ । ଯାହା ପରୀକ୍ଷାମୂଳକ ଭାବେ ମେ ୧୪ରେ ଫିଟ୍ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ରିନା ଭାଲୋଟିଆ, ସଚିନ ଅଗ୍ରୱାଲ , ଋଷି ପୋଦାର ଓ ପରାଗ ଅଗ୍ରୱାଲ ସୂଚନା ଦେଇଥିଲେ ।

# ନବ ବିବାହିତ ଫାର୍ମାସିଷ୍ଟଙ୍କୁ ହତ୍ୟା

ନୂଆପଡ଼ା (ସବ୍ୟୁ) : ନୂଆପଡ଼ା ଜିଲ୍ଲା ସଦର ମହକୁମା ୱାର୍ଡ଼ ନମ୍ବର - ୧୧, ଶିବଶକ୍ତି ନଗରର ଜଣେ ନବ ବିବାହିତ ଫାର୍ମାସିଷ୍ଟଙ୍କ ଶବ ଓଡ଼ିଶା - ଛତିଶଗଡ଼ ସୀମାନ୍ତ ମହାସମୁନ୍ଦ ଜିଲ୍ଲା ଅନ୍ତର୍ଗତ କୋମାଖାନ ପୋଲିସ ଷ୍ଟେସନ, କସେକେରା - ଟୋଙ୍ଗୋପାନୀ ରାସ୍ତା ପାର୍ଶ୍ୱରେ ମୁହଁ ଓ ହାତରେ ଟେପ ବନ୍ଧା ହୋଇ ମିଳିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ଖବର ନେବାରୁ ଜଣା ପଡ଼ିଛି ଯେ ନୂଆପଡ଼ା ସଦର ଶିବ ଶକ୍ତିନଗର ନିବାସୀ ଶିକ୍ଷକ ମନବୋଧ ତ୍ରିପାଠୀଙ୍କ ଏକ ମାତ୍ର ପୁଅ ମାନସ ରଞ୍ଜନ ତ୍ରିପାଠୀ(୩୨) ଗତ ୮ ତାରିଖ ସଂଧ୍ୟାରୁ ନିଖୋଜ ଥିଲେ। ସେ ଫାର୍ମାସିଷ୍ଟ କୋର୍ସ କରିଥିବାରୁ ଆଖ ପାଖ ଅଞ୍ଚଳରେ ବୁଲି ବୁଲି ରୋଗୀ ସେବା କରୁଥିଲେ। ବିଳମ୍ବିତ ରାତ୍ରୀରେ ସେ ଘରକୁ ନ ଆସିବାରୁ ସକାଳେ ଏ ସଂପର୍କରେ ନୂଆପଡ଼ା ସଦର ପୋଲିସ ଷ୍ଟେସନରେ ନିଖୋଜ ନେଇ ଏତଲା ଦିଆଯାଇଥିଲା। ଗତ ମାସ ୨୩ ଏପ୍ରିଲ ୨୦୨୪ ଦିନ ସେ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲ୍ଲା ପିଥୋଡା ଗ୍ରାମରୁ ବିବାହ କରିଥିଲେ। ତାଙ୍କ ହତ୍ୟା ଖବର ୯ ତାରିଖ ସଂଧ୍ୟାରେ ଛତିଶଗଡ ରାଜ୍ୟ ମହାସମୁନ୍ଦ ଜିଲ୍ଲାରୁ ପ୍ରକାଶିତ ଏକ ନ୍ୟୁଜ୍ ପୋର୍ଟାଲରୁ ଜଣାପଡ଼ିଥିଲା । କୋମାଖାନ ପୋଲିସ ଷ୍ଟେସନ କର୍ତ୍ତୃପକ୍ଷ ଫୋରେନ୍ସିକ ଦଳ ସହ ତଦନ୍ତ ଚଳାଇ ଅଚିହ୍ନା ମୃତ ଯୁବକର ପରିଚୟ ଖୋଜୁଛନ୍ତି ବୋଲି ଖବର ପ୍ରକାଶିତ ହୋଇଥିବା ଦେଖିବାକୁ ପାଇ କେତେକ ପରିଚିତ ଖବର ଦେଇଥିଲେ । ମୃତ ଯୁବକ ପିନ୍ଧିଥିବା ଟି ସାର୍ଟ ଓ ହାତ ମୁଦିରୁ ମାନସର ଶବ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ପ୍ରଥମ ଦୃଷ୍ଟିରୁ ପୋଲିସ ମାନସର ହତ୍ୟା ସନ୍ଦେହ କରୁଛି । ଅନ୍ୟ କେଉଁ ସ୍ଥାନରେ ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା କୁହାଯାଉଛି । ହତ୍ୟା ପଛରେ କିଏ ଅଛି ତଦନ୍ତ ସାପେକ୍ଷ। ଶବ ବ୍ୟବଚ୍ଛେଦ ପରେ ଛତିଶଗଡ଼ ପୋଲିସ ସବ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୈତୃକ ସ୍ଥାନ ଶିବଶକ୍ତି ନଗର ନୂଆପଡ଼ାରେ ଅନ୍ତିମ ସଂସ୍କାର କରାଯାଇଛି। କୋମାଖାନ ଥାନା ରେ ମାନସ ରଞ୍ଜନ ତ୍ରିପାଠୀର ହତ୍ୟା ସମ୍ପର୍କରେ ଏକ ଲିଖିତ ଏଫଆଇଆର ଦିଆ ଯାଇଛି। କୋମାଖାନ ପୋଲିସ ହତ୍ୟାର ତଦନ୍ତ ଅବ୍ୟାହତ ରଖିଛି। ଶାନ୍ତ ସରଳ ନିଷ୍କପଟ ଯୁବକର ଏଭଳି ରହସ୍ୟଜନକ ହତ୍ୟା ପଛରେ କିଏ ଅଛି ଖୋଜି ବାହାର କରିବାକୁ ସାଧାରଣରେ ଦୃଢ଼ ଦାବୀ ହେଉଛି।

## କରନାଲିକୁ ଟ୍ରାକ୍ଟର ଯୋଗେ ଭାଙ୍ଗିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସଦର ମହକୁମା ୭ ନମ୍ବର ପାଣି ପଞ୍ଚାୟତ ଅନ୍ତର୍ଗତ ସାଲେଭଟା କେନାଲରୁ ପାଣି ଯିବା ପାଇଁ ସରକାରଙ୍କ ଦ୍ୱାରା ନିର୍ମିତ କରନାଲିକୁ ପ୍ରାୟ ୪୦୦ ରୁ ୫୦୦ ମିଟର ଭାଙ୍ଗି ଦେଇଥିବାରୁ ଚାଷୀକୁଳ ଅସନ୍ତୋଷ ପ୍ରକଟ କରିଛନ୍ତି। ଖବର ନେବାରୁଜଣାପଡ଼ିଛି ଯେ, ମହେନ୍ଦ୍ର ସାହୁଙ୍କ ଚାଷ ଜମିକୁ ଲାଗି ପ୍ରାୟ ୪୦୦ ସହ ରୁ ୫୦୦ ମିଟର କରନାଲିକୁ ଟ୍ରାକ୍ଟର ଯୋଗେ ଚାଷ କାର୍ଯ୍ୟ କଲା ବେଳେ କିମ୍ବା ଆଉ କୌଣସି ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ନିର୍ମିତ ଉପରୋକ୍ତ ନାଳିକୁ ଭାଙ୍ଗିବା ଦ୍ୱାରା ଅନେକ ଚାଷୀଙ୍କ ଚାଷ କାର୍ଯ୍ୟ ବାଧାହେବ। ଏ ସଂପର୍କରେ ଏକ ଲିଖିତ ରିପୋର୍ଟ ନୂଆପଡ଼ା ପୋଲିସ୍ ଷ୍ଟେସନକୁ ପ୍ରଦାନ କରାଯାଇଛି। ଉପରୋକ୍ତ ବ୍ୟକ୍ତିଙ୍କ ଏଭଳି କାର୍ଯ୍ୟ ସେ କାହିଁକି କଲେ ତଦନ୍ତ କରି କଠୋର ଦଣ୍ଡ ଦେବାକୁ ରିପୋର୍ଟରେ ଉଲ୍ଲେଖ ରହିଛି। ଏ ସଂପର୍କରେ ରୋହିତ ସାହୁ, ହିତେଶ ସାହୁ, ସଭା ରାମ ସାହୁ, ଦିଗମ ସାହୁ, କୈଳାଶ ମେହେର, ପପୁ ସାହୁ, କୌଶିକ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି।

# ଚିନ୍ତା ବଢାଉଛି ହୀରାକୁଦର ଜଳସ୍ତର

ସମ୍ବଲପୁର,(ସବ୍ୟୁ): ହୀରାକୁଦ ଡ୍ୟାମର ଜଳସ୍ତର ସାଙ୍ଘାତିକ ଭାବେ କମିବାରେ ଲାଗିଛି । ବିଗତ ବର୍ଷର ରେକର୍ଡ ଭାଙ୍ଗି ଜଳସ୍ତର ୩.୧୭ଫୁଟ ଖସିଛି । କ୍ରମାଗତ ଭାବେ ଜଳସ୍ତର ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି । ହୀରାକୁଦ ଡ୍ୟାମର ଜଳସ୍ତର ୬୦୮.୦୪ଫୁଟ ରହିଛି । ଗତବର୍ଷ ଆଜିର ଦିନରେ ଜଳସ୍ତର ୬୧୧.୨୧ଫୁଟ ରହିଥିଲା । ଏହାକୁ ନେଇ ମହାନଦୀ ଉପରେ ନିର୍ଭର କରୁଥିବା ଲୋକେ ଚିନ୍ତାରେ ପଡି ଯାଇଛନ୍ତି । ଛତିଶଗଡ ଉପରମୁଣ୍ଡରେ ଡ୍ୟାମ ଓ ଆନିକଟ ନିର୍ମାଣ କରି ପାଣିକୁ ଅଟକାଇ ରଖିଛି । ଏହାଦ୍ୱାରା ଜଳସ୍ତର ଚିନ୍ତାଜନକ ଭାବେ ହ୍ରାସ ପାଉଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ହଜାର୨୪୭ଘନଫୁଟ ଜଳ ପ୍ରବେଶ କରୁଛି । ଲକ୍ଷାଧିକ ବଦଳରେ ମାତ୍ର ଅଳ୍ପ ପରିମାଣର ଜଳ ପ୍ରବେଶ କରୁଥିବାରୁ ୭ହଜାର୬୨୮ଘନଫୁଟ ଜଳ ନିଷ୍କାସିତ କରାଯାଉଛି । ସେଥିମଧ୍ୟରୁ ୪ହଜାର୨୯୪ଘନଫୁଟ ପାୱାର ଚେନାଲ, ୧ହଜାର୯୯୭ଘନଫୁଟ ଜଳସେଚନ, ୨୬୩ଘନଫୁଟ ଶିଳ୍ପ, ୯୩୫ଘନଫୁଟ ଜଳ ବାଷ୍ପୀଭୂତ ହେଉଛି । ଅଣମୌସୁମୀ ସମୟରେ ହୀରାକୁଦକୁ ଅଳ୍ପ ପରିମାଣ ଜଳ ପ୍ରବେଶ କରୁଥିବା ବେଳେ ମହାନଦୀର ତଳମୁଣ୍ଡରେ ଜଳପ୍ରବାହ ହାର ମଧ୍ୟ କମୁଛି । ଏହାଦ୍ୱାରା ମହାନଦୀର ତଳମୁଣ୍ଡରେ ରହୁଥିବା ଲୋକେ ପାଣି ଟୋପେ ପାଇଁ ବେଶ ହନ୍ତସନ୍ତ ହେଉଛନ୍ତି ।

ମହାନଦୀ ଓଡିଶାର ଜୀବନ ରେଖା । ମହାନଦୀ ପାଣିକୁ ଅଟକାଇ ହୀରାକୁଦ ନଦୀବନ୍ଧ ସ୍ଥାପନ କରାଯାଇଛି । ଡ୍ୟାମରେ ଜଳସ୍ତର କମୁଥିବା ବେଳେ ମହାନଦୀ ଉପରେ ତାହାର ବେଶ ପ୍ରଭାବ ପଡୁଛି । ଅନେକ ସ୍ଥାନରେ ମହାନଦୀର ଶର୍ଯ୍ୟା ଶୁଖିଲା ପଡି ରହିଛି । ଯେଉଁଠି ଦିନେ ପାଣି ଜମି ରହୁଥିଲା ତାହା ପୁଣି ପାଣି ବିନା ଟାଙ୍ଗରା ଭୂଇଁ ଦେଖାଗଲାଣି । ଏହାର ପ୍ରଭାବ ଜଳସେଚନ, ପାନୀୟ ଜଳ, ବିଦ୍ୟୁତ୍ ଉତ୍ପାଦନ ଉପରେ ପଡୁଛି । ସେହିପରି ମତ୍ସ୍ୟଜୀବୀଙ୍କ ଜୀବିକା ଓ ଜୈବ ବିବିଧତା ମଧ୍ୟ ପ୍ରଭାବିତ ହେଉଛି । ପାଣି ଅଭାବରୁ ୱାଟର ସ୍ପୋର୍ଟ୍ସ ଉପରେ ପ୍ରଭାବ ପଡୁଥିବା ବେଳେ ପର୍ଯ୍ୟଟନ ଶିଳ୍ପରେ ବାଧା ଉପୁଜୁଛି । ଓଡିଶା ଓ ଛତିଶଗଡ ମଧ୍ୟରେ ମହାନଦୀ ଜଳକୁ ନେଇ ବିବାଦ ରହିଛି । ବର୍ତ୍ତମାନ ଟ୍ରିବ୍ୟୁନାଲରେ ମାମଲା ଥିବାବେଳେ ଉଭୟ ରାଜ୍ୟ ସରକାର ମଧ୍ୟରେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବା ଜରୁରୀ ଅଟେ । ସମନ୍ୱୟ ଅଭାବରୁ ଏଭଳି ସମସ୍ୟା ଉପୁଜୁଛି । ଛତିଶଗଡ ସରକାରଙ୍କ ମନମାନୀ ଯୋଗୁଁ ମହାନଦୀ ଜଳ ସୁପରିଚାଳନା ହୋଇପାରୁନାହିଁ । ଯାହାର ପ୍ରଭାବ ବିଶେଷ ଭାବେ ଅଣମୌସୁମୀ ସମୟରେ ଦେଖିବାକୁ ମିଳୁଛି । ତେବେ ଖରାଦିନେ ମହାନଦୀରେ ପାଣି କମିବା ସ୍ୱାଭାବିକ ଅଟେ । ମାତ୍ର ମହାନଦୀର ଉପର ମୁଣ୍ଡରେ ଛତିଶଗଡ ସରକାର ବ୍ୟାରେଜ ନିର୍ମାଣ କରିବା ପରେ ଏଭଳି ସ୍ଥିତି ଉପୁଜିଥିବା ସାଧାରଣରେ ଆଲୋଚନା ହେଉଛି ।


**AFFIDAVIT**

I, Sushil Kumar Pattanaik, Aged (49), S/o- Sudhakar Pattanaik, Resident of Village- Mundideuli, Po/Ps- Kamakhyanagar, Dist- Dhenkanal. Declare that this affidavit no. 1456, dated. 30.04.2025. I have changed my son's name from Shreyansh Pattanaik to Shivay Shreyansh Pattanaik. Henceforth, heshall be known as Shivay Shreyansh Pattanaik for all purposes.
Sd/- Sushil Kumar Pattanaik

**AFFIDAVIT**

I Sipali Karmakar, W/o: Sudeep Karmakar, resident of Bateswar, PO: Sunhat, PS: Balasore Sadar, Dist.: Balasore, Odisha - 756002, declare by this affidavit No. 15AA753512, dtd. 08.05.2025 that now onwards I shall be known as SIPALI DUTTA for all future purposes.

**AFFIDAVIT**

I Bhagawan Singh, S/o- Gulab Chandra Bhakt, Plot No-48,Netaji Suvash Chhak, Paradeep, Jagatsinghpur-754142, Odisha declare by this Affidavit No-3121, Dt 23.04.2025 that now onwards I Shall be known as BHAGWAN SINGH for all future purposes.

**AFFIDAVIT**

I, Himansu Sekhar Behera, S/o- Manoranjan Behera, resident of At- Jianipada, Khaira, Dist- Balasore, PIN-756048, Odisha declared by this affidavit No.98, dtd-05/05/2025 that now onwards I shall be known as Himanshu Shekhar Behera for all future purposes.

**ଦସ୍ତାବିଜ ହଜିଛି**

ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମୁଁ କବିତା ବେହେରା ସ୍ୱା: ସନ୍ତୋଷ ପ୍ରଧାନ, ଗ୍ରାମ: ବରପୁଟ, ପୋ: ବାଙ୍କିରପୁଟ, ଥାନା: ବାଙ୍କୀ, ଜିଲ୍ଲା: କଟକ । ଏହିକି ବଜାରରୁ ନୂଆପାଟଣା ଆସୁଥିବା ସମୟରେ ଏକ ଜମି କବଲା- (କବଲା ନଂ.: ୨୮୨ for ୨୦୦୬) କ୍ରେତା: କଲ୍ୟାଣୀ ନାୟକ, ବିକ୍ରେତା: ପତିତ ପାବନ ପ୍ରଧାନ । ଏହି କବଲାଟି ହଜି ଯାଇଅଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହି କବଲାଟିକୁ ପାଆନ୍ତି ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିବା ପାଇଁ ଅନୁରୋଧ ।
ନାମ: ଶ୍ରୀମତୀ କବିତା ବେହେରା
ସ୍ଥାନ: ବରପୁଟ, ବାଙ୍କୀ, କଟକ
ମୋ. ଫୋ: ୮୯୦୮୨୩୨୧୪୭, ୮୬୯୨୨୧୪୦୨୦

**CHANGE OF NAME**

I, KUMARI PAHAAL, D/O- Pramod Kumar Tiwary & Sweta Tiwary Resident Of Life Style Green Apartment, KIIT Road, Patia Bhubaneswar 751024 Odisha declare by Affidavit No-12AA 909897 dated 09/05/2025 that now onwards I shall be known as PAHAAL TIWARY for all purposes.

**CHANGE OF NAME**

I, SWETA W/O- Pramod Kumar Tiwary Resident of Life Style Green Apartment, KIIT Road, Patia Bhubaneswar 751024 Odisha declare by Affidavit No- 12AA 909898 dated 09/05/2025 that now onwards I shall be known as SWETA TIWARY for all purposes.

**AFFIDAVIT**

By virtue of an Affidavit sworn in before the Executive Magistrate, Dhenkanal I Madhumati Sahoo aged about 50 years, W/o- Gyanendra Kumar Sahoo, At/Po : Kunjakanta, PS : Dhenkanal Town, Dist-Dhenkanal, Odisha do hereby solemnly affirm that After my marriage with Gyanendra Sahoo I am known as Madhumati Behera, D/o : Madhabananda Behera and my Date of Birth is 02.03.1974 which is mentioned in my HSC pass certificate bearing Roll No. G14242 serial No. E014475. That after my marriage I am known as Madhumati Sahoo which is mentioned in my Adhar Card vide No. 902410548270 and my DOB is wrongly written as 02.03.1975. That my date of birth treated as 02.03.1974 instead of 02.03.1975. That by virtue of this affidavit before the Executive magistrate I hereby declare that Madhumati Sahoo and Madhumati Behere is the same and one person and this affidavit is to be produced before the competant Authority for all official purposes. That the contents made above are true to the best of my knowledge and belief.
Madhumati Sahoo
Deponent

**AFFIDAVIT**

I, Prangaya Paramita Behera, W/o Himanshu Shekhar Behera of at Jianipada, Khaira, Dist Baleswar, Pin-756048 Odisha declared by this Affidavit No-76, dated. - 07.05.2025 that now onwards I shall be known as Prangaya Paramita Behera for all future purposes.

**LOST**

I, Salen Kishore Minz, aged about 39 years, S/o.: Paulus Minz, resident of At: Qtr. No.: 324, Type: III, New AG Colony, Nayapalli, Bhubaneswar , Dist.: Khurda, Odisha-751012, I am working as Deputy Manager of SBI, HLC (Home Loan Center, Bhubaneswar) below mentioned original document had mortgaged in our Bank, the original document are (1) the Original Sale Deed bearing No.: 1758, Dtd-30.03.1999, executed by M/s. Balaji Builders represented by their partner Sri Subh Karan Bhura in favour of Sri Iswar Chandr Sahoo, Original ROR of Mouza: Rajarani Unit No.: 36 in respect of Khata No.: 604/520, Plot No.: 835/2350, Area: Ac.0.038 Decs in the name of Sri Iswar Chandr Sahoo and Original BDA approval letter and layout plan and other necessity land related necessity documents has been lost from our custody on dtd.07.05.2025 at about 11.00 a.m. & (2) the Original Sale Deed bearing I D No.: 1131900346 & Document No.: 11131900309, Dtd-11.01.2019 executed by Sri Jyotirmay Mohanty in favour of Sro Braja Kishore Padhi and other necessity land related necessity documents also has been lost from our custody on dtd.20.02.2025 at about 11.00 a.m. Unit No-1, Bhubaneswar Area and after thorough search in the road/spot/ office premises, we could not trace it out.
Contact: 8847836115

**OFFICE OF THE CHIEF DIST. MEDICAL & PUBLIC HEALTH OFFICE : JAJPUR**

E-81

No. 179 Dated. 07.05.2025

**SHORT TENDER CALL NOTICE**

Sealed tenders are invited from registered Manufacturer or Authorized distributor or wholesaler agencies for supply with installation of one No. of RO Plant for dialysis unit, DHH, Jajpur under National Health Mission, Jajpur. The Tender should reach the office of the undersigned by 19.05.2025 before 05.00 P.M. through speed post/Regd. Post Courier along with all relevant documents and will be opened on the next day at 11.00 A.M. The detail terms & condition can be available in the district official website : **www.jajpur.odisha.gov.in.** The undersigned reserves the right to accept or reject without assigning any reason thereof.

OIPR : 10042/11/0015/2526

Sd/- Chief Dist. Medical & Public Health Officer, Jajpur

**AFFIDAVIT**

I, Mulana Fayazalam Khan, S/o-Late Tajuddin Khan, resident of Vill-Kanipadasabalanga, Po-Sabalangakanipada, Ps-Derabish, Dist-Kendrapara, Pin- 754208, Odisha declare by this affidavit No. 1100 dtd. 09.05.2025 that now onwards I shall be known as Mahammad Fayaz Alam Khan for all future purposes.

**AFFIDAVIT**

I, Mohammed Kutubuddin Khan, S/o-Mahammad Fayaz Alam Khan, resident of Vill-Kanipadasabalanga, Po-Sabalangakanipada, Ps-Derabish, Dist-Kendrapara, Pin- 754208, Odisha declare by this affidavit No. 1103 dtd. 09.05.2025 that now onwards I shall be known as Mahammad Kutubuddin Khan for all future purposes.

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H. DIVISION, CUTTACK**

e-mail ID- eephctcii@gmail.com
sephdctc521@gmail.com

C-273

**e-procurement Notice for Bid Identification No. SEPH-DIVISION, CTC-03 of 2025-26**

1. Name of the work : 1 No of P.H. work
2. Estimated cost : Rs. 30.99 Lakhs
3. Period of Completion : 6 Months
4. Date & time of availability of bid document in the portal : 13.05.2025 from 11.00 AM to 22.05.2025 upto 5.00 PM
5. Last date & time of seeking clarification : 17.05.2025 upto 5.00 P.M.
6. Last date / time of receipt of bids in the portal : 22.05.2025 upto 5.00 P.M.
7. Date & time of opening of bids : 23.05.2025 at 11.00 A.M.
8. Name and address of the officer inviting bid : The Superintending Engineer, P.H. Division, Cuttack-753004, Odisha Ph. (0671) 2441063, email : **eephctcii@gmail.com, sephdctc521@gmail.com**

Further details can be seen from e-procurement portal **https;// www.tendersodisha.gov.in**

OIPR : 13225/11/0023/2526

Sd/- Superintending Engineer
P.H. Division, Cuttack

**AFFIDAVIT**

I, Mahammed Ayub, S/o-Late Abas Khan, resident of Vill-Balia, Po-Balia Bibhutipada, Ps- Derabish, Dist-Kendrapara, Pin-754289 Odisha declare by this affidavit No. 1102 dtd. 09.05.2025 that now onwards I shall be known as Mohammed Ayub for all future purposes.

**AFFIDAVIT**

I, Mahammed Afzal, S/o-Mohammed Ayub, resident of Vill-Balia, Po-Balia, Bibhutipada, Ps- Derabish, Dist-Kendrapara, Pin-754289 Odisha declare by this affidavit No. 1101 dtd. 09.05.2025 that now onwards I shall be known as Mohammed Afzal for all future purposes.

**AFFIDAVIT**

By virtue of an affidavit sworn before The Executive Magistrate Banpur, dated. 09.05.2025 I, Prashant Behera, S/o-Fakir Behera, Vill-Narandeipur, Po-Kumarangasasan, Ps- Banpur, Pin-752031, Dist-Khordha, Odisha declare that I have changed my name from Behera Prashant to Prashant Behera. Henceforth, I shall be known as Prashant Behera for all purpose.
Prashant Behera

**AFFIDAVIT**

I, Nrushingha Charan Behera and Nrusingha Charana Behera, S/o- Late Maheswar Behera, resident of House No. C-72, Lingaraj Vihar, Aerodrome area, Dist-Khorda, Pin-751020, Odisha declare by this Affidavit No. 12819 dated 25.04.2025 that now onwards I shall be known as NRUSINGHA CHARAN BEHERA for all future purposes.

**DIRECTORATE OF GROUND WATER DEVELOPMENT : ODISHA**
**Office of The Deputy Director, Geology, GWD Division, Baripada, At/Po- Takatpur, Baripada, Dist.- Mayurbhanj-757003 [e-mail : srgeologistbaripada@gmail.com]**

A-149

**INVITATION FOR BIDS (IFB)**

**e-Procurement Notice : 473 Date : 09/05/2025**
**Bid Identification No. 01 to 05/GWDBPD/ARUA/2025-26, and 08/GWDBPD/CHHATA/2025-26 (Single-Envelope Bidding Process)**

Deputy Director, Geology, GWD Division, Baripada, At/Po- Takatpur, Baripada, Dist- Mayurbhanj-757003 on behalf of Governor of Odisha invites bids from bidders Class "D" & "C" registered with the State Governments and bidders of equivalent Grade / Class registered with Central Government/MES/Railways for the construction of works following work. Bids must be submitted online on or before **21.05.2025 at 13.00 Hrs. 1 ST (system server time).** Proposals will be opened online on **22/05/2025, at 09:00 Hrs**. In the event of the date specified for proposal opening being declared as a closed holiday for the purchaser's office, the due dae for openign of bid will be the following working day at the appointed time. Details of the Tender will be available in the procurement portal **"www.tendersodisha.gov.in".**

| Sl. No. | Description | Details | |
|---|---|---|---|
| | | BIN | Name of the work |
| 1 | Name of Work | 01/GWDBPD/ARUA/2025-26 | Construction of 15 (Fifteen) Nos of Recharge Shaft in Bhandaripokhari & Dhamnagar Block of Bhadrak District Under ARUA Scheme for the Fy 2025-26 |
| | | 02/GWDBPD/ARUA/2025-26 | Construction of 16 (Sixteen) Nos of Recharge Shaft in Badasahi and Rasgovindpur Block of Mayurbhanj District Under ARUA Scheme for The FY 2025-26 |
| | | 03/GWDBPD/ARUA/2025-26 | Construction of 12 (Twelve) Nos of Recharge Shaft in Baliapal Block of Balasore District Under ARUA Scheme for the FY 2025-26 |
| | | 04/GWDBPD/ARUA/2025-26 | Construction of 14 (Fourteen) Nos of Recharge Shaft in Baliapal Block of Balasore District Under ARUA Scheme for the FY 2025-26 |
| | | 05/GWDBPD/ARUA/2025-26 | Construction of 08 (Eight) Nos of Recharge Shaft in Joda Block of Keonjhar District Under ARUA Scheme for the FY 2025-26 |
| | | 08/GWDBPD/CHHATA/2025-26 | Construction of 05 (Five) Nos. of RRHS In Nilgiri Block of Balasore District Under CHHATA Scheme for the FY 2025-26 |
| 2 | Total Number of Packages | 06 Nos. of Individual Packages | |
| 3 | Start date of Availability of Bid Document online (Bid Download) | 12/05/2025 From 11:00 Hrs. | |
| 4 | Last date of Availability of Bid Document online (Bid Download) | 21/05/2025 up to 13:00 Hrs. | |
| 5 | Last date and time for receipt of Bid Document (Bid Submission End Date and Time) | 21/05/2025 up to 13:00 Hrs. | |
| 6 | Date and Time of Opening of Bid Document (Bid Openign Date) | 22/05/2025 at 09:00 Hrs. | |

OIPR : 32467/11/0007/2526

Sd/- Deputy Director Geology
GWD Division Baripada


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ୩୧ ନମ୍ବର ୱାର୍ଡ ନୀଳାଚଳ ମହିଳା ମହା ସଂଘ ନୂତନ ସଭା ଗୃହ ଉଦଘାଟିତ



ପୁରୀ (ସବ୍ୟୁ): ଶନିବାର ଅପରାହ୍ଣରେ ପୁରୀ ପୌର ପାଳିକା ୩୧ ନମ୍ବର ୱାର୍ଡ ବିନୋବା ନଗରରେ ଆଞ୍ଚଳିକ ମହିଳା ମହସଂଘ ନବ ନିର୍ମିତ ସଭା ଗୃହକୁ ପୂର୍ବତନ ଉପ ନଗରପାଳ ତଥା ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ର ଶୁଭ ଉଦ୍‌ଘାଟନ କରିଛନ୍ତି । ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ କରକମଳରେ ଏହାର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇ ଥିଲା । ଏହାର ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଥିଲା । ଆଜିର ଏହି ଉଦଘାଟନୀ କାର୍ଯ୍ୟ କ୍ରମରେ ୩୧ ନମ୍ବର ୱାର୍ଡ ପୂର୍ବତନ ପୋର ସଦସ୍ୟା ଶ୍ରୀମତି ସତ୍ୟଭାମା ସାହୁ, ରେଣୁ ବାଳା ମହାନ୍ତି, ପୂର୍ବତନ ପୌର ସଦସ୍ୟ ବିଭୂତି ଭୂଷଣ ସେଠୀ, ସମାଜ ସେବୀ ସୁମନ୍ତ କୁମାର ସାହୁ, ବିଜୟ କୁମାର ପ୍ରଧାନ, ସମରେନ୍ଦ୍ର ଦେଓ, ଶ୍ୟାମ ସୁନ୍ଦର ପଟ୍ଟନାୟକ, ଧୀରେନ୍ଦ୍ର ପାଣି, ନରେନ୍ଦ୍ର ପାତ୍ର, ଶଙ୍କର ପ୍ରଧାନ, ଲକ୍ଷ୍ମଣ ସାହୁ, ମହିଳା ସଂଘର ପୂର୍ବତନ ସମ୍ପାଦିକା ସତ୍ୟଭାମା ବାରିକ, ବର୍ତ୍ତମାନ ସଭାନେତ୍ରୀ ତପସ୍ୱିନୀ ଦାସ, ସମ୍ପାଦିକା କଳ୍ପନା ସାହୁଙ୍କ ସମେତ ମହିଳା ସମିତି ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ ।

## ତହସିଲ ଛକରେ ବସଷ୍ଟାଣ୍ଡ ଓ ପାନୀୟ ଜଳ ଯୋଗାଇବା ପାଇଁ ଦାବି

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ତହସିଲ (ରିଷୋ)ଛକ ଠାରେ ଏକ ଯାତ୍ରୀ ବିଶ୍ରାମଗାର ଓ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହୋଇଛି । ଏଠାରେ ସୂଚନାଥାଉକି ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ୨୦୦୮ ମସିହାରୁ ସ୍ଥାପିତ ହୋଇଥିବା ତହସିଲ କାର୍ଯ୍ୟାଳୟ ଏଠାରେ ଚାଲୁଛି । ଦୀର୍ଘ ବର୍ଷ ହେଲା ତହସିଲ କାର୍ଯ୍ୟାଳୟ ଏଠି ଚାଲୁଥିଲେ ମଧ ଏହି ଛକ ଠାରେ ବସଷ୍ଟାଣ୍ଡ ଓ ପାନୀୟଜଳ ନଥିବାରୁ ଦୂରଦୂରାନ୍ତର ଆସୁଥିବା ଜନସାଧାରଣ ମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ସାଧାରଣ ଲୋକଙ୍କ ସୁବିଧା ଦୃଷ୍ଟିରୁ ଏଠାରେ ଏକ ଯାତ୍ରୀ ବିଶ୍ରାମଗାର ଓ ପାନୀୟଜଳ ବ୍ୟବସ୍ଥା କରିବାକୁ ବହୁ ବୁଦ୍ଧିଜୀବୀ ଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ମାନ୍ୟବର ମୁଖମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କଟକ କ୍ଷେତ୍ର ପକ୍ଷରୁ

# କେନ୍ଦ୍ରାପଡା କେନ୍ଦ୍ରଠାରେ କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ) : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ମେଗା କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ ଏକ ମେଗା କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କେନ୍ଦ୍ରାପଡାଠାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲା ଆପିକଲ୍‌ର ଜିଲ୍ଲା ପ୍ରବନ୍ଧକ ଏବଂ କେନ୍ଦ୍ରାପଡା ଜିଲ୍ଲା ମିଶନ ଶକ୍ତିର ବିପିସି ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡଙ୍ଗୀ, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ରେଡିଟ୍ ମୁଖ୍ୟ



ହରେକୃଷ୍ଣ ସାହୁ , କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ଶାଖାଗୁଡିକର ଶାଖା ମୁଖ୍ୟଙ୍କ ସମେତ ଗ୍ରାହକମାନେ ଉପସ୍ଥିତ ଥିଲେ । ଶ୍ରୀ ଷଡଙ୍ଗୀ ଏବଂ ଶ୍ରୀ ସାହୁ ବ୍ୟାଙ୍କର କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିବା ସହ ବର୍ତ୍ତମାନ ଓ ଆଗ୍ରହୀ ଗ୍ରାହକମାନଙ୍କ ନିକଟରେ ପହଞ୍ଚି ବିଭିନ୍ନ ସରକାରୀ ପ୍ରାୟୋଜିତ ଯୋଜନା ଅଧିନରେ ଆର୍ଥିକ ସହାୟତା ପ୍ରଦାନ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଥିଲେ। ବ୍ୟାଙ୍କ ଅଧିକାରୀମାନେ ବିଭିନ୍ନ କୃଷି ଅଭିବୃଦ୍ଧି ଯୋଜନା ଏବଂ ଏହାର ସୁବିଧା ଉପରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ । ଆପିକଲ୍‌ର ଜିଲ୍ଲା ପ୍ରବନ୍ଧକ କୃଷି ସମ୍ବନ୍ଧୀୟ ଆର୍ଥିକ ସହାୟତାର ଗୁରୁତ୍ୱ ଉପରେ ବିଶେଷ ଆଲୋକପାତ କରିବା ସହିତ କେନ୍ଦ୍ର ସରକାରଙ୍କ ପୃଷ୍ଠପୋଷକତାରେ ବିଭିନ୍ନ ସରକାରୀ ଯୋଜନାର ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ ଏବଂ କୃଷି ୟୁନିଟ୍‌ଗୁଡିକର ଅଭିବୃଦ୍ଧିରେ ବ୍ୟାଙ୍କର ଆର୍ଥିକ ସହାୟତାର ସଠିକ୍ ବିନିଯୋଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାହକ ଯୋଗ ଦେଇଥିବା ସହ ୩୨ଟି ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମଟି ଅତ୍ୟନ୍ତ ସଫଳ ହୋଇଥିଲା ।

# ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ୧୬୪ତମ ଜୟନ୍ତୀ

କଟକ, (ସବ୍ୟୁ):ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ୧୬୪ତମ ଜୟନ୍ତୀ ବନ୍ଦେ ଉତ୍କଳ ପକ୍ଷରୁ କଟକ ବଙ୍ଗାଳି ସାହିସ୍ଥିତ ମା ଶାରଳା ସଦନରେ ପାଳିତ ହୋଇଯାଇଛି ଛ ପ୍ରତିଷ୍ଠାତା ସଭାପତି ଶ୍ରୀ ଦେବାସ୍ନାନ ଦାସ ଓଡ଼ିଶା ସହିତ ଠାକୁରଙ୍କ ସାହିତ୍ୟ ଓ ସଂସ୍କୃତିକ କ୍ଷେତ୍ରରେ ଗଭୀର ଓ ଦୀର୍ଘ ସମ୍ପର୍କ ଉପରେ ଆଲୋକପାତ କରି କହିଥିଲେ ନୋବେଲ ପୁରସ୍କାର ପାଇବା ପରେ ପୁରୀ ଠାରେ ଠାକୁରଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା ଛଗରିମାମୟ ସଦସ୍ୟମାନଙ୍କ ମଧ୍ୟରୁ କଟକ ବାର ଆସୋସିଏସନ ର ପୂର୍ବତନ ସମ୍ପାଦକ ଜ୍ୟୋତିନ୍ଦ୍ରୀୟ ମହାନ୍ତି, ପ୍ରଶାସକ ନିରଞ୍ଜନ ବେହେରା , ଭୁବନାନନ୍ଦ ମହାନ୍ତି ଓ ଆଇନଜୀବୀ ଆଦ୍ୟାଶକ୍ତି ପ୍ରିୟା ଠାକୁରଙ୍କ ସ୍ମୃତିକୁ ଶ୍ରଦ୍ଧାଞ୍ଜଳୀ ଜଣାଇ ଯେଉଁଥିରେ ତାଙ୍କର ବିଶ୍ୱସ୍ତରୀୟ କୃତିତ୍ୱ, ବିଭିନ୍ନ କ୍ଷେତ୍ରରେ ତାଙ୍କ ପାରଙ୍ଗତା ଓ ତାଙ୍କ ଲେଖା ଗୀତାଞ୍ଜଳି ପାଇଁ ମିଳିଥିବା ନୋବେଲ ପୁରସ୍କାର ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଠାକୁରଙ୍କ ଛବିରେ ପୁଷ୍ପାଞ୍ଜଳି ଦିଆଯାଇଥିଲା ଓ ଶେଷରେ ଠାକୁର ରଚିତ ଯଦି ତୋର ଡାକ ଶୁଣେ କେଉନା ଆସେ, ତୁଇ ଏକଲା ଚଲୋ ରେ ଗୀତ ତାଙ୍କ ସ୍ମୃତିରେ ଶୁଣା ଯାଇଥିଲା ।

## ବ୍ରେକ ଫେଲ ଯୋଗୁ ଟ୍ରକ ଦୁର୍ଘଟଣା, ଚାଳକ ଆହତ

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥରେ ଏକ ଟ୍ରକ ଲୁହାପଥର ବୋଝେଇ କରି ଆସୁଥିଲା । କୋଇଡାରୁ ଲୁହାପଥର ବୋଝେଇ କରି ପାରାଦ୍ୱୀପ ଅଭିମୁଖେ ଯାଉଥିବା ବେଳେ ପାଣିକୋଇଲି ବଜାର ନିକଟରେ ଉକ୍ତ ଟ୍ରକର ବ୍ରେକ ଫେଲ ହୋଇଥିଲା । ଫଳରେ ଚାଳକ ଓଭରବ୍ରିଜ ଦେଇ ପାରଦ୍ୱୀପ ଯିବା ବଦଳରେ ଟ୍ରକଟିକୁ ସର୍ଭିସ ରୋଡରେ ପାଣିକୋଇଲି ଥାନା ଆଡକୁ ନେଇଥିଲା । ମାତ୍ର ଲୋକଙ୍କୁ ରକ୍ଷା କରିବାକୁ ଯାଇ ଚଳକ କେଉଁଝର ଜିଲ୍ଲା ଘସିପୁରା ଅଂଚଳର କାଳନ୍ଦୀ ସେଠୀ ଟ୍ରକଟିକୁ ଅଟକାଇବାକୁ ଚେଷ୍ଟା କରିଥିଲା । ମାତ୍ର ଟ୍ରକଟି ଆଗକୁ ମାଡି ଚାଲିବାରୁ ପାଣିକୋଇଲି ବଜାର ଓଚିନ୍ଦା ରୋଡ ନିକଟରେ ରାଜପଥ ପାର୍ଶ୍ୱ ଡ୍ରେନ ଉପରେ ଗାଡିଟିକୁ ଚଢାଇଥିଲା । ପ୍ରାୟ ୧୦ରୁ ଉର୍ଦ୍ଧ ଡ୍ରେନର ସ୍ଲାବ ଭାଙ୍ଗିବା ପରେ ଟ୍ରକଟି ଲାଖି ଅଟକି ଯାଇଥିଲା । ଫଳରେ ଚାଳକ ଆହତ ହୋଇଥିଲେ ବି କୌଣସି ଲୋକଙ୍କର କିଛି କ୍ଷତି ହୋଇନଥିଲା । ଘଟଣାସ୍ଥଳେ ପୁଲିସ ପହଂଚି ଚାଳକକୁ ଉଦ୍ଧାର କରି ଚିକତ୍ସା ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି ।

# ପ୍ରଥମ ଆଫ୍ରିକୀୟ ରେଷ୍ଟୁରାଣ୍ଟ ଯୋଜନା

ଭୁବନେଶ୍ୱର (ସବ୍ୟୁ): ଚଳିତ ମାସରେ ଭୁବନେଶ୍ୱର କିଟ୍ ସ୍କୋୟାରରେ ଆରମ୍ଭ ହେବାକୁ ଯାଉଛି ରେଷ୍ଟୁରାଣ୍ଟ 'ଟ୍ରାଇବସ ଟୁ ୱାର୍ଲ୍ଡ' । ଏହି ରେଷ୍ଟୁରାଣ୍ଟ କିପରି ଓଡ଼ିଶାର ଲୋକମାନଙ୍କୁ ଆଫ୍ରିକୀୟ ଖାଦ୍ୟର ସ୍ୱାଦ ଏବଂ ପରମ୍ପରାକୁ ପରିଚିତ କରାଇବ ଏବଂ ଏକକାଳୀନ ଓଡ଼ିଆ ଆଦିବାସୀ ଖାଦ୍ୟକୁ ପ୍ରୋତ୍ସାହିତ ମଧ୍ୟ କରିବ, ଯାହା ଦ୍ୱାରା କ୍ରସ୍ ସାଂସ୍କୃତିକ ପର୍ଯ୍ୟଟନ ପାଇଁ ସୁଯୋଗ ସୃଷ୍ଟି ହେବ ସେ ସଂପର୍କରେ 'ଟ୍ରାଇବସ ଟୁ ୱାର୍ଲ୍ଡ'ର ମାଲିକ



ମାଡାଲିସୋ ଟମି ଚିକୋଣ୍ଡେ, ଅଭିଳାଷ ଏକ୍କା ଏବଂ ରେଷ୍ଟୁରାଣ୍ଟର ପ୍ରମୋଟର ପ୍ରାଇମ୍ ଅଭିଲାସ ପ୍ରମୁଖ ଉପମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ସିଂହଦେଓଙ୍କୁ ଏ ସଂପର୍କରେ ଅବଗତ କରାଇଥିଲେ ।

## ଆତଙ୍କବାଦ ବିରୋଧରେ ସ୍ୱର ସଦାବେଳେ ସଶକ୍ତ ହେବ: ବିଜେଡି

# ଭୁବନେଶ୍ୱରରେ ବିଜେଡିର ବିଶାଳ ତ୍ରିରଙ୍ଗା ଯାତ୍ରା

ଭୁବନେଶ୍ୱର, (ସବ୍ୟୁ): ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିରୀହ ଲୋକଙ୍କ ହତ୍ୟାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଛି ଯୁଦ୍ଧ ପରିସ୍ଥିତି । ପାକିସ୍ତାନ ପଟୁବାରମ୍ବାର ଅସ୍ତ୍ରବିରତି




ଉଲ୍ଲଘଂନ ଓ ଭାରତ ଉପରେ ମିଜାଇଲ ଓ ଡ୍ରୋନ ଆକ୍ରମଣ କରୁଥିବା ପାକିସ୍ତାନକୁ ଭାରତୀୟ ଯବାନ ମୁହଁତୋଡ଼ ଜବାବ ଦେଇଛନ୍ତି । ଉତ୍ସର୍ଗୀକୃତ ମନୋଭାବ ସହ ଯବାନମାନଙ୍କ ନିଷ୍ଠା ଓ ପରାକାଷ୍ଠା ପାଇଁ ପାକିସ୍ତାନର ସମସ୍ତ ଆକ୍ରମଣ ଉଦ୍ୟମ ପଣ୍ଡ ହେବାସହ ପଛଘୁଞ୍ଚା । ଦେଇଛି ପାକିସ୍ତାନ । ଏହି ପରିପ୍ରେକ୍ଷୀରେ ଭାରତୀୟ ଯବାନ ମାନଙ୍କ ମନୋବଳ ବଢ଼ାଇବା ପାଇଁ ବିଜେଡ଼ି ପକ୍ଷରୁ ଶନିବାର ରାଜମହଲ ଛକ ଠାରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ତ୍ରିରଙ୍ଗାଯାତ୍ରାରେ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ସହିତ ବହୁସଂଖ୍ୟାରେ ଯୁବ, ଛାତ୍ର ଓ ମହିଳା ସାମିଲ ହୋଇଥିଲେ । ତ୍ରିରଙ୍ଗା ଯାତ୍ରା ପରେ ମାଷ୍ଟରକ୍ୟାଣ୍ଟିନ ଛକରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

ଏହି ସଭାରେ ଦଳର ଉପସଭାପତି ପ୍ରତାପ ଜେନା, ଉପସଭାପତି ସଞ୍ଜୟ ଦାସବର୍ମା, ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ରମେଶ ବେହେରା, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, କ୍ୟାପଟେନ ଦିବ୍ୟଶଙ୍କରମିଶ୍ର, ନବ କିଶୋର ସେଠୀ, ସୁନିଲ ମହାନ୍ତି, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ଉମାକାନ୍ତ ସାମନ୍ତରାୟ, ଗଣେଶ୍ୱର ପାତ୍ର, ପୂର୍ବତନ ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ଶ୍ରୀମତୀ ଶର୍ମିଷ୍ଠା ସେଠୀ, ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁବକ୍ସିପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ମନ୍ମଥ ରାଉତରାୟ, ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ୍ ମହାନ୍ତି ଓ ଡ଼ ପ୍ରିୟବ୍ରତ ମାଝୀ, ଶୁଭେନ୍ଦୁ ମଙ୍ଗରାଜ, ଧୃତୀ ରଞ୍ଜନ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱ ଆଇନଜୀବୀ ସଂଘ ଦ୍ୱାରା ଭୁବନ ରିଭୁ ସମ୍ମାନିତ

ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ ଶିଶୁ ଅଧିକାର ଆଇନଜୀବୀ ଭୁବନ ରିଭୁ ପ୍ରଥମ ଭାରତୀୟ ଆଇନଜୀବୀ ଭାବେ ବିଶ୍ୱ ଆଇନ କଂଗ୍ରେସରେ ବିଶ୍ୱ ଜୁରିଷ୍ଟ ଆସୋସିଏସନ ଦ୍ୱାରା 'ମେଡାଲ୍ ଅଫ୍ ଅନର୍' ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଡୋମିନିକାନ ରିପବ୍ଲିକରେ ମେ ୪ରୁ ମେ ୬ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୭୦ରୁ ଅଧିକ ଦେଶର ୧୫୦୦ରୁ ଅଧିକ ଆଇନଜୀବୀ ଓ ୩୦୦ବକ୍ତା ଏକାଠି ହୋଇଥିଲେ। ଶିଶୁ ସୁରକ୍ଷା ଓ ଶିଶୁ ଅଧିକାରକୁ ଆଗକୁ ନେବା ପାଇଁ ଆଇନଗତ ହସ୍ତକ୍ଷେପ ଓ ତୃଣମୂଳ ସ୍ତରରୁ ସଙ୍ଗଠିତ ବ୍ୟବହାର କରି ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଅଗ୍ରଣୀ କାର୍ଯ୍ୟ କରିଥିବା ଭୁବନ ରିଭୁଙ୍କୁ ବିଶ୍ୱର ସର୍ବପୁରାତନ ଆଇନଜ୍ଞ ସଙ୍ଘ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

ଭୁବନ ରିଭୁ ଗତ ୨୦ବର୍ଷ ମଧ୍ୟରେ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ପାଇଁ ୬୦ ପିଆଇଏଲ ନାମାଙ୍କନ ପତ୍ର ଦାଖଲ କରି ନେତୃତ୍ୱ ନେଇଛନ୍ତି ଯାହା ଫଳରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ବିଭିନ୍ନ ହାଇକୋର୍ଟରେ ଯୁଗାନ୍ତକାରୀ ରାୟ ପ୍ରକାଶ ପାଇଥିଲା । ସେ ଶିଶୁ ସୁରକ୍ଷା ପାଇଁ ବିଶ୍ୱର ସବର୍ବୃହତ ଆଇନଗତ ହସ୍ତକ୍ଷେପ ନେଟବାର୍କ- ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ (ଜେଆରସି)ର ପ୍ରତିଷ୍ଠାତା ମଧ ଅଟନ୍ତି - ଯାହାର ବିଶ୍ୱବ୍ୟାପୀ ଉପସ୍ଥିତି ରହିଛି । ଓଡ଼ିଶାର ୨୫ଟି ଜିଲ୍ଲାରେ ଶିଶୁ ସୁରକ୍ଷା ଓ ୨୦୩୦ସୁଦ୍ଧା ବାଲ୍ୟବିବାହକୁ ସମାପ୍ତ କରିବା ପାଇଁ ଜେଆରସିର ୧୪ଟି ଏନଜିଓ ପାର୍ଟନର୍ କାର୍ଯ୍ୟ କରୁଛନ୍ତି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୫(୨୦୧୯-୨୧) ଅନୁସାରେ ରାଜ୍ୟରେ ବାଲ୍ୟ ବିବାହର ସ୍ଥିତି ୨୦.୫ପ୍ରତିଶତ ରହିଛି ।

# ହିତାଧିକାରୀଙ୍କୁ ଦୁର୍ବ୍ୟବହାର

## ପିଡିଏସ୍ ବଣ୍ଟନକାରୀଙ୍କୁ ହଟାଇବାକୁ ଦାବି

ଗଣିଆ ,(ସବ୍ୟୁ) :ଗଣିଆ ବ୍ଲକର ଆଦିବାସୀ ପ୍ରବଣ ବଡଶିଲିଙ୍ଗା ପଞ୍ଚାୟତରେ ସ୍ଥାନୀୟ ଲୋକଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ ବେଳେ ଦୁର୍ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ ହେଉଛି । ଏ ନେଇ ଗତ ଗୁରବାର ବଡଶିଲିଙ୍ଗା ପଞ୍ଚାୟତବାସୀଙ୍କ ତରଫରୁ ନୟାଗଡ ଉପଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ବଡଶିଲିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ଖାଉଟି ସାମଗ୍ରୀ ବଣ୍ଟନ କରୁଥିବା ବ୍ୟକ୍ତି ଜଣଙ୍କ ଅନେକ ସମୟରେ ସାଧାରଣ ଲୋକଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଉଥିବା ବେଳେ ଅଖା ପ୍ରତି ୩୦ଟଙ୍କା ଲେଖାଁଏ ଜବରଦସ୍ତ ନେଉଥିବା ହିତାଧିକାରୀମାନେ ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି । ଗଣିଆ ବ୍ଲକରେ ବଡଶିଲିଙ୍ଗା ପଞ୍ଚାୟତ ଆୟତନରେ ବହୁତ ବଡ ହୋଇଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମୁସୁଗୁଡା, ସଳପଗଣ୍ଡା, ଡମାଘାଟି, ଜାନକାଝୋଲା, ରେକାଡି, କୁମୁରୀ ପରି ବିଭିନ୍ନ ଗ୍ରାମ ୨୦କିଲୋମିଟର ଦୂର ଅଟେ । ଯାନବାହାନ ସୁବିଧା ନଥିବାରୁ ଏହି ଗ୍ରାମର ଲୋକେ ପିଡିଏସ ସାମଗ୍ରୀ ନେବା ପାଇଁ ଆସିଲେ ଗାଁରେ ପହଞ୍ଚିବା ପାଇଁ ୨ଦିନ ବିତିଯାଇଥାଏ ।

# ଦୁର୍ଗନ୍ଧ ନିଃଶ୍ୱାସର ମୁକାବିଲା ପାଇଁ ଆୟୁର୍ବେଦିକ ଉପଚାର

ଭୁବନେଶ୍ୱର, (ସବ୍ୟୁ): ଦୁର୍ଗନ୍ଧ ନିଃଶ୍ୱାସ ବା ହାଲିଟୋସିସ ସାମାଜିକ ସ୍ତରରେ ଦୁଃଖଦାୟକ, ଯାହା ଆତ୍ମବିଶ୍ୱାସ ଏବଂ ଆନ୍ତଃବ୍ୟକ୍ତିସ୍ତରୀୟ ଭାବ ବିନିମୟକୁ ପ୍ରଭାବିତ କରିଥାଏ ବୋଲି ପବ୍ଲିକ ହେଲଥ ଡେଣ୍ଟିଷ୍ଟ୍ରିରେ ପ୍ରଫେସର ଥିବା ଡା.ସୋନିଆ ଦତ୍ତା, ଏମଡିଏସ, ପିଏଚଡି କହିଛନ୍ତି। ଏହା ଅନେକ ସମୟରେ ନିମ୍ନମାନର ମୁଖଗହ୍ୱର ଯତ୍ନ, ଖାଦ୍ୟଗତ ପସନ୍ଦ, ତମାଖୁ ବ୍ୟବହାର, କିଛି ନିର୍ଦ୍ଦିଷ୍ଟ ପ୍ରକାର ଔଷଧ ସେବନ ଅଥବା ଅନ୍ତର୍ନିହିତ ସ୍ୱାସ୍ଥ୍ୟାବସ୍ଥା କାରଣରୁ ହୋଇଥାଏ। ସାମୟିକ ଭାବରେ ଦୁର୍ଗନ୍ଧ ନିଃଶ୍ୱାସ ଏକ ସାଧାରଣ ଘଟଣା, ଯାହା ଅନେକ ସମୟରେ ଖାଦ୍ୟ ଖାଇବା ଅଥବା ପ୍ରାତଃକାଳୀନ ନିଃଶ୍ୱାସ ପ୍ରଶ୍ୱାସ ସମୟରେ ହୋଇଥାଏ । ତେବେ ଦୀର୍ଘକାଳ ହାଲିଟୋସିସ ଲାଗିରହିବା ଏକ ଅନ୍ତର୍ନିହିତ ସମସ୍ୟାର ସଙ୍କେତ ଦେଇଥାଏ, ଯେପରିକି ମାଢି ରୋଗ ଅଥବା ଶୁଷ୍କ ମୁଖ ଗହ୍ୱର । ଏହିଭଳି ଦୁର୍ଗନ୍ଧ ନିଃଶ୍ୱାସର ମୁକାବିଲା ଡାବର ରେଡ ପେଷ୍ଟ ସହିତ କରନ୍ତୁ । ଲବଙ୍ଗ, ନିମ, ପୁଦିନା ଭଳି ଏହାର ଆୟୁର୍ବେଦିକ ଉପାଦାନଗୁଡିକ ସ୍ଥାୟୀ ତାଜାପଣ ନିମନ୍ତେ ଦୁର୍ଗନ୍ଧ ସୃଷ୍ଟିକାରୀ ବ୍ୟାକ୍ଟେରିଆ ଗୁଡିକୁ ନିଜର ଲକ୍ଷ୍ୟ ବନାଇଥାଏ । ଏହାକୁ ଦୈନନ୍ଦିନ ଅଭ୍ୟାସ କରନ୍ତୁ ଏବଂ ଦିନସାରା ତାଜା ନିଃଶ୍ୱାସ ସହିତ ଆତ୍ମବିଶ୍ୱାସୀ ଅନୁଭବ କରନ୍ତୁ ।

# ନାରାୟଣ ଇ-ଟେକ୍ନୋ ବିଦ୍ୟାଳୟର (୨୦୨୫-୨୬) ବାର୍ଷିକ କର୍ମଶାଳା



ଭୁବନେଶ୍ୱର (ସବ୍ୟୁ): ୫ତାରିଖ ସୋମବାର ଠାରୁ ୧୦ତାରିଖ ଶନିବାର ପର୍ଯ୍ୟନ୍ତ ନାରାୟଣ ଇ-ଟେକ୍ନୋ ବିଦ୍ୟାଳୟର ବାର୍ଷିକ କର୍ମଶାଳା କାର୍ଯ୍ୟକ୍ରମ ଭୁବନେଶ୍ୱର,ପଟିଆ ସ୍ଥିତ ନାରାୟଣ ଇ-ଟେକ୍ନୋ ବିଦ୍ୟାଳୟରେ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଡିଜିଏମ୍ ପି.ଶ୍ରୀନିବାସ ରାଓ,ଏଜିଏମ୍ କିଶୋର କୁମାର ପାଣିଗ୍ରାହୀ ,ସମସ୍ତ ବିଭାଗର କୋ-ଅର୍ଡିନେଟର - ଆପା ରାଓ ସାର, ତୃଷ୍ଣା ଧର ମ୍ୟାଡମ୍ ,ଅନ୍ୱେଷା ମ୍ୟାଡମ୍‌ଙ୍କ ସମେତ ସମସ୍ତ ବ୍ରାଞ୍ଚର ଅଧ୍ୟକ୍ଷା ମଣ୍ଡଳୀ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ଜୋନ୍‌ର ୪ଟି ଶାଖାର ପ୍ରାୟ ୪୦୦ ରୁ ଉର୍ଦ୍ଧ ଶିକ୍ଷକ -ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ । ନ୍ୟାସନାଲ କରିକୁଲମ ଫ୍ରେମୱାର୍କକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଆସନ୍ତା ୨୦୨୫-୨୬ ର ବାର୍ଷିକ ଶିକ୍ଷା ପଦ୍ଧତିର ମାନଦଣ୍ଡକୁ ଆହୁରି ମଜ୍‌ଭୁତ୍ କରିବାକୁ ଶିକ୍ଷକ ମାନଙ୍କୁ ଦିଆଯାଇଥିବା ତାଲିମ୍ ଓ ସେମାନଙ୍କର ଶିକ୍ଷାଦାନ ପଦ୍ଧତି ବେଶ୍ ପ୍ରଂଶସନୀୟ ହୋଇଥିଲା । ଆଧୁନିକ ଟେକ୍ନୋଲୋଜିର ସହାୟତାରେ ଶିକ୍ଷକମାନେ ବେଶ୍ ଉଚ୍ଚକୋଟୀର ଶ୍ରେଣୀଗୃହ ଉପସ୍ଥାପନ କରିଥିଲେ । ପରିଶେଷରେ ନୃତ୍ୟ,ଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ କାର୍ଯ୍ୟକ୍ରମର ଉଦ୍‌ଯାପନ କରାଯାଇଥିଲା । ସମସ୍ତ ଅଧ୍ୟକ୍ଷା ,ଉପ ଅଧ୍ୟକ୍ଷା,ଏକାଡେମିକ୍ ଡିନ୍ ତଥା କୋ-ଅର୍ଡିନେଟର ମାନଙ୍କର ପ୍ରତକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ବେଶ୍ ସୁରୁଖୁରରେ ସମ୍ପାଦିତ ହୋଇଥିଲା ।

## ଉଷା ଇଣ୍ଟରନେସନାଲର ନୂଆ ନେକ୍ସଟ ଜେନ ଫ୍ୟାନର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଅଗ୍ରଣୀ ଉପଭୋକ୍ତା ସାମଗ୍ରୀ ପ୍ରସ୍ତୁତି କମ୍ପାନୀ ଉଷା ଇଂଟରନେସନାଲ ଦ ଷ୍ଟାଇଲିସ୍ ଏରୋଏଜ୍ ଏବଂ ଏରୋଏଜ୍ ପ୍ଲସ୍ ନାମରେ ନିଜର ସଦ୍ୟତମ ଉଚ୍ଚ ପ୍ରଦର୍ଶନକ୍ଷମ ସିଲିଂ ଫ୍ୟାନର ଶୁଭାରମ୍ଭ କରିଛି। ଅତିଶୟ ଗରମ ଅନୁଭବ କରୁଥିବା ଭାରତୀୟ ଉପଭୋକ୍ତାଙ୍କର ପରିବର୍ତ୍ତିତ ଆବଶ୍ୟକତାକୁ ପୂରଣ କରିବା ଲାଗି ପ୍ରସ୍ତୁତ କରାଯାଇଥିବା ଏସବୁ ଫ୍ୟାନ୍ ଚମତ୍କାର ଆରାମ, ସର୍ବୋତମ ଶକ୍ତି ଦକ୍ଷତା ଏବଂ ଆଧୁନିକ ସମୟର ସୁନ୍ଦରତାରେ ସମ୍ପନ୍ନ ତଥା ବର୍ତମାନର ଘରଗୁଡ଼ିକ ପାଇଁ ଶ୍ରେଷ୍ଠ ଶୀତଳତା ପ୍ରଦାନ କରିଥାନ୍ତି । ଏରୋଏଜ୍ ପ୍ଲସ୍ ଏବଂ ଏରୋଏଜ୍ ବିଏଲଡିସି ସିଲିଂ ଫ୍ୟାନ ସୌନ୍ଦର୍ଯ୍ୟ ଏବଂ ପ୍ରଯୁକ୍ତିର ଉପଯୁକ୍ତ ମିଶ୍ରଣର ପ୍ରତୀକ ଏବଂ ବିଇଇ ଷ୍ଟାର ରେଟିଂରେ ସୁସଜ୍ଜିତ ଯାହାକି ଏଗୁଡ଼ିକର ଶକ୍ତି ଦକ୍ଷତା ଏବଂ ଦୀର୍ଘକାଳୀନ ମୂଲ୍ୟ ପ୍ରଭାବଶୀଳତାକୁ ଦର୍ଶାଉଛି।

# ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଲୁପସ୍ ଦିବସରେ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,(ସବ୍ୟୁ): ଲୁପସ୍ ଏକ ସଂକ୍ରାମକ ରୋଗ ନୁହେଁ। ଏହା ଏକ ଅଟୋ ଇମ୍ୟୁନ୍ (ସ୍ୱ-ପ୍ରତିରକ୍ଷୀ) ରୋଗ। ତେବେ ଏହାର ଚିକିତ୍ସା ସମ୍ଭବ । ତେଣୁ ରୋଗକୁ ଡରିବା ପରିବର୍ତେ ଉପଯୁକ୍ତ ଚିକିତ୍ସା କରାଗଲେ ମଣିଷ ସୁସ୍ଥ ହୋଇପାରିବ। ଏଭଳି ସଚେତନତାର ବାର୍ତ୍ତା ନେଇ ବିଶ୍ୱ ଲୁପସ୍ ଦିବସ ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ଶନିବାର ଏକ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଶନିବାର ସକାଳେ ରାଜଧାନୀର ମାଷ୍ଟର କ୍ୟାଂଟିନ୍ ଛକ ଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ଏହି ସଚେତନତା ରାଲିର ଆୟୋଜନ କରାଯାଇଥିବା ବେଳେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଯୋଗ ଦେଇ ରାଲିର ଶୁଭାରମ୍ଭ କରିଥିଲେ। ସମ୍ ହସ୍ପିଟାଲର ଏଭଳି ସଚେତନତା ପଦକ୍ଷେପକୁ ପ୍ରଶଂସା କରି ଲୁପସ୍ ଭଳି ରୋଗକୁ ପରାସ୍ତ କରିବା ନିମନ୍ତେ ଉପଯୁକ୍ତ ଚିକିତ୍ସା ଓ ସଚେତନତାର ଆବଶ୍ୟକତା ରହିଛି ବୋଲି ଶ୍ରୀ ସିଂ କହିଥିଲେ।




ଏହି ଅବସରରେ ସମ୍ ହସ୍ପିଟାଲ କ୍ଲିନିକାଲ ଇମୁନୋଲୋଜି ଆଣ୍ଡ ରୁ୍ୟମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ପ୍ରଦୀପ୍ତ ଶେଖର ପାତ୍ରୋ ଲୁପସ୍ ରୋଗ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିବା ବେଳେ ୧୫ ରୁ ୫୦ ବର୍ଷ ମଧ୍ୟରେ ଥିବା ବାଳିକା ଓ ମହିଳାମାନଙ୍କ କ୍ଷେତ୍ରରେ ଏହି ରୋଗ ଦେଖାଯାଉଛି ବୋଲି କହିଥିଲେ । ରୋଗ ପ୍ରତିରୋଧକ ଶକ୍ତିରେ ସମସ୍ୟା ସୃଷ୍ଟି ହେଲେ ଲୁପସ୍ ଭଳି ମାରାତ୍ମକ ବ୍ୟାଧି ଶରୀରରେ ଦେଖା ଦେଇଥାଏ । ଏହି ର୍‍ୟାଲିରେ ସମ୍ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତୀ ମିନତୀ ମିଶ୍ର, ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ହସ୍ପିଟାଲର ଡାକ୍ତର, ନର୍ସ ଏବଂ ଛାତ୍ରଛାତ୍ରୀମାନେ ସାମିଲ ହୋଇ ଏହି ମାରାତ୍ମକ ରୋଗ ବିଷୟରେ ସଚେତନତାର ବାର୍ତା ପ୍ରଦାନ କରିଥିଲେ ।

ବିଶ୍ୱ ଲୁପସ୍ ଦିବସ ପରିପ୍ରେକ୍ଷୀରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କ୍ଲିନିକାଲ ଇମୁନୋଲୋଜି ଆଣ୍ଡ ରୁ୍ୟମାଟୋଲୋଜି ବିଭାଗ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ସିଏମ୍‌ଇର ମଧ ଆୟୋଜନ କରାଯାଇଥିଲା । ଏହି ସିଏମ୍‌ଇରେ ଆଡିସ୍‌ନାଲ୍ ଡିଜି-ଆଇସିଏମ୍‌ଆର ଏବଂ ଆଇସିଏମ୍‌ଆର୍-ଆରଏମ୍‌ଆର୍‌ସି, ଭୁବନେଶ୍ୱରର ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଯଦିଓ ଲୁପସ୍ ଭଳି ବ୍ୟାଧିରୁ ରୋଗିଟି ସଂପୂର୍ଣ୍ଣ ଭାବେ ସୁସ୍ଥ ହୋଇପାରିବ ନାହିଁ ତେବେ ପ୍ରାଥମିକ ସ୍ତରରୁ ଚିହ୍ନଟ କରାଯାଇ ଚିକିତ୍ସା କରାଗଲେ ରୋଗିଟି କିଛି ମାତ୍ରାରେ ସୁସ୍ଥ ହୋଇପାରିବ ।

ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଫେସର ପାତ୍ରୋ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଏବଂ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ବକ୍ତବ୍ୟ ରଖିଥିଲେ। ହସ୍ପିଟାଲ୍‌ର କ୍ଲିନିକାଲ ଇମୁନୋଲୋଜି ଆଣ୍ଡ ରୁ୍ୟମାଟୋଲୋଜି ବିଭାଗର ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) ସୁମନ୍ତ ମଦନ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଶୁଳ୍କ ଫିଜିଓଥେରାପି କେନ୍ଦ୍ର ଉଦଘାଟିତ

ଭୁବନେଶ୍ୱର, (ସବ୍ୟୁ): ଶନିବାର ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପରିସରରେ ଏକ ନିଶୁଳ୍କ ବା ମାଗଣା ଫିଜିଓଥେରାପି କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଉକ୍ତ ଫିଜିଓଥେରାପି କେନ୍ଦ୍ର ଶ୍ରୀମଦ୍ ସ୍ୱାମୀ ଦୂର୍ଗେଶ ନନ୍ଦିନୀ ମହାରାଜଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଉକ୍ତ କେନ୍ଦ୍ରରେ ସପ୍ତାହର ପ୍ରତ୍ୟେକ ଶୁକ୍ରବାର, ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ବିନା ଦେୟରେ ଫିଜିଓଥେରାପି ସେବା ଯୋଗାଇ ଦେବେ ବୋଲି ଅଭିଜ୍ଞ ଫିଜିଓଥେରାପିଷ୍ଟ ଡ଼ ଏଲିନା ପଟ୍ଟନାୟକ ସହମତି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଛୋଟପିଲାଠୁ ଆରମ୍ଭ କରି ଆବାଳ ବୃଦ୍ଧ ବନିତା ଏହାର ସୁଯୋଗ ନେଇପାରିବେ । ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ଭଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫିଜିଓଥେରାପି ଉଦଘାଟନୀ କାର୍ଯ୍ୟକ୍ରମରେ ବରିଷ୍ଠ ଟ୍ରଷ୍ଟି ବିଶ୍ୱ ରଞ୍ଜନ ଶତପଥୀ,ପ୍ରତିଷ୍ଠାନର କୋଷାଧ୍ୟକ୍ଷ ରଞ୍ଜନ କୁମାର ରାଉତରାୟ ଉପସ୍ଥିତ ଥିଲେ । ପୋଖରୀପୁଟ ଏବଂ ଏହାର ଆଖ ପାଖ ଅଞ୍ଚଳର ଯେ କେହି ବ୍ୟକ୍ତି ଏହି ଫିଜିଓଥେରାପି ନିଶୁଳ୍କ ସେବା ପ୍ରତ୍ୟେକ ଶୁକ୍ରବାର, ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ସୁଯୋଗ ନେଇପାରିବେ ବୋଲି ଅନୁଷ୍ଠାନର ସମ୍ପାଦକ ଜଣାଇଛନ୍ତି ।



## ଅପରେସନ ସିନ୍ଦୂର

# ମୃତ ୫ ପାକିସ୍ତାନୀ ଆତଙ୍କବାଦୀ କିଏ

**ନୂଆଦିଲ୍ଲୀ:** ମେ' ୭ ଭୋର ୧.୩୦ରେ ଭାରତୀୟ ସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ଅପରେସନ ସିନ୍ଦୂରକୁ କାର୍ଯ୍ୟକାରୀ କରିଥିଲା । ଏପ୍ରିଲ ୨୨ ପହଲଗାମ ନରସଂହାରର ବଦଲା ନେବାକୁ ଭାରତୀୟ ସେନା ୯ ଆତଙ୍କୀ ଆଡ୍ଡା ଉପରେ କରିଥିଲା ମିସାଇଲ ମାଡ଼ । ଏଥିରେ ୫ ପ୍ରମୁଖ ପାକିସ୍ତାନୀ ଆତଙ୍କବାଦୀଙ୍କ ସମେତ ପ୍ରାୟ ୧୦୦ ଜଣଙ୍କ ମୃତ୍ୟୁ ହୋଇଥିଲା । ଏବେ ଭାରତର ଅପରେସନ ସିନ୍ଦୂରରେ ପ୍ରାଣ ହରାଇଥିବା ୫ ପ୍ରମୁଖ ଆତଙ୍କବାଦୀଙ୍କ ପରିଚୟ ମିଳିଛି ।

ସେମାନେ ହେଲେ ମୁଦାସର ଖାଦିଆନ ଖାସ, ହାଫିଜ ମହମ୍ମଦ ଜାମୀଲ, ମହମ୍ମଦ ୟୁସୁଫ ଆଝାର, ଖାଲିଦ(ଅବୁ ଆକାଶ) ଓ ମହମ୍ମଦ ହାସନ ଖାନ । ଲସ୍କର-ଇ-ତାଏବା ଓ ଜୈଶ ମହମ୍ମଦ ଭଳି ପାକିସ୍ତାନରେ ସକ୍ରିୟ ଆତଙ୍କବାଦୀ ସଂଗଠନର ବଡ଼ବଡ଼ ପଦବୀରେ ଏହି ୫ ଆତଙ୍କବାଦୀ ରହିଥିଲେ ।

ଭାରତ ବିରୋଧୀ ଷଡ଼ଯନ୍ତ୍ରର ବିନ୍ଧାଣୀ ବୋଲି ଏମାନଙ୍କୁ କୁହାଯାଏ । ସବୁଠାରୁ ଆଚମ୍ବିତ କଥା ହେଲା, ଏହି ସବୁ ଆତଙ୍କବାଦୀଙ୍କୁ ପାକିସ୍ତାନରେ ହିରୋ ଭଳି ବିଦାୟ ଜଣାଯାଇଛି । ପାକିସ୍ତାନ ସେନା ଓ ପୁଲିସରେ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ଅନ୍ତିମ ସଂସ୍କାର ବେଳେ ଯୋଗ ଦେବାର ଫଟୋ ମଧ୍ୟ ସାମ୍ନାକୁ ଆସିଛି ।

### କିଏ ସେହି ୫ ଆତଙ୍କବାଦୀ?

୧- ମୁଦାସିର ଖାଦିଆନ ଖାସ: ଆତଙ୍କବାଦୀ ଦୁନିଆରେ ଖାସକୁ ସମସ୍ତେ ମୁଦାସିର ଓ ଅବୁ ଜୁନ୍ଦାଲ ନାଁରେ ଜାଣନ୍ତି । ହାଫିଜ ସୟିଦର ଲସ୍କର-ଇ-ତାଏବା ପାଇଁ ଖାସ କାମ କରୁଥିଲା । ପାକିସ୍ତାନର ମୁରିଦକେରେ ଥିବା ମର୍କଜ ତାଏବା ନାମକ ଲସ୍କରର ସବୁଠାରୁ ବଡ଼ ଆତଙ୍କୀ କ୍ୟାମ୍ପର ଦାୟିତ୍ୱ, ତା' ହାତରେ ଥିଲା । ଭାରତୀୟ ସୀମା ଠାରୁ ମାତ୍ର ୨୫ କିମି ଦୂରରେ ଏହା



ରହିଛି । ଲସ୍କରର ମୁଖ୍ୟାଳୟ ଭାବେ ଏହା ପରିଚିତ । ଅନେକ ଭାରତ ବିରୋଧୀ ଆତଙ୍କୀ ହମଲାରେ ଖାସ ମୁଦାସିର ସକ୍ରିୟ ଭୂମିକା ନେଇଥିଲା ।

ମୁମ୍ବାଇ ୨୬/୧୧ ହମଲା ବେଳେ ଜୀବନ୍ତ ଧରାପଡ଼ିଥିବା ଲସ୍କର ଆତଙ୍କବାଦୀ ଅଜମଲ କସାବ ଏକଦା ଜେରା ବେଳେ ମର୍କଜ ତାଏବାରେ ତାଲିମ ନେଇଥିବା ସ୍ୱୀକାର କରିଥିଲା । ୨୬/୧୧ ଆତଙ୍କବାଦୀ ହମଲାର ଅନ୍ୟତମ ଷଡ଼ଯନ୍ତ୍ରକାରୀ ଡାଭିଡ ହେଡଲୀ ମଧ୍ୟ ଏଠାରେ ତାଲିମ ନେଇଥିଲା । ଭାରତ ଅପରେସନ ସିନ୍ଦୂର ଦ୍ୱାରା ମର୍କଜ ତାଏବାକୁ ଉଡ଼ାଇ ଦେଇଛି । ଖାସ ପ୍ରାଣ ହରାଇଥିବା ବେଳେ ତା'ର ଅନ୍ତିମ ସଂସ୍କାରରେ ବିଶ୍ୱ ସ୍ତରୀୟ ଆତଙ୍କବାଦୀ ହାଫିଜ ଅବଦୁଲ ରୌଫ ସାମିଲ ହୋଇଥିଲା ।

ଗୋଟିଏ ସରକାରୀ ସ୍କୁଲରେ ତା'ର ସଂସ୍କାର କରାଯାଇଥିଲା । ପାକିସ୍ତାନ ପକ୍ଷରୁ ଖାସକୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ପାକିସ୍ତାନ ସେନାର ବରିଷ୍ଠ ଅଧିକାରୀ ଓ ପଞ୍ଜାବ ପ୍ରଦେଶର ମୁଖ୍ୟମନ୍ତ୍ରୀ ମାରୟମ ନୱାଜଙ୍କ ତରଫରୁ ଖାସ ପାଇଁ ସ୍ୱତନ୍ତ୍ର ବାର୍ତ୍ତା ପଠାଯାଇଥିଲା । ଅନ୍ୟ ସେନା ଅଧିକାରୀ ତା'ର ସଂସ୍କାରରେ ସାମିଲ ହୋଇଥିଲେ ।

୨- ହାଫିଜ ମହମ୍ମଦ ଜାମୀଲ: ଜୈଶ-ଇ-ମହମ୍ମଦ ସହ ଏହାର ଲିଙ୍କ ରହିଥିଲା । ସେ ଜୈଶର ପ୍ରତିଷ୍ଠାତା ମୌଲାନା ମସୁଦ ଆଝାରର ଭିଣୋଇ । ଅନ୍ତର୍ଜାତୀୟ ସୀମା ଠାରୁ ୧୦୦ କିମି ଦୂର ବାହାବଲପରା ସ୍ଥିତ ମର୍କଜ ସୁଭାନ ଆଲ୍ଲାର ଦାୟିତ୍ୱ ଜାମୀଲ ହାତରେ ଥିଲା । ଯୁବଗୋଷ୍ଠୀଙ୍କୁ ପ୍ରଲୋଭିତ କରି ସେ ଜୈଶର ନିଯୁକ୍ତି ଦେଉଥିଲା ଓ ସଂଗଠନ ପାଇଁ ପାଣ୍ଠି ସଂଗ୍ରହରେ ସହାୟତା କରୁଥିଲା ।

ବାହାବଲପୁରରେ ଥିବା ଜୈଶ ମୁଖ୍ୟାଳୟରେ ନିଯୁକ୍ତି, ତାଲିମ ଓ ଯୁବକମାନଙ୍କୁ ମୌଳବାଦୀ ଚିନ୍ତାଧାରାରେ ପ୍ରଭାବିତ କରିବା ଭଳି କାମ ଚାଲୁଥିଲା । ମସୁଦ ଆଝାର ମଧ୍ୟ ଏଠାରେ ପ୍ରାୟ ରହିଥାଏ । ମେ' ୭ରେ ଭାରତ ଏଠାରେ ମିସାଇଲ ମାଡ଼ କରିଥିଲା। ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ଯେ ଆଝାର ପରିବାରର ୧୦ ଜଣ ସଦସ୍ୟ ଓ ୪ ଜଣ ସହଯୋଗୀ ପ୍ରାଣ ହରାଇଛନ୍ତି । ଏବେ ଏହି ୧୪ ଜଣଙ୍କ ମଧ୍ୟରେ ଜାମୀଲ ଥିବା ସ୍ପଷ୍ଟ ହୋଇଛି ।

୩- ମହମ୍ମଦ ୟୁସୁଫ ଆଝାର: ଜୈଶର ଆଉ ଜଣେ କୁଖ୍ୟାତ ଆତଙ୍କବାଦୀ ହେଲା ୟୁସୁଫ ଆଝାର ଓରଫ ଉସ୍ତାଦ ଜୀ ଓରଫ ମହମ୍ମଦ ସଲିମ । ସେ ମଧ୍ୟ ମସୁଦ ଆଝାରର ଭିଣୋଇ । ଜୈଶରେ ଆତଙ୍କବାଦୀଙ୍କୁ ଯୁଦ୍ଧାସ୍ତ୍ର ଚଳାଇବାର ତାଲିମ ସେ ଦେଉଥିଲା । ଜମ୍ମୁ-କଶ୍ମୀରରେ ହୋଇଥିବା ଏକାଧିକ ଆତଙ୍କବାଦୀ ହମଲାରେ ସେ ସାମିଲ ଥିଲା । ୧୯୯୯ ମସିହା ଆଇସି-୮୧୪ ବିମାନ ଅପହରଣ ବା କାନ୍ଧାହର ଅପହରଣ ହମଲାରେ ବି ସେ ସାମିଲ ଥିଲା । ଏହି ବିମାନ ଅପହରଣ ଯୋଗୁ ଭାରତ ସରକାର କଶ୍ମୀରରୁ ଏକଦା ଧରାପଡ଼ିଥିବା ଆଝାରକୁ ଜେଲରୁ ଖଲାସ କରିବାକୁ ବାଧ୍ୟ ହୋଇଥିଲେ ।

୪- ଅବୁ ଆକାଶ: ଲସ୍କର-ଇ-ତାଏବାର ଅନ୍ୟତମ କୁଖ୍ୟାତ ଆତଙ୍କବାଦୀ ହେଉଛି ଅବୁ ଆକାଶ ଓରଫ ଖାଲିଦ । ଜମ୍ମୁ-କଶ୍ମୀରରେ ହୋଇଥିବା ଅନେକ ଆତଙ୍କବାଦୀ ହମଲାରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଲସ୍କର ପାଇଁ ଆଫଗାନିସ୍ତାନରୁ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଅପରେସନ ସିନ୍ଦୂରରେ ସେ ପ୍ରାଣ ହରାଇବା ପରେ ତା'ର ଅନ୍ତିମ ସଂସ୍କାରର ପାକିସ୍ତାନର ଫୈସଲାବାଦରେ ହୋଇଥିଲା । ପାକିସ୍ତାନ ଆର୍ମିର ବରିଷ୍ଠ ଅଧିକାରୀ ଓ ଫୈସଲାବାଦର ଡେପୁଟି କମିଶନର ଏଥିରେ ଯୋଗ ଦେଇଥିଲେ ।

୫- ମହମ୍ମଦ ହାସନ ଖାନ: ବ୍ୟାନ ହୋଇଥିବା ଜୈଶର ଆଉ ଜଣେ ଆତଙ୍କୀ ହେଉଛି ମହମ୍ମଦ ହାସନ ଖାନ । ମେ' ୭ରେ ପ୍ରାଣ ହରାଇଥିବା ଶତାଧିକ ଆତଙ୍କବାଦୀ ମଧ୍ୟରେ ହାସନ ଖାନ ରହିଥିଲା । ସେ ମୁଫତି ଅସଘର ଖାନ କଶ୍ମୀରର ପୁଅ । ଅସଘର ହେଉଛି ପାକିସ୍ତାନ ଅଧିକୃତ କଶ୍ମୀରରେ ଲସ୍କରର ଅପରେସନାଲ କମାଣ୍ଡର ଭାବେ କାମ କରୁଛି । ଜମ୍ମୁ-କଶ୍ମୀରରେ ହେଉଥିବା ଆତଙ୍କବାଦୀ ଆକ୍ରମଣର ରୂପରେଖ ମୁଫତି ଅସଘର ପ୍ରସ୍ତୁତ କରିଥାଏ । ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ସେ ସହଯୋଗ କରେ ।

## ବଲୁଚିସ୍ତାନ, ଗିଲଗିଟରେ ଅସନ୍ତୋଷ

ଅସିମ ମୁନିରଙ୍କ ବୟାନ ବଲୁଚିସ୍ତାନ ବିଦ୍ରୋହକୁ ଆହୁରି ଭଡକାଇଥିବା କୁହାଯାଉଛି । ଆଉ ସେଥିପାଇଁ ତାଙ୍କୁ ବଲୁଚ ନେତା ସର୍ଦ୍ଦାର ଅଖତର ମେଙ୍ଗଲ ୧୯୭୧ ଯୁଦ୍ଧର ଉଦାହରଣ ଦେଇ ଚେତାବନୀ ଦେଇଥିଲେ । ଗିଲଗିଟ ଓ ବଲୁଚିସ୍ତାନରେ ସାଧାରଣ ଲୋକ ସେନା ବିରୋଧରେ ରାସ୍ତାକୁ ଓହ୍ଲାଇଥିଲେ । ସେନା ବିରୋଧରେ ବଲୁଚ ବିଦ୍ରୋହୀ ହୁଙ୍କାର ଭରିଛନ୍ତି । ଭାରତ ସହ ଅଶାନ୍ତି ମଧ୍ୟରେ ସେନାକୁ ଟାର୍ଗେଟ୍ କରିଛନ୍ତି । ବିଦ୍ରୋହ ବଢିଲେ ବିଭାଜନର କାରଣ ହୋଇପାରେ ବୋଲି କୁହାଯାଉଛି । ଫଳରେ ପାକିସ୍ତାନର କ୍ଷତ୍ରିୟ ଅଖଣ୍ଡତା ବିପଦରେ ପଡିପାରେ ।

ମୁନିରଙ୍କ ନେତୃତ୍ୱରେ ସେନା ଭିତରେ ବି ପ୍ରବଳ ଅସନ୍ତୋଷ ଦେଖାଦେଇଛି । ଗତ ମାର୍ଚ୍ଚ ମାସରେ ଜୁନିଅର ଅଧିକାରୀ ତାଙ୍କ ବିରୋଧରେ ଖୋଲାଖୋଲି ଚିଠି ଲେଖି ମୁନିରଙ୍କ ଇସ୍ତଫା ଦାବି କରିଥିଲେ । ଏପରିକି ୭୨ଘଣ୍ଟା ମଧ୍ୟରେ ୧୪ଶହରୁ ଅଧିକ ପାକିସ୍ତାନୀ ଯବାନ ଇସ୍ତଫା ଦେଇଥିବା ନେଇ ବି ଚର୍ଚ୍ଚା



ହୋଇଥିଲା । ମୁନିରଙ୍କ ଉପରେ ଅସନ୍ତୁଷ୍ଟ ସେନା ଅଧିକାରୀ ବିଦ୍ରୋହୀ କିମ୍ବା ଆତଙ୍କବାଦୀ ସଂଗଠନରେ ସାମିଲ ହେବାର ଆଶଙ୍କା ବି ରହିବ । ମୁନିରଙ୍କ ନାଁରେ ଦୁର୍ନୀତି ନେଇ ବି ଅଭିଯୋଗ ରହିଛି । କଳାଧନ ରିୟଲ ଇଷ୍ଟେଟ୍, ବ୍ୟାଙ୍କିଂ ପରି କ୍ଷେତ୍ରରେ ନିବେଶ କରିଥିବା କୁହାଯାଉଛି । ମୁନିରଙ୍କ ବ୍ୟକ୍ତିଗତ ସଂପତି ପ୍ରାୟ ୮୦ଲକ୍ଷ ଡଲାର ବୋଲି ଚର୍ଚ୍ଚା ହେଉଛି । କେବଳ ପାକିସ୍ତାନ ନୁହେଁ ଆମେରିକା ଓ ଇଂଲଣ୍ଡରେ ବି ମେଲିଛି ମୁନିରଙ୍କ ସାମ୍ରାଜ୍ୟ ।

## ଆତଙ୍କବାଦୀ ଲଞ୍ଚ ପ୍ୟାଡକୁ ଧ୍ୱଂସ କଲା ବିଏସଏଫ୍

**ଇସଲାମବାଦ:** ପାକିସ୍ତାନ ସହିତ ଜାରି ଉତ୍ତେଜନା ମଧ୍ୟରେ, ଭାରତୀୟ ସେନା ଆଉ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ପାକିସ୍ତାନର ସିଆଲକୋଟରେ ଥିବା ଆତଙ୍କବାଦୀ ଲଞ୍ଚ ପ୍ୟାଡକୁ ବିଏସଏଫ୍ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି । ବିଏସଏଫ ଏହି ଅପରେସନର ଏକ ଭିଡିଓ ମଧ୍ୟ ଜାରି କରିଛି ।

ଏହି ଭିଡିଓରେ ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ ବିଏସଏଫର କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନରେ ଅବସ୍ଥିତ ଏହି ଲଞ୍ଚ ପ୍ୟାଡଗୁଡ଼ିକ କିପରି ଧ୍ୱଂସ ପାଇଛି । ପାକିସ୍ତାନ ପକ୍ଷରୁ ଗୁଳିଚାଳନା ପରେ ବିଏସଏଫ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

ବିଏସଏଫ୍ ଏହାର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଏକ ସୋସିଆଲ ମିଡିଆ ପୋଷ୍ଟ ମଧ୍ୟ ସେୟାର କରିଛି । ବିଏସଏଫ୍ ପକ୍ଷରୁ ଏହି ପୋଷ୍ଟରେ ଲେଖାଯାଇଛି ଯେ ମେ ୮ ତାରିଖ ରାତି ପ୍ରାୟ ୧୧ ସମୟରେ, ଆମେ ଜମ୍ମୁ ଏବଂ କଶ୍ମୀରର ସାମ୍ବା ଜିଲ୍ଲାରେ ଅନ୍ତର୍ଜାତୀୟ ସୀମା ନିକଟରେ ଏକ ବଡ଼ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଦେଇଥିଲୁ ।

ସୂଚନାଯୋଗ୍ୟ, ବିଏସଏଫ ଦ୍ୱାରା ଧ୍ୱଂସ କରାଯାଇଥିବା ଆତଙ୍କବାଦୀ ଲଞ୍ଚ ପ୍ୟାଡଗୁଡ଼ିକୁ ବଡ଼ ପରିମାଣରେ ଆତଙ୍କବାଦୀଙ୍କୁ ତାଲିମ ଦେବା ପାଇଁ ବ୍ୟବହାର କରାଯାଉଥିଲା । ଶୁକ୍ରବାର ଦିନ, ବିଏସଏଫ ପାକିସ୍ତାନ ସୀମାରୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଆତଙ୍କବାଦୀଙ୍କୁ ମଧ୍ୟ ନିହତ କରିଥିଲା । ଏହି ଅନୁପ୍ରବେଶ ପ୍ରୟାସ ସେହି ଦିନ ହୋଇଛି ଯେତେବେଳେ ଭାରତ ଜମ୍ମୁ, ପଠାନକୋଟ, ଉଧମପୁର ଏବଂ ଅନ୍ୟ କିଛି ସ୍ଥାନରେ ପାକିସ୍ତାନ ଦ୍ୱାରା କରାଯାଇଥିବା କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣକୁ ପଣ୍ଡ କରିଥିଲା ବିଏସଏଫ୍ ।

## ଶ୍ରୀନଗର ଆକାଶରେ ପାକିସ୍ତାନ ଡ୍ରୋନ୍

**ଶ୍ରୀନଗର:** ପୁଣି ଅସ୍ତ୍ରବିରତି ଉଲ୍ଲଙ୍ଘନ କଲା ପାକିସ୍ତାନ । ଦୁଇ ଦେଶର ସହମତି ପରେ ବି ପାକିସ୍ତାନ ସୀମାରେ ଗୁଳି ମାରିବା ଆରମ୍ଭ କରିଛି । କାଶ୍ମୀର ଉପତ୍ୟାକାର ବିଭିନ୍ନ ସ୍ଥାନରେ ଗୁଳିମାଡ ହେଉଥିବା ଖବର ଆସୁଛି । ଜାମ୍ମୁକାଶ୍ମୀର, ଅଖନୁର, ଆରଏସପୁରା, ଚାମ୍ବା, ଭିମବରରେ ଗୁଳିମାଡ଼ ହେଉଥିବା ବେଳେ ଶ୍ରୀନଗରକୁ ଟାର୍ଗେଟ୍ କରିଛି ପାକିସ୍ତାନ ।

ଶ୍ରୀନଗରରେ ପ୍ରଚଣ୍ଡ ବିସ୍ଫୋରଣର ଶବ୍ଦ ଶୁଭିଛି ଏବଂ ପାକିସ୍ତାନ ଡ୍ରୋନ ଆକ୍ରମଣ ଶ୍ରୀନଗର ଉପରେ କରୁଛି । ଶ୍ରୀନଗର ଲାଲଚୌକ ସହ ବିଭିନ୍ନ ସ୍ଥାନରେ ଡ୍ରୋନ ଆକ୍ରମଣ ହୋଇଥିବା ଖବର ଆସୁଛି । ଇତିମଧ୍ୟରେ ସ୍ଥାନୀୟ ଲୋକେ ଏବଂ ଶ୍ରୀନଗର ପୋଲିସ ୫୦ଟି ବିସ୍ଫୋରଣ ଶବ୍ଦ ଶୁଣିଥିବା କୁହାଯାଉଛି । ପାକିସ୍ତାନ ଡ୍ରୋନ ଆକ୍ରମଣକୁ ଗୁଳି ମାରି ଖସାଉଛନ୍ତି ଭାରତୀୟ ଯବାନ ।

## ଭାରତ ଆମ ଉପରେ ଆକ୍ରମଣ କରିନି: ତାଲିବାନ



**କାବୁଲ :** ନିଜର ମିଛ କହିବା ଅଭ୍ୟାସ ଛାଡ଼ିପାରିନାହିଁ ପାକିସ୍ତାନ । ଆଫଗାନିସ୍ତାନକୁ ନେଇ ପାକିସ୍ତାନ କହିଥିବା ମିଛର ପର୍ଦ୍ଦାଫାସ କରିଛି ଖୋଦ ତାଲିବାନ । ପାକିସ୍ତାନ ସେନା ନିଜର ସମ୍ବାଦିକ ସମ୍ମିଳନୀରେ କହିଥିଲା ଯେ ଭାରତ ଆଫଗାନିସ୍ତାନ ଉପରେ ଡ୍ରୋନ ଓ କ୍ଷେପଣାସ୍ତ୍ର ଆକ୍ରମଣ କରିଛି । କିନ୍ତୁ ଏହା ମିଛ ବୋଲି ତାଲିବାନ କହିଛି ।

ପାକିସ୍ତାନର ଏପରି ଦାବିକୁ ଆଫଗାନିସ୍ତାନ ମିଥ୍ୟା ବୋଲି କହିଛି । ତାଲିବାନ ପ୍ରତିରକ୍ଷା ମନ୍ତ୍ରାଳୟର ମୁଖପାତ୍ର ଏନାତୁଲ୍ଲା ଖାୱାରଜାମି କହିଛନ୍ତି ଯେ ଆଫଗାନ ମାଟିରେ ଭାରତର କ୍ଷେପଣାସ୍ତ୍ର ପଡ଼ିବା ନେଇ ପାକିସ୍ତାନ ଯେଉଁ ଅଭିଯୋଗ କରୁଛି ତାହା ସମ୍ପୂର୍ଣ୍ଣ ମିଥ୍ୟା । ସେହିପରି ଏକ ଆଫଗାନିସ୍ତାନ ଗଣମାଧ୍ୟମ ସଂଗଠନ ହୁରିୟତ ରେଡିଓ ଇଂରାଜୀ କହିଛି ଯେ ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ ପାକିସ୍ତାନର ମିଛର ପର୍ଦ୍ଦାଫାସ କରିଛି। ଏପରି ମିଛ କହି ପାକିସ୍ତାନ ଭାରତ ଓ ଆଫଗାନିସ୍ଥାନ ମଧ୍ୟରେ ଥିବା ସଂପର୍କକୁ ଖରାପ କରିବାକୁ ଚେଷ୍ଟା କରୁଥିବାବେଳେ ତାଲିବାନ ହିଁ ଏହି ମିଛର ପର୍ଦ୍ଦାଫାଶ କରିଛି ।

ସୂଚନାଯୋଗ୍ୟ ଯେ, ଭାରତ ପରି ଆଫଗାନିସ୍ତାନ ସହ ମଧ୍ୟ ପାକିସ୍ତାନର ସୀମା ବିବାଦ ରହିଛି । ଏହାକୁ ନେଇ ତାଲିବାନ ଓ ପାକିସ୍ତାନ ମଧ୍ୟରେ ମତଭେଦ ବଢିବାରେ ଲାଗିଛି ।

## ପାକ୍ ଗୁଳିରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା

**ଶ୍ରୀନଗର:** ପାକିସ୍ତାନର ଗୁଳିମାଡରେ ପ୍ରାଣ ହରାଇଥିବା ସାଧାରଣ ନାଗରିକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା । ସୀମାବର୍ତ୍ତୀ ଅଞ୍ଚଳରେ ପାକିସ୍ତାନ ସେନାର ଗୁଳିରେ ଜୀବନ ହରାଇଥିବା ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ଜାମ୍ମୁ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲା ।

ପହଲଗାମ୍ ପ୍ରତିଶୋଧ ଏବଂ ଅପରେସନ ସିନ୍ଦୂର ପରେ ପାଗଳ ହୋଇଥିବା ପାକିସ୍ତାନ ଜାମ୍ମୁ କାଶ୍ମୀର ସୀମାରେ ଘନଘନ ଗୁଳିମାଡ କରୁଛି । ଭାରତ ପିଓକେରେ ଆତଙ୍କୀ ଆଡ୍ଡା ଉଡାଇ ଦେଇଥିବା ବେଳେ ପାକିସ୍ତାନ କିନ୍ତୁ ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରି ମାରୁଛି । ଯାହା ଅତି ଅମାନୁଷିକ କାଣ୍ଡ । ଲଗାତାର ପାକିସ୍ତାନ ସେନା ଗୁଳିମାଡ କରି ସୀମାବର୍ତ୍ତୀ ଅଞ୍ଚଳରେ ୧୯ ଜଣଙ୍କ ଜୀବନ ନେଇଛନ୍ତି । ମୃତକଙ୍କ ମଧ୍ୟରେ ବି ବୟସ୍କ ଏବଂ ଶିଶୁ ଅଛନ୍ତି ।

ତେବେ ପୁଞ୍ଛ, ଉରୀ, ରଜୌରୀ, ବାରମୂଲା, ଜମ୍ମୁ ଆଦି ସେକ୍ଟରରେ ଗୁଳିମାଡ କରି ସାଧାରଣ ଲୋକଙ୍କୁ ମାରିଛି ପାକିସ୍ତାନ ।

## ଅସିମ ମୁନିର ନାୟକ ନୁହେଁ ଖଳନାୟକ



**ନୂଆଦିଲ୍ଲୀ:** ପାକିସ୍ତାନ ଇତିହାସର ସବୁଠୁ ବଡ଼ ଖଳନାୟକ ସେନା ମୁଖ୍ୟ ଅସିମ ମୁନିର । ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ସ୍ଥିତି ପାଇଁ ମୁନିର ହିଁ ଦାୟୀ । ଏକଥା ପାକିସ୍ତାନର ଜନତା ବି ମାନୁଛନ୍ତି । ୧୯୭୧ ପରେ ପାକିସ୍ତାନ ପ୍ରଥମ ଥର ପାଇଁ ଅସହାୟ ହୋଇପଡିଛି । ଆଉ ଏହା ପଛରେ ଅସିମ ମୁନିରଙ୍କୁ କାରଣ କୁହାଯାଉଛି । ତାଙ୍କ ପାଇଁ ହିଁ ପାକିସ୍ତାନକୁ ଆଭ୍ୟନ୍ତରୀଣ ତଥା ବାହ୍ୟ ଚ୍ୟାଲେଞ୍ଜର ସାମନା କରିବାକୁ ପଡୁଛି । ବିବାଦୀୟ ବୟାନବାଜି, ଆତଙ୍କବାଦକୁ ପ୍ରୋତ୍ସାହନ ତଥା ଭୁଲ ରଣନୀତି ପାଇଁ ପାକିସ୍ତାନକୁ ବଡ଼ ସଂକଟରେ ପକାଇଛନ୍ତି ମୁନିର । ଆଉ ସେଥିପାଇଁ ତାଙ୍କୁ ଓସାମା ବିନ୍ ଲାଦେନ ସହ ତୁଳନା କରିଥିଲେ ପୂର୍ବତନ ପେଣ୍ଟାଗନ ଅଧିକାରୀ ମାଇକଲ ରୁବିନ । କୁହାଯାଉଛି, ମୁନିରଙ୍କ ନେତୃତ୍ୱ ଜାରି ରହିଲେ ପାକିସ୍ତାନରେ ଗୃହଯୁଦ୍ଧ ସ୍ଥିତି ଉପୁଜିପାରେ?

### ମୁନିରଙ୍କ ବୟାନ, ଆତଙ୍କୀଙ୍କୁ ଗ୍ରୀନ୍ ସିଗନାଲ

ପହଲଗାମ ଆତଙ୍କବାଦୀ ଆକ୍ରମଣ ପଛରେ ଅସିମ ମୁନିରଙ୍କ ହାତ ଥିବା ଅଭିଯୋଗ ହେଉଛି । କାରଣ ଭାରତ ବିରୋଧରେ ମୁନିର ବିଷ ଓଗାରିବା ପରେ ହିଁ ଏହି ନରସଂହାର ହୋଇଥିଲା । ନିଜ ବୟାନ ଦ୍ୱାରା ଆତଙ୍କବାଦୀଙ୍କୁ ଏକପ୍ରକାର ଗ୍ରୀନ୍ ସିଗନାଲ ଦେଇଥିଲେ ମୁନିର । ଆଉ ପହଲଗାମର ଜବାବରେ ପାକିସ୍ତାନ ଓ ପିଓକେରେ ଏୟାରଷ୍ଟ୍ରାଇକ୍ କରିଥିଲା ଭାରତ । ଏହାପରଠୁ ଦୁଇ ଦେଶ ମଧ୍ୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି । ସମ୍ମୁଖ ଯୁଦ୍ଧ ହୁଏ, ତେବେ ପାକିସ୍ତାନ ଉଭୟ ସାମରିକ ଓ ଆର୍ଥିକ କ୍ଷତି ସହିବ । ପହଲଗାମ ଆକ୍ରମଣ ପାଇଁ ମୁନିରଙ୍କୁ ସମାଲୋଚନା କରିଛନ୍ତି ସାଉଦି ଆରବ ଓ ୟୁଏଇ ଭଳି ସହଯୋଗୀ ଦେଶ । ତାଙ୍କ ପାଇଁ ପାକିସ୍ତାନର କୁଟନୈତିକ ସ୍ଥିତି ଦୁର୍ବଳ ହୋଇଥିବା କୁହାଯାଉଛି । ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନିରଙ୍କ ଉପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଓ ପିଟିଆଇ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଅଭିଯୋଗ ବି ରହିଛି ଛ ଇମ୍ରାନ୍ ଖାନ୍ ୨୦୨୩ରୁ ଜେଲରେ ରହିଛନ୍ତି, ତାଙ୍କ ନାଁରେ ୨ଶହରୁ ଅଧିକ ମାମଲା ରହିଛି । ୨୦୨୪ ସାଧାରଣ ନିର୍ବାଚନରେ ଜାଲିଆତି କରି ପିଟିଆଇକୁ କ୍ଷମତାଠାରୁ ଦୂରରେ ରଖିଥିଲେ । ପିଟିଆଇ ନେତାଙ୍କ ଗିରଫଦାରୀ ତଥା ସେନା ଅଦାଲତରେ ମାମଲା ଚଲାଇବା ପଛରେ ବି ଅସିମ ମୁନିର ରହିଛନ୍ତି । ଏହାକୁ ନେଇ ପାକିସ୍ତାନରେ ଅଶାନ୍ତି ବଢିଥିବା ବେଳେ ସୋସିଆଲ୍ ମିଡିଆରେ ମୁନିର ଆଉଟ୍ ଟ୍ରେଣ୍ଡ କରିଥିଲା ।

## ସ୍ୱଦେଶୀ 'ଆକାଶ' କ୍ଷେପଣାସ୍ତ୍ର ବାୟୁ ପ୍ରତିରକ୍ଷା ପ୍ରଣାଳୀ କ'ଣ

**ନୂଆଦିଲ୍ଲୀ:** ଭାରତୀୟ ସେନା ୮ ଏବଂ ୯ ମେ ରାତିରେ ଜମ୍ମୁ -କାଶ୍ମୀରର ଏଲଓସି ଏବଂ ପଶ୍ଚିମ ସୀମାରେ ପାକିସ୍ତାନ ଦ୍ୱାରା ହୋଇଥିବା ଡ୍ରୋନ ଆକ୍ରମଣର ମୁକାବିଲା ଆକାଶ କ୍ଷେପଣାସ୍ତ୍ର ବାୟୁ ପ୍ରତିରକ୍ଷା ପ୍ରଣାଳୀ ସହିତ କରିଥିଲା । ଏହି ସ୍ୱଦେଶୀ ପ୍ରଣାଳୀ ସମସ୍ତ ଡ୍ରୋନ ଆକ୍ରମଣକୁ ବିଫଳ କରିଥିଲା । ଭାରତର ଆକାଶ ବାୟୁ ପ୍ରତିରକ୍ଷା ପ୍ରଣାଳୀ ହେଉଛି ଏକ ପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର, ଯାହାକୁ ଏକକାଳୀନ ଅନେକ ଲକ୍ଷ୍ୟଭେଦ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି କ୍ଷେପଣାସ୍ତ୍ରକୁ ପୂର୍ବତନ ବୈଜ୍ଞାନିକ ଡକ୍ଟର ପ୍ରହଲ୍ଲାଦ ରାମା ରାଓ ପନ୍ଦର ବର୍ଷର କଠିନ ପରିଶ୍ରମ ପରେ ବିକଶିତ କରିଥିଲେ । ଏହା ୨୦୧୪ ମସିହାରୁ ଭାରତୀୟ ସେନା ଏବଂ ବାୟୁସେନାରେ ନିୟୋଜିତ ହୋଇଛି । ଏହାର ଉନ୍ନତ ସଂସ୍କରଣ ଆକାଶ-ଏନଜି ୨୦୨୧ ମସିହାରେ ସାମିଲ ହୋଇଥିଲା ।

ଆକାଶ କ୍ଷେପଣାସ୍ତ୍ର ଦେଶର ଆଶା ପୂରଣ କରିପାରିଲା । ଏହା ଦେଖି ଡକ୍ଟର ରାମାରାଓ ବହୁତ ଖୁସି ହୋଇଛନ୍ତି । ସେ କହିଥିଲେ, ମୋ ପିଲା(ଆକାଶ)କୁ ଏତେ ସଠିକତା ଏବଂ ସୁନ୍ଦର ଭାବରେ ଶତ୍ରୁର ଆକାଶ ଟାର୍ଗେଟକୁ ନିପାତ କରିବାର ଦେଖିବା ଜୀବନର ସବୁଠାରୁ ଖୁସିର ଦିନ । ଆକାଶ ଆଶାଠାରୁ ଅଧିକ କଲା ।

ଡକ୍ଟର ରାମା ରାଓଙ୍କୁ ଏବେ ୭୮ ବର୍ଷ ବୟସ । ଯେତେବେଳେ 'ମିସାଇଲ୍ ମ୍ୟାନ୍'ତଥା ଦେଶର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କଲାମ ଆକାଶ କାର୍ଯ୍ୟକ୍ରମରେ ଥିଲେ, ସେ ଏହାର ସର୍ବକନିଷ୍ଠ ପ୍ରକଳ୍ପ ନିର୍ଦ୍ଦେଶକ ଥିଲେ ।




'ଆକାଶ'କୁ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ ଦ୍ୱାରା ବିକଶିତ କରାଯାଇଥିଲା । ବିକଶିତ 'ଆକାଶ' ଏକ ମଧ୍ୟମ ଦୂରଗାମୀ ପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ । ଏହାକୁ ବିକଶିତ କରାଯାଇଛି ଏବଂ ଭାରତ ଡାଇନାମିକ୍ସ ଲିମିଟେଡ୍ ଦ୍ୱାରା ନିର୍ମିତ କ୍ଷେପଣାସ୍ତ୍ର ।

ଶକ୍ତିଶାଳୀ'ଆକାଶ' ବ୍ୟାଟେରୀ କ୍ଷେପଣାସ୍ତ୍ର ପ୍ରଣାଳୀ ୧୮,୦୦୦ ମିଟର ଉଚ୍ଚତାରେ ୪୫ କିଲୋମିଟର ଦୂର ପର୍ଯ୍ୟନ୍ତ ବିମାନକୁ ଟାର୍ଗେଟ କରିପାରିବ । ଏହା ଯୁଦ୍ଧ ବିମାନ, କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ଆକାଶରୁ ଭୂମିକୁ ନିକ୍ଷେପ କରାଯାଉଥିବା କ୍ଷେପଣାସ୍ତ୍ର ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଭଳି ଆକାଶମାର୍ଗର ଲକ୍ଷ୍ୟକୁ ନିଷ୍କ୍ରିୟ କରିବାର କ୍ଷମତା ରଖେ । ଏହାର ବେଗ ୨.୫ ମ୍ୟାକ୍ ଅର୍ଥାତ୍ ୩୦୮୭ କିମି/ଘଣ୍ଟା । ଆକାଶ-ଏନଜି ଅର୍ଥାତ୍ ଆକାଶ ନ୍ୟୁ ଜେନରେସନ କ୍ଷେପଣାସ୍ତ୍ର ହେଉଛି, ଏକ ଭୂମିରୁ ଆକାଶରେ ମାରୁଥିବା କ୍ଷେପଣାସ୍ତ୍ର । ଏହାର ଲକ୍ଷ୍ୟଭେଦ ୪୦ ରୁ ୮୦ କିଲୋମିଟର । ଏହା ଏକ ସକ୍ରିୟ ଇଲେକ୍ଟ୍ରୋନିକାଲି ସ୍କାନଡ୍ ଆରେ (ଅଉଗ) ମଲ୍ଟି-ଫଙ୍କସନ୍ ରାଡାର ସହିତ ସଜ୍ଜିତ ଯାହା ଏକାଧିକ ଶତ୍ରୁ କ୍ଷେପଣାସ୍ତ୍ର କିମ୍ବା ବିମାନକୁ ଏକକାଳୀନ ସ୍କାନ କରିପାରିବ ।

'ଆକାଶ'ର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାକୁ ଯେକୌଣସି ସ୍ଥାନକୁ ନେଇହେବ । ଏହାକୁ ଟ୍ରକ୍ କିମ୍ବା ଟ୍ୟାଙ୍କ ଭଳି ଯାନବାହନ ମାଧ୍ୟମରେ ନିୟନ୍ତ୍ରଣ ରେଖା କିମ୍ବା ଅନ୍ୟାନ୍ୟ ସୀମା ପାର କରି ପରିବହନ କରାଯାଇପାରିବ ।

'ଆକାଶ'ରେ ଗୋଟିଏ ରାଜେନ୍ଦ୍ର ୩ଡ ପ୍ୟାସିଭ୍ ଇଲେକ୍ଟ୍ରୋନିକ୍ ସ୍କାନ୍ ହୋଇଥିବା ଆରେ ରାଡାର ଏବଂ ଚାରୋଟି ଲଞ୍ଚର୍ ରହିଛି । ଏଗୁଡ଼ିକ ମଧ୍ୟରୁ ପ୍ରତ୍ୟେକରେ ତିନୋଟି କ୍ଷେପଣାସ୍ତ୍ର ଅଛି । ଏଗୁଡ଼ିକ ସମସ୍ତ ପରସ୍ପର ସହିତ ଜଡିତ । ପ୍ରତ୍ୟେକ ବ୍ୟାଟେରୀ ୬୪ଟି ଟାର୍ଗେଟକୁ ଟ୍ରାକ୍ କରିପାରିବ ଏବଂ ସେଥିମଧ୍ୟରୁ ୧୨ଟି ଉପରେ ଆକ୍ରମଣ କରିପାରିବ ।

ପ୍ରତ୍ୟେକ ଆକାଶ ଲଞ୍ଚରରେ ତିନୋଟି କ୍ଷେପଣାସ୍ତ୍ର ଅଛି । ଏଗୁଡ଼ିକ 'ଫାୟାର ଆଣ୍ଡ ଫର୍ଗେଟ୍' ମୋଡ୍ରେ କାମ କରନ୍ତି । ପ୍ରତ୍ୟେକ କ୍ଷେପଣାସ୍ତ୍ର ପ୍ରାୟ ୨୦ ଫୁଟ ଲମ୍ବ ଏବଂ ୭୧୦ କିଲୋଗ୍ରାମ ଓଜନର । ଏହାର କେବଳ ୱାର ହେଡର ଓଜନ ୬୦ କିଲୋଗ୍ରାମ । ଏହି ସିଷ୍ଟମଟି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ।

ଏହି ସିଷ୍ଟମ ଏକକାଳୀନ ଅନେକ ବିପଦର ମୁକାବିଲା କରିପାରିବ । ଏହା ଏକ ଗୋଷ୍ଠୀରେ କିମ୍ବା ଏକାକୀ ମଧ୍ୟ କାମ କରିପାରିବ । ଏହା ବିଭିନ୍ନ ସେନ୍ସରରୁ ସୂଚନା ନେଇଥାଏ ଏବଂ ବିପଦ ଚିହ୍ନଟ କରିଥାଏ । ଏହାଦ୍ୱାରା ଗୋଟିଏ ସମୟରେ ଅନେକ ବିପଦକୁ ଟାର୍ଗେଟ କରିବାକୁ ଅନୁମତି ଦିଏ ।

ଶତ୍ରୁ କ୍ଷେପଣାସ୍ତ୍ରର ସିଗନାଲକୁ ଜାମ କରିବାକୁ ଚେଷ୍ଟା କରିଥାଏ । ଆକାଶ ହେଉଛି ଭାରତର ଏକୀକୃତ ମାନବହୀନ ବାୟୁ ପ୍ରଣାଳୀ ଗ୍ରୀଡ୍, ଯାହା ରୁଷ ନିର୍ମିତ ଗ-୪୦୦ ଏବଂ ଅନ୍ୟାନ୍ୟ ବିମାନ ବିରୋଧୀ ଅସ୍ତ୍ର ସହିତ ମିଶି ଏକ ଢାଲ ଗଠନ କରେ ଯାହା ଶତ୍ରୁକୁ ପରାସ୍ତ କରିବାରେ ସକ୍ଷମ ।

# ଟେଷ୍ଟ କ୍ରିକେଟ୍‌ରୁ ଅବସର ନେବେ ବିରାଟ



ନୂଆଦିଲ୍ଲୀ,୧୦।୫ (ଏଜେନ୍ସି): ଦିନ କେଇଟା ଆଗରୁ ରୋହିତ ଶର୍ମା ଟେଷ୍ଟ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ । ଏହି ଧାରାରେ ସାମିଲ ହେବାକୁଯାଉଛନ୍ତି ବିରାଟ କୋହଲି । ଆସନ୍ତା ଜୁନ୍ ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବାକୁଯାଉଛି । ଏହି ଶୃଙ୍ଖଳା ପୂର୍ବରୁ କୋହଲି ଟେଷ୍ଟରୁ ଅବସର ନେବା ସମ୍ପର୍କରେ ବିସିସିଆଇ ଅଭିମୁଖ୍ୟ ଜଣାଇଛନ୍ତି । ତେବେ ବିସିସିଆଇ ପକ୍ଷରୁ ବିରାଟଙ୍କ ଅବସର ସମ୍ପର୍କରେ ପୁନଃ ସମୀକ୍ଷା କରାଯିବ ବୋଲି ସୂଚନା ଦିଆଯାଇଛି । କାରଣ ଯଦି ବିରାଟ ଅବସର ନିଅନ୍ତି ତେବେ ଆଗାମୀ ଇଂଲଣ୍ଡ ଗସ୍ତରେ ଭାରତୀୟ ଦଳ ରୋହିତ ଓ କୋହଲିଙ୍କ ବିନା ଏହି ଶୃଙ୍ଖଳା ଖେଳିବ । ଏଦୃଷ୍ଟିରୁ ବିସିସିଆଇର ବରିଷ୍ଠ ଅଧିକାରୀମାନେ କୋହଲିଙ୍କ ସହ ଆଲୋଚନା କରିବେ । ଯଦି କୋହଲି ନିଜ ମତ ପରିବର୍ତ୍ତନ ନକରନ୍ତି ତେବେ ତାଙ୍କ ୧୪ ବର୍ଷର ଟେଷ୍ଟ କ୍ୟାରିୟରରେ ପୁନଚ୍ଛେଦ ପଡିବ । କୋହଲି ଏହି ୧୪ ବର୍ଷ ମଧ୍ୟରେ ୧୨୩ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି । ୬୮ଟି ମ୍ୟାଚରେ ଅଧିନାୟକ ଦାୟିତ୍ୱ ତୁଲାଇଛନ୍ତି । ୪୬.୮୫ ହାରରେ ସେ ୯,୨୨୩ ରନ୍ କରିଛନ୍ତି । ଗତ ୨୦୨୪ ନଭେମ୍ବରରେ କୋହଲିଙ୍କ ପର୍ଥ ଟେଷ୍ଟରେ ଅପରାଜିତ ଶତକୀୟ ଇନିଂସ ଖେଳିଥିଲେ । ୨୦୨୩ରେ ଇଣ୍ଡିଜ୍ ବିପକ୍ଷ ମ୍ୟାଚ ପରେ ଏହା ତାଙ୍କର ପ୍ରଥମ ଶତକ ଥିଲା । ସେ ୨୦୧୯ରେ ଦ.ଆଫ୍ରିକା ବିପକ୍ଷ ପୁନେ ଟେଷ୍ଟରେ ୨୫୪ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ । ଏହା ତାଙ୍କ ଟେଷ୍ଟ କ୍ୟାରିୟରର ବ୍ୟକ୍ତିଗତ ସର୍ବାଧିକ ରନ୍ ।

ରୋହିତ ଶର୍ମା ଟେଷ୍ଟରୁ ଅବସର ନେବା ପରେ ଭାରତୀୟ ଦଳର ଅଧିନାୟକ ପଦ ଶୂନ୍ୟ ରହିଛି । ତେଣୁ ଇଂଲଣ୍ଡ ଗସ୍ତରେ ଶୁଭମନ ଗିଲ୍ ଦଳର ନେତୃତ୍ୱ ନେବେ । ଏଦୃଷ୍ଟିରୁ ଚୟନକର୍ତ୍ତା, ଟିମ୍ ମ୍ୟାନେଜରମେଣ୍ଟ ଅଭିଜ୍ଞ କୋହଲିଙ୍କୁ ଦଳ ସହ ରହିବା ପାଇଁ ପରାମର୍ଶ ଦେଇଛନ୍ତି । ନିକଟରେ ବିସିସିଆଇର ବାର୍ଷିକ ଚୁକ୍ତି ତାଲିକା ଘୋଷଣା ହୋଇଥିଲା । ସର୍ବାଧିକ ଅର୍ଥରାଶି ମିଳୁଥିବା ଏ ପ୍ଲସ୍ ତାଲିକାରେ କୋହଲି ଓ ରୋହିତ ସ୍ଥାନ ପାଇଥିଲେ । ସାଧାରଣତଃ ଏହି ଗ୍ରେଡରେ ୩ଟି ଜାତୀୟ ଅନ୍ତର୍ଜାତୀୟ ଫର୍ମାଟରେ ଖେଳୁଥିବା ଖେଳାଳି ସ୍ଥାନ ପାଇଥାନ୍ତି । ପୂର୍ବରୁ ଉଭୟ ରୋହିତ ଓ କୋହଲି ଅନ୍ତର୍ଜାତୀୟ ଟି-୨୦ରୁ ଅବସର ନେଇସାରିଛନ୍ତି । ଏବେ ଟେଷ୍ଟ କ୍ରିକେଟ୍‌ରୁ ମଧ ଅବସର ନେବେ । ତେଣୁ କେବଳ ଦିନିକିଆ ଫର୍ମାଟରେ ରୋହିତ ଏବଂ କୋହଲି ନଜର ଆସିବେ । ଗତ ଅଷ୍ଟ୍ରେଲିଆଗସ୍ତରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅବସର ନେଇଥିଲେ । ଚେତେଶ୍ୱର ପୂଜାରା ଓ ଆଜିଙ୍କ୍ୟ ରାହାଣେ ମଧ ଜାତୀୟ ଦଳରେ ସ୍ଥାନ ପାଉନାହାନ୍ତି । ମହମ୍ମଦ ସାମି ଇଞ୍ଜୁରି ସମସ୍ୟାରେ ମୁକୁଳୁଛନ୍ତି । ତେଣୁ ଇଂଲଣ୍ଡ ଗସ୍ତରେ ଲୋକେଶ ରାହୁଲ, ରବିନ୍ଦ୍ର ଜାଡେଜା ଓ ଯଶପ୍ରୀତ ବୁମରାଙ୍କ ଉପରେ ଦଳ ନିର୍ଭର କରିବ ।

## ୧୦ ବ୍ୟାଟର ବଲ ନଖେଳି ଆଉଟ୍



ନୂଆଦିଲ୍ଲୀ,୧୦।୫ (ଏଜେନ୍ସି): ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଏକ ଅଦଭୁତ ଘଟଣା ଦେଖିବାକୁ ମିଳିଛି । ୟୁଏଇ ଓ କାତାର ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ୧୦ ଜଣ ବ୍ୟାଟର ବଲ ନଖେଳି ଆଉଟ୍ ହୋଇଛନ୍ତି । ପ୍ରଥମେ ବ୍ୟାଟିଂ କରି ୟୁଏଇ ୧୬ ଓଭରରେ ବିନା କୌଣସି ୱିକେଟ୍ ହରାଇ ୧୯୨ ରନ୍ କରିଥିଲା । ଇଶାନ ଓଜା ୧୧୩ ଓ ତ୍ରିସା ଶତୀସ ୭୪ ରନ୍ କରିଥିଲେ । ଏହାପରେ ୟୁଏଇର ସମସ୍ତ ଖେଳାଳି ଜଣକ ପରେ ଜଣେ ରିଟାୟାର୍ଡ ଆଉଟ୍ ହୋଇଥିଲେ । ତେଣୁ ୧୬ ଓଭରରେ ୧୯୨ ରନ୍‌ରେ ୟୁଏଇ ଇନିଂସ ଶେଷ ହୋଇଥିଲା । ଜବାବରେ କାତାର ୨୯ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା । ବର୍ଷା ଆଶଙ୍କା ଦେଖାଦେବାରୁ ୟୁଏଇ ଏହି ପଦକ୍ଷେପ ନେଇଥିଲା । ଟି-୨୦ କ୍ରିକେଟ୍‌ରେ ଇନିଂସ ଘୋଷଣା କରାଯାଇ ପାରିବ ନାହିଁ । ବର୍ଷା ଆସିବା ପୂର୍ବରୁ କିପରି କାତାର ବ୍ୟାଟିଂ କରିବାକୁ ଆସିବ ସେଥିପାଇଁ ଜଣକ ପରେ ଜଣେ ଖେଳାଳି ରିଟାୟାର୍ଡ ଆଉଟ୍ ହୋଇଥିଲେ ।

## କିଟ୍-କିସ୍ ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ



ଭୁବନେଶ୍ୱର,୧୦।୫ (ସବ୍ୟୁ): କିଟ୍ ଓ କିସ୍ ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଆକାଡେମୀ । ଏନେଇ ଶୁକ୍ରବାର କିଟ୍-କିସ୍ ଓ ଲିଆଣ୍ଡର ପେସ୍‌ଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ କିଟ୍ ଓ କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାକ୍ଷର କରିଥିବା ବେଳେ ଅନ୍ୟ ପକ୍ଷରେ ଲିଆଣ୍ଡର୍ ପେସ୍ ଏହି ବୁଝାମଣାରେ ସ୍ୱାକ୍ଷର କରିଛନ୍ତି । ବୁଝାମଣାପତ୍ର ଅନୁଯାୟୀ ଲିଆଣ୍ଡର ପେସ୍-ସାମନ୍ତ ଆକାଡେମୀ ଟେନିସ୍ ସମେତ ୧୬ଟି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବେ । କ୍ରୀଡ଼ା କ୍ଷେତ୍ରରେ ଏକ ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଭାବେ କିଟ୍ ଓ କିସ୍ ଭାରତରେ ମାଇଲଷ୍ଟୋନ ସ୍ଥାପନ କରିଥିବାରୁ ଲିଆଣ୍ଡର କିଟ୍ ଓ କିସ୍ ସହ ସହବନ୍ଧିତ ହୋଇ ଏହାକୁ ଆହୁରି ଆଗକୁ ନେବା ପାଇଁ ଆଗେଇ ଆସିଛନ୍ତି । ଏଥି ନିମନ୍ତେ କିଟ୍-କିସ୍ ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇ ଦେବ ଏବଂ ଲିଆଣ୍ଡର ବୈଷୟିକ ଜ୍ଞାନ ସହ କ୍ରୀଡ଼ା କ୍ଷେତ୍ରରେ ଥିବା ତାଙ୍କର ବିଶେଷ ଜ୍ଞାନ ଯୋଗାଇ ଦେବେ । ଅଲମ୍ପିଆନ୍, ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା ପଦ୍ମ ଭୂଷଣ ଲିଆଣ୍ଡର ପେସ୍ ହେଉଛନ୍ତି ଭାରତୀୟ ପୂର୍ବତନ ଟେନିସ୍ ଖେଳାଳି, ପ୍ରଥମ ଏସୀୟ ପୁରୁଷ ଯିଏକି ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମରେ ସ୍ଥାନ ପାଇଛନ୍ତି । ସେ ଆଠଟି ପୁରୁଷ ଡବଲ୍ସ ଏବଂ ଦଶଟି ମିଶ୍ରିତ ଡବଲ୍ସ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତି ରେକର୍ଡ କରିଛନ୍ତି । ଏହି ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଲିଆଣ୍ଡର ଖୁସି ବ୍ୟକ୍ତ କରିବା ସହ କ୍ରୀଡ଼ା କ୍ଷେତ୍ରରେ କିଟ୍ ଓ କିସ୍କୁ ବିଶ୍ୱରେ ପ୍ରତିଷ୍ଠିତ କରାଇବା ପାଇଁ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କିଟ୍ ଓ କିସରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ରହିଛି ବୋଲି ସେ କହିଛନ୍ତି । ଆଗାମୀ ୧୫ବର୍ଷ ମଧ୍ୟରେ ୨ଲକ୍ଷ ୫୦ ହଜାର କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ନେଇ ଲିଆଣ୍ଡର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି । କ୍ରୀଡ଼ା କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଥିବା ବିଶ୍ୱର ପ୍ରତିଭାମାନଙ୍କୁ ଆଣି ଏହି ଆକାଡେମୀ ମାଧ୍ୟମରେ ନୂତନ କ୍ରୀଡ଼ା ପ୍ରତିଭାଙ୍କ ଭାବାତ୍ମକ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ବିକାଶ ସହ ସେମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ବିଶେଷ ତାଲିମ ଓ ସୁଯୋଗ ଦିଆଯିବ । କିଟ୍ ଓ କିସରେ ମୁଁ ପ୍ରଥମ ଆକାଡେମୀ କରିବାକୁ ଯାଉଥିବାରୁ ବହୁତ ଆନନ୍ଦିତ ବୋଲି ଲିଆଣ୍ଡର କହିଛନ୍ତି । ଅନ୍ୟ ପକ୍ଷରେ ଶ୍ରୀ ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ ଗତ ୨୦ ବର୍ଷ ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛି । ପଦ୍ମଭୂଷଣ ଲିଆଣ୍ଡର ପେସ୍‌ଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କ୍ରୀଡ଼ାର ପ୍ରସାର ନେଇ ଆମ ସହ ଯୋଡ଼ି ହୋଇଥିବାରୁ କିଟ୍ ଓ କିସ୍ ତାଙ୍କୁ କୃତଜ୍ଞତା ଜଣାଉଛି । ଏହା ନିଶ୍ଚିତ ଭାବେ ଆମ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି । ଏହି କ୍ରୀଡ଼ା ଆକାଡେମୀ ପ୍ରତିଷ୍ଠା ହେବା ଦ୍ୱାରା କ୍ରୀଡ଼ାବିତ ବିଶେଷକରି ଓଡ଼ିଶାର କ୍ରୀଡ଼ାବିତମାନେ ଉପକୃତ ହେବେ ବୋଲି ଶ୍ରୀ ସାମନ୍ତ କହିଛନ୍ତି ।

## ମନ ବଦଳାଇ ପାରନ୍ତି କୋହଲି

ନୂଆଦିଲ୍ଲୀ,୧୦।୫ (ଏଜେନ୍ସି): ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌ରୁ ଅବସର ନେବା ପାଇଁ ବିସିସିଆଇକୁ ଅନୁରୋଧ କରିଥିବା ଖବର ପ୍ରକାଶ ପାଇଛି । କୋହଲିଙ୍କ ମନ ପରିବର୍ତ୍ତନ କରିପାରନ୍ତି ବୋଲି କୁହାଯାଉଛି । ତେବେ ଖୁବ୍ ଶୀଘ୍ର କୋହଲିଙ୍କ ନିଷ୍ପତ୍ତି ଜଣାପଡିବ । ଏହା ପୂର୍ବରୁ ସଚିନ ତେନ୍ଦୁଲକର ୨୦୦୭ରେ ଅବସର ନେବା ପାଇଁ ଚିନ୍ତା କରିଥିଲେ । ୱେଷ୍ଟଇଣ୍ଡିଜ୍‌ରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପ୍‌ରେ ଭାରତ ଖରାପ ପ୍ରଦର୍ଶନ କରିଥିଲା । ଏହାପରେ ସଚିନ କ୍ରିକେଟ୍‌ଠାରୁ ଦୂରରେ ରହିବା ପାଇଁ ଚିନ୍ତା କରିଥିଲେ । ସେ ସମୟରେ ତାଙ୍କ ଭାଇ କହିଥିଲେ ୨୦୧୧ରେ ମୁମ୍ବାଇରେ ବିଶ୍ୱକପ୍ ଫାଇନାଲ ଖେଳାଯିବ । ତୁମେ ଟ୍ରଫି ହାତରେ ଧରିବାକୁ ଇଚ୍ଛା ରଖିବା ଉଚିତ । ଏହାପରେ ଭିଭିଆନ୍ ରିଚାର୍ଡସ ମଧ ସଚିନଙ୍କୁ କ୍ରିକେଟ୍ ଖେଳ ଜାରି ରଖିବା ପାଇଁ କହିଥିଲେ । ଶେଷରେ ତାଙ୍କ ମନ ପରିବର୍ତ୍ତନ ହୋଇଥିଲା । ସେ ୨୦୧୩ ପର୍ଯ୍ୟନ୍ତ ଖେଳ ଜାରି ରଖିଥିଲେ । ଭାରତ ୨୦୧୧ ବିଶ୍ୱକପ୍ ଜିତିଥିଲା । ସଚିନ ମଧ ୱାଙ୍ଖେଡେରେ ଟ୍ରଫି ଟେକି ଧରିଥିଲେ । ଏବେ କୋହଲିଙ୍କ ନିକଟକୁ ଫୋନ୍ କଲ ଆସିବା ଆରମ୍ଭ ହୋଇଛି । ଦେଖାଯାଉ କୋହଲିଙ୍କ ମନ ବଦଳୁଛି କି ନାହିଁ । ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ଏବଂ ଦିନିକିଆ ବିଶ୍ୱକପ୍ ଖେଳିବା ପାଇଁ କୋହଲିଙ୍କୁ ତାଙ୍କ ସମର୍ଥକମାନେ କହିଛନ୍ତି ।

### ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

## ସେମିଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୧୦।୫ (ସବ୍ୟୁ): ସପ୍ତମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶାର ପ୍ରଦର୍ଶନ ଜମାଣିଆ ରହିଛି । ଶନିବାର ତୃତୀୟ ମ୍ୟାଚରେ ଓଡ଼ିଶା ଦଳ ତୀବ୍ର ସଂଘର୍ଷ କରି ଚଣ୍ଡିଗଡ଼କୁ ୧-୦ ଗୋଲ୍‌ରେ ଧରାଶାୟୀ କରି ସେମିଫାଇନାଲରେ ପ୍ରବେଶ କରିଛି । ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବିଜୟୀ ଓଡ଼ିଶା ଦଳ ପକ୍ଷରୁ ଭେଙ୍କଟେଶ୍ୱର ଓରାମ ୩୪ତମ ମିନିଟ୍‌ରେ ବିଜୟସୂଚକ ଗୋଲ୍ କରିଥିଲେ । ଏହି ବିଜୟ ସହ ଓଡ଼ିଶା ଦଳ ଗ୍ରୁପ୍ ପର୍ଯ୍ୟାୟର ଶୀର୍ଷରେ ରହିଛି ।

## ଜ୍ୟୋତ୍ସ୍ନା ଶବରଙ୍କୁ ସ୍ୱର୍ଣ୍ଣ




ଭୁବନେଶ୍ୱର,୧୦।୫ (ସବ୍ୟୁ): ବିହାରରେ ଜାରି ରହିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ କିସ୍ ଛାତ୍ର ଜ୍ୟୋତ୍ସ୍ନା ଶବର ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେ ମହିଳା ଭାରୋତ୍ତୋଳନ ୪୦ କିଗ୍ରା ଓଜନ ବର୍ଗରେ ଏହି ସଫଳତା ହାସଲ କରିଛନ୍ତି । ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜଗିରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତା ଆୟୋଜିତ ହେବ । ପଦକ ସଫଳତା ପାଇଁ ଜ୍ୟୋତ୍ସ୍ନା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ।

## ଇଂଲଣ୍ଡ ବିପକ୍ଷରେ ନୂଆ ଟିମ୍, ନୂଆ ଅଧିନାୟକ

ନୂଆଦିଲ୍ଲୀ,୧୦।୫ (ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ୨୦୨୫-୨୭ ସିଜନ୍‌ର ଆରମ୍ଭ ଭାରତ-ଇଂଲଣ୍ଡ ଶୃଙ୍ଖଳାରୁ ଆରମ୍ଭ ହେବାକୁଯାଉଛି । ରୋହିତ ଶର୍ମା ଅବସର ନେଇ ସାରିଥିବାରୁ ଏହି ସମ୍ପର୍କରେ ଟିମ୍ ଇଣ୍ଡିଆର ନେତୃତ୍ୱ କିଏ ନେବ ସେ ନେଇ ଆଲୋଚନା ଚାଲିଛି । ବିସିସିଆଇ ଭବିଷ୍ୟତକୁ ଆଖିରେ ରଖି ଏକ ଯୁବ ଟିମ୍ ପ୍ରସ୍ତୁତ କରିବା ପାଇଁ ମନ ବଳାଇଛି । ରିପୋର୍ଟ ଅନୁସାରେ ଯଶପ୍ରୀତ ବୁମରା ଓ ଶୁଭମନ ଗିଲଙ୍କ ମଧ୍ୟରୁ ଜଣଙ୍କୁ ଏହି ଶୃଙ୍ଖଳା ପାଇଁ ଅଧିନାୟକ କରାଯାଇପାରିବ । ତେବେ ଗିଲ୍ ଏହି ଦୌଡ଼ରେ ଆଗରେ ରହିଛନ୍ତି । ଯଶସ୍ୱୀ ଜୟସ୍ୱାଲ, ଶୁଭମନ ଗିଲ୍ ଦଳରେ ସ୍ଥାନ ପାଇବ ନିଶ୍ଚିତ । ୱିକେଟ୍‌କିପର ଭାବେ ରାହୁଲ ରହିବେ । ବି ସାଇସୁଦର୍ଶନ ଓ କରୁଣ ନାଏରଙ୍କୁ ମଧ ସୁଯୋଗ ଦିଆଯାଇପାରେ । ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିବା ଅଲ୍‌ରାଉଣ୍ଡର ନୀତିଶ କୁମାର ରେଡ୍ଡୀ ଓ ରବିନ୍ଦ୍ର ଜାଡେଜାଙ୍କୁ ସାମିଲ କରାଯିବାର ସମ୍ଭାବନା ଅଧିକ ରହିଛି । ରିଷଭ ପନ୍ତ, ଧ୍ରୁବ ଜୁରେଲଙ୍କୁ ଅତିରିକ୍ତ ୱିକେଟ୍‌କିପର ଭାବେ ନିଆଯାଇପାରେ । ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ମହମ୍ମଦ ସାମି, ଆକାଶଦୀପ ଓ ପ୍ରସିଦ୍ଧ କ୍ରିଷ୍ଣା ଦ୍ରୁତ ବୋଲିଂ ବର୍ଗରେ ସ୍ଥାନ ପାଇବେ ।

## ଆଶ୍ଚର୍ଯ୍ୟଜନକ ସଂଯୋଗ: ୪ ବର୍ଷ ପୂର୍ବେ ଦିଲ୍ଲୀ-ପଞ୍ଜାବ ମ୍ୟାଚରେ ସ୍ଥଗିତ ଥିଲା ଆଇପିଏଲ୍




ନୂଆଦିଲ୍ଲୀ,୧୦।୫ (ଏଜେନ୍ସି): ଆଇପିଏଲ୍-୨୦୨୫କୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି । ଗତ ଗୁରୁବାର ଧର୍ମଶାଳାରେ ପଞ୍ଜାବ କିଙ୍ଗ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ବାତିଲ ଘୋଷଣା କରାଯାଇଥିଲା । ଏହାପରେ ଯୁଦ୍ଧ ଆଶଙ୍କାରେ ତୁରନ୍ତ ପଡିଆ ଖାଲି କରାଯାଇଥିଲା । ପ୍ରକୃତରେ ଚଳିତ ଆଇପିଏଲ୍‌ରେ ଏକ ଆଶ୍ଚର୍ଯ୍ୟଜନକ ସଂଯୋଗ ଦେଖିବାକୁ ମିଳିଛି । ୪ ବର୍ଷ ପୂର୍ବେ ମଧ ଦିଲ୍ଲୀ-ପଞ୍ଜାବ ମ୍ୟାଚ ପରେ ଆଇପିଏଲ୍‌କୁ ସ୍ଥଗିତ ରଖାଯାଇଥିଲା । ସେତେବେଳେ ସାରା ବିଶ୍ୱରେ କରୋନା ମହାମାରୀ ଶୀର୍ଷରେ ଥିଲା । ମେ ୨, ୨୦୨୧ରେ ପଞ୍ଜାବକିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ ଥିଲା । କିନ୍ତୁ କରୋନା ଯୋଗୁଁ ଆଇପିଏଲ୍‌କୁ ମଝିରେ ରଦ୍ଦ କରିଦିଆଯାଇଥିଲା । ପ୍ରାୟ ସାଢ଼େ ୪ ମାସ ପରେ ବାକି ଟୁର୍ଣ୍ଣାମେଣ୍ଟ ୟୁଏଇରେ ଆୟୋଜନ ହୋଇଥିଲା । ୨୦୨୫ରେ ମଧ ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗ୍ସ ମ୍ୟାଚ ପରେ ଟୁର୍ଣ୍ଣାମେଣ୍ଟକୁ ସ୍ଥଗିତ କରିଦିଆଯାଇଛି । ଏହାକୁ କେବଳ ଏକ ସଂଯୋଗ କୁହାଯାଉପାରେ ।

## ପୁରୀ ଅଫିସିଆଲ ପ୍ରିମିୟର ଲିଗ୍: ନିମାପଡା ଚାମ୍ପିଅନ



ନିମାପଡା,୧୦।୫ (ସବ୍ୟୁ): ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ନିମାପଡା ତହସିଲ ପକ୍ଷରୁ ପୁରୀ ଅଫିସିଆଲ ତୃତୀୟ ପ୍ରମିୟର ଲିଗ କ୍ରକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଆଜି ନିମାପଡା ଓ ଗୋପ ଅଫିସିଆଲ ଗ୍ରୁପ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା । ଗୋପ ଦଳକୁ ହରାଇ ନିମାପଡା ଦଳ ଚମ୍ପିଆନ ହୋଇଛି । ଗୋପ ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା । ଗୋପ ଦଳ ୬ ୱିକେଟ ବିନିମୟରେ ୧୦୮ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ କାମାକ୍ଷା ପ୍ରସାଦ ମଲ୍ଲିକ ଦଳ ପାଇଁ ସର୍ବାଧିକ ୪୦ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଦଳର ବୋଲର ସତ୍ୟବାନ ପଲେଇ ମୂଲ୍ୟବାନ ୩ଟି ୱିକେଟ ନେଇଥିଲେ । ଏହାର ଜବାବରେ ନିମାପଡା ଦଳ ବ୍ୟାଟିଂ କରି ୧୫.୫ ଓଭରରେ ୬ଟି ୱିକେଟ ବିନିମୟରେ ୧୧୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ମନୋଜ କୁମାର ବେହେରା ସର୍ବାଧିକ ୭୦ ରନ ସଂଗ୍ରହ କରିଥିଲେ । ଗୋପ ଦଳର ବୋଲର ଜିତେନ୍ଦ୍ର ଛାଟୋଇ ଓ ପଙ୍କଜ ଖଟୋଇ ପ୍ରତ୍ୟକ ୨ ଟି ଲେଖାଏଁ ୱିକେଟ ନେଇଥିଲେ । ବିଜୟୀ ଦଳର ମନୋଜ ବେହେରାଙ୍କୁ ମ୍ୟାନ ଅଫ ଦି ସିରିଜ ଓ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା । ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ସୂଚନା ଓ ଲୋକ ସଂପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ନିମାପଡା ତହସିଲଦାର ମନୋଜ କୁମାର ପ୍ରଧାନ ଯୋଗଦେଇ ଚମ୍ପିଆନ ନିମାପଡା ଅଫିସିଆଲ ଦଳକୁ ୨୦ ହଜାର ଟଙ୍କାର ଚେକ ସହ ଚମ୍ପିଆନ ଟ୍ରଫି ଏବଂ ରନର୍ସଅପ ଦଳକୁ ୧୫ ହଜାର ଟଙ୍କାର ଚେକ ସହ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ନିମାପଡା ଅତିରିକ୍ତ ତହସିଲଦାର ନିରଂଜନ ନାୟକ,ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡା,ରାଜସ୍ୱ ପର୍ଯ୍ୟବେକ୍ଷକ ରାମଚନ୍ଦ୍ର ମହାପାତ୍ର,ସେକ୍ସନ ଅଫିସର ସସ୍ମିତା ଦାସ ଉପସ୍ଥିତ ଥିବା ବେଳେ ସମସ୍ତ ରାଜସ୍ୱ ନିରୀକ୍ଷକ,ନିମାପଡା ଓ ଗୋପ ତହସିଲର କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ୨୦୨୭ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ ଲକ୍ଷ୍ୟରେ ବିସିସିଆଇ

ନୂଆଦିଲ୍ଲୀ,୧୦।୫ (ଏଜେନ୍ସି): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ୨୦୨୫-୨୭ ଫାଇନାଲ ଆୟୋଜନ ପାଇଁ ଉଦ୍ୟମ ଆରମ୍ଭ କରିଛି । ଏହା ପୂର୍ବରୁ ୨୦୨୧ରେ ସାଉଥମ୍ପଟନ୍‌ରେ ପ୍ରଥମ ସଂସ୍କରଣର ଫାଇନାଲ ଅନୁଷ୍ଠିତ ହୋଇଥିଲା । ସେହିଭଳି ୨୦୨୩ରେ ଓଭାଲରେ ଏବଂ ୨୦୨୫ରେ ଲର୍ଡ୍ସରେ ଫାଇନାଲ ଖେଳାଯିବ । ଗତ ମାସରେ ଜିମ୍ବାୱେରେ ଆୟୋଜିତ ଆଇସିସି ବୈଠକରେ ଏସମ୍ପର୍କରେ ଆଲୋଚନା ହୋଇଥିଲା । ବିସିସିଆଇ ପକ୍ଷରୁ ଅରୁନ ଧୁମାଲ ବୈଠକରେ ଯୋଗଦେଇଥିଲେ । ଭାରତ ୨୦୨୭ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ ପ୍ରସ୍ତାବ ଦେଇଛି । ଭାରତ ଫାଇନାଲ ନଖେଳିଲେ ମଧ ଦୁଇ ଟେଷ୍ଟ ଟିମ୍ ମଧ୍ୟରେ ମୁକାବିଲାର ରୋମାଞ୍ଚ ଦର୍ଶକ ଉଠାଇ ପାରିବେ । ଭାରତ ୨୦୨୧ ଓ ୨୦୨୩ ଫାଇନାଲରେ ପ୍ରବେଶ କରିଥିଲା । ଉଭୟ ମୁକାବିଲାରେ ଭାରତ ଯଥାକ୍ରମେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଥିଲା । ଏଥର ଟିମ୍ ଇଣ୍ଡିଆ ଫାଇନାଲରେ ପ୍ରବେଶ କରିନାହିଁ । ୨୦୨୫-୨୭ରେ ଭାରତ-ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରୁ ଡବ୍ଲ୍ୟୁଟିସି ଚକ୍ର ଆରମ୍ଭ ହେବାକୁଯାଉଛି । ଗତଥର ଇଂଲଣ୍ଡଗସ୍ତରେ ଯାଇଥିବା ଭାରତୀୟ ଦଳ ୨-୨ରେ ଟେଷ୍ଟ ଶୃଙ୍ଖଳା ଡ୍ର ରଖିଥିଲା ।

## ରାଜ୍ୟ କ୍ୟାଡେଟ, ଜୁନିୟର, ସବଜୁନିୟର କରାଟେ: ଦ୍ୱିତୀୟ ଦିନ ୩ଟି ବର୍ଗରେ ପ୍ରତିଯୋଗିତା

ଭୁବନେଶ୍ୱର,୧୦।୫ (ସବ୍ୟୁ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଠାରେ ଆୟୋଜିତ ୩୬ତମ ରାଜ୍ୟ କ୍ୟାଡେଟ ଜୁନିୟର ଓ ୩୭ତମ ରାଜ୍ୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିନ ୧୦ ବର୍ଷ, ୧୧ ବର୍ଷ, ୧୨ ବର୍ଷ ବାଳକ ଓ ବାଳିକାଙ୍କର କାଟା ଓ ଫାଇଟିଂ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ସୋନାଲି ଚାନ୍ଦ ଏବଂ ଅମିତ କୁମାର ନାୟକ ଯୋଗଦେଇ କୃତିପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ । ଓଡ଼ିଶା ରାଜ୍ୟ କରାଟେ ସଂଘ ଦ୍ୱାରା ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି ।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ!

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି